
ବିନୋଦ ତାୱ୍ଡେ ୟୁପି ବିଜେପି ପ୍ରଭାରୀ
ପୃଷ୍ଠା ୫

# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 148 ଭାଗ ୩୪ | ସଂଖ୍ୟା ୧୪୮ | Wednesday 19 August 2026 | Page 8 Rs. 5.00 | ଭୁବନେଶ୍ୱର ବୁଧବାର, ୧୯ ଅଗଷ୍ଟ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


## ବନ୍ୟା ପ୍ରଭାବିତଙ୍କ ପାଇଁ ହାତ ଖୋଲିଦେଲେ ମୁଖ୍ୟମନ୍ତ୍ରୀ

# ହଜାରେ କୋଟିର ସ୍ୱତନ୍ତ୍ର ସହାୟତା ଘୋଷଣା

### ଚାଷୀଙ୍କୁ ୨ ହେକ୍ଟର ପର୍ଯ୍ୟନ୍ତ କୃଷି ଇନପୁଟ୍ ସବସିଡି ସହାୟତା

### ଧାନ ଓ ଅଣଧାନ ବିହନ କ୍ରୟ ପାଇଁ ମିଳିବ ସହାୟତା

### ଯୁଦ୍ଧକାଳୀନ ଭିତ୍ତିରେ ରାସ୍ତାଘାଟ, କେନାଲ ବନ୍ଧ ମରାମତି

### ବିପର୍ଯ୍ୟୟ ବେଳେ ଲୋକଙ୍କ ସୁଖଦୁଃଖରେ ଅଛୁ ଓ ରହିବୁ



ଭୁବନେଶ୍ୱର,୧୮।୮(ସଂଚାର ବ୍ୟୁରୋ): ଗତକାଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯାଜପୁର ଓ ଭଦ୍ରକ ଜିଲ୍ଲା ଗସ୍ତ କରି କ୍ଷୟକ୍ଷତିର ଅନୁଧ୍ୟାନ କରିବା ପରେ ଆଜି ରାଜ୍ୟର ବନ୍ୟା ପ୍ରଭାବିତଙ୍କ ପାଇଁ ହାତ ଖୋଲିଦେଇଛନ୍ତି। ପୀଡ଼ିତଙ୍କ ପାଇଁ ମୁଖ୍ୟମନ୍ତ୍ରୀ ୧ ହଜାର କୋଟି ଟଙ୍କାର ସ୍ୱତନ୍ତ୍ର ସହାୟତା ପ୍ୟାକେଜ୍ ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ପ୍ୟାକେଜ୍ ପ୍ରାରମ୍ଭିକ ଆକଳନ ଅନୁଯାୟୀ ଘୋଷଣା କରାଯାଇଛି। ଚୂଡ଼ାନ୍ତ ଆକଳନ ପରେ ଏହି ସହାୟତା ପରିମାଣ ବୃଦ୍ଧି କରାଯାଇପାରେ ଆଜି ସକାଳେ ମୁଖ୍ୟମନ୍ତ୍ରୀ ଏକ ଉଚ୍ଚସ୍ତରୀୟ ବୈଠକରେ ବନ୍ୟା ପରିସ୍ଥିତି ଓ ରିଲିଫ୍ ସହାୟତା ସମ୍ପର୍କରେ ଆଲୋଚନା କରିବା ପରେ ଲୋକସେବା ଭବନଠାରେ ଗଣମାଧ୍ୟମକୁ ସୂଚନା ଦେବାକୁ ଯାଇ ଏହି ଘୋଷଣା କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବନ୍ୟା କ୍ଷତିଗ୍ରସ୍ତ ଅଞ୍ଚଳରେ ପୂର୍ବସ୍ଥିତି ଫେରାଇ ଆଣିବା ପାଇଁ ଆମ ସରକାର ସମ୍ପୂର୍ଣ୍ଣ ପ୍ରତିବଦ୍ଧ। ଅର୍ଥ ଏ ଦିଗରେ ଆଦୌ ପ୍ରତିବନ୍ଧକ ହେବ ନାହିଁ। ଯାହା ଆବଶ୍ୟକ ଯୋଗାଇ ଦିଆଯିବ ବୋଲି ଶ୍ରୀ ମାଝୀ କହିଛନ୍ତି। ସେହିପରି ବନ୍ୟାର କାରଣ ସମ୍ପର୍କରେ ଦର୍ଶାଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଚଳିତ ବର୍ଷ ବର୍ଷା ପରିସ୍ଥିତି ଅତ୍ୟନ୍ତ ଅସ୍ୱାଭାବିକ ରହିଛି। ଗତ ଜୁନ, ଜୁଲାଇ ଓ ଅଗଷ୍ଟ ତିନି ମାସ ମଧ୍ୟରେ ୧୧୦୦ ମିମିରୁ ଅଧିକ ବର୍ଷା ହୋଇଛି। ଏହି ପରିମାଣ ସ୍ୱାଭାବିକ ବର୍ଷା ପରିମାଣଠାରୁ ୩୪ ପ୍ରତିଶତ ଅଧିକ। ଗତ ୨୫ ବର୍ଷ ମଧ୍ୟରେ ଏଭଳି ସ୍ଥିତି କେବେ ବି ହୋଇ ନଥିଲା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେ ଆହୁରି କହିଛନ୍ତି ଯେ ଗତକାଲି ସେ ସଡ଼କ ମାର୍ଗରେ ଯାଇ ପ୍ରଭାବିତ ଅଞ୍ଚଳରେ ବୋଟ୍ ଯୋଗେ ଓ ପାଦରେ ଚାଲି ଚାଲି ଗାଁ ଗାଁ ବୁଲି ସ୍ଥିତି ଅନୁଧ୍ୟାନ କରିବା ସହ କ୍ଷତିଗ୍ରସ୍ତ ଲୋକଙ୍କ ସହିତ ଆଲୋଚନା କରିଥିଲେ। ଯାଜପୁର ଜିଲ୍ଲାର ଦଶରଥପୁର ବ୍ଲକର କସପା ଓ ତରପଦା ପଞ୍ଚାୟତ ଅଞ୍ଚଳର ବିଭିନ୍ନ ଗ୍ରାମ ଓ ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ୍ ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ପଞ୍ଚାୟତର ବିଭିନ୍ନ ଗ୍ରାମର ଲୋକଙ୍କୁ ଭେଟି ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଯାଜପୁର ଜିଲ୍ଲା ରାମଚନ୍ଦ୍ରପୁର ସ୍କୁଲରେ ପ୍ରସ୍ତୁତ ହେଉଥିବା ରନ୍ଧା ଖାଦ୍ୟର ମାନ ଯାଞ୍ଚ କରିଥିଲେ। ଏଥିସହ ସେ ଭଦ୍ରକ ଜିଲ୍ଲାର ଦପାନାଆକାଣି ସ୍କୁଲସ୍ଥିତ ଆଶ୍ରୟସ୍ଥଳ ପରିଦର୍ଶନ କରି ସ୍ଥାନୀୟ ଲୋକଙ୍କ ସୁବିଧାଅସୁବିଧା, ବିଶେଷକରି ରିଲିଫ୍ ବ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ।

ଗଣମାଧ୍ୟମକୁ ଏହି ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସରକାରଙ୍କ ରିଲିଫ୍ ଓ ଅନ୍ୟାନ୍ୟ ସହାୟତା ବାବଦରେ ଜନସାଧାରଣ ସନ୍ତୁଷ୍ଟ ଅଛନ୍ତି। ଆମ ସରକାର ହେଉଛି ଲୋକଙ୍କ ସରକାର। ଯେକୌଣସି ବିପର୍ଯ୍ୟୟ ଆସୁନା କାହିଁକି, ଆମେ ଲୋକଙ୍କ ସୁଖ ଦୁଃଖରେ ଅଛୁ ଓ ରହିବୁ। ଭଦ୍ରକ ଓ ଯାଜପୁର ସହ ➪ପୃଷ୍ଠା-୬

### ସ୍ୱତନ୍ତ୍ର ବନ୍ୟା ପ୍ୟାକେଜ

ବନ୍ୟା ପ୍ରଭାବିତ ଚାଷୀମାନଙ୍କୁ କୃଷି ଇନପୁଟ୍ ସବ୍‌ସିଡି ବାବଦକୁ ସରକାରଙ୍କ ପକ୍ଷରୁ ସହାୟତା ପ୍ରଦାନ କରାଯିବ। ଏଥିରେ ୩୩ ପ୍ରତିଶତ ଓ ତା'ଠାରୁ ଅଧିକ ଫସଲ କ୍ଷତି ହୋଇଥିବା ଚାଷୀଙ୍କୁ ୨ ହେକ୍ଟର ପର୍ଯ୍ୟନ୍ତ ଅଣଜଳସେଚିତ ଅଞ୍ଚଳରେ ହେକ୍ଟର ପିଛା ୮,୫୦୦, ଜଳସେଚିତ ଅଞ୍ଚଳରେ ହେକ୍ଟର ପିଛା ୧୭ ହଜାର ଓ ସମସ୍ତ ପ୍ରକାର ବାରମାସୀ ଫସଲ ପାଇଁ ହେକ୍ଟର ପିଛା ୨୨,୫୦୦ ଟଙ୍କା ଇନପୁଟ୍ ସବସିଡି ଦିଆଯିବ। କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ବିଭିନ୍ନ ପ୍ରଜାତିର ଧାନ ଓ ଅଣଧାନ (ଯଥା-ବିରି) ବିହନ କିଣିବା ନିମନ୍ତେ ଆର୍ଥିକ ସହାୟତା ଡିବିଟି ମାଧ୍ୟମରେ ପ୍ରଦାନ କରାଯିବ। କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ମାଗଣାରେ ପନିପରିବା ମିନିକିଟ୍ ପ୍ରଦାନ କରାଯିବ। ବନ୍ୟା ପରବର୍ତ୍ତୀ ରୋଗ ପୋକ ପରିଚାଳନା ପାଇଁ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ୭୫ ପ୍ରତିଶତ ସବ୍‌ସିଡି ଦିଆଯିବ। କ୍ଷତିଗ୍ରସ୍ତ ଉଠା ଜଳସେଚନ ପଏଣ୍ଟଗୁଡ଼ିକୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରାଯିବା ପାଇଁ ଆର୍ଥିକ ସହାୟତା ଯୋଗାଇ ଦିଆଯିବ। ପ୍ରାଣିସମ୍ପଦ କ୍ଷତିର ଭରଣା ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯିବ। ଏହାଛଡ଼ା ନଷ୍ଟ ହୋଇଯାଇଥିବା ଡଙ୍ଗା, ଜାଲ, ପୋଖରୀ ଇତ୍ୟାଦି ପାଇଁ ଆର୍ଥିକ ସହାୟତା ମଧ୍ୟ ଯୋଗାଇ ଦିଆଯିବ। ଏଥିସହ ଇଚ୍ଛୁକ ଚାଷୀଙ୍କ ସ୍ୱଳ୍ପ ମିଆଦୀ ଖରିଫ୍ କୃଷି ଋଣକୁ ମଧ୍ୟମ ଅବଧି କୃଷି ଋଣରେ ପରିଣତ କରାଯିବ। ହସ୍ତଶିଳ୍ପ ଓ ହସ୍ତତନ୍ତ କ୍ଷେତ୍ରରେ କ୍ଷତିଗ୍ରସ୍ତ ଉପକରଣ/ଯନ୍ତ୍ରପାତି କିଣିବା ପାଇଁ ୫ ହଜାର ଟଙ୍କା ଏବଂ କଞ୍ଚାମାଲ/ପ୍ରସ୍ତୁତ ସାମଗ୍ରୀ କ୍ଷତି ପାଇଁ ୫ ହଜାର ଟଙ୍କା ସହାୟତା ଦିଆଯିବ। ବନ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ରାସ୍ତାଘାଟ, କେନାଲ ବନ୍ଧର ସାମୟିକ ମରାମତି ଯୁଦ୍ଧକାଳୀନ ଭିତ୍ତିରେ କରାଯିବ। ବନ୍ୟା ପ୍ରଭାବିତ ଅଞ୍ଚଳରେ ସ୍ଥିତି ସ୍ୱାଭାବିକ ହେବା ପର୍ଯ୍ୟନ୍ତ ରନ୍ଧା ଖାଦ୍ୟ/ଶୁଖିଲା ଖାଦ୍ୟ ଯୋଗାଣ ଜାରି ରହିବ। ଆହୁରି ବନ୍ୟା ପ୍ରଭାବିତ ବ୍ୟକ୍ତି ବିଶେଷଙ୍କୁ ବାସନ-କୁସନ ଓ ବସ୍ତ୍ର ନିମନ୍ତେ ଆବଶ୍ୟକୀୟ ଅର୍ଥ ପ୍ରଦାନ କରାଯିବ।

---

### ରାଜ୍ୟ ସରକାରଙ୍କ ଐତିହାସିକ ପଦକ୍ଷେପ

## ମେଧାବୀଙ୍କୁ ଗ୍ଲୋବାଲ୍ ଏକ୍ସପୋଜର୍

### ଆରମ୍ଭ ହେଲା 'ବିଦେଶ ଶିକ୍ଷାବୃତ୍ତି' ଯୋଜନା




ଭୁବନେଶ୍ୱର,୧୮।୮(ସଂଚାର ବ୍ୟୁରୋ): ରାଜ୍ୟର ଅନୁସୂଚିତ ଜାତି (ଏସସି) ଓ ଅନୁସୂଚିତ ଜନଜାତି (ଏସଟି) ବର୍ଗର ମେଧାବୀ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ଦିଗରେ ଓଡ଼ିଶା ସରକାର ଏକ ବଡ଼ ତଥା ଐତିହାସିକ ପଦକ୍ଷେପ ଗ୍ରହଣ କରିଛନ୍ତି। ଏଣିକି ଅର୍ଥ ଅଭାବରୁ ଏହି ବର୍ଗର କୌଣସି ପିଲାଙ୍କ ବିଦେଶରେ ଉଚ୍ଚଶିକ୍ଷା ଲାଭ କରିବାର ସ୍ୱପ୍ନ ଅଧୁରା ରହିବ ନାହିଁ। ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ନୂତନ 'ଓଭରସିଜ୍ ସ୍କଲାରସିପ୍' ବା ବିଦେଶୀ ଶିକ୍ଷାବୃତ୍ତି ଯୋଜନାର ଶୁଭାରମ୍ଭ କରାଯାଇଛି।

ଉଚ୍ଚଶିକ୍ଷା ବିଭାଗ ପାଖରୁ ଏହି ନୂତନ ଓ କଲ୍ୟାଣକାରୀ ଯୋଜନା ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ଯୋଜନା ଅଧୀନରେ ମେଧାବୀ ଏସସି ଓ ଏସଟି ଛାତ୍ରଛାତ୍ରୀମାନେ ବିଶ୍ୱର ନାମୀଦାମୀ ତଥା ପ୍ରମୁଖ ବିଶ୍ୱବିଦ୍ୟାଳୟଗୁଡ଼ିକରେ ସ୍ନାତକୋତ୍ତର (ପିଜି) ଏବଂ ପିଏଚଡି ଭଳି ଉଚ୍ଚଶିକ୍ଷା ଲାଭ କରିବା ପାଇଁ ସମ୍ପୂର୍ଣ୍ଣ ଆର୍ଥିକ ସହାୟତା ପାଇପାରିବେ। ସବୁଠାରୁ ବଡ଼ କଥା ହେଉଛି, ବିଦେଶରେ ପାଠ ପଢ଼ିବା ପାଇଁ ଆବଶ୍ୟକ ଟ୍ୟୁସନ୍ ଫି', ସେଠାରେ ରହିବା ଓ ଖାଇବା ଖର୍ଚ୍ଚ, ଭିସା ପ୍ରସ୍ତୁତି ଏବଂ ବିମାନ ଯାତ୍ରା ଟିକେଟ୍ ଖର୍ଚ୍ଚ ଭଳି ସମସ୍ତ ବ୍ୟୟଭାର ରାଜ୍ୟ ସରକାର ନିଜେ ବହନ କରିବେ।

ଏହି ଯୋଜନାକୁ ରାଜ୍ୟ ଅନୁସୂଚିତ ଜାତି, ଜନଜାତି, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ନୋଡାଲ୍ ଏଜେନ୍ସି ଭାବେ ପରିଚାଳନା କରିବ। ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ଏବଂ ସ୍ୱଚ୍ଛ ଚୟନ ପ୍ରକ୍ରିୟା ମାଧ୍ୟମରେ ପ୍ରତିବର୍ଷ ୫୦ ମେଧାବୀ ଛାତ୍ରଛାତ୍ରୀଙ୍କୁ ଏହି ଛାତ୍ରବୃତ୍ତି ପାଇଁ ମନୋନୀତ କରାଯିବ। ଯେଉଁ ଛାତ୍ରଛାତ୍ରୀଙ୍କ ପରିବାରର ବାର୍ଷିକ ଆୟ ୧୨ ଲକ୍ଷରୁ କମ୍ ସେମାନେ ଯୋଗ୍ୟ ତାଲିକାଭୁକ୍ତ ହେବେ। ନିଜର ଶିକ୍ଷା କ୍ଷେତ୍ରରେ ଉତ୍କର୍ଷତା ଏବଂ ଲଗାତାର ସଫଳତା ପ୍ରଦର୍ଶନ କରିଥିବା ପିଲାମାନଙ୍କୁ ଚୟନ ପ୍ରକ୍ରିୟାରେ ଅଧିକ ପ୍ରାଥମିକତା ଦିଆଯିବ ବୋଲି ସୂଚନା ମିଳିଛି। ସମାଜର ମୁଖ୍ୟ ସ୍ରୋତରେ ପଛରେ ପଡ଼ିଥିବା ➪ପୃଷ୍ଠା-୬

---

### ଛାଡୁନି ବନ୍ୟା, ବିପଦ ଘେରରେ ଜନଜୀବନ

## ଫୁଲୁଛି ବୁଢ଼ାବଳଙ୍ଗ, ବୈତରଣୀ ଓ ବ୍ରାହ୍ମଣୀ

### ବର୍ଷା କମିଲେ ହିଁ ବନ୍ୟା ସ୍ଥିତିରେ ଆସିବ ସୁଧାର

### ସ୍ଥିତି ସୁଧୁରିବାକୁ ଲାଗିବ ଆହୁରି ୪ ଦିନ



ଭୁବନେଶ୍ୱର,୧୮।୮(ସଂଚାର ବ୍ୟୁରୋ): ରାଜ୍ୟରେ ବର୍ଷା ଓ ବନ୍ୟା ବିପତ୍ତି ଥମିବାର ନାଁ ନେଉନାହିଁ। ସେପଟେ ଝାଡ଼ଖଣ୍ଡ ଓ ଗାଙ୍ଗେୟ ପଶ୍ଚିମବଙ୍ଗ ଉପରେ ସକ୍ରିୟ ଅବପାତ ଚିନ୍ତା ବଢ଼ାଇଛି। ପ୍ରଭାବରେ ଉତ୍ତର ଓ ପଶ୍ଚିମ ଓଡ଼ିଶାରେ ତାଣ୍ଡବ ରଚିଛି ବର୍ଷା। ଫଳରେ ଅସ୍ତବ୍ୟସ୍ତ ହୋଇପଡ଼ିଛି ଜନଜୀବନ। ବୁଢ଼ାବଳଙ୍ଗ, ବୈତରଣୀ ଓ ବ୍ରାହ୍ମଣୀ ନଦୀରେ ଜଳସ୍ତର ବଢ଼ିବା ଯୋଗୁଁ ଯାଜପୁର, ଭଦ୍ରକ ଓ ବାଲେଶ୍ୱରରେ ବନ୍ୟା ସ୍ଥିତି ➪ପୃଷ୍ଠା-୬

---

## ଓଏଚ୍‌ଆର୍‌ସି ସଦସ୍ୟ ହେଲେ ବିରାଜ ଶଙ୍କର ମିଶ୍ର



ଭୁବନେଶ୍ୱର,୧୮।୮(ସଂଚାର ବ୍ୟୁରୋ): ଓଡ଼ିଶା ହ୍ୟୁମାନ ରାଇଟ୍ସ କମିଶନ୍ (ଓଏଚଆରସି)ର ସଦସ୍ୟ ଭାବେ ଆଡଭୋକେଟ ବିରାଜ ଶଙ୍କର ମିଶ୍ରଙ୍କୁ ନିଯୁକ୍ତି ଦିଆଯାଇଛି। ରାଜ୍ୟପାଳଙ୍କ ଅନୁମୋଦନ ପରେ ଏହି ନିଯୁକ୍ତି ଦିଆଯାଇଛି। ଏନେଇ ଆଇନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏନେଇ ଆଇନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି (୧୧୫୪୫/୧୮ ଅଗଷ୍ଟ ୨୦୨୬) ଅନୁସାରେ ମାନବାଧିକାର ଆଇନ ୧୯୯୩ର ଧାରା ୧ ଓ ଉପଧାରା ୨୨ ଅନୁସାରେ ଶ୍ରୀ ମିଶ୍ରଙ୍କୁ ନିଯୁକ୍ତି ଦିଆଯାଇଛି। ସେ କାର୍ଯ୍ୟଭାର ଗ୍ରହଣ କରିବାଠାରୁ ଏହା କାର୍ଯ୍ୟକାରୀ ହେବ ବୋଲି ➪ପୃଷ୍ଠା-୬

---

### ସୁପ୍ରିମକୋର୍ଟରେ ଓଡ଼ିଶା ଡିଜିପି ନିଯୁକ୍ତି ବିବାଦ

## ରେକର୍ଡଭୁକ୍ତ ହେଲା ରାଜ୍ୟ ସରକାରଙ୍କ ଜବାବ



### ସେପ୍ଟେମ୍ବର ୨ରେ ପରବର୍ତ୍ତୀ ଶୁଣାଣି

ନୂଆଦିଲ୍ଲୀ,୧୮।୮: ଓଡ଼ିଶା ପୁଲିସର ପରବର୍ତ୍ତୀ ମୁଖିଆ ଚୟନକୁ ନେଇ ଆଇନଗତ ନିର୍ଯ୍ୟାସ ବାହାରି ପାରିନାହିଁ। ସୁପ୍ରିମକୋର୍ଟରେ ଆଜି ପୁଣିଥରେ ଶୁଣାଣି ସମ୍ଭବପର ହୋଇପାରିନାହିଁ। ଡିଜିପି ପ୍ୟାନେଲରେ କନିଷ୍ଠ ତଥା ଅଯୋଗ୍ୟ ଅଫିସରଙ୍କୁ ସାମିଲ କରିବା ଅଭିଯୋଗ ନେଇ ଦାଏର ଜନସ୍ୱାର୍ଥ ମାମଲାରେ ରାଜ୍ୟ ସରକାରଙ୍କ ଜବାବ କୋର୍ଟଙ୍କ ରେକର୍ଡଭୁକ୍ତ ହୋଇନଥିବାରୁ ସୁପ୍ରିମକୋର୍ଟ ଆଜିର ଶୁଣାଣିକୁ ଘୁଂଚାଇ ଦେଇଛନ୍ତି। ଓଡ଼ିଶା ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ ଓକିଲ ତୁଷାର ମେହେଟ୍ଟା ଆଜି ଶୁଣାଣି ନକରି ଆସନ୍ତାକାଲି ପାଇଁ ତାରିଖ ଧାର୍ଯ୍ୟ ନିମନ୍ତେ ଅନୁରୋଧ କରିଥିଲେ ମଧ୍ୟ ଖଣ୍ଡପୀଠ ଅନ୍ୟ କାର୍ଯ୍ୟ ଥିବାରୁ ପରବର୍ତ୍ତୀ ଶୁଣାଣି ସେପ୍ଟେମ୍ବର ୨ତାରିଖକୁ ଧାର୍ଯ୍ୟ କରିଛନ୍ତି।

ଆଜି ସୁପ୍ରିମକୋର୍ଟରେ ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗଚୀ ଓ ଜଷ୍ଟିସ ଭି. ମୋହନାଙ୍କ ଖଣ୍ଡପୀଠରେ ଶୁଣାଣିବେଳେ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ରାଜ୍ୟ ସରକାରଙ୍କ ପକ୍ଷ ରଖିଥିଲେ। ସେ କହିଥିଲେ ଯେ, ଗତକାଲିଠୁ ରାଜ୍ୟ ସରକାରଙ୍କ ଜବାବ ଦାଖଲ ହୋଇସାରିଛି। ସେଥିରେ ସବୁକିଛି ସ୍ପଷ୍ଟ ଭାବେ ଉଲ୍ଲେଖ ରହିଛି। ସେହି ଜବାବକୁ ଅନୁଧ୍ୟାନ କରିବା ନିମନ୍ତେ ଖଣ୍ଡପୀଠଙ୍କୁ ଶ୍ରୀ ମେହେଟ୍ଟା ଅନୁରୋଧ କରିଥିଲେ। ଏଥିସହ ମାମଲା ସହ ଜଡ଼ିତ ପକ୍ଷମାନେ ରଖୁଥିବା ତଥ୍ୟ ସବୁ ସତ୍ୟ ନୁହେଁ ବୋଲି ଖଣ୍ଡପୀଠଙ୍କୁ ଶ୍ରୀ ମେହେଟ୍ଟା ଅବଗତ କରାଇଥିଲେ। ରାଜ୍ୟ ସରକାର ➪ପୃଷ୍ଠା-୬

---

### ଜାତୀୟ କ୍ରୀଡ଼ା ପୁରସ୍କାର-୨୦୨୫ ଘୋଷିତ

## ୧୭ ଜଣଙ୍କୁ ଅର୍ଜୁନ ପୁରସ୍କାର

### ତାଲିକାରେ ନାହାନ୍ତି ଜଣେ ବି କ୍ରିକେଟର୍

### ୫ ପ୍ରଶିକ୍ଷକଙ୍କୁ ଦ୍ରୋଣାଚାର୍ଯ୍ୟ ପୁରସ୍କାର

ନୂଆଦିଲ୍ଲୀ,୧୮।୮: ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ମଙ୍ଗଳବାର ଜାତୀୟ କ୍ରୀଡ଼ା ପୁରସ୍କାର-୨୦୨୫ ଘୋଷଣା କରିଛି। ଅର୍ଜୁନ ପୁରସ୍କାର ପାଇଁ ମୋଟ୍ ୧୭ ଜଣ କ୍ରୀଡ଼ାବିତ୍‌ଙ୍କୁ ଚୟନ କରାଯାଇଥିବା ବେଳେ ଜଣେ କ୍ରୀଡ଼ାବିତଙ୍କୁ ଜୀବନବ୍ୟାପୀ ସାଧନା ନିମନ୍ତେ ଅର୍ଜୁନ ପୁରସ୍କାର ପ୍ରଦାନ କରାଯିବାକୁ ଘୋଷଣା କରାଯାଇଛି। ଚେସ୍ ତାରକା ଦିବ୍ୟା ଦେଶମୁଖ, ବ୍ୟାଡମିଣ୍ଟନ ତାରକା ତ୍ରିସା ଜଲି ଓ ପୁଲେଲା ଗାୟତ୍ରୀ ଗୋପୀଚାନ୍ଦଙ୍କ ସହ ବିଭିନ୍ନ ବିଭାଗର ଅନ୍ୟ ୧୫ ଜଣ ଖେଳାଳିଙ୍କୁ ଚଳିତ ବର୍ଷ ଅର୍ଜୁନ ପୁରସ୍କାର ପ୍ରଦାନ କରାଯିବ। ଅଭିଜ୍ଞ ଫୁଟବଲ୍ ଖେଳାଳି ଇସାହା ଅରୁମୈନାୟଗମଙ୍କୁ ଅର୍ଜୁନ ପୁରସ୍କାର (ଜୀବନକାଳ) ପାଇଁ ଚୟନ କରାଯାଇଛି। କିନ୍ତୁ ଏଥର ଅର୍ଜୁନ ପୁରସ୍କାର ତାଲିକାରେ ଜଣେ ବି କ୍ରିକେଟର୍ ନାହାନ୍ତି। ତା'ଛଡ଼ା ଧ୍ୟାନଚାନ୍ଦ ପୁରସ୍କାର ପାଇବା ସକାଶେ ବି କେହି ମନୋନୀତ ହୋଇନାହାନ୍ତି। ଅନ୍ୟପକ୍ଷରେ ଦ୍ରୋଣାଚାର୍ଯ୍ୟ ➪ପୃଷ୍ଠା-୬

---

### ଏକତରଫା ପ୍ରେମରେ ଅନ୍ଧ ହେଲେ ଶିକ୍ଷକ

## ପ୍ରେମିକାଙ୍କ ପରିବାରର ୪ ଜଣଙ୍କୁ ହାଣି ପକାଇଲେ



ସୋର,୧୮।୮(ସଂଚାର ବ୍ୟୁରୋ): ସୋର ଔପଦା ଅଞ୍ଚଳରେ ଏକତରଫା ପ୍ରେମକୁ କେନ୍ଦ୍ରକରି ଏକ ଭୟଙ୍କର ଘଟଣା ଘଟିଛି। ଜଣେ ନିଲମ୍ବିତ ଶିକ୍ଷକ ଏକତରଫା ପ୍ରେମରେ ବିଫଳ ହେବା ପରେ ଉନ୍ମତ୍ତ କାଣ୍ଡ ଘଟାଇଛନ୍ତି। ପ୍ରେମରେ ବିଫଳ ହୋଇଥିବା ଏହି ପ୍ରେମିକ ଜଣଙ୍କ ହିତାହିତ ଜ୍ଞାନ ହରାଇ ପ୍ରେମିକାଙ୍କ ସମେତ ପରିବାରର ୫ ଜଣଙ୍କୁ ହାଣି ପକାଇଛନ୍ତି। ଏଥିରେ ପ୍ରେମିକା ଶିକ୍ଷୟିତ୍ରୀ ମଧ୍ୟ ଆହତ ହୋଇଛନ୍ତି।

ମିଳିଥିବା ସୂଚନାନୁସାରେ, ଔପଦା ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ତଥା ପାଟପୁର ଗାଁର ସୁଚିସ୍ମିତା ସେଠୀଙ୍କୁ ପୃଥ୍ୱୀରାଜ କର ନାମକ ସ୍ଥାନୀୟ ଅଞ୍ଚଳର ଜଣେ ଶିକ୍ଷକ ଗତ ୨୦୨୨ରୁ ଏକତରଫା ଭାବେ ପ୍ରେମ କରିଆସୁଥିଲା। ଉଭୟ ଗୋଟିଏ ସ୍କୁଲ୍‌ରେ ଚାକିରି କରୁଥିବା ସମୟରେ ପୃଥ୍ୱୀରାଜ ଏକତରଫା ଭାବେ ସୁଚିସ୍ମିତାଙ୍କୁ ଭଲ ପାଉଥିଲେ। କିନ୍ତୁ ସୁଚିସ୍ମିତାଙ୍କର ଏଥିରେ ସହମତି ନ ଥିବାରୁ ଏହାକୁ ନେଇ ଦୀର୍ଘଦିନ ଧରି ଦୁଇ ପରିବାର ମଧ୍ୟରେ ବିବାଦ ଲାଗି ରହିଥିଲା। ସୁଚିସ୍ମିତାଙ୍କ ପରିବାର ପକ୍ଷରୁ ଏନେଇ ବିଭିନ୍ନ ସ୍ଥାନରେ ଅଭିଯୋଗ ମଧ୍ୟ କରାଯାଇଥିଲା। ଏହି ଅଭିଯୋଗ ଆଧାରରେ ପୂର୍ବରୁ ଶିକ୍ଷା ବିଭାଗ ପୃଥ୍ୱୀରାଜଙ୍କୁ ନିଲମ୍ବନ କରିଥିବା ଜଣାପଡ଼ିଛି। ତେବେ ଏହି ନିଲମ୍ବନ କାର୍ଯ୍ୟାନୁଷ୍ଠାନରେ ଉତ୍‌କ୍ଷିପ୍ତ ହୋଇ ପୃଥ୍ୱୀରାଜ ଆଜି ଏକ ➪ପୃଷ୍ଠା-୬

---



### କାନ ଡେରିଥା

ଗରିବଙ୍କ ପେଟ ପୋଡ଼ି ଯାଉଅଛି
ଖାଇବାକୁ ନାହିଁ ଦାନା
ମୁଣ୍ଡ ଗୁଞ୍ଜିବାକୁ ଚାଳ ଟିକେ ନାହିଁ
ପିନ୍ଧିବାକୁ ନାହିଁ କନା
ଟଙ୍କାଏ ଚାଉଳେ ପେଟ ଭର୍ତ୍ତି ହୁଏ
ଧନୀ ଯେ ଉଡ଼ାଏ ବାନା
କୋଟି କୋଟି ଟଙ୍କା ଖର୍ଚ୍ଚ ହୁଏ ଏଠି
ମୋ ରାଜ୍ୟ କୁଆଡ଼େ ସୁନା !

■ ଦେବାଶିଷ

---

# ପାଠ୍ୟ ପୁସ୍ତକ ବିବାଦ ସରକାରଙ୍କ ପିଛା ଛାଡୁନି





### ପ୍ରସଙ୍ଗ ବଞ୍ଚାଇ ରଖୁଛନ୍ତି ବିରୋଧୀ

### ରାଜଧାନୀରେ ବି ଅହୋରାତ୍ର ଧାରଣା

ଭୁବନେଶ୍ୱର,୧୮।୮(ସଂଚାର ବ୍ୟୁରୋ): ପିଲାଙ୍କୁ ବଣ୍ଟାଯାଇଥିବା ତ୍ରୁଟିପୂର୍ଣ୍ଣ ପୁସ୍ତକ ଘଟଣାରେ ସରକାର ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ ମଧ୍ୟ ବିରୋଧୀ ପ୍ରସଙ୍ଗକୁ ଛାଡ଼ିବାକୁ ନାରାଜ। ଅତି କମ୍‌ରେ ଆଗାମୀ ବିଧାନସଭା ଅଧିବେଶନ ପର୍ଯ୍ୟନ୍ତ ଏହା ଜାରି ରଖିବାକୁ ଲାଗି ପଡ଼ିଛନ୍ତି। ରାଜ୍ୟରେ ବନ୍ୟା ବିଭୀଷିକା ସତ୍ତ୍ୱେ ବିରୋଧୀ ପ୍ରସଙ୍ଗକୁ ବଞ୍ଚାଇ ରଖିଥିବା ବେଳେ ଖୋଦ୍ ରାଜଧାନୀରେ ଅଭିଭାବକ ମହାସଂଘ, ଛାତ୍ରଛାତ୍ରୀ ଓ ରାଜନେତାମାନେ ଅହୋରାତ୍ର ଧାରଣାରେ ବସିଛନ୍ତି। ଏହା ଏବେ ସରକାରଙ୍କ ପାଇଁ ଅଡୁଆ ହେବାରେ ଲାଗିଛି। ପିଲାଙ୍କୁ ଦିଆଯାଇଥିବା ତ୍ରୁଟିପୂର୍ଣ୍ଣ ପୁସ୍ତକ ଘଟଣାରେ ରାଜ୍ୟ ସରକାର ଜଣେ ବରିଷ୍ଠ ଅଧିକାରୀଙ୍କୁ ଜେଲ୍ ପଠାଇବା ସହ ୪ ଜଣଙ୍କୁ ନିଲମ୍ବନ କରିଛନ୍ତି। ଇତି ମଧ୍ୟରେ ସମ୍ପୃକ୍ତ ଅଧିକାରୀ ଜାମିନରେ ଆସିଥିବା ବେଳେ କ୍ରାଇମବ୍ରାଞ୍ଚ ଏବେ ଘଟଣାର ତଦନ୍ତ ଚଳାଇଛି। କିନ୍ତୁ ସରକାରଙ୍କର ଏହି ପଦକ୍ଷେପ ବିରୋଧୀଙ୍କୁ ସନ୍ତୁଷ୍ଟ କରିପାରିନାହିଁ। ସେମାନେ ଲଗାତାର ଭାବେ ଧାରଣା ଧର୍ମଘଟ ଜାରି ରଖିଛନ୍ତି। ଅଭିଭାବକ ମହାସଂଘ ସେମାନଙ୍କ ସହ ସାମିଲ ହେବା ପରେ ଏହି ପ୍ରସଙ୍ଗ ଧୀରେ ଧୀରେ ପୁଣି ଥରେ ବଡ଼ ଆକାର ଧାରଣ କରିବାରେ ଲାଗିଛି।

ରାଜ୍ୟର କେତେକ ଜିଲ୍ଲାରେ ପ୍ରଳୟଙ୍କରୀ ବନ୍ୟା ଦେଖାଦେଇଥିବା ବେଳେ ରାଜ୍ୟ ପ୍ରଶାସନ ଉଦ୍ଧାର ଓ ରିଲିଫ କାର୍ଯ୍ୟରେ ବ୍ୟସ୍ତ ରହିଛି। ବିରୋଧୀ କିନ୍ତୁ ପୁସ୍ତକ ପ୍ରସଙ୍ଗକୁ ଜୋରଦାର କରୁଛନ୍ତି। ତେବେ ବନ୍ୟା ନ ଥିବା ବଲାଙ୍ଗୀର ସମେତ କେତେକ ପଶ୍ଚିମାଞ୍ଚଳ ଜିଲ୍ଲାରେ ପୁସ୍ତକ ପ୍ରସଙ୍ଗରେ ରାଜରାସ୍ତାକୁ ଓହ୍ଲାଉଛନ୍ତି। ହେଉଥିବା ଆଲୋଚନା ଅନୁଯାୟୀ, ବିଧାନସଭାର ବର୍ଷାକାଳୀନ ଅଧିବେଶନରେ ବିରୋଧୀ ଏହାକୁ ମୁଖ୍ୟ ପ୍ରସଙ୍ଗ କରିବାକୁ ଯୋଜନା ଚଳାଇଥିବାରୁ କୌଣସି ପ୍ରକାରେ ପ୍ରସଙ୍ଗକୁ ସେ ପର୍ଯ୍ୟନ୍ତ ବଞ୍ଚାଇ ରଖିବାକୁ ଚାହୁଁଛନ୍ତି।

ତେବେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏ କ୍ଷେତ୍ରରେ ଅହେତୁକ ନିରବତା ଅବଲମ୍ବନ କରୁଥିବାରୁ ବିରୋଧୀ ଦଳଗୁଡ଼ିକର ସନ୍ଦେହ ବଢ଼ିବାରେ ଲାଗିଛି। ପିଲାଙ୍କୁ ସଂଶୋଧିତ ପୁସ୍ତକ କେବେ ମିଳିବ, ତାହା ସ୍ପଷ୍ଟ ହୋଇପାରୁ ନ ଥିବାରୁ ଅଭିଭାବକ ମହାସଂଘ ବି ପ୍ରଶ୍ନ ➪ପୃଷ୍ଠା-୬

### କୁନି ବୟସରେ ବଡ଼ କୀର୍ତ୍ତି

# ଭାରତୀୟ ରେକର୍ଡ ବହିରେ ଗରଦପୁରର ଜାନଭି

## ମାତ୍ର ୧ ବର୍ଷ ୧୦ ମାସ ବୟସରେ ଅସାଧାରଣ ସ୍ମୃତିଶକ୍ତିର ପରିଚୟ




କେନ୍ଦ୍ରାପଡ଼ା/ଗରଦପୁର,୧୮।୮ (ସଂଚାର ବ୍ୟୁରୋ)ଃ କଥା କହିବା ଶିଖିବାର ବୟସରେ ଅସାଧାରଣ ସ୍ମୃତିଶକ୍ତିର ପରିଚୟ ଦେଇ ସାରା ଅଞ୍ଚଳରେ ଚର୍ଚ୍ଚାରେ ଆସିଛନ୍ତି ଗରଦପୁର ବ୍ଲକର କୁନି ଝିଅ ଜାନଭି ପ୍ରିୟଦର୍ଶିନୀ ପାଣି । ମାତ୍ର ୧ ବର୍ଷ ୧୦ ମାସ ବୟସରେ ବିଭିନ୍ନ ବିଷୟରେ ଅସାଧାରଣ ଜ୍ଞାନ ଓ ସ୍ମରଣଶକ୍ତି ପ୍ରଦର୍ଶନ କରି ସେ ଭାରତୀୟ ରେକର୍ଡ ବହିରେ ନିଜର ନାମ ସ୍ଥାନ ପାଇଛନ୍ତି ।

କେନ୍ଦ୍ରାପଡ଼ା ଜିଲ୍ଲା ଗରଦପୁର ବ୍ଲକ ତେଣ୍ଡାକୁଡା ପଞ୍ଚାୟତ ଅନ୍ତର୍ଗତ ସାନନୟନପୁର ଗ୍ରାମର ଜାନଭି ହେଉଛନ୍ତି ଜଗଦୀଶ ପାଣି ଓ ସୁରେଖା ପ୍ରିୟଦର୍ଶିନୀ ପାତ୍ରଙ୍କ କନ୍ୟା । ସେ ପ୍ରତାପ ପାଣିଙ୍କ ନାତୁଣୀ । ଏତେ କମ୍ ବୟସରେ ଜାନଭିଙ୍କ ଅସାଧାରଣ ସ୍ମୃତିଶକ୍ତି ଦେଖି ପରିବାର ସହ ଅଞ୍ଚଳବାସୀ ମଧ୍ୟ ଗର୍ବିତ ହୋଇଛନ୍ତି ।

ଜାନଭି ୨୭ଟି ଶରୀରର ଅଙ୍ଗ, ୯ଟି ଆକୃତି, ୧୨ଟି କୀଟପତଙ୍ଗ, ୨୧ଟି ଯାନବାହନ, ୨୩ଟି ପନିପରିବା, ୨୬ଟି ଫଳ, ୧୧ଟି ମହାକାଶୀୟ ପିଣ୍ଡ, ୨୩ଟି ପକ୍ଷୀ, ୫୮ଟି ପଶୁ, ୧୫ଟି ଫୁଲ ଓ ୯ଟି ରଙ୍ଗ ଚିହ୍ନଟ କରିପାରୁଛନ୍ତି ।

ଏଥିସହ ସେ ୧୦ ଜଣ ସ୍ୱାଧୀନତା ସଂଗ୍ରାମୀ, ୧୦ଟି ଦେଶର ଜାତୀୟ ପତାକା, ୧୭ଟି କ୍ରିୟା କିମ୍ବା କାର୍ଯ୍ୟ ଏବଂ ୨୨ଟି ବୃତ୍ତି ଯଥା— ଡାକ୍ତର, ଶିକ୍ଷକ, ପୁଲିସ, ଯନ୍ତ୍ରୀ ଆଦିକୁ ଚିହ୍ନଟ କରିପାରୁଛନ୍ତି । ଇଂରାଜୀ ବର୍ଣ୍ଣମାଳାର ପ୍ରତ୍ୟେକ ଅକ୍ଷର ସହ ସମ୍ପର୍କିତ ଶବ୍ଦ, ୬ଟି ଜାତୀୟ ପ୍ରତୀକ, ସପ୍ତାହର ୭ଟି ଦିନର ନାମ ଏବଂ ୧ରୁ ୨୦ ପର୍ଯ୍ୟନ୍ତ ସଂଖ୍ୟା ମଧ୍ୟ ସେ କହିପାରୁଛନ୍ତି ।

ଜାନଭିଙ୍କ ପିତାମାତାଙ୍କ କହିବା ଅନୁଯାୟୀ, ବର୍ଷେ ହେବା ପୂର୍ବରୁ ହିଁ ଜାନଭି ବହି, ଚିତ୍ର ଓ ବିଭିନ୍ନ ବିଷୟ ପ୍ରତି ଆଗ୍ରହ ଦେଖାଉଥିଲେ। ଝିଅର ଏହି ଆଗ୍ରହକୁ ଚିହ୍ନଟ କରି ତାଙ୍କ ମା' ସୁରେଖା ନିୟମିତ ଭାବେ ସମୟ ଦେବା ସହ ଖେଳ ଓ ଆନନ୍ଦ ମାଧ୍ୟମରେ ବିଭିନ୍ନ ବିଷୟ ଶିଖାଇ ଆସୁଥିଲେ ।

ପରିବାରର ନିରନ୍ତର ସହଯୋଗ ଓ ଜାନଭିଙ୍କ ନିଜସ୍ୱ ଆଗ୍ରହ ତାଙ୍କ ପ୍ରତିଭାକୁ ଆହୁରି ବିକଶିତ କରିଥିଲା । ଶେଷରେ ଏହି ଅସାଧାରଣ ପ୍ରତିଭାକୁ ଭାରତୀୟ ରେକର୍ଡ ବହି ପକ୍ଷରୁ ଯାଞ୍ଚ କରାଯାଇ ସ୍ୱୀକୃତି ମିଳିଛି । ତାଙ୍କୁ 'ଆଇବିଆର୍ ସଫଳତା ଅର୍ଜନକାରୀ' ଉପାଧିରେ ସମ୍ମାନିତ କରାଯାଇଛି । ଜାନଭିଙ୍କ ଏହି ସଫଳତାରେ ପରିବାର ଲୋକଙ୍କ ମଧ୍ୟରେ ଖୁସିର ଲହର ଖେଳିଯାଇଛି। ତାଙ୍କର ଏହି ସଫଳତା ଗରଦପୁର ଅଞ୍ଚଳ ପାଇଁ ମଧ୍ୟ ଗୌରବର ବିଷୟ ପାଲଟିଛି ।

# ବନ୍ୟା ପାଣି ଘେରରେ କୂଳସାହି ଆଶ୍ରମ ସ୍କୁଲ

## ଶତାଧିକ ପିଲା ଜଳବନ୍ଦୀ

## ରାତି ସାରା ଜଗିବେ ଅଗ୍ନିଶମ ବାହିନୀ

## ସକାଳେ ହେବେ ସ୍ଥାନାନ୍ତର



ପଟ୍ଟାମୁଣ୍ଡାଇ,୧୮।୮ (ସଂଚାର ବ୍ୟୁରୋ)ଃ ରାଜ୍ୟ ସରକାରଙ୍କ ଏସସିଏସଟି ବିଭାଗ ଦ୍ୱାରା ପରିଚାଳିତ ପଟ୍ଟାମୁଣ୍ଡାଇ ବ୍ଲକ ପେଣ୍ଟପାଳ ପଂଚାୟତ କୂଳସାହି ଆଶ୍ରମ ସ୍କୁଲରେ ବନ୍ୟା ପାଣି ପଶିଛି । ଏହି ସ୍କୁଲରେ ରାଜ୍ୟର ବିଭିନ୍ନ ଅଂଚଳରୁ ଏସସିଏସଟି ପିଲାମାନେ ହଷ୍ଟେଲରେ ରହି ପାଠ ପଢି ଥାନ୍ତି । ବ୍ରାହ୍ମଣୀ ନଦୀ କୂଳରେ କୂଳସାହି ଆଶ୍ରମ ସ୍କୁଲ ରହିଛି । ସମ୍ପ୍ରତି ବ୍ରାହ୍ମଣୀ ନଦୀରେ ତୃତୀୟ ବନ୍ୟା ଦେଖା ଦେଇଥିବାରୁ ବନ୍ୟା ଜଳ ଘେରରେ କୂଳସାହି ଆଶ୍ରମ ସ୍କୁଲ ଥିବାରୁ ଏହି ସ୍କୁଲରେ ପାଠ ପଢୁଥିବା ପିଲାମାନେ ବସ୍ତୁତଃ ଜଳବନ୍ଦୀ ହୋଇପଡିଛନ୍ତି । ଏପଟେ କୁମ୍ଭୀର ଭୟ ଯୋଗୁଁ ପିଲାମାନେ ବନ୍ୟା ପାଣିରେ ପଶି ବାହାରକୁ ଆସିପାରୁନାହାନ୍ତି । ଯାହାଫଳରେ ଏହି ସ୍କୁଲ ପିଲାମାନେ ଭୋକ ଉପାସରେ ନାହିଁ ନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି ।

ରାଜ୍ୟ ସରକାର ତଥା ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ପିଲାମାନଙ୍କୁ ଜଳବନ୍ଦୀରୁ ମୁକ୍ତ କରିବା ସହିତ ସମସ୍ତ ବ୍ୟବସ୍ଥା କରିବାକୁ ସାଧାରଣରେ ଦାବୀ ହେଉଛି। ତେବେ ସର୍ବଶେଷ ଖବର ଅନୁଯାୟୀ କେନ୍ଦ୍ରାପଡ଼ା ଉପଜିଲ୍ଲାପାଳ ଅରୁଣ ନାୟକ ପଟ୍ଟାମୁଣ୍ଡାଇ ତହସିଲଦାର ପଞ୍ଚାନନ ନାୟକ କୂଳସାହି ସ୍କୁଲ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି । ରାତି ହୋଇ ଯାଇଥିବାରୁ ଜଳବନ୍ଦୀ ଥିବା ପିଲାମାନଙ୍କୁ ସ୍ଥାନାନ୍ତର କରାଯାଇପାରିନାହିଁ। ପ୍ରଶାସନ ନିର୍ଦ୍ଦେଶରେ ରାତି ସାରା ଅଗ୍ନିଶମ ବାହିନୀ ପିଲାମାନଙ୍କୁ ଜଗି ରହିବେ। ଆସନ୍ତାକାଲି ସକାଳେ ବନ୍ୟା ସ୍ଥିତି ପରଖିବା ପରେ ଜଳବନ୍ଦୀ ପିଲାମାନଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି ।

### ପାଣିରେ ବୁଡି ରହିଛି ଚାଷଜମି

# ଚାଷୀଙ୍କୁ ସହାୟତା ପାଇଁ ଦାବି

କେନ୍ଦ୍ରାପଡ଼ା,୧୮।୮(ସଂଚାର ବ୍ୟୁରୋ)ଃ କେନ୍ଦ୍ରାପଡା ଜିଲ୍ଲାର ଡେରାବିଶ ବ୍ଲକ ଅଞ୍ଚଳରେ ଲଗାଣ ବର୍ଷା ଓ ଗୋବରୀ ନଦୀରେ ବନ୍ୟା ଫଳରେ ଜମି ସବୁ ପାଣିରେ ବୁଡିଯାଇ ଚାଷ କ୍ଷତିଗ୍ରସ୍ତ ହୋଇଥିବା ନେଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି । ଲଗାଣ ବର୍ଷା ଯୋଗୁଁ ଏହି ବ୍ଲକ ଅଧିନ ଗୁଆଳସିଂ, କୁଶିଆପାଳ, କୁରୁଜଙ୍ଗା, କାଉପଡା, ଲକ୍ଷ୍ମୀନାରାୟଣପୁର, ଛୋଟୀ, ମଙ୍ଗଳପୁର ଓ ବେଣୀପୁର ପ୍ରଭୃତି ଗ୍ରାମପଞ୍ଚାୟତ ଗୁଡିକରେ ବହୁ ଚାଷ ଜମି ଜଳମଗ୍ନ ହୋଇରହିଛି ।

ପାଟନାଳୀ ଓ ଗୋବରୀ ନଦୀରେ ବନ୍ୟା ଆସିବା ଦ୍ୱାରା ଏହିସବୁ ପଞ୍ଚାୟତ ଅଞ୍ଚଳରେ ଥିବା ଚାଷଜମି ଗୁଡିକ ପାଣିରେ ବୁଡି ଯାଇଛି। ଧାନ ଗଛ ଉପରେ ତିନିରୁ ଚାରି ଫୁଟ ଉଚ୍ଚର ପାଣି ଚାଲିଥିବା ବେଳେ ତଳି କିଆରି ଗୁଡିକ ମଧ୍ୟ ପାଣିରେ ବୁଡି ରହିବା ଦ୍ୱାରା ପଚିଗଲାଣି। ଚାଷୀମାନେ ବହୁ ଶ୍ରମ ଓ ଅର୍ଥ ବ୍ୟୟ କରି ଜମିରେ ଧାନ ଓ ପରିବା ଚାଷ କରିଥିଲେ । ବନ୍ୟା ଯୋଗୁଁ ସମସ୍ତ ଫସଲ ନଷ୍ଟ ହୋଇଗଲାଣି । ଆଗକୁ ତଳି ପକାଇ ଧାନ ରୋଇବା ଆଉ ସମ୍ଭବ ନୁହେଁ । ତେଣୁ ଚାଷୀମାନେ ହତାଶ ହୋଇ ପଡିଥିବା କହିଛନ୍ତି। ପଡିଆ ଓ ଗୋଚର ଜମି ମଧ୍ୟ ପାଣିରେ ବୁଡି ରହିଛି । ଫଳରେ ଗୋରୁ ଗାଈ ମଧ୍ୟ ଚରିବାରେ ବହୁ ସମସ୍ୟା ସୃଷ୍ଟି ହୋଇଛି। ତେଣୁ ଡେରାବିଶ ଅଞ୍ଚଳକୁ ବନ୍ୟାଜଳ ଭାବେ ଘୋଷଣା କରାଯାଇ ଚାଷୀମାନଙ୍କୁ ସହାୟତା ପ୍ରଦାନ କରାଯିବାକୁ ଗୋଲକ ଚନ୍ଦ୍ର ସାହୁ, କ୍ଷୀରୋଦ ଚନ୍ଦ୍ର ସାମଲ, ଅଭିମନ୍ୟୁ ସାହୁ ପ୍ରମୁଖ ଜିଲ୍ଲାପାଳ ଓ ସରକାରଙ୍କୁ ନିବେଦନ କରିଛନ୍ତି ।

# ନାବାଳିକାକୁ ଆକ୍ରମଣ କରିଥିବା ଅଭିଯୁକ୍ତକୁ ଗିରଫ କରିବାକୁ ଦାବି



କେନ୍ଦ୍ରାପଡ଼ା,୧୮।୮(ସଂଚାର ବ୍ୟୁରୋ)ଃକେନ୍ଦ୍ରାପଡା ନିକିରାଇ ଥାନା ଅନ୍ତର୍ଗତ ଜଗନ୍ନାଥପୁର ଗାଁରେ ନାବାଳିକାକୁ ଆକ୍ରମଣ କରିଥିବା ଅଭିଯୁକ୍ତକୁ ଗିରଫ କରିବା ପାଇଁ ଦାବି ହୋଇଛି । ଆଜି ପୀଡିତା ନାବାଳିକାର ପରିବାର ଲୋକେ ଏସ୍ପି ଙ୍କୁ ଭେଟି ଘଟଣା ସମ୍ପର୍କରେ ଅବଗତ କରିଛନ୍ତି । ଅଭିଯୋଗ ଅନୁଯାୟୀ ଜଗନ୍ନାଥପୁର ଗାଁର ବେଣୁଧର ମଲ୍ଲିକ ଘରେ ନଥିବାବେଳେ ତାଙ୍କ ପଡୋଶୀ ମୁନା ନାମକ ଜଣେ ଯୁବକ ତାଙ୍କ ନାବାଳିକା ଝିଅଙ୍କୁ ଆକ୍ରମଣ କରିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ କେନ୍ଦ୍ରାପଡା ଓ ପରେ କଟକ ସ୍ଥାନାନ୍ତର କରାଯାଇଥିଲା । ତେବେ ଘଟଣାକୁ ୭ ଦିନ ବିତିଯାଇଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ ପୁଲିସ ଅଭିଯୁକ୍ତକୁ ଗିରଫ କରି ନଥିବା ନାବାଳିକାଙ୍କ ମା ରେଣୁବାଳା ମଲ୍ଲିକ ଅଭିଯୋଗ କରିଛନ୍ତି।

# ବନ୍ୟା ପରିସ୍ଥିତିରେ ଜିଲ୍ଲା ପ୍ରଶାସନର ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ଜାରି

## ବନ୍ୟାଞ୍ଚଳ ପରିଦର୍ଶନ କରି ସ୍ଥିତି ପରଖିଲେ ଜିଲ୍ଲାପାଳ



କେନ୍ଦ୍ରାପଡ଼ା,୧୮।୮ (ସଂଚାର ବ୍ୟୁରୋ)ଃ କେନ୍ଦ୍ରାପଡ଼ା ଜିଲ୍ଲାରେ ବନ୍ୟା ପରିସ୍ଥିତି ଜାରି ରହିଥିବାବେଳେ ଜିଲ୍ଲା ପ୍ରଶାସନ ପକ୍ଷରୁ ଉଦ୍ଧାର, ରିଲିଫ୍ ଓ ଆବଶ୍ୟକ ସେବା ଯୋଗାଣ କାର୍ଯ୍ୟ ନିରନ୍ତର ଭାବେ ଜାରି ରହିଛି। ଜିଲ୍ଲାପାଳ ରଘୁରାମ ଆର. ଆୟର, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର କୁମାର ମଲ୍ଲିକ ଏବଂ ଉପଜିଲ୍ଲାପାଳ ଅରୁଣ କୁମାର ନାୟକ ବିଭିନ୍ନ ବନ୍ୟାଞ୍ଚଳ ପରିଦର୍ଶନ କରି ସ୍ଥିତି ପରଖିବା ସହ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟର ସମୀକ୍ଷା କରିଛନ୍ତି।

ବର୍ତ୍ତମାନ ଜିଲ୍ଲାର ୬ଟି ବ୍ଲକର ୬୬ଟି ଗ୍ରାମ ପଞ୍ଚାୟତ ଅଧୀନ ୧୫୧ଟି ଗ୍ରାମ ଏବଂ ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ୧୧ଟି ୱାର୍ଡ ବନ୍ୟା ପ୍ରଭାବିତ ହୋଇଛି। ମୋଟ ୨,୨୩,୫୧୯ ଜଣ ଲୋକ ବନ୍ୟା ପ୍ରଭାବିତ ହୋଇଛନ୍ତି। ବନ୍ୟା ପ୍ରଭାବିତ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇ ୧୮ଟି ଆଶ୍ରୟ କେନ୍ଦ୍ରରେ ସମୁଦାୟ ୩,୩୫୦ ଜଣଙ୍କୁ ରଖାଯାଇଛି। ଆଜି ୭ଟି ଆଶ୍ରୟ କେନ୍ଦ୍ରରେ ୧,୨୩୫ ଜଣ ରହିଛନ୍ତି। ବନ୍ୟା ପ୍ରଭାବିତଙ୍କ ପାଇଁ ସମୁଦାୟ ୧୨ଟି ମାଗଣା ରୋଷେଇ କେନ୍ଦ୍ର ଖୋଲାଯାଇଥିବାବେଳେ ଆଜି ୬ଟି କେନ୍ଦ୍ର କାର୍ଯ୍ୟକ୍ଷମ ରହିଛି। ଏପର୍ଯ୍ୟନ୍ତ ମାଗଣା ରୋଷେଇ ମାଧ୍ୟମରେ ୩,୩୦୦ ଜଣ ହିତାଧିକାରୀଙ୍କୁ ସହାୟତା ପ୍ରଦାନ କରାଯାଇଛି। ବନ୍ୟା ପ୍ରଭାବିତଙ୍କୁ ୨୦୫.୪୮ କ୍ୱିଣ୍ଟାଲ ଚୁଡ଼ା, ୧୬.୭ କ୍ୱିଣ୍ଟାଲ ଗୁଡ଼/ଚିନି ଏବଂ ଶିଶୁ ଖାଦ୍ୟ, ବିସ୍କୁଟ୍ ସମେତ ଆବଶ୍ୟକ ରିଲିଫ୍ ସାମଗ୍ରୀ ବଣ୍ଟନ କରାଯାଇଛି। ଆଜି ୧୨୨ କ୍ୱିଣ୍ଟାଲ ଚାଉଳ ଓ ୧୫.୨ କ୍ୱିଣ୍ଟାଲ ଚୁଡ଼ା ସହିତ ଶିଶୁ ଖାଦ୍ୟ ଓ ବିସ୍କୁଟ୍ ବଣ୍ଟନ କରାଯାଇଛି।

ସ୍ୱାସ୍ଥ୍ୟସେବା ପାଇଁ ୧୬ଟି ମେଡିକାଲ ଟିମ୍ ଏବଂ ପଶୁସମ୍ପଦର ଚିକିତ୍ସା ଓ ଯତ୍ନ ପାଇଁ ୫ଟି ପଶୁ ଚିକିତ୍ସା ଟିମ୍ ନିୟୋଜିତ ହୋଇଛନ୍ତି। ପ୍ରାଥମିକ ଆକଳନ ଅନୁଯାୟୀ ବନ୍ୟା ଯୋଗୁଁ ପ୍ରାୟ ୧୪,୨୬୮ ହେକ୍ଟର ଫସଲ ଅଞ୍ଚଳ ପ୍ରଭାବିତ ହୋଇଛି। ବନ୍ୟାଜଳ ହ୍ରାସ ପରେ ଫସଲ ଓ ଘରବାଡ଼ି କ୍ଷୟକ୍ଷତିର ବାସ୍ତବ ଆକଳନ କରାଯିବ। ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ ପାଇଁ ୬ଟି ଏସ୍ଆରସି ପାୱାର ବୋଟ୍, ୧୧୭ଟି ଦେଶୀ ଡଙ୍ଗା ଏବଂ ୧୦ଟି ଯାନ୍ତ୍ରିକ ଦେଶୀ ଡଙ୍ଗା ନିୟୋଜିତ ହୋଇଛି। ଜଳସ୍ତର ଉପରେ ନିରନ୍ତର ନଜର ରଖାଯାଉଛି। ଅଳଭା, ଗୋପାଳପୁର ଓ ଆଖୁଆପଦାଠାରେ ଜଳସ୍ତର ବିପଦସଙ୍କେତ ଉପରେ ରହିଥିବାବେଳେ ମୁଣ୍ଡଳୀଠାରେ ୧,୬୦,୯୩୮ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି।

### ଡେରାବିଶ ବିଡିଓଙ୍କୁ ଦୁର୍ବ୍ୟବହାର ଘଟଣା

# ସ୍ପଷ୍ଟୀକରଣ ଦେଲେ ବିଜେପି ନେତା



କେନ୍ଦ୍ରାପଡ଼ା,୧୮।୮(ସଂଚାର ବ୍ୟୁରୋ)ଃ କେନ୍ଦ୍ରାପଡା ଜିଲ୍ଲା ଡେରାବିଶ ବ୍ଲକର ବିଡିଓଙ୍କ କାର୍ଯ୍ୟାଳୟରେ ଗତ ୧୪ ତାରିଖରେ ହୋଇଥିବା ଘଟଣାକୁ ନେଇ ବିଜେପି ରାଜ୍ୟ ମୁଖପାତ୍ର ତଥା ପାଟକୁରା ନିର୍ବାଚନ ମଣ୍ଡଳୀ ନେତା ଉମାକାନ୍ତ ପଟ୍ଟନାୟକ ଏକ ସାମ୍ବାଦିକ ସମ୍ମିଳନୀ କରି ଘଟଣା ସଂପର୍କରେ ସ୍ପଷ୍ଟୀକରଣ ଦେଇଛନ୍ତି । ଗତ ୪ ଦିନ ହେଲା ବିଭିନ୍ନ ଗଣମାଧ୍ୟମ, ସାମାଜିକ ଗଣମାଧ୍ୟମ ମାନଙ୍କରେ ବିରୋଧୀ ଦଳର ରାଜନେତା ଓ କେତେକ ସଂଗଠନ ତଥା ଡେରାବିଶ ବ୍ଲକ କର୍ମଚାରୀ ସଂଘ ପକ୍ଷରୁ ତାଙ୍କ ନାମରେ କରାଯାଇ ଥିବା ଅଭିଯୋଗ ଉପରେ ନିଜର ମତ ରଖିବା ସହ ଘଟଣାର ନିରପେକ୍ଷ ତଦନ୍ତ ଓ ସିସିଟିଭି ଫୁଟେଜକୁ ସାର୍ବଜନିନ କରାଯିବାକୁ ଦାବି କରିଛନ୍ତି । ଏହା ସହିତ ଅଭିଯୋଗ କରୁଥିବା ବ୍ୟକ୍ତି, ସଂଗଠନ ଓ ନେତାମାନଙ୍କ ପାଖରେ ଯଦି କିଛି ପ୍ରମାଣ ଥାଏ, ତାହେଲେ, ସେମାନେ ତାହା ଉପସ୍ଥାପନ କରିବାକୁ ଆହ୍ୱାନ ଦେଇଛନ୍ତି ।

ଘଟଣା ସଂପର୍କରେ ସୂଚନା ଦେଇ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ଗତ ୧୪ ତାରିଖ ମଧ୍ୟାହ୍ନ ୧ଟା ୫ ମିନିଟ୍ ରୁ ୧ଟା ୪୫ ମିନିଟ୍ ପର୍ଯ୍ୟନ୍ତ ମାତ୍ର ୪୦ ମିନିଟ୍ ଧରି ଆମେ ଓ ଆମ ଦଳର ମହିଳା ପୁରୁଷ କେତେଜଣ କର୍ମୀ ବିଡିଓଙ୍କ ଚାମ୍ବରରେ ଆଲୋଚନା କରିଥିଲୁ। ବିଡିଓଙ୍କ ଚାମ୍ବରରେ ଆମର ଆଲୋଚନା ମାତ୍ର ୩୦ ମିନିଟ୍ ପର୍ଯ୍ୟନ୍ତ ହୋଇଛି । ମଧ୍ୟାହ୍ନ ଭୋଜନ ସମୟ ହୋଇଥିବାରୁ ଅନ୍ୟ କେହି କର୍ମଚାରୀ ନଥିଲେ ମାତ୍ର ଏବିଡିଓ ମୃନ୍ମୟ ରାଉତ ସେହିଠାରେ ଉପସ୍ଥିତ ଥିଲେ । ଆଲୋଚନା ସମୟରେ କୌଣସି ପ୍ରକାର ଉଚ୍ଚବାଚ, ଗାଳିଗୁଲଜ, ଅଶୀଳ ଭାଷା ପ୍ରୟୋଗ, ଧମକ ଚମକ ଆଦୌ କରାଯାଇ ନାହିଁ । ସେଦିନର ଘଟଣା ସଂପର୍କରେ ବିଡିଓ ତାଙ୍କ ପକ୍ଷରୁ କୌଣସି ଅଭିଯୋଗ କରିନଥିବା ବେଳେ କେତେକ ବିରୋଧୀ ରାଜନୈତିକ ବ୍ୟକ୍ତି, ସଂଗଠନ ଏହାକୁ ଅତି ରଞ୍ଜିତ କରି ମୋ ନାମରେ ମିଥ୍ୟା ଆରୋପ କରିବା ସହ କଳ୍ପକଳ୍ପିତ ଅଭିଯୋଗମାନ ବାଢିଛନ୍ତି। ସେମାନଙ୍କ ପାଖରେ ଯଦି କୌଣସି ପ୍ରମାଣ ଥାଏ ତାହେଲେ ତାହା ଉପସ୍ଥାପନ କରିବାକୁ ଆହ୍ୱାନ ଦିଆଯାଇଛି ।

### ଚଣ୍ଡିଖୋଲ-ପାରାଦ୍ୱୀପ ୫୩ ନମ୍ବର ଜାତୀୟ ରାଜପଥ ଧସିବା ଘଟଣା

# ଠିକା ସଂସ୍ଥା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି




କେନ୍ଦ୍ରାପଡ଼ା,୧୮।୮(ସଂଚାର ବ୍ୟୁରୋ)ଃ ଚଣ୍ଡିଖୋଲ- ପାରାଦ୍ୱୀପ ୫୩ ନମ୍ବର୍ ଜାତୀୟ ରାଜପଥ ନିମ୍ନ ମାନର ନିର୍ମାଣ କାର୍ଯ୍ୟ ପାଇଁ ଦାୟୀ ଥିବା (ଡିଏନ୍ କନ୍ସୁଲାଣ୍ଟ)କୁ କଳା ତାଲିକା ଭୁକ୍ତ କରିବା ସହ କମ୍ପାନୀ ମାଲିକ ସିଦ୍ଧାର୍ଥ ସ୍ୱରୂପ ଦାଶଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି।

କେନ୍ଦ୍ରପଡ଼ା ଜିଲ୍ଲା ର ଛାତି ଉପରେ ଯାଇଥିବା ଚଣ୍ଡିଖୋଲ - ପାରାଦ୍ୱୀପ ୫୩ ନମ୍ବର୍ ଜାତୀୟ ରାଜପଥ ଏବେ ଲୋକଙ୍କ ଯାତାୟତ ପାଇଁ ବିପଦ ସୃଷ୍ଟି କରିଛି। ବିଭିନ୍ନ ସମୟରେ ଜାତୀୟ ରାଜପଥ ଧସିଯିବା, ପୋଲ ଭାଙ୍ଗି ଗଳି ପଡିବା ଭଳି ଦୁର୍ଘଟଣା ମାନ ଘଟି ଆସୁଛି। କିଛି ମାସ ପୂର୍ବରୁ ଶ୍ୟାମସୁନ୍ଦରପୁର ନିକଟ ଜାତୀୟ ରାଜପଥ ଓଭର ବ୍ରିଜ ରାତ୍ର ସମୟରେ ୨୦୦ଫୁଟ ଲମ୍ବାରେ ୧୦୦ ଫୁଟ ତଳକୁ ଧସି ପଡ଼ିଥିବା ବେଳେ ଗତ ଅଗଷ୍ଟ ୧୫ ତାରିଖ ରେ ମାର୍ଶାଘାଇ ନିକଟ ନିଳାଞ୍ଚଳ ବଜାର ନିକଟ ୫୩ ନମ୍ବର ଜାତୀୟ ରାଜପଥ ରାସ୍ତା ୧୦୦ ଫୁଟ୍ ଲମ୍ବାରେ ୫୦ ଫୁଟ୍ ତଳକୁ ଧସି ଯାଇଥିବା ଦେଖା ଯାଇଥିଲା। ଯାହାର ପ୍ରଭାବ ରେ ତିନୋଟି ଖାଲି ଟ୍ରକ ମଧ୍ୟ ବିଲକୁ ଖସି ଓଲଟି ପଡିଥିଲା।

ଏହି ଚଣ୍ଡିଖୋଲ - ପାରାଦ୍ୱୀପ ୫୩ ନମ୍ବର୍ ଜାତୀୟ ରାଜପଥକୁ ପ୍ରଶସ୍ତ ଓ ୮ ଲାଇନ୍ ବିଶିଷ୍ଟ ରାସ୍ତା କାର୍ଯ୍ୟ କରିବା ପାଇଁ ଓ ତଦାରଖ କରି ସଠିକ୍ ସୁଚନା ପ୍ରଦାନ କରିବା ସହ ସଂପୂର୍ଣ୍ଣ ଦାୟିତ୍ୱ (ଡିଏନ୍ କନ୍ସୁଲାଣ୍ଟ)କୁ ଦିଆଯାଇ ଥିଲା ଯାହାର ଚୁକ୍ତି ମାର୍ଚ୍ଚମାସ ୨୦୨୪ ମସିହାରେ ହୋଇଥିଲା ହେଲେ ଏହି (ଡିଏନ୍ କନ୍ସୁଲାଣ୍ଟ) ଘରୋଇ କମ୍ପାନୀ ଜାତୀୟ ରାଜପଥ ନିର୍ମାଣ କାର୍ଯ୍ୟ ର ମାନ ତ୍ରୁଟିପୂର୍ଣ୍ଣ ନିରକ୍ଷଣ ଫଳରେ ଜାତୀୟ ରାଜପଥ ଅଧିକାଂଶ ଅଂଶ ଧସିଯିବା,ଭାଙ୍ଗି ଯିବା, ରାସ୍ତାରେ ବଡ଼ ବଡ଼ ଗାତ ସୃଷ୍ଟି ହେଉଥିବା ଦେଖାଯାଇଛି। ଏହି ଘରୋଇ କମ୍ପାନୀର ମାଲିକାନା ପ୍ରଦେଶ କଂଗ୍ରେସ କମିଟିର କୋଷାଧକ୍ଷ ଇଂଜିନିୟର ସିଦ୍ଧାର୍ଥ ସ୍ୱରୂପ ଦାଶଙ୍କ ନାମରେ ରହିଛି କଂଗ୍ରେସର ପ୍ରମୁଖ ପଦପଦବୀ ରେ ଥିବାରୁ ଏହି ଜାତୀୟ ରାଜପଥରେ ହେଉଥିବା ତ୍ରୁଟିକୁ ଅଣଦେଖା କରି ଆସୁଛି କଂଗ୍ରେସ। ଲୋକଙ୍କ ରାଜସ୍ୱ ସହ ସହ କୋଟି ଟଙ୍କା ଏବେ ପାଣିରେ ପଡ଼ିଛି।ତେବେ ଜାତୀୟ ରାଜପଥ କୁ ବିପଦ ମୁଖୀ କରି ଥିବା ଅଣ ଅଭିଜ୍ଞ (ଡିଏନ୍ କନ୍ସୁଲାଣ୍ଟ)ଘରୋଇ କମ୍ପାନୀକୁ କଳାତାଲିକା ଭୁକ୍ତ କରିବା ସହ ଏହା ବିରୁଧରେ ଦୃଢ଼ କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି ହୋଇଛି ।

# ଶୋକସନ୍ତପ୍ତ ପରିବାରକୁ ମାହାଙ୍ଗା ବିଧାୟକଙ୍କ ସମବେଦନା



ନିଶ୍ଚିନ୍ତକୋଇଲି,୧୮।୮ (ସଂଚାର ବ୍ୟୁରୋ)ଃ କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ଜିଗ୍ନୀପୁର ଗ୍ରାମପଞ୍ଚାୟତର ରମାକାନ୍ତ ସାହୁଙ୍କ ପତ୍ନୀ ପଙ୍କଜିନୀ ସାହୁ ଏବଂ ପ୍ରବୋଧ କୁମାର ମହାନ୍ତିଙ୍କ ପତ୍ନୀ ପୁଷ୍ପାଞ୍ଜଳି ମହାନ୍ତିଙ୍କ ବିୟୋଗ ଖବର ପାଇ ମାହାଙ୍ଗା ବିଧାୟକ ସାରଦା ପ୍ରଧାନ ସେମାନଙ୍କ ବାସଭବନରେ ପହଞ୍ଚି ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସାନ୍ତ୍ୱନା ଦେଇଥିଲେ। ଏହି ଅବସରରେ ସାରଦା ସେ ଦୁଇ ଦିବଙ୍ଗତ ଆତ୍ମାଙ୍କ ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ପ୍ରତି ଗଭୀର ସମବେଦନା ଜଣାଇଥିଲେ। ଏହି ଦୁଃଖଦ ସମୟରେ ଅପୂରଣୀୟ କ୍ଷତିକୁ ସହିବା ପାଇଁ ଭଗବାନ ପରିବାରବର୍ଗଙ୍କୁ ଧୈର୍ଯ୍ୟ ଓ ଶକ୍ତି ପ୍ରଦାନ କରନ୍ତୁ ବୋଲି ବିଧାୟକ ସାରଦା ପ୍ରଧାନ ପ୍ରାର୍ଥନା କରିଥିଲେ।

# ଅନସ୍ଲୋ ଅନୁଷ୍ଠାନରେ ବ୍ଲକ୍‌ସ୍ତରୀୟ 'ଉଲ୍ଲାସ' କର୍ମଶାଳା ଉଦ୍‌ଘାଟିତ



ଛତ୍ରପୁର, ୧୮।୮ (ସଂଚାର ବ୍ୟୁରୋ)ଃଛତ୍ରପୁରସ୍ଥିତ ଅନସ୍ଲୋ ଅନୁଷ୍ଠାନ ପରିସରରେ ଦୁଇଦିନିଆ ଛତ୍ରପୁର ବ୍ଲକ୍‌ସ୍ତରୀୟ ନବ ଭାରତ ସାକ୍ଷରତା କାର୍ଯ୍ୟକ୍ରମ 'ଉଲ୍ଲାସ'ର କର୍ମଶାଳା ମଙ୍ଗଳବାର ଉଦ୍‌ଘାଟିତ ହୋଇଛି। ଏଥିରେ ପ୍ରଧାନଶିକ୍ଷକ ଓ ସର୍ଭେୟରମାନଙ୍କୁ ସାକ୍ଷରତା କାର୍ଯ୍ୟକ୍ରମ ସମ୍ପର୍କରେ ତାଲିମ ଦିଆଯାଉଛି।

ପ୍ରଥମ ଦିନର ଉଦ୍‌ଘାଟନୀ ସଭାରେ ଗଞ୍ଜାମ ଜିଲ୍ଲା ଶିକ୍ଷା ଅଧିକାରୀ ଅଜୟ କୁମାର ପାତ୍ର ମୁଖ୍ୟ ଅତିଥି, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଡ. ପ୍ରଭାତୀ କୁମାରୀ ମହାପାତ୍ର ଓ ଏସ୍. ଧନଞ୍ଜୟ ସମ୍ମାନିତ ଅତିଥି ଏବଂ ଛତ୍ରପୁର ତହସିଲଦାର ଦିବ୍ୟା ମହାନ୍ତି ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଚିତ୍ରା ପାଣିଗ୍ରାହୀ ସଭାରେ ଅଧ୍ୟକ୍ଷତା କରିଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ନମିତା ରାଉତ ଓ ସଂଯୁକ୍ତା ରଥ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

'ଉଲ୍ଲାସ' କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ହେଉଛି ୧୫ ବର୍ଷରୁ ଊର୍ଦ୍ଧ୍ୱ ନିରକ୍ଷର ବ୍ୟକ୍ତିଙ୍କୁ ସାକ୍ଷର କରିବା। ମାର୍ଚ୍ଚ ୨୦୨୭ ସୁଦ୍ଧା ଦେଶରେ ସମସ୍ତଙ୍କୁ ସାକ୍ଷର କରିବା ଲକ୍ଷ୍ୟ ନେଇ ଏହି କାର୍ଯ୍ୟକ୍ରମ ଚାଲିଛି। ନିରକ୍ଷରମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ସ୍ୱାକ୍ଷର କରିବାରେ ପ୍ରଧାନଶିକ୍ଷକ ଓ ସରକାରୀ ଶିକ୍ଷକମାନଙ୍କ ସହଯୋଗ କରିବେ ।

କର୍ମଶାଳାର ଦ୍ୱିତୀୟ ଦିନରେ ସ୍ଥାନୀୟ ସରପଞ୍ଚ ଓ ଶିକ୍ଷକ ସର୍ଭେୟରମାନେ ଯୋଗଦେବେ। ସେମାନଙ୍କୁ ନିରକ୍ଷରଙ୍କୁ ଚିହ୍ନଟ କରିବା, ସର୍ଭେ କରିବା ଓ ସାକ୍ଷରତା କାର୍ଯ୍ୟକ୍ରମରେ ସାମିଲ କରିବା ନେଇ ତାଲିମ ଦିଆଯିବ।

# ବସ ଧକ୍କାରେ ଜଣେ ମୃତ, କାର୍ଯ୍ୟାନୁଷ୍ଠାନ ଦାବିରେ ରାସ୍ତାରୋକ




କାକଟପୁର/ଅସ୍ତରଙ୍ଗ, ୧୮।୮ (ସଂଚାର ବ୍ୟୁରୋ)ଃ ପୁରୀ ଜିଲ୍ଲା ଭୁବନେଶ୍ୱର-କାକଟପୁର ମୁଖ୍ୟ ରାସ୍ତାରେ କାକଟପୁର ନିକଟସ୍ଥ ଜଗନ୍ନାଥପୁର ଛକରେ ମଙ୍ଗଳବାର ରାତ୍ର ପ୍ରାୟ ୯ଟା ସମୟରେ ଏକ ଘରୋଇ ବସର ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ଜଣକ ରାସ୍ତା ପାର ହେଉଥିବା ବେଳେ ଦ୍ରୁତଗତିରେ ଆସୁଥିବା ବସଟି ତାଙ୍କୁ ଜୋରରେ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା। ମୃତ ମହିଳାଙ୍କ ପରିଚୟ ଏ ପର୍ଯ୍ୟନ୍ତ ମିଳିପାରି ନାହିଁ।ଦୁର୍ଘଟଣା ପରେ ଉତ୍ୟକ୍ତ ସ୍ଥାନୀୟ ଲୋକେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ରାସ୍ତା ଅବରୋଧ କରିଥିଲେ। ସେମାନଙ୍କ ଅଭିଯୋଗ ଥିଲା ଯେ ଜଗନ୍ନାଥପୁର ଛକରେ ପ୍ରାୟତଃ ଏଭଳି ଦୁର୍ଘଟଣା ଘଟୁଛି। କିନ୍ତୁ ପ୍ରଶାସନ ପକ୍ଷରୁ କୌଣସି ସୁରକ୍ଷା ବ୍ୟବସ୍ଥା କିମ୍ବା ଟ୍ରାଫିକ ପୋଲିସ ନିୟୋଜିତ ହୋଇନାହିଁ।

ବସ ଚାଳକଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଏବଂ ଛକରେ ତୁରନ୍ତ ଟ୍ରାଫିକ ବ୍ୟବସ୍ଥା କରିବା ଦାବିରେ ଲୋକେ ପ୍ରାୟ ଘଣ୍ଟାଏ ଧରି ରାସ୍ତା ଅବରୋଧ କରିଥିଲେ। ଫଳରେ ଭୁବନେଶ୍ୱର-କାକଟପୁର ରାସ୍ତାରେ ଯାନବାହାନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା।

ଖବର ପାଇ କାକଟପୁର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ପରେ ରାସ୍ତା ଖୋଲିଥିଲା।କିନ୍ତୁ ଘଟଣା ସ୍ଥଳରୁ ବିଶ୍ୱାଳ ନାମକ ବସ କୁ ପୋଲିସ ଜବତ କରି ଥାନାକୁ ଆଣିଥିବ ବେଳେ ଘଟଣା ସ୍ଥଳରୁ ଗାଡି ଚାଳକ ଓ ହେଲ୍ପର ଫେରାର ବୋଲି ଥାନା ଅଧିକାରି ସୂଚନା ଦେଇଛନ୍ତି।ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ ଆରମ୍ଭ କରିଛି।

# ଥାନାଧିକାରିଣୀଙ୍କ ବିଫଳତା ଯୋଗୁଁ ଅସ୍ତରଙ୍ଗରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ

## ସଟର କାଟି ଲୁଟିନେଲେ ୫୦ ଲକ୍ଷ ଟଙ୍କାର ଦାମୀ ଫୋନ୍

## କୁମ୍ଭକର୍ଣ୍ଣ ନିଦ୍ରାରେ ପୁଲିସ

## ଥାନାଧିକାରୀଙ୍କ ବଦଳି ଦାବି



କାକଟପୁର/ଅସ୍ତରଙ୍ଗ, ୧୮।୮ (ସଂଚାର ବ୍ୟୁରୋ)ଃ ଫେବୃଆରୀ ମାସରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନାର ଗାଦିରେ ବସିବା ପରଠାରୁ ଥାନା ଅଧିକାରିଣୀ ବିଦିତା ନାୟକଙ୍କ କାର୍ଯ୍ୟକାଳ ଅସ୍ତରଙ୍ଗ ପାଇଁ ଅଭିଶାପ ପାଲଟି ଯାଇଛି। ତାଙ୍କ ଦାୟିତ୍ୱ ନେବାର ୭ ମାସ ଭିତରେ ଏହି ଅଞ୍ଚଳରେ ଆଇନଶୃଙ୍ଖଳା ସମ୍ପୂର୍ଣ୍ଣ ଧ୍ୱସ୍ତ ହୋଇଯାଇଛି। ଚୋରି ହେଉଛି, ମାମଲା ରୁଜୁ ହେଉଛି, ଆଉ ସେହି ଫାଇଲ୍ ଗୁଡିକ ତାଙ୍କ ଆଲମାରୀରେ ଧୂଳି ହେଉଛି।

ଏହି ବିଫଳ ଅଧିକାରିଣୀଙ୍କ ନେତୃତ୍ୱରେ ଥାନାର ସବୁଠୁ ବଡ ଲଜ୍ଜାଜନକ ଘଟଣା ଘଟିଲା ୧୭ ଅଗଷ୍ଟ ବିଳମ୍ବିତ ରାତିରେ। ଥାନାଠାରୁ ମାତ୍ର ୫୦ ମିଟର ଦୂରରେ, ହାଇସ୍କୁଲ ଛକସ୍ଥିତ ମହାନ୍ତି କମ୍ୟୁନିକେସନର ଲୁହା ସଟର ଗ୍ୟାସ କଟରରେ କାଟି ଦୁର୍ବୃତ୍ତମାନେ ପ୍ରାୟ ୫୦ ଲକ୍ଷ ଟଙ୍କାର ଦାମୀ ମୋବାଇଲ ଓ ନଗଦ ୩ ଲକ୍ଷ ଟଙ୍କା ଲୁଟ୍ କରି ନେଲେ। ସମସ୍ତ ଦୃଶ୍ୟ ସିସିଟିଭିରେ କଏଦ ହୋଇଥିଲା। ତଥାପି ୨୪ ଘଣ୍ଟା ପରେ ବି ଅଧିକାରିଣୀ ବିଦିତା ନାୟକ ଗୋଟିଏ ବି ଅଭିଯୁକ୍ତକୁ ଧରିପାରିଲେ ନାହିଁ। ପୁଲିସ ବିରୋଧ ଯିଏ କହିବେ ତାକୁ ଟାର୍ଗେଟ କରିବା କାମ ହେଉଛି ପୁଲିସ କର୍ମଚାରୀଙ୍କର।

ଦୋକାନ ମାଲିକ ରାଜେଶ ମହାନ୍ତିଙ୍କ ଅଭିଯୋଗ ପରେ ଅଧିକାରିଣୀ ନିଜେ ଘଟଣାସ୍ଥଳକୁ ଯାଇଥିଲେ। ଜିଲ୍ଲା ସ୍ତରୀୟ ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ମଧ୍ୟ ଆସିଥିଲେ। କିନ୍ତୁ ସନ୍ଧାନୀ କୁକୁର ଦୋକାନ ଠାରୁ ମାତ୍ର ୫ଶହ ମିଟର ଯାଇ ଫେରିଆସିଲା। ତା'ପରେ ଅଧିକାରିଣୀ ଓ ତାଙ୍କ ଟିମ୍ ଆଉ ଫେରି ଚାହିଁଲେ ନାହିଁ।

ଅଧିକାରିଣୀଙ୍କ ଏହି ଅକ୍ଷମତା ପରେ ଜନତା ରାସ୍ତାକୁ ଓହ୍ଲାଇଲେ। ମଙ୍ଗଳବାର ଅସ୍ତରଙ୍ଗ ବ୍ୟବସାୟୀ ମହାସଂଘ ଓ ଆଖପାଖ ୧୫ଟି ଗ୍ରାମର ହଜାରେ ରୁ ଅଧିକ ଲୋକ ଥାନା ସମ୍ମୁଖରେ ୫ଘଣ୍ଟାରୁ ଅଧିକ ସମୟ ଧାରଣା ଦେଇ ସିଧା ଅଧିକାରିଣୀ ବିଦିତା ନାୟକଙ୍କ ବଦଳି ଦାବି କଲେ।

ନିମାପଡା ଉପଖଣ୍ଡ ଅଧିକାରୀ ଜନାର୍ଦ୍ଦନ ପାଢୀଙ୍କ ଜରିଆରେ ପୁରୀ ଏସପିଙ୍କୁ ଦିଆଯାଇଥିବା ସ୍ମାରକପତ୍ରରେ ସ୍ପଷ୍ଟ ଲେଖାଯାଇଛି - ଅସ୍ତରଙ୍ଗ ଥାନା ଅଧିକାରିଣୀ ଯୋଗ ଦେବା ପରଠାରୁ ଗତ ୭ ମାସରେ ବିଫଳତା ଚିଠା ଲମ୍ବା ସେଥି ମଧ୍ୟରୁ ଭେଡାବନ୍ଧ, ବନ୍ତିଲୋ, ପୋଟଳଛକ, ବରଡି, କେନ୍ଦ୍ରାପଟି ଗାଁ ମାନଙ୍କ ରେ ଥିବା ମନ୍ଦିର, ଅଙ୍ଗନବାଡି ଓ ସ୍କୁଲରୁ କ୍ରମାଗତ ଚୋରି ହୋଇଛି। ଗତ ସପ୍ତାହରେ ଥାନାଠାରୁ ୩୦ ମିଟର ଦୂରରେ ଦୁଇଟି ପାନ ଦୋକାନ ଲୁଟ୍ ହୋଇଥିଲା। ସେହି ମାମଲା ବି ଏବେ ଫାଇଲରେ ପଡିଛି। ତାଙ୍କ ନେତୃତ୍ୱରେ ରାତ୍ର ପାଟ୍ରୋଲିଂ ସମ୍ପୂର୍ଣ୍ଣ ବନ୍ଦ। ୭ ଦିନ ମଧ୍ୟରେ ଥାନା ଅଧିକାରିଣୀ ବିଦିତା ନାୟକଙ୍କୁ ବଦଳି କରିବାକୁ ଦାବି ହୋଇଛି।

ସବୁଠୁ ଗୁରୁତର ଅଭିଯୋଗ ହେଲା ଅଧିକାରିଣୀଙ୍କ ତତ୍ତ୍ୱାବଧାନରେ ସରକାରୀ ସମ୍ପତ୍ତିର ଅପବ୍ୟବହାର। ସରକାରୀ ତହବିଲରୁ ଜନତାଙ୍କ ଟଙ୍କାରେ ଅସ୍ତରଙ୍ଗ ଥାନାକୁ ପାଟ୍ରୋଲିଂ ପାଇଁ ଦୁଇଟି ଚାରି ଚକିଆ ଗାଡି ଓ ଚାରିଟି ବାଇକ୍ ଦିଆଯାଇଛି। ଖାତାରେ ମାସକୁ ଲକ୍ଷ ଲକ୍ଷ ଟଙ୍କାର ତେଲ ବିଲ୍ ପାସ୍ ହେଉଛି। କିନ୍ତୁ ଅଧିକାରିଣୀଙ୍କ ନାକ ତଳେ ତାଙ୍କ କର୍ମଚାରୀମାନେ ପାଟ୍ରୋଲିଂ ଗାଡିରେ ଘରକୁ ପ୍ରତ୍ୟେକ ଦିନ ଯାତାୟାତ କରୁଛନ୍ତି। ରାତି ୧୦ ଟା ପରେ ଥାନା ସମ୍ପୂର୍ଣ୍ଣ ଶୁନଶାନ।

### ୧୪ତମ ଡ୍ୟାସବୋର୍ଡ ବୈଠକ

# ଦ୍ରୁତ ବ୍ୟୟ ଓ ସମୟବଦ୍ଧ କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱ

ଭୁବନେଶ୍ୱର,୧୮।୮(ସଂଚାର ବ୍ୟୁରୋ): ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ୨୦୨୬- ୨୭ ଆର୍ଥିକ ବର୍ଷର ୧୪ତମ ଡ୍ୟାସବୋର୍ଡ ସମୀକ୍ଷା ବୈଠକ ଗତକାଲି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ବିଭାଗର ଆର୍ଥିକ ପ୍ରଗତି, ପ୍ରମୁଖ ଉନ୍ନୟନ ମୂଳକ କାର୍ଯ୍ୟକ୍ରମର କାର୍ଯ୍ୟାନ୍ୱୟନ, ଭିତ୍ତିଭୂମି ପ୍ରକଳ୍ପ, ସହରୀ ସଂସ୍କାର ଓ ରାଜ୍ୟରେ ଉଦୀୟମାନ ପ୍ରାଥମିକତାଗୁଡ଼ିକର ସମୀକ୍ଷା କରାଯାଇଥିଲା।



ବୈଠକରେ ଅର୍ବାନ କନକ୍ଲେଭ୍ ୨୦୨୬, ସହରାଞ୍ଚଳ ବନ୍ୟା, ସ୍ୱାୟତ୍ତ ଶାସନ ଦିବସ ୨୦୨୬, ବିଭିନ୍ନ ପ୍ରକଳ୍ପ, ଅର୍ବାନ୍ ଚ୍ୟାଲେଞ୍ଜ ଫଣ୍ଡ, ବିଭିନ୍ନ ସଂସ୍କାରମୂଳକ ପଦକ୍ଷେପ ଏବଂ ଜିଲ୍ଲାସ୍ତରୀୟ ମନିଟରିଂ ଭଳି ପ୍ରମୁଖ କ୍ଷେତ୍ରଗୁଡ଼ିକର ଅଗ୍ରଗତି ସମୀକ୍ଷା କରାଯାଇଥିଲା। ପ୍ରତ୍ୟେକ କାର୍ଯ୍ୟସୂଚୀର ତଦାରଖ, ସମସ୍ୟା ଓ ବାଧାଗୁଡ଼ିକର ସମୟୋପଯୋଗୀ ସମାଧାନ ଏବଂ ଯୋଜନାବଦ୍ଧ ପୁଞ୍ଜିନିବେଶର ସୁଫଳ ନାଗରିକମାନଙ୍କ ନିକଟରେ ପହଞ୍ଚାଇବା ପାଇଁ ଦ୍ରୁତ କାର୍ଯ୍ୟାନ୍ୱୟନ ଉପରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଗୁରୁତ୍ୱାରୋପ କରିଥିଲେ।

୨୦୨୬- ୨୭ ଆର୍ଥିକ ବର୍ଷ ପାଇଁ ବିଭାଗର ମୋଟ ବଜେଟ୍ ବ୍ୟବସ୍ଥା ୧୦,୭୨୬.୮୭ କୋଟି ରହିଛି। ପ୍ରମୁଖ କ୍ଷେତ୍ରଗୁଡ଼ିକରେ ବ୍ୟୟ ହାର ବଢ଼ାଇବା, ଅନୁଦାନର ସର୍ବାଧିକ ଓ ପ୍ରଭାବଶାଳୀ ବିନିଯୋଗ ସୁନିଶ୍ଚିତ କରିବା ଏବଂ ଆର୍ଥିକ ବର୍ଷ ଶେଷରେ ଅର୍ଥରାଶି ସରେଣ୍ଡର୍ ହେବାକୁ ଏଡ଼ାଇବା ପାଇଁ ଅଧିକାରୀମାନଙ୍କୁ ପରାମର୍ଶ ଦିଆଯାଇଥିଲା। 'ସ୍ୱଚ୍ଛ ଓଡ଼ିଶା' ଅଧୀନରେ ବଜେଟର ୬୨.୫ ପ୍ରତିଶତ ବ୍ୟୟ ହୋଇସାରିଥିବା ବେଳେ କଠିନ ବର୍ଜ୍ୟ ପରିଚାଳନା କ୍ଷେତ୍ରରେ ୬୫.୯ ପ୍ରତିଶତ ଏବଂ ତରଳ ବର୍ଜ୍ୟ ପରିଚାଳନାରେ ୫୬.୪ ପ୍ରତିଶତ ବ୍ୟୟ ହୋଇଛି।

ସହରାଞ୍ଚଳ ବନ୍ୟା ପରିଚାଳନାର ବଢ଼ୁଥିବା ଗୁରୁତ୍ୱକୁ ଦୃଷ୍ଟିରେ ରଖି ୫୦ଟି ୟୁଏଲ୍‌ବିରେ ଷ୍ଟର୍ମ-ୱାଟର୍ ଡ୍ରେନେଜ୍ ପାଇଁ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତି କାର୍ଯ୍ୟକୁ ପ୍ରାଥମିକତା ଭିତ୍ତିରେ ଆଗେଇ ନିଆଯାଉଛି। ସୈନିକ ସ୍କୁଲ୍ ଛକ-ଭିଏସ୍‌ଏସ୍ ନଗର, ନୂଆ ଭୁବନେଶ୍ୱର ରେଳ ଷ୍ଟେସନ୍ କରିଡର୍, ପୋଖରୀପୁଟ-ଅନନ୍ତ ବିହାର ସମେତ ଅନ୍ୟାନ୍ୟ ଭିତ୍ତିଭୂମି ବିକାଶ ପ୍ରକଳ୍ପ ସମୀକ୍ଷା କରାଯାଇଥିଲା।

# ବନ୍ୟା ପ୍ରଭାବିତ ଜିଲ୍ଲାକୁ ରିଲିଫ ପଠାଇଲେ ରାଜ୍ୟପାଳ

ଭୁବନେଶ୍ୱର,୧୮।୮(ସଂଚାର ବ୍ୟୁରୋ): ବନ୍ୟା ପ୍ରଭାବିତ ଲୋକଙ୍କୁ ସହାୟତା ପହଞ୍ଚାଇବା ଲକ୍ଷ୍ୟରେ ଭାରତୀୟ ରେଡକ୍ରସ ସୋସାଇଟି, ଓଡ଼ିଶା ରାଜ୍ୟ ଶାଖା ପକ୍ଷରୁ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା ଓ ଯାଜପୁର ଜିଲ୍ଲା ପାଇଁ ପ୍ରଦତ୍ତ ରିଲିଫ ସାମଗ୍ରୀକୁ ମଙ୍ଗଳବାର ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଲୋକଭବନରୁ ପଠାଇଛନ୍ତି।




ଏହି ରିଲିଫ ସାମଗ୍ରୀରେ ବନ୍ୟା ପ୍ରଭାବିତ ପରିବାରଗୁଡ଼ିକର ତୁରନ୍ତ ଆବଶ୍ୟକତା ପୂରଣ ପାଇଁ ତାରପୋଲିନ୍ ଓ ପୌଷ୍ଟିକ ଶୁଖିଲା ଖାଦ୍ୟ ପ୍ୟାକେଟ ରହିଛି। ରେଡକ୍ରସ୍‌ର ମାନବିକ ସେବା କାର୍ଯ୍ୟକୁ ପ୍ରଶଂସା କରି ରାଜ୍ୟପାଳ ଡ. କମ୍ଭମପାଟି ସମାଜସେବା ଓ ବିପର୍ଯ୍ୟୟ ମୁକାବିଲାରେ ଯୁବ ରେଡକ୍ରସ ସଦସ୍ୟ ଏବଂ ଯୁବ ସ୍ୱେଚ୍ଛାସେବୀଙ୍କ ଅଧିକ ଅଂଶଗ୍ରହଣ ଉପରେ ଗୁରୁତ୍ୱ ଦେଇଛନ୍ତି। ବିଶେଷକରି ଜରୁରୀ ପରିସ୍ଥିତିରେ ରିଲିଫ ଓ ମାନବିକ ସହାୟତା କାର୍ଯ୍ୟରେ ସକ୍ରିୟ ଭାବେ ଯୋଗଦେବାକୁ ରାଜ୍ୟପାଳ ଆହ୍ୱାନ ଦେଇଛନ୍ତି।

କାର୍ଯ୍ୟକ୍ରମ ଅବସରରେ ରେଡକ୍ରସର ପ୍ରତିନିଧିମାନେ ରାଜ୍ୟପାଳଙ୍କୁ ସଂଗଠନ ଓ ସେଣ୍ଟ ଜନ୍ ଆମ୍ବୁଲାନ୍ସର ବିଭିନ୍ନ କାର୍ଯ୍ୟକଳାପ ସମ୍ପର୍କରେ ଅବଗତ କରାଇଥିଲେ। ଏଥିସହ ଗୁଜରାଟ ଓ ପଞ୍ଜାବ ଗସ୍ତ ସମୟରେ ସେମାନେ ଦେଖିଥିବା ବିଭିନ୍ନ ଆଦର୍ଶ କାର୍ଯ୍ୟକ୍ରମ ଓ ଉତ୍ତମ ପଦକ୍ଷେପ ସମ୍ପର୍କରେ ମଧ୍ୟ ରାଜ୍ୟପାଳଙ୍କୁ ଅବଗତ କରାଇଥିଲେ। ଯୁବ ରେଡକ୍ରସ ଏବଂ ୟୁଥ ଫର୍ ସେବାର ସ୍ୱେଚ୍ଛାସେବୀଙ୍କ ସହ ମଧ୍ୟ ଆଲୋଚନା କରି ସମାଜସେବା ଓ ମାନବିକ ସହାୟତା କ୍ଷେତ୍ରରେ ସେମାନଙ୍କ ଭୂମିକା ଓ କାର୍ଯ୍ୟକଳାପ ସମ୍ପର୍କରେ ରାଜ୍ୟପାଳ ପଚାରି ବୁଝିଥିଲେ।

### ଏମଏମଡିଆର ସଂଶୋଧନ ଆଇନ

# ରାଜ୍ୟର ଅଧିକାର ଛଡ଼ାଇବାକୁ ଉଦ୍ୟମ: ପ୍ରଫୁଲ୍ଲ ସାମନ୍ତରା




ଭୁବନେଶ୍ୱର,୧୮।୮(ସଂଚାର ବ୍ୟୁରୋ): କେନ୍ଦ୍ର ସରକାରଙ୍କ ଖଣିଜ ସମ୍ପଦ ବିକାଶ ଓ ନିୟମ ସଂଶୋଧନ ଆଇନ ରାଜ୍ୟମାନଙ୍କ ଅଧିକାର, ରାଜସ୍ୱ ଓ ପ୍ରାକୃତିକ ସମ୍ପଦ ଉପରେ ହସ୍ତକ୍ଷେପ ବୋଲି ଲୋକଶକ୍ତି ଅଭିଯାନର ରାଷ୍ଟ୍ରୀୟ ଆବାହକ ପ୍ରଫୁଲ୍ଲ ସାମନ୍ତରା କହିଛନ୍ତି। ଏଥିସହ ଏହା ଓଡ଼ିଶା ଉପରେ ଦୀର୍ଘସୂତ୍ରୀ ପ୍ରଭାବ ପକାଇବ ବୋଲି ଭୁବନେଶ୍ୱର ଲୋହିଆ ଏକାଡେମୀଠାରେ ମଙ୍ଗଳବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସେ ଅଭିଯୋଗ କରିଛନ୍ତି। ସେହିପରି ରାଜ୍ୟମାନଙ୍କ ମତାମତକୁ ଗୁରୁତ୍ୱ ନଦେଇ ସଂଖ୍ୟାବଳରେ ଏପରି ଆଇନ ପାରିତ କରାଯିବା ଭାରତର ସଂଘୀୟ ବ୍ୟବସ୍ଥା ପାଇଁ ଗୁରୁତର ଆଘାତ ସେ କହିଛନ୍ତି। ସେ କହିଛନ୍ତି ଯେ, ଏହି ଆଇନ ଦ୍ୱାରା ରାଜ୍ୟ ସରକାରଙ୍କ ଅତିରିକ୍ତ ଟିକସ ଆଦାୟ ଶେଷ ହେବା ସହ ପୂର୍ବ ବକେୟା ଆଦାୟର ଅଧିକାର ପ୍ରଭାବିତ ହେବ। ଫଳରେ ଓଡ଼ିଶା ପ୍ରତିବର୍ଷ ଅତି କମରେ ୧୫ ହଜାର କୋଟି ଟଙ୍କାର ରାଜସ୍ୱ ହରାଇବାର ଆଶଙ୍କା ରହିଛି। ଏହା ସୁପ୍ରିମକୋର୍ଟର ୯ ଜଣିଆ ଖଣ୍ଡପୀଠଙ୍କ ରାୟର ମୂଳ ଆତ୍ମାକୁ ମଧ୍ୟ ଦୁର୍ବଳ କରୁଛି ବୋଲି ପ୍ରଫୁଲ୍ଲ ସାମନ୍ତରା କହିଛନ୍ତି।

# ନିଶାମୁକ୍ତ ସମାଜ ଗଠନ ଲକ୍ଷ୍ୟରେ ସାମୂହିକ ଶପଥ ପାଠ

ଭୁବନେଶ୍ୱର,୧୮।୮(ସଂଚାର ବ୍ୟୁରୋ): ନିଶାମୁକ୍ତ ସମାଜ ଗଠନ ଓ ନିଶାଦ୍ରବ୍ୟର କୁପ୍ରଭାବ ସମ୍ପର୍କରେ ଜନସଚେତନତା ସୃଷ୍ଟି ଲକ୍ଷ୍ୟରେ ମଙ୍ଗଳବାର ରାଜ୍ୟ ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସାମୂହିକ ନିଶାମୁକ୍ତି ଶପଥ ପାଠ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଭାଗର ନିର୍ଦ୍ଦେଶକ ଅନୁଜ କୁମାର ଦାସ ପଟ୍ଟନାୟକ, ଅତିରିକ୍ତ ଶାସନ ସଚିବ ଅଶୋକ କୁମାର ବେହୁରିଆ, ଯୁଗ୍ମ ନିର୍ଦ୍ଦେଶିକା ସୁଚେତା



ପ୍ରିୟଦର୍ଶିନୀ, ଉପ ନିର୍ଦ୍ଦେଶକ ଅଶ୍ୱିନୀ କୁମାର ଭୋଇଙ୍କ ସମେତ ବିଭାଗୀୟ ଅଧିକାରୀ, କର୍ମଚାରୀମାନେ ସାମିଲ ହୋଇଥିଲେ।

ଆଜି ସାରା ରାଜ୍ୟରେ ନିଶାମୁକ୍ତ ଶପଥ ଅଭିଯାନ ଆୟୋଜନ କରାଯାଉଛି। ଏହି ଅଭିଯାନରେ ରାଜ୍ୟର ଅତିକମରେ ୧୦ ପ୍ରତିଶତ ଲୋକଙ୍କୁ ସାମିଲ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ସ୍କୁଲ, କଲେଜ, ସରକାରୀ କାର୍ଯ୍ୟାଳୟ, ପଞ୍ଚାୟତ ଓ ବିଭିନ୍ନ ସାମାଜିକ ସଂଗଠନର ସହଭାଗିତାରେ ଏହି ଶପଥ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି।

# ନିର୍ବାଚନୀ ସାକ୍ଷରତା ସଚେତନତା କାର୍ଯ୍ୟକ୍ରମ

କଟକ, ୧୮।୮(ସଂଚାର ବ୍ୟୁରୋ): ଖ୍ରୀଷ୍ଟ କଲେଜରେ ନିର୍ବାଚନୀ ସାକ୍ଷରତା କ୍ଲବ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜର ଉପାଧ୍ୟକ୍ଷ ଅଶୋକ କୁମାର ସାହୁ ସଭାପତିତ୍ୱ କରି ବିକଶିତ ଭାରତ ପାଇଁ ସଚେତନ ଭୋଟରଙ୍କ କର୍ତ୍ତବ୍ୟବୋଧ ସମ୍ପର୍କରେ ସୂଚନା ଦେଇଥିଲେ। ମତଦାତା ସୂଚୀରେ ଭୋଟଦାତାଙ୍କ ନାମ ସଂଯୋଗୀକରଣ ଓ ସଂଶୋଧନ ସମ୍ପର୍କରେ କଟକ ସଦର ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ସିଂଦେଓ, କଟକ ମହାନଗର ନିଗମର ଡେପୁଟି କମିଶନର ସରୋଜ କୁମାର ଆଚାର୍ଯ୍ୟ ଓ ସଂଯୋଜକ ଯାଲା ରାମୁଡୁ ପ୍ରମୁଖ ବିଦ୍ୟାର୍ଥୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ବନ୍ୟାଞ୍ଚଳ ଗସ୍ତ ଅନ୍ତଃସାରଶୂନ୍ୟ: ବିଜେଡି

ଭୁବନେଶ୍ୱର,୧୮।୮(ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଗତକାଲିର ବନ୍ୟାଞ୍ଚଳ ଗସ୍ତ ଲୋକଙ୍କ ସୁବିଧା ପାଇଁ କମ୍, ନିଜ ପ୍ରଚାର ପାଇଁ ବେଶୀ ବୋଲି ବିଜେଡି କହିଛି। ରାଜ୍ୟରେ ବନ୍ୟା ସ୍ଥିତି ଗମ୍ଭୀର ହୋଇଥିବା ବେଳେ ଲୋକଙ୍କ ପାଖରେ ରିଲିଫ ସାମଗ୍ରୀ ପହଞ୍ଚାଇବାରେ ଓ ପ୍ରଭାବିତ ଲୋକଙ୍କୁ ଶୁଖିଲା ଓ ରନ୍ଧା ଖାଦ୍ୟ ପ୍ରଦାନ କ୍ଷେତ୍ରରେ ବିଫଳ ହେବା ପରେ କେବଳ ନିଜ ପ୍ରଚାର ଲକ୍ଷ୍ୟରେ ବନ୍ୟାଞ୍ଚଳକୁ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ, ବନ୍ୟା ପ୍ରଭାବିତ ଲୋକଙ୍କ କଟା



ଘା'ରେ ଚୂନ ସଦୃଶ୍ୟ ହୋଇଛି ବୋଲି ବିଜେଡି କହିଛି। ଆଜି ଶଙ୍ଖ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ ଲେନିନ ମହାନ୍ତି କହିଛନ୍ତି ଯେ ବନ୍ୟା ପ୍ରଭାବିତ ଲୋକଙ୍କୁ ସହାୟତା ପ୍ରଦାନରେ ରାଜ୍ୟ ସରକାର ବିଫଳ ହୋଇଥିବା ବେଳେ ରାଜନୀତି ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ, ରାଜ୍ୟ ପାଇଁ ଦୁର୍ଭାଗ୍ୟଜନକ। ଯେତେବେଳେ ରାଜ୍ୟର ଅଧିକାଂଶ ଜିଲ୍ଲାରେ ବନ୍ୟା ଜଳ ପଶିଯିବାରୁ ଲୋକେ ହନ୍ତସନ୍ତ ହେଉଥିଲେ, ସେତେବେଳେ ମୁଖ୍ୟମନ୍ତ୍ରୀ ଦିଲ୍ଲୀରେ ଭୋଜିଭାତରେ ମାତିଥିଲେ। ବନ୍ୟା ପ୍ରଭାବିତ ଅଞ୍ଚଳରେ ଲୋକଙ୍କ ନିକଟରେ ଶୁଖିଲା ଖାଦ୍ୟ ବା ରନ୍ଧା ଖାଦ୍ୟ ପହଞ୍ଚିପାରି ନ ଥିଲା।

ବନ୍ୟା ପ୍ରଭାବିତ ଲୋକଙ୍କ ନିକଟରେ ନିହାତି ଆବଶ୍ୟକ ପଲିଥିନ ଖଣ୍ଡେ ମଧ୍ୟ ଠିକ୍ ଭାବେ ପହଞ୍ଚିପାରି ନ ଥିଲା। ଏହି ପରିସ୍ଥିତିରେ ମୁଖ୍ୟମନ୍ତ୍ରୀଙ୍କ ବନ୍ୟାଞ୍ଚଳ ଗସ୍ତ ବହୁତ ଗୁରୁତ୍ୱପୂର୍ଣ୍ଣ ଥିଲା। କିନ୍ତୁ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ଲୋକଙ୍କ ସୁବିଧା ପାଇଁ କମ୍ ନିଜ ରାଜନୀତି ପାଇଁ ଅଧିକ ଥିଲା ବୋଲି ସ୍ପଷ୍ଟ ହୋଇଛି। ଯାଜପୁର ଜିଲ୍ଲା ଗସ୍ତ ସମୟରେ ବିଜେଡି ବିଧାୟିକା ପ୍ରମିଳା ମଲ୍ଲିକ ଓ ସୁଜାତା ସାହୁ ମୁଖ୍ୟମନ୍ତ୍ରୀଙ୍କ ପାଇଁ ଅପେକ୍ଷାରେ ଥିଲେ ସୁଦ୍ଧା ସେମାନଙ୍କୁ ଛାଡ଼ି ବିଜେପି ନେତାଙ୍କୁ ଧରି ସେହି ଅଞ୍ଚଳ ଗସ୍ତ କରିବା କେବଳ ରାଜନୀତି ଛଡ଼ା ଆଉ କିଛି ନୁହେଁ ବୋଲି ସେ ଅଭିଯୋଗ କରିଛନ୍ତି।

# ସୁପୋଷିତ ଓଡ଼ିଶା ଅଭିଯାନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଭୁବନେଶ୍ୱର,୧୮।୮(ସଂଚାର ବ୍ୟୁରୋ): ରାଜ୍ୟ ଏନଏସ୍‌ଏସ୍ ଶାଖା, ଉଚ୍ଚଶିକ୍ଷା ବିଭାଗ ଏବଂ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ମିଳିତ ଭାବେ ରାଜ୍ୟର ଏନଏସ୍‌ଏସ୍ ସ୍ୱେଚ୍ଛାସେବୀଙ୍କ ପାଇଁ ସୁପୋଷିତ ଓଡ଼ିଶା ଅଭିଯାନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଜୟଦେବ ଭବନରେ ଆୟୋଜିତ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଏନଏସ୍‌ଏସ୍ ସ୍ୱେଚ୍ଛାସେବୀ, ଜିଲ୍ଲା ନୋଡାଲ ଅଧିକାରୀ ଓ ପ୍ରୋଗ୍ରାମ୍ ଅଫିସରମାନେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗର କମିଶନର ତଥା ଶାସନ ସଚିବ ମୃଣାଳିନୀ ଦର୍ସୱାଲ, ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ କାଳୀ ପ୍ରସନ୍ନ ମହାପାତ୍ର, ଉପଶାସନ ସଚିବ ରମେଶ ଚନ୍ଦ୍ର ବେହେରା, ଏନଏସ୍‌ଏସ୍ ଆଞ୍ଚଳିକ ନିର୍ଦ୍ଦେଶାଳୟର ଆଞ୍ଚଳିକ ନିର୍ଦ୍ଦେଶକ ଅଜିତ କୁମାର କୁଶୱା ଅତିଥିଭାବେ ଯୋଗଦେଇଥିଲେ। ରାଜ୍ୟର ଅଙ୍ଗନୱାଡି କେନ୍ଦ୍ରମାନଙ୍କରେ ଅଧ୍ୟୟନରତ ପିଲାଙ୍କର ପୋଷଣ ସମ୍ପର୍କିତ ତଥ୍ୟକୁ ସଂଗ୍ରହ କରିବା ଓ ଏକ ସୁପୋଷିତ ଓଡ଼ିଶା ଗଠନରେ ଏନଏସ୍‌ଏସ୍ ସ୍ୱେଚ୍ଛାସେବୀ ନିଜର ଯୋଗଦାନ ଦେବେ। ଏହି ଦାୟିତ୍ୱକୁ ସଠିକ ରୂପେ ନିର୍ବାହ କରିବା ପାଇଁ ସୁପୋଷିତ ଓଡ଼ିଶା ଅଭିଯାନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସମସ୍ତ ସ୍ୱେଚ୍ଛାସେବୀଙ୍କ ପାଇଁ ନିଶ୍ଚିତ ରୂପେ ସହାୟକ ହେବ ବୋଲି ଶ୍ରୀମତୀ ଦର୍ସୱାଲ କହିଥିଲେ।

ସୂଚନାଯୋଗ୍ୟ ଯେ ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୬ ହଜାର ମହିଳା ଏନଏସ୍‌ଏସ୍ ସ୍ୱେଚ୍ଛାସେବୀ ରାଜ୍ୟର ୨୩ ହଜାର ଅଙ୍ଗନୱାଡି କେନ୍ଦ୍ରରେ ଅଧ୍ୟୟନରତ ଛାତ୍ରଛାତ୍ରୀମାନଙ୍କର ପୋଷାଣ ସମ୍ବନ୍ଧିତ ତଥ୍ୟ ସଂଗ୍ରହ କରିବେ। ସୁପୋଷିତ ଓଡ଼ିଶା ଅଭିଯାନରେ ସାମିଲ ହୋଇଥିବା ସମସ୍ତ ସ୍ୱେଚ୍ଛାସେବୀଙ୍କୁ ଉଚ୍ଚଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ଏକ ସୁସ୍ଥ ଓ ସୁପୋଷିତ ଓଡ଼ିଶା ଗଠନରେ ଏନଏସ୍‌ଏସ୍ ସ୍ୱେଚ୍ଛାସେବୀ ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ଦେବେ ବୋଲି କହିଛନ୍ତି।

# ୨୪ରେ ଜନ ଅଭିଯୋଗ ଶୁଣାଣି କରିବେ ମୁଖ୍ୟମନ୍ତ୍ରୀ

### ଆଜି ପୂର୍ବାହ୍ନ ୧୧ଟାରୁ ଆରମ୍ଭ ହେବ ପଞ୍ଜୀକରଣ

ଭୁବନେଶ୍ୱର,୧୮।୮(ସଂଚାର ବ୍ୟୁରୋ): ଆଗାମୀ ଅଗଷ୍ଟ ୨୪ ତାରିଖ ସୋମବାର ଦିନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଭିନ୍ନ ଜନ ଅଭିଯୋଗର ଶୁଣାଣି କରିବେ। ମୁଖ୍ୟମନ୍ତ୍ରୀ ୟୁନିଟ୍-୨, ଅଶୋକ ନଗର, ଭୁବନେଶ୍ୱରସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟ (କ୍ୟାପିଟାଲ ନର୍ସରୀ ନିକଟସ୍ଥ)ଠାରେ ସକାଳ ୮ଟାରୁ ସେଦିନ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ। ଏହି ଅଭିଯୋଗ ଶୁଣାଣି ପାଇଁ ଅନଲାଇନ ପଞ୍ଜୀକରଣ ଆସନ୍ତାକାଲି ପୂର୍ବାହ୍ନ ୧୧ଟାରୁ ଆରମ୍ଭ ହେବ। ଏଥିନିମନ୍ତେ ଆଗ୍ରହୀ ଜନସାଧାରଣ ଜନଶୁଣାଣି ପୋର୍ଟାଲ ଅଥବା ଜନଶୁଣାଣି ମୋବାଇଲ ଆପ୍ଲିକେଶନ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ପାଇଁ ପଞ୍ଜୀକରଣ କରିପାରିବେ। ଜନସାଧାରଣ ପଞ୍ଜୀକୃତ ପ୍ରାପ୍ତି ସ୍ୱୀକାର ପତ୍ର ଓ ବ୍ୟକ୍ତିଗତ ପରିଚୟ ପତ୍ର ତଥା ନିଜର ଅଭିଯୋଗପତ୍ର ସହ ଉପରୋକ୍ତ ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇପାରିବେ। ଏ ସମ୍ପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

### ସ୍ଥାନୀୟ ଆପାତକାଳୀନ ବୈଠକ

# ରାସାୟନିକ ଦୁର୍ଘଟଣା ରୋକିବାକୁ ଗୁରୁତ୍ୱ



ଭୁବନେଶ୍ୱର, ୧୮।୮ (ସଂଚାର ବ୍ୟୁରୋ): କଳକାରଖାନା ଗୁଡ଼ିକରେ ରାସାୟନିକ ଦୁର୍ଘଟଣା ରୋକିବା ସହ କର୍ମଚାରୀମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ନେଇ ଭୁବନେଶ୍ୱର ଉପଜିଲ୍ଲାପାଳ ମନୋରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ସର୍କିଟ୍ ହାଉସ୍ ସମ୍ମିଳନୀ କକ୍ଷରେ ସ୍ଥାନୀୟ ଆପାତକାଳୀନ ବୈଠକ ଅନୁଷ୍ଠିତ ହୋଇଯାଇଛି। କାରଖାନା ଓ ବାଷ୍ପିତ୍ର ନିର୍ଦ୍ଦେଶାଳୟ ପକ୍ଷରୁ ଆୟୋଜିତ ବୈଠକରେ ସହକାରୀ ନିର୍ଦ୍ଦେଶକ ଅନିତା ବେହେରା ରାସାୟନିକ ଦୁର୍ଘଟଣା ଓ ଏହାର ନିରାକରଣ ଉପରେ ତଥ୍ୟ ଉପସ୍ଥାପନ କରିଥିଲେ। ଏତଦ୍‌ବ୍ୟତୀତ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ କର୍ମଚାରୀମାନଙ୍କ ମଧ୍ୟରେ ମକ୍‌ଡ୍ରିଲ ଆୟୋଜନ କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ। ଏହି ଅବସରରେ ଉପଜିଲ୍ଲାପାଳ ଡ. ସାହୁ କର୍ମଶାଳା ଆୟୋଜନ କରାଯାଇ କର୍ମଚାରୀମାନଙ୍କୁ ସଚେତନ କରିବାକୁ ପରାମର୍ଶ ଦେଇଥିଲେ।

# ବନ୍ୟା ଟୁରିଜମ୍ ବନ୍ଦ କରି ଲୋକଙ୍କ ସମସ୍ୟା ବୁଝନ୍ତୁ



ପ୍ରଭାବିତ ଅଞ୍ଚଳ ବୁଲିବା ପରେ ଅରୁଣ ସାହୁଙ୍କ କଟାକ୍ଷ

ଭଦ୍ରକ,୧୮।୮ (ସଂଚାର ବ୍ୟୁରୋ): ଭଦ୍ରକ ଜିଲ୍ଲାର ବନ୍ୟା ପ୍ରଭାବିତ ଅଞ୍ଚଳ ବୁଲି ସ୍ଥିତି ପରଖିଛନ୍ତି ବିଜେଡି ନେତା ଅରୁଣ ସାହୁ। ବନ୍ୟାଞ୍ଚଳ ପରିଦର୍ଶନ ସମୟରେ ସେ ସରକାରଙ୍କୁ ଟାର୍ଗେଟ କରିବା ସହ ଲୋକଙ୍କ ସମସ୍ୟା ବୁଝିବାକୁ ଆହ୍ୱାନ ଦେଇଛନ୍ତି। ଅରୁଣ ସାହୁ କହିଛନ୍ତି, ଭଦ୍ରକରେ ବନ୍ୟା ସ୍ଥିତି ଗମ୍ଭୀର ରହିଛି। ବନ୍ୟା ଯୋଗୁଁ ଚାଷୀଙ୍କ ଫସଲ ନଷ୍ଟ ହୋଇଛି। ପନିପରିବା ଚାଷ ମଧ୍ୟ ଉଜୁଡ଼ି ଯାଇଛି। ଫଳରେ ଅନେକ ଲୋକ ଜୀବିକା ହରାଇ ଅସୁବିଧାରେ ପଡ଼ିଛନ୍ତି।

ଏଭଳି ସମୟରେ ସରକାର ବନ୍ୟା ପର୍ଯ୍ୟଟନ ବା ବନ୍ୟା ଟୁରିଜିମ ବନ୍ଦକରି ବନ୍ୟା ପ୍ରଭାବିତ ଲୋକଙ୍କ ସମସ୍ୟା ଉପରେ ଗୁରୁତ୍ୱ ଦିଅନ୍ତୁ।

ଚାଷୀଙ୍କ କ୍ଷତି କିପରି ଭରଣା ହେବ ସେନେଇ ସରକାର ପଦକ୍ଷେପ ନିଅନ୍ତୁ ବୋଲି ସେ ଦାବି କରିଛନ୍ତି। ଏଥିସହ କୃଷି ଋଣ ଛାଡ଼ କରିବା ସହ ବନ୍ୟା ପ୍ରଭାବିତ ପରିବାରଙ୍କୁ ପର୍ଯ୍ୟାପ୍ତ ସହାୟତା ଦେବାକୁ ଦାବି କରିଛନ୍ତି ଅରୁଣ ସାହୁ। ବନ୍ୟା ପରେ ବଢ଼ୁଥିବା ଦରଦାମକୁ ନିୟନ୍ତ୍ରଣ କରିବା ସହ ସାଧାରଣ ଲୋକଙ୍କ ଦୁର୍ଦ୍ଦଶା ଦୂର କରିବା ଦିଗରେ ସରକାର ଗୁରୁତ୍ୱ ଦେବା ଆବଶ୍ୟକ। ବନ୍ୟାରେ ଚାଷ ନଷ୍ଟ ହୋଇଥିବାରୁ ଲୋକଙ୍କ ପାଖରେ ଏବେ ଜୀବିକାର ବିକଳ୍ପ ନଥିବା ଦର୍ଶାଇ, ତୁରନ୍ତ ସହାୟତା ଓ କ୍ଷତିପୂରଣ ବ୍ୟବସ୍ଥା କରିବାକୁ ସେ ଦାବି କରିଛନ୍ତି।

# ଇସ୍ରୋର ୟୁଭିକା-୨୦୨୬ରେ ଆଦର୍ଶ ବିଦ୍ୟାଳୟର ୨ ଛାତ୍ର



ଭୁବନେଶ୍ୱର, ୧୮।୮ (ସଂଚାର ବ୍ୟୁରୋ): ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ଦ୍ୱାରା ଆୟୋଜିତ ଜାତୀୟସ୍ତରର ପ୍ରତିଷ୍ଠିତ ୟୁଭିକା ୨୦୨୬ (ଯୁବ ବିଜ୍ଞାନୀ କାର୍ଯ୍ୟକ୍ରମ)ରେ ଓଡ଼ିଶା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଦୁଇଜଣ ଛାତ୍ର ଅଂଶଗ୍ରହଣ କରିଛନ୍ତି। ସେମାନେ ହେଉଛନ୍ତି କୋରାପୁଟ ଜିଲ୍ଲା କୋଟପାଡ଼ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ର ମାଷ୍ଟର ଦେବା ଦିଶାରୀ ଓ ବାହଳଦା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଛାତ୍ର ମାଷ୍ଟର ଶ୍ୟାମ ଚରଣ ଟୁଡୁ। ସେମାନେ ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ ସତୀଶ ଧୱନ ମହାକାଶ କେନ୍ଦ୍ରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

### ବେଦାନ୍ତ ଆଲୁମିନିୟମ୍ କୋଇଲା ଖଣି

# ପରିଚାଳନାଗତ ସଫଳତା ପଛରେ ରହିଛି ଦୃଢ଼ କାର୍ଯ୍ୟବଳ

ଭୁବନେଶ୍ୱର, ୧୮।୮ (ସଂଚାର ବ୍ୟୁରୋ): ବେଦାନ୍ତ ଆଲୁମିନିୟମ କୋଇଲା ଖଣିର ପରିଚାଳନାଗତ ସଫଳତା ପଛରେ ଏକ ଦୃଢ଼ କାର୍ଯ୍ୟବଳ ରହିଛି ଯାହା ବ୍ୟବସାୟ ସହିତ ତାଳଦେଇ ବୃଦ୍ଧି ପାଉଛି। ବେଦାନ୍ତ ଆଲୁମିନିୟମ କୋଇଲା ଖଣିରେ କ୍ୟାରିୟର ବିକାଶର ସୁଯୋଗ ଦିଆଯାଏ। ଫଳରେ କର୍ମଚାରୀମାନେ କାମ ଶିଖିବା ସହିତ ବିକାଶ ପାଇଁ ନୂତନ ମାର୍ଗ ଖୋଜି ପାରିଥାନ୍ତି। ସେହିପରି ଶ୍ରେଣୀଗୃହ ବାହାରେ ମଧ୍ୟ ଶିକ୍ଷା ଜାରି ରହିଛି। ଆଜି ପର୍ଯ୍ୟନ୍ତ ୫୦ରୁ ଅଧିକ ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହୋଇସାରିଛି। ଏଥିରେ ଭାଗ ନେଇ କର୍ମଚାରୀମାନେ ସେମାନଙ୍କର ବୈଷୟିକ ଓ ପରିଚାଳନା ଦକ୍ଷତାକୁ ବିକଶିତ କରିପାରିଛନ୍ତି।



ବେଦାନ୍ତ ଆଲୁମିନିୟମ୍ କୋଇଲା ଖଣିର ସିଇଓ ଅମରେଶ କୁମାର କହିଛନ୍ତି, ଆମ ସଫଳତା ମୂଳରେ ରହିଛନ୍ତି ଆମର ଲୋକମାନେ। ଯୁବ ପ୍ରତିଭାମାନଙ୍କୁ ଶିଖିବା, ଦାୟିତ୍ୱ ଗ୍ରହଣ କରିବା ଏବଂ ନେତୃତ୍ୱ ନେବାର ସୁଯୋଗ ଦେଇ ଆମେ ଆମର ଭବିଷ୍ୟତକୁ ଆକାର ଦେଉଛୁ। ବିୟୁସିଇଓ ପୁରସ୍କାର, ବ୍ୟାବସାୟିକ ଉତ୍କର୍ଷ ପୁରସ୍କାର ଆଦି ମାଧ୍ୟମରେ କର୍ମଚାରୀମାନଙ୍କୁ ପ୍ରୋତ୍ସାହିତ କରାଯାଉଛି। ଫଳରେ ଯୁବକ ଓ ମହିଳାମାନେ ନିଜର ଦକ୍ଷତା ବିକଶିତ କରି ଆଗକୁ ବଢ଼ୁଛନ୍ତି।

# ଡା. ବାନାମ୍ବର ରାୟଙ୍କୁ 'ଅନରିଙ୍ଗ ଆୱାର ଗୁରୁ' ସମ୍ମାନ




ଭୁବନେଶ୍ୱର,୧୮।୮(ସଂଚାର ବ୍ୟୁରୋ): କ୍ରିଟିକାଲ୍ କେୟାର୍ ମେଡିସିନ୍ କ୍ଷେତ୍ରରେ ଦୀର୍ଘ ୫ ଦଶନ୍ଧିର ଅବଦାନ ଓ ସେବା ପାଇଁ ସମ୍ ଅଲ୍‌ଟିମେଟ୍ ମେଡିକେୟାରର ସିନିୟର କନସଲଟାଣ୍ଟ (କ୍ରିଟିକାଲ୍ କେୟାର ମେଡିସିନ୍) ଡାକ୍ତର ବାନାମ୍ବର ରାୟଙ୍କୁ ସମ୍ମାନଜନକ 'ଅନରିଙ୍ଗ ଆୱାର ଗୁରୁ' ପୁରସ୍କାର ପ୍ରଦାନ କରାଯାଇଛି। ଗତ ୮ରେ ପୁଣେଠାରେ ଅନୁଷ୍ଠିତ ତୃତୀୟ ଇଣ୍ଟରନ୍ୟାସନାଲ୍ କ୍ରିଟିକାଲ୍ କେୟାର ନେଫ୍ରୋଲୋଜି ଆସୋସିଏସନ୍ (ସିସିଏନ୍‌ଏ) ସମ୍ମିଳନୀରେ ଡାକ୍ତର ରାୟଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ଗୁରୁତର ଅସୁସ୍ଥ ରୋଗୀଙ୍କ ଚିକିତ୍ସା ଓ ଜୀବନ ରକ୍ଷା କ୍ଷେତ୍ରରେ ତାଙ୍କର ଦୀର୍ଘକାଳୀନ ସମର୍ପଣ ଓ ନିଷ୍ଠାକୁ ସ୍ୱୀକୃତି ଦେଇ ଏହି ପୁରସ୍କାର ପ୍ରଦାନ କରାଯାଇଛି। ସମ୍ମାନ ପାଇବା ପରେ ନିଜର ଅନୁଭୂତି ବ୍ୟକ୍ତ କରି ଡାକ୍ତର ରାୟ କହିଛନ୍ତି ଯେ ଯେଉଁ ସଂଗଠନ ସହ ତାଙ୍କର ପ୍ରତ୍ୟକ୍ଷ ସମ୍ପର୍କ ନ ଥିଲା, ସେହି ସଂଗଠନ ପକ୍ଷରୁ ଏଭଳି ସମ୍ମାନ ପାଇବା ତାଙ୍କ ପାଇଁ ଅତ୍ୟନ୍ତ ଗୌରବର ବିଷୟ। ଆଇସିୟୁରେ ଗୁରୁତର ରୋଗୀଙ୍କ ଜୀବନ ରକ୍ଷା ପାଇଁ ତାଙ୍କର ଆଜୀବନ ସମର୍ପଣକୁ ସ୍ୱୀକୃତି ମିଳିଥିବାରୁ ସେ ଏହି ସମ୍ମାନକୁ ନମ୍ରତାର ସହ ଗ୍ରହଣ କରିଛନ୍ତି। ଯେଉଁ ସଂଗଠନ ସହ ମୋର କୌଣସି ପ୍ରତ୍ୟକ୍ଷ ସମ୍ପର୍କ ନ ଥିଲା, ସେହି ସଂଗଠନଠାରୁ ଏହି ସମ୍ମାନ ପାଇ ମୁଁ ଅତ୍ୟନ୍ତ ଗୌରବାନ୍ୱିତ। ଆଇସିୟୁରେ ରୋଗୀଙ୍କ ଜୀବନ ରକ୍ଷା ପାଇଁ ମୋର ଆଜୀବନ ସମର୍ପଣ ଓ ପ୍ରତିବଦ୍ଧତା ବିଷୟରେ ସେମାନେ ଜାଣିଥିବାରୁ ଏହି ସ୍ୱୀକୃତି ମୋ ପାଇଁ ଅତ୍ୟନ୍ତ ନମ୍ରତାର ବିଷୟ ବୋଲି ଡାକ୍ତର ରାୟ କହିଛନ୍ତି। ସେ ଏହି ସମ୍ମାନକୁ ତାଙ୍କର ୫ ଦଶନ୍ଧିର ସେବା ଯାତ୍ରାରେ ସାଥୀ ହୋଇଥିବା ଅସଂଖ୍ୟ ଡାକ୍ତର, ନର୍ସ, ପାରାମେଡିକ୍ସ ଏବଂ ସ୍ୱାସ୍ଥ୍ୟସେବା ପ୍ରଦାନକାରୀ ସଂସ୍ଥାଙ୍କୁ ଉତ୍ସର୍ଗ କରିଛନ୍ତି। ଡାକ୍ତର ରାୟ ସମ୍ ଅଲ୍‌ଟିମେଟ୍ ମେଡିକେୟାର ଏବଂ ଶିକ୍ଷା 'ଓ' ଅନୁସନ୍ଧାନ (ସୋଅ) ଡିମ୍ଡ ଟୁ ବି ୟୁନିଭର୍ସିଟି ପକ୍ଷରୁ ମିଳିଥିବା ନିରନ୍ତର ସମର୍ଥନ ଓ ପ୍ରୋତ୍ସାହନ ପାଇଁ ମଧ୍ୟ କୃତଜ୍ଞତା ଜଣାଇଛନ୍ତି।

# ଶ୍ରମ ପୋର୍ଟାଲ, ଓଡ଼ିଶାରୁ ୧.୩୭ କୋଟି ପଞ୍ଜିକୃତ

ଭୁବନେଶ୍ୱର,୧୮।୮: ରାଜ୍ୟର ପ୍ରାୟ ୧କୋଟି ୩୭ଲକ୍ଷ ଶ୍ରମିକ କେନ୍ଦ୍ର ସରକାରଙ୍କ ଇ-ଶ୍ରମ ପୋର୍ଟାଲରେ ନିଜକୁ ପଞ୍ଜିକୃତ କରିଛନ୍ତି। ଏମାନଙ୍କ ମଧ୍ୟରେ ରାଜ୍ୟ ବାହାରକୁ କାମ ପାଇଁ ଯାଇଥିବା ପ୍ରବାସୀ ଶ୍ରମିକମାନେ ମଧ୍ୟ ରହିଛନ୍ତି। ଅସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକମାନଙ୍କର ପଞ୍ଜିକରଣ ପାଇଁ କେନ୍ଦ୍ର ସରକାର ଇ-ଶ୍ରମ ପୋର୍ଟାଲ ଖୋଲିଥିବାବେଳେ ସେଥିରେ ସମଗ୍ର ଦେଶରୁ ବର୍ତ୍ତମାନ ସୁଦ୍ଧା ପ୍ରାୟ ୩୨ କୋଟି ଶ୍ରମିକ ନିଜକୁ ପଞ୍ଜିକୃତ କରିଛନ୍ତି। ଏମାନଙ୍କ ମଧ୍ୟରେ ଓଡିଶାର ୧କୋଟି ୩୭ଲକ୍ଷ ଶ୍ରମିକ ରହିଥିବା ଜଣାଯାଇଛି। ଓଡିଶାର ପଞ୍ଜିକୃତ ଶ୍ରମିକମାନଙ୍କ ମଧ୍ୟରେ ଗଞ୍ଜାମରୁ ସର୍ବାଧିକ ୧୨ଲକ୍ଷରୁ ଅଧିକ ଶ୍ରମିକ ଥିବାବେଳେ ବାଲେଶ୍ୱରରୁ ଦ୍ୱିତୀୟ ସର୍ବାଧିକ ୮ଲକ୍ଷ ୫୬ହଜାରରୁ ଅଧିକ ଶ୍ରମିକ ରହିଛନ୍ତି। ମୟୂରଭଞ୍ଜରୁ ୭ଲକ୍ଷ ୮୭ ହଜାରରୁ ଅଧିକ ଶ୍ରମିକ ଥିବାବେଳେ କଟକରୁ ୭ଲକ୍ଷ ୫୦ହଜାରରୁ ଅଧିକ ଶ୍ରମିକ ରହିଛନ୍ତି। ମାଲକାନଗିରି ଜିଲ୍ଲାରୁ ସବୁଠାରୁ କମ୍ ଶ୍ରମିକ ନିଜକୁ ପଞ୍ଜିକୃତ କରାଇଛନ୍ତି। ଏମାନଙ୍କ ସଂଖ୍ୟା ୨ ଲକ୍ଷରୁ କମ୍ ରହିଛି।

ପଞ୍ଜିକୃତ ଶ୍ରମିକମାନଙ୍କ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବହୁବିଧ ସୁବିଧା ସୁଯୋଗ ଘୋଷଣା କରୁଛନ୍ତି। ଏଥିରେ ବୀମା ଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ ସୁରକ୍ଷା, ପିଲାଙ୍କ ପାଠପଢ଼ା ଓ ବାହାଘର ଆଦି ପାଇଁ ସହାୟତା, ଶ୍ରମିକମାନଙ୍କୁ ସାଇକେଲ ପ୍ରଦାନ ଆଦି ରହିଛି। ଏହିସବୁ ଯୋଜନା ପାଇଁ ସରକାରଙ୍କ ନିକଟରେ ଶ୍ରମିକମାନଙ୍କ ତଥ୍ୟ ରହିବା ନିହାତି ଆବଶ୍ୟକ। ତେଣୁ ସମସ୍ତ ଶ୍ରମିକ ଏଥିରେ ନିଜକୁ ପଞ୍ଜିକୃତ କରିବାକୁ ସରକାରଙ୍କ ପକ୍ଷରୁ ବାରମ୍ବାର ଅନୁରୋଧ କରାଯାଉଛି। ସେହିଭଳି ଯେଉଁ ଶ୍ରମିକମାନେ ରାଜ୍ୟ ବାହାକୁ କାର୍ଯ୍ୟ ଅନ୍ୱେଷଣରେ ଯାଉଛନ୍ତି ସେମାନଙ୍କ ପାଇଁ ପଞ୍ଜିକରଣ ଏକ ପ୍ରକାର ବାଧ୍ୟତାମୂଳକ କରାଯାଇଛି। ତେବେ ଏ କ୍ଷେତ୍ରରେ ଯେତେ ସଂଖ୍ୟକ ଶ୍ରମିକ ରାଜ୍ୟ ବାହାରେ ବିଭିନ୍ନ ସ୍ଥାନର କାମ କରୁଛନ୍ତି ସେମାନେ ସମସ୍ତେ ନିଜକୁ ପଞ୍ଜିକୃତ କରୁନାହାନ୍ତି। ବିଗତ ତିନି ବର୍ଷ ମଧ୍ୟରେ ରାଜ୍ୟ ବାହାରକୁ କାମ ପାଇଁ ଯାଇଥିବା ଯେତେ ସଂଖ୍ୟକ ଶ୍ରମିକ ନିଜର ତଥ୍ୟ ପ୍ରଦାନ କରିଛନ୍ତି ସେଥି ମଧ୍ୟରେ ସର୍ବାଧିକ ପଡୋଶୀ ପଶ୍ଚିମବଙ୍ଗ, ଝାଡଖଣ୍ଡ, ବିହାର ସମେତ ତାମିଲନାଡୁ ଆଦି ରାଜ୍ୟକୁ ଯାଇଥିବା ଲକ୍ଷ୍ୟ କରାଯାଇଛି। ଗୁଜୁରାଟରେ କାମ କରିବାକୁ ଓଡିଶାରୁ ହଜାର ହଜାର ଶ୍ରମିକ ଯାଉଥିବା ବେଳେ ଗତ ତିନିବର୍ଷରେ କିନ୍ତୁ ଏମାନଙ୍କ ସଂଖ୍ୟା ୨ଶହରୁ କମ୍ ଦର୍ଶାଯାଇଛି। ତେବେ ଏହି ତାଲିକାରୁ ଜଣାଯାଇଛି ଯେ ଓଡିଶାର ଶ୍ରମିକମାନେ ଉତ୍ତରପୂର୍ବ ରାଜ୍ୟକୁ ଯିବାପାଇଁ ସେତେଟା ଆଗ୍ରହୀ ନୁହନ୍ତି। (ତଥ୍ୟ)

### ସରଳା ଦେବୀଙ୍କ ଜନ୍ମତାରିଖକୁ ନେଇ ବିବାଦ

# ଭ୍ରମାତ୍ମକ ପ୍ରଚାରରୁ ନିବୃତ୍ତ ରହିବାକୁ ଟ୍ରଷ୍ଟର ଆବେଦନ

କଟକ,୧୮।୮(ସଂଚାର ବ୍ୟୁରୋ): ସରଳା ଦେବୀଙ୍କ ଜନ୍ମତାରିଖକୁ ନେଇ ବିବାଦ ଦେଖା ଦେଇଥିବା ବେଳେ ସରକାରୀ ରେକର୍ଡ ସହ ଅନେକ ପୁସ୍ତକ ଓ ଗବେଷଣାତ୍ମକ ତଥ୍ୟରେ ସରଳା ଦେବୀଙ୍କ ଜନ୍ମତାରିଖ ୧୯୦୪ ମସିହା ଅଗଷ୍ଟ ୧୯ ତାରିଖ ବୋଲି ସ୍ପଷ୍ଟ ଉଲ୍ଲେଖ ରହିଥିବା ପରିବାର ଓ ଟ୍ରଷ୍ଟ ପକ୍ଷରୁ ଦାବି କରାଯାଇଛି। ସେହିଭଳି ସୂଚନା ଅଧିକାର ଆଇନ ବଳରେ ଓଡ଼ିଶା ବିଧାନସଭାରୁ ମିଳିଥିବା ତଥ୍ୟରେ ମଧ୍ୟ ଜନ୍ମତାରିଖ ୧୯୦୪ ମସିହା ଅଗଷ୍ଟ ୧୯ ବୋଲି ଉଲ୍ଲେଖ ରହିଛି। ତେଣୁ ସରଳା ଦେବୀଙ୍କ ପ୍ରକୃତ ଜନ୍ମତାରିଖ ନେଇ ଥିବା ଐତିହାସିକ ତଥ୍ୟକୁ ସ୍ପଷ୍ଟ କରିବା ସହ ଭ୍ରମାତ୍ମକ ପ୍ରଚାରରୁ ନିବୃତ୍ତ ରହିବାକୁ ଟ୍ରଷ୍ଟ ପକ୍ଷରୁ ଅନୁରୋଧ କରାଯାଇଛି।

**ଜୀବନ ଅମୃତ ଅନୁଚିନ୍ତା**

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪ ବୁଧବାର ୧୯ ଅଗଷ୍ଟ ୨୦୨୬, ଭୁବନେଶ୍ୱର
Wednesday 19 August 2026, Bhubaneswar

# ଖଣିଜ ସମ୍ପଦରେ ରାଜ୍ୟ ଅଧିକାର



ଭାରତର ସଂଘୀୟ ଗଠନରେ ରାଜ୍ୟଗୁଡ଼ିକର ଆର୍ଥିକ ସ୍ୱାୟତ୍ତତା ଏକ ମୌଳିକ ସ୍ତମ୍ଭ। ଖଣିଜ ସମ୍ପନ୍ନ ରାଜ୍ୟଗୁଡ଼ିକ ପାଇଁ ଏହି ସ୍ୱାୟତ୍ତତା ଆହୁରି ଗୁରୁତ୍ୱପୂର୍ଣ୍ଣ। କାରଣ ସେମାନଙ୍କର ଅନେକ ଉନ୍ନୟନ ଯୋଜନା, ସ୍ୱାସ୍ଥ୍ୟ, ଶିକ୍ଷା ଓ ଭିତ୍ତିଭୂମି ଖଣିଜ ରାଜସ୍ୱ ଉପରେ ନିର୍ଭର କରେ। ସମ୍ପ୍ରତି ସଂସଦରେ ପାରିତ ଏବଂ ରାଷ୍ଟ୍ରପତିଙ୍କ ଅନୁମୋଦନ ପାଇଥିବା ଖଣି ଓ ଖଣିଜ (ବିକାଶ ଓ ନିୟନ୍ତ୍ରଣ) ସଂଶୋଧନ ଆଇନ, ୨୦୨୬ ଏହି ମୌଳିକ ନୀତିକୁ ପ୍ରଶ୍ନବାଚୀ କରିଛି।

୨୦୨୪ ମସିହାରେ ସୁପ୍ରିମକୋର୍ଟର ନଅଜଣିଆ ସମ୍ବିଧାନ ବେଞ୍ଚ ଏକ ଐତିହାସିକ ରାୟରେ ସ୍ପଷ୍ଟ କରିଥିଲେ ଯେ ରୟାଲ୍ଟି କୌଣସି କର ନୁହେଁ। ରାଜ୍ୟଗୁଡ଼ିକ ଏଣ୍ଟ୍ରି ୫୦ ଅଧୀନରେ ଖଣିଜ ଅଧିକାର ଉପରେ କର ଆରୋପ କରିବାର ସାମର୍ଥ୍ୟ ରଖନ୍ତି। ଏଣ୍ଟ୍ରି ୪୯ ଅଧୀନରେ ଖଣିଜ ଭୂମି ଉପରେ ମଧ୍ୟ କର ଲଗାଇବାର ଅଧିକାର ସେମାନଙ୍କର ଅଛି। ଏହି ରାୟ ପରେ ଝାଡ଼ଖଣ୍ଡ, ତାମିଲନାଡୁ ଭଳି ରାଜ୍ୟଗୁଡ଼ିକ ଖଣିଜ ଭୂମି ଉପରେ ନୂଆ ସେସ୍ ଆରୋପ କରିଥିଲେ। ଓଡ଼ିଶା ଭଳି ରାଜ୍ୟଗୁଡ଼ିକ ମଧ୍ୟ ଏହି ରାୟକୁ ନେଇ ନିଜ ଆର୍ଥିକ ଅଧିକାର ବୃଦ୍ଧି କରିବାର ଆଶା ରଖିଥିଲେ।

କିନ୍ତୁ ନୂଆ ସଂଶୋଧନ ବିଲ୍ ସେହି ଆଶାକୁ ମୂଳରୁ କାଟି ଦେଇଛି। ଏଥିରେ ଧାରା ୯-ଡି ଯୋଗ କରାଯାଇଛି, ଯାହା ରାଜ୍ୟ ସରକାରଙ୍କୁ ଖଣିଜ ଅଧିକାର କିମ୍ବା ଖଣିଜ ଭୂମି ଉପରେ କୌଣସି କର, ସେସ୍ କିମ୍ବା ଅନ୍ୟ ଲେଭି ଆରୋପ କରିବାରୁ ବାରଣ କରେ। କେନ୍ଦ୍ର ସରକାର ନିର୍ଦ୍ଧାରିତ ସର୍ତ୍ତ ବାହାରେ ରାଜ୍ୟମାନେ ଏହା କରିପାରିବେ ନାହିଁ। ଆହୁରି, ଆଇନ ଲାଗୁ ହେବା ପୂର୍ବରୁ ଆଦାୟ ହୋଇନଥିବା ପୁରୁଣା ଦାବିଗୁଡ଼ିକ ଅବୈଧ ବୋଲି ଘୋଷିତ ହେବ। ଯେଉଁ ଟଙ୍କା ଆଗରୁ ଆଦାୟ ହୋଇଛି, ତାହା ଫେରସ୍ତ ହେବ ନାହିଁ। ଏହା ରାଜ୍ୟଗୁଡ଼ିକ ପାଇଁ ବଡ଼ ଆର୍ଥିକ କ୍ଷତିର କାରଣ ହୋଇପାରେ। ଓଡ଼ିଶା ଭଳି ଖଣିଜ ସମ୍ପନ୍ନ ରାଜ୍ୟ ପାଇଁ ଏହା ବିଶେଷ ଚିନ୍ତାର ବିଷୟ। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ରାଜ୍ୟର ଆର୍ଥିକ ଅଧିକାର ଉପରେ ଆକ୍ରମଣ ବୋଲି କହିଛନ୍ତି। ଝାଡ଼ଖଣ୍ଡର ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ମଧ୍ୟ ଏହି ବିଲ୍‌କୁ ପୁନର୍ବିଚାର କରିବାକୁ ପ୍ରଧାନମନ୍ତ୍ରୀଙ୍କୁ ଲେଖିଛନ୍ତି। କେରଳ ମୁଖ୍ୟମନ୍ତ୍ରୀ ମଧ୍ୟ ରାଜ୍ୟଙ୍କ ଆର୍ଥିକ ସ୍ୱାୟତ୍ତତା କ୍ଷୁଣ୍ଣ ହେବ ବୋଲି ଚିନ୍ତା ପ୍ରକାଶ କରିଛନ୍ତି। ଆନୁମାନିକ ଭାବେ କିଛି ରାଜ୍ୟରେ ବାର୍ଷିକ ହଜାର ହଜାର କୋଟି ଟଙ୍କାର ରାଜସ୍ୱ କ୍ଷତି ହୋଇପାରେ ଏବଂ ପୁରୁଣା ବକେୟା ଆଦାୟ ସୁଯୋଗ ମଧ୍ୟ ହରାଇବ।

କେନ୍ଦ୍ର ସରକାର ଯୁକ୍ତି ଦେଉଛନ୍ତି ଯେ ଏହି ସଂଶୋଧନ ଖଣିଜ ମୂଲ୍ୟରେ ସ୍ଥିରତା ଆଣିବ, ମୂଲ୍ୟବୃଦ୍ଧି ରୋକିବ ଏବଂ ଖଣି କ୍ଷେତ୍ରରେ ବିନିଯୋଗ ବଢ଼ାଇବ। ମନ୍ତ୍ରୀ ଜି. କିଶନ୍ ରେଡ୍ଡି କହିଛନ୍ତି ଯେ ରାଜ୍ୟଙ୍କ ରାଜସ୍ୱରେ କୌଣସି କ୍ଷତି ହେବ ନାହିଁ ଏବଂ ଏହା କେବଳ ପ୍ରମୁଖ ଖଣିଜ ପାଇଁ ପ୍ରଯୁଜ୍ୟ। ରାଜ୍ୟଙ୍କ ଖଣିଜ ରାଜସ୍ୱ ଅଂଶ ୬୫ ଶତାଂଶରୁ ୮୫-୮୮ ଶତାଂଶକୁ ବଢ଼ିଛି ବୋଲି ସେ ଦାବି କରିଛନ୍ତି। ତଥାପି ପ୍ରଶ୍ନ ଉଠୁଛି: ଯଦି ରାଜ୍ୟମାନେ ନିଜ ଭୂମି ଓ ସମ୍ପଦ ଉପରେ କର ଲଗାଇବାର ଅଧିକାର ହରାନ୍ତି, ତେବେ ସେମାନଙ୍କର ବିକାଶ କାର୍ଯ୍ୟକ୍ରମ କିପରି ଚାଲିବ?

ଖଣିଜ ସମ୍ପଦ ରାଜ୍ୟର ଭୌଗୋଳିକ ଓ ପ୍ରାକୃତିକ ଧନ। ଏହାର ଉତ୍ଖନନରେ ପରିବେଶ କ୍ଷତି, ସ୍ଥାନୀୟ ଲୋକଙ୍କ ବିସ୍ଥାପନ ଓ ସାମାଜିକ ମୂଲ୍ୟ ରାଜ୍ୟ ବହନ କରେ। ତେଣୁ ରାଜସ୍ୱରେ ଅଧିକ ଅଂଶ ରାଜ୍ୟକୁ ମିଳିବା ଉଚିତ। ସଂଘୀୟ ବ୍ୟବସ୍ଥାରେ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ସମ୍ବଳ ବଣ୍ଟନ ସନ୍ତୁଳିତ ହେବା ଆବଶ୍ୟକ। ଏହି ଆଇନ ସେହି ସନ୍ତୁଳନକୁ ବିପର୍ଯ୍ୟସ୍ତ କରିବାର ଆଶଙ୍କା ସୃଷ୍ଟି କରିଛି।

ଖଣି କ୍ଷେତ୍ରରେ ସ୍ଥିରତା ଆବଶ୍ୟକ ସତ, କିନ୍ତୁ ତାହା ରାଜ୍ୟଙ୍କ ସାମ୍ବିଧାନିକ ଅଧିକାର ବଳି ଦେଇ ହେବ ନାହିଁ। ରାଜ୍ୟଗୁଡ଼ିକ ଏହି ଆଇନକୁ ଆଇନଗତ ଚ୍ୟାଲେଞ୍ଜ କରିବାର ସୁଯୋଗ ରଖିଛନ୍ତି। ସରକାରଙ୍କୁ ଉଚିତ ଯେ ରାଜ୍ୟଙ୍କ ସହ ଆଲୋଚନା କରି ଏକ ସନ୍ତୁଳିତ ସମାଧାନ ବାହାର କରନ୍ତୁ। ନଚେତ୍ ଖଣିଜ ସମ୍ପନ୍ନ ରାଜ୍ୟଗୁଡ଼ିକ ନିଜ ସମ୍ପଦର ପ୍ରକୃତ ଲାଭଭୋଗୀ ହୋଇ ରହିପାରିବେ ନାହିଁ। ସଂଘୀୟତାର ମୌଳିକ ଆତ୍ମାକୁ ସୁରକ୍ଷିତ ରଖିବା ଆମ ସମସ୍ତଙ୍କର ଦାୟିତ୍ୱ।

# ସ୍ୱାଧୀନତାର ଉପଲବ୍ଧି

**ଯୁଧିଷ୍ଠିର ମହାରଣା**



ଦୀର୍ଘ ପାଞ୍ଚଶହ ବର୍ଷ ଧରି ଗୋଲାମି ଶାସନ କବଳରେ ପେଷି ହୋଇ ରହିବା ପରେ ଯେଉଁ କଷ୍ଟଲବ୍ଧ ସ୍ୱାଧୀନତା ଏ ଦେଶବାସୀ ହାସଲ କରିଛନ୍ତି, ତାହା ଏବେ ସବୁଠାରୁ ବଡ଼ ପ୍ରଶ୍ନବାଚୀ !! ଏହି ଅବସରରେ ସ୍ୱାଧୀନତା ସ୍ମୃତିଚାରଣ କରିବା ଉଦ୍ଦେଶ୍ୟରେ ଦେଶବ୍ୟାପୀ ଉତ୍ସବ, ସମାରୋହମାନ ଅନୁଷ୍ଠିତ ହେଉଛି। ସରକାରୀ ବେସରକାରୀ ତଥା ସର୍ବସାଧାରଣ ଅନୁଷ୍ଠାନ, ସମସ୍ତେ ଏହି ଉତ୍ସବରେ ସାମିଲ ହେଉଛନ୍ତି ଏବଂ ସ୍ୱାଧୀନ ଦେଶର ନାଗରିକ ଭାବେ ଆନନ୍ଦ ଅନୁଭବ କରି ପ୍ରଫୁଲ୍ଲିତ ହେଉଛନ୍ତି। ସ୍ୱାଧୀନତା ଓ ପରାଧୀନତାର ଲାଭ ଓ କ୍ଷତି ବିଷୟରେ ଆଜିର ଭାରତବର୍ଷର ଶିକ୍ଷିତ ନାଗରିକମାନଙ୍କୁ କିଛି ବୁଝାଇ କହିବାର ପ୍ରୟୋଜନ ନାହିଁ। ସମଗ୍ର ବିଶ୍ୱର ପ୍ରେକ୍ଷାପଟକୁ ତଥା ବିଭିନ୍ନ ଦେଶର ଶାସନ ବ୍ୟବସ୍ଥାକୁ ଅନୁଶୀଳନ କରି ଗଣତାନ୍ତ୍ରିକ ବ୍ୟବସ୍ଥା ଯେ ସର୍ବୋତ୍କୃଷ୍ଟ ପନ୍ଥା, ଏକଥା ମଧ୍ୟ ଜୋର ଦେଇ କହିବାର ଆବଶ୍ୟକତା ନାହିଁ। ତେବେ ଏତିକି କହିବାର ନାଗରିକ ଭାବେ ଆମେ ଯେଉଁ ପରିମାଣରେ ସଫଳତା, ସୁଯୋଗ ଓ ଅଧିକାର ପାଇବା କଥା ତାହା ଯଥାର୍ଥରେ ପାଇଛୁ କି, ଯଦି ନୁହେଁ ତାହେଲେ ଏ କ୍ଷେତ୍ରରେ କ'ଣ ତ୍ରୁଟି ରହିଛି ?

ଗତ ଛଅ ଦଶନ୍ଧିରେ ଇତିହାସକୁ ଅନୁଧ୍ୟାନ କଲେ ଏ କ୍ଷେତ୍ରରେ ମୋଟାମୋଟି ଭାବେ ଯେଉଁ ଚିତ୍ରଟି ସାମ୍ନାକୁ ଆସେ, ତାହାକୁ ଲକ୍ଷ୍ୟ କରି ଅନେକ ବୁଦ୍ଧିଜୀବୀ, ସ୍ୱାଧୀନତା ସଂଗ୍ରାମ ବେଳର ବଞ୍ଚିଥିବା କତିପୟ ସଂଗ୍ରାମୀ ଗଭୀର କ୍ଷୋଭ ପ୍ରକାଶ କରି କହନ୍ତି, ସ୍ୱାଧୀନତାର ମୂଳ ଲକ୍ଷ୍ୟ ପରାହତ ହୋଇଛି। ଯେଉଁ ମହନୀୟ ଆଦର୍ଶ ଓ ଲକ୍ଷ୍ୟ ନେଇ ସ୍ୱାଧୀନତା ସଂଗ୍ରାମ କରାଯାଇଥିଲା, ପରବର୍ତ୍ତୀ କାଳରେ ତାହା କକ୍ଷଚ୍ୟୁତ ହେବା ସହ ମୁଷ୍ଟିମେୟ ଲୋକଙ୍କ ହାତରେ କ୍ଷମତା ଠୁଳ ହୋଇଛି, ଫଳରେ ଦେଶର ସର୍ବାଙ୍ଗୀନ ବିକାଶ ବ୍ୟାହତ ହୋଇଛି। ଗରିବ ଲୋକେ ଆହୁରି ଗରିବ ହୋଇ ରହିଛନ୍ତି। ଶାସନ ବ୍ୟବସ୍ଥାକୁ ଯେଉଁମାନେ ଆସୁଛନ୍ତି, ସେମାନେ ସମତାର ପ୍ରତୀକ ନହୋଇ ଭୋଟକୈନ୍ଦ୍ରିକ ରାଜନୀତସର୍ବସ୍ୱ ହେଉଥିବାରୁ ନିରୀହ, ନିଃସ୍ୱ ଏବଂ ନିରକ୍ଷର ଲୋକଙ୍କର କଥା ଶୁଣିବାକୁ କେହି ନାହାନ୍ତି। ଫଳରେ ସେହି ସବୁ ଲୋକମାନଙ୍କ ମଧ୍ୟରେ ଦୀର୍ଘଦିନରୁ ରହିଥିବା ଅନ୍ତର୍ବେଦନା କ୍ରମେ କ୍ରମେ ବିସ୍ଫୋରଣ ରୂପ ନେଉଛି, ଯାହା ଦେଶର ଶାନ୍ତି ଓ ସଦ୍‌ଭାବନାର ବାତାବରଣକୁ କ୍ଷୁର୍ଣ୍ଣ କରୁଛି। ସମ୍ପ୍ରତି ଦେଶର କେତେକ ଅଞ୍ଚଳରେ ଦେଖାଦେଇଥିବା ଯୁବ ସମସ୍ୟା, ଜେନଜିଙ୍କ ଦାବୀ ଏବଂ ବିଭିନ୍ନ ସମସ୍ୟା ପଛରେ ଏହା ଏକ କାରଣ ହୋଇଥିଲେ ମଧ୍ୟ ଏହାକୁ ଯେପରି ପ୍ରତିହତ କରିବା କଥା ତାହା କରାଯାଉନଥିବା ପରିତାପର ବିଷୟ।

ରାଜନୈତିକ, ପ୍ରଶାସନିକ, ଏପରିକି ଗଣମାଧ୍ୟମ କ୍ଷେତ୍ରରେ ଦୁର୍ନୀତି ଆଜି ବିଷମ ସମସ୍ୟା ସୃଷ୍ଟି କରିଛି। କେତେବେଳେ କେମିତି ଅଦାଲତ ରକ୍ଷକ ଭୂମିକା ନିର୍ବାହ କରି ପ୍ରଶଂସାର ପାତ୍ର ହେଉଛନ୍ତି ତ ଆଉ କେତେବେଳେ ଖୋଦ ବିଚାର ବିଭାଗର ଅଧିକାରୀ ମଧ୍ୟ ସମାଲୋଚନାର ପରିସର ମଧ୍ୟକୁ ଆସିଯାଉଛନ୍ତି। ଆମର ବ୍ୟବସ୍ଥା ଏପରି ହୋଇଛି ଯେ କେଉଁଠି ଲୋକେ ଦୁଇବେଳା ମୁଠାଏ ଖାଇବାକୁ ନପାଇ ଜୀବନ ହାରି ଦେଉଛନ୍ତି ତ ସେପଟେ କୋଟି କୋଟି ଟଙ୍କାର ଖାଦ୍ୟଶସ୍ୟ ଖତ ଖାଉଛି। ବର୍ଷେ କି ଦୁଇବର୍ଷ ନୁହେଁ, କ୍ରମାଗତ ବର୍ଷ ବର୍ଷ ଏହିପରି ଘଟଣା ଘଟିବା ଅକ୍ଷମଣୀୟ। ସୁପ୍ରିମ୍‌କୋର୍ଟ ଏବେ ଏହି ଘଟଣାରେ ଉଦ୍‌ବେଗ ପ୍ରକାଶ କରି କୋଟି କୋଟି ଟଙ୍କାର ଖାଦ୍ୟଶସ୍ୟ ଏପରି ପଚାସଢ଼ା ହେବା ପରିବର୍ତ୍ତେ ଏବଂ ଗରିବ ଲୋକଙ୍କ ମଧ୍ୟରେ ବିତରଣ କରିଦେବାକୁ ଆଦେଶ ଦେଇଛନ୍ତି। ଯେଉଁ କାରଣ ପାଇଁ କୋଟି କୋଟି ଟଙ୍କାର ଖାଦ୍ୟ ଶସ୍ୟ ଖୋଲା ଆକାଶ ତଳେ ସଢ଼ି ନଷ୍ଟ ହେଉଛି ତାହା ହେଉଛି ଖାଦ୍ୟଶସ୍ୟ ଗଚ୍ଛିତ କରି ରଖିବା ପାଇଁ ଭଣ୍ଡାର ଗୃହ ନାହିଁ। କିନ୍ତୁ କାହିଁକି ତାହା ହେଉନାହିଁ ଭଗବାନ ଜାଣନ୍ତି। କୁହାଯାଉଛି ଯେ ପଚାସଢ଼ା ଖାଦ୍ୟଶସ୍ୟକୁ ଶସ୍ତା ମୂଲ୍ୟରେ ମଦ କମ୍ପାନୀଗୁଡ଼ିକୁ ବିକ୍ରି କରିଦେବା ନିମନ୍ତେ ଏପରି କରାଯାଇଥାଏ। ଯଦି ଏହା ସତ୍ୟ ତାହେଲେ ଏହାକୁ ଚରମ ଦୁର୍ଭାଗ୍ୟ ଛଡ଼ା ଆଉ କ'ଣ କୁହାଯିବ? ପଡ଼ୋଶୀ ଚୀନ ଏବଂ ଆମ ଭିତରେ ଏଇଠି ଫରକ। ତେଣେ ୨୦୫୦ ବେଳକୁ ଭାରତ ଜନସଂଖ୍ୟାରେ ଚୀନକୁ ଅତିକ୍ରମ କରି ପୃଥିବୀର ସର୍ବବୃହତ୍ତ ଜନବହୁଳ ଦେଶରେ ପରିଣତ ହୋଇଯାଇଥିବ। ସେତିକିବେଳକୁ ଯଦି ଏହି ପରିସ୍ଥିତି ଅବ୍ୟାହତ ରହେ, ଦେଶର ଅବସ୍ଥା କ'ଣ ହେବ ସହଜରେ ଅନୁମେୟ। ବିକାଶର ସୁଷମ ବଣ୍ଟନ ନହେଲେ ଲୋକଙ୍କ ଭିତରେ ହିଂସା ଏବଂ ଅସୂୟା ତୀବ୍ର ହେବା ସ୍ୱାଭାବିକ ଏବଂ ଉଲ୍ଲେଖ ନିଷ୍ପ୍ରୟୋଜନ ଯେ ଏହା ଅସ୍ଥିରତାକୁ ଜନ୍ମ ଦେଇଥାଏ। ସୁତରାଂ ନେଡ଼ିଗୁଡ଼ କହୁଣିକୁ ବହିଯିବା ପୂର୍ବରୁ ସତର୍କମୂଳକ ପଦକ୍ଷେପ ଗ୍ରହଣ କରାଯିବା ଏକାନ୍ତ ବାଞ୍ଛନୀୟ। ଆଜି ବିଶ୍ୱର 'ବିଶ୍ୱଗୁରୁ' ପାଲଟିଥିବା ଭାରତ ସତରେ ଅସଲ ସ୍ୱାଧୀନତା ପାଇଛି? ଆମ୍ଭେମାନେ ଜଣେ ଜଣେ କ'ଣ ଯଥାର୍ଥ ସ୍ୱାଧୀନ ଭାରତର ନାଗରିକ ଏହି ପ୍ରଶ୍ନ ଆମ୍ଭମାନଙ୍କୁ ଯେତିକି ଆନ୍ଦୋଳିତ କରୁଛି ସେତିକି ବିକ୍ଷୋଭିତ ସୃଷ୍ଟି କରିବା ସହ ଅନେକ ଆହ୍ୱାନକୁ ମଧ୍ୟ ସମ୍ମୁଖୀନ ହେବା ପାଇଁ ରାସ୍ତା ତିଆରି କରୁଛି।

**ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,**
**ମୋବାଇଲ୍:୯୪୩୭୧୬୩୫୨୮**

# ଗାନ୍ଧିଜୀଙ୍କ ଓଡ଼ିଶା ସ୍ମୃତିଃ ବେରବୋଇରେ ସାତ ଦିନ

**ଡ଼ଃ. ଅରୁନ୍ଧତୀ ଦେବୀ**



ମହାତ୍ମା ଗାନ୍ଧୀଙ୍କ ଡାକରାରେ ଦେଶର ଅଗଣିତ ଜନତା ଯେତେବେଳେ ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଇଥିଲେ ତାହାର ବହୁ ବର୍ଷ ପୂର୍ବରୁ ଓଡ଼ିଶାରେ ଆରମ୍ଭ ହୋଇଥିଲା ଇଂରେଜଙ୍କ ବିରୁଦ୍ଧରେ ସଂଗ୍ରାମ। ଏହି ମୁକ୍ତି ଆନ୍ଦୋଳନରେ ଓଡ଼ିଶାରେ ଅବଦାନ ଥିଲା ଅତି ଗୁରୁତ୍ୱପୂର୍ଣ୍ଣ। ୧୮୧୭ ମସିହାରେ ଭାରତର ପ୍ରଥମ ସ୍ୱାଧୀନତା ଆନ୍ଦୋଳନ ଭାବେ ମୁଣ୍ଡ ଟେକିଥିଲା ଓଡ଼ିଶାର ପାଇକ ବିଦ୍ରୋହ। ଚଳିତ ବର୍ଷ ଭାରତ ୭୮ତମ ସ୍ୱାଧୀନତା ଦିବସ ପାଳନ କରିବାକୁ ଯାଉଥିବାବେଳେ ଇତିମଧ୍ୟରେ ଓଡ଼ିଶାରେ ମହାତ୍ମା ଗାନ୍ଧୀଙ୍କ ପ୍ରଥମ ଆଗମନର ଶହେବର୍ଷ ପୂର୍ତ୍ତି ପାଳିତ ହୋଇସାରିଛି। ଓଡ଼ିଶାକୁ ଗାନ୍ଧିଜୀ ଅନେକ ଭଲ ପାଉଥିଲେ। ଏଠାରେ ତାଙ୍କର ସ୍ମୃତି ଚିରଦିନ ପାଇଁ ସ୍ମରଣୀୟ ହୋଇରହିବ। ଦେଶବାସୀଙ୍କ ସାମାଜିକ ଓ ଅର୍ଥନୈତିକ ସ୍ଥିତିକୁ ପରଖିବା ସହ ଜାତି-ଧର୍ମ-ବର୍ଣ୍ଣ ନିର୍ବିଶେଷରେ ଜାତୀୟତା ପ୍ରତି ସୁପ୍ତ ଚେତନାକୁ ଜାଗ୍ରତ କରିବାର ଆଭିମୁଖ୍ୟ ନେଇ ଦେଶର ବିଭିନ୍ନ ଭାଗ ଗସ୍ତ କରିଥିଲେ ମହାତ୍ମା ଗାନ୍ଧୀ। ଓଡ଼ିଶାକୁ ଆସିଥିଲେ ଆଠଥର, ସର୍ବାଧିକ ଦିନ ରହିଥିଲେ ନିଜ ସପ୍ତମ ଗସ୍ତ କାଳରେ ପୁରୀ ଜିଲ୍ଲାର ଡେଲାଙ୍ଗ ନିକଟସ୍ଥ ବେରବୋଇ ଗ୍ରାମରେ। ୧୯୩୮ ମାର୍ଚ୍ଚ ୨୫ରୁ ୩୧ ସେହି ସାତ ଦିନ ରାଜ୍ୟ ଇତିହାସର ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଛି।

କର୍ଣ୍ଣାଟକର ହୁଦଲି ଠାରେ ଆୟୋଜିତ ଗାନ୍ଧୀ ସେବା ସଂଘର ତୃତୀୟ ବାର୍ଷିକ ସମ୍ମିଳନୀରେ ଯୋଗ ଦେଇଥିବା ଓଡ଼ିଶାର ପ୍ରତିନିଧି ଗୋପବନ୍ଧୁ ଚୌଧୁରୀ, କୃପାସିନ୍ଧୁ ହୋତା, ଆଚାର୍ଯ୍ୟ ହରିହର, ରମା ଦେବୀଙ୍କ ପ୍ରସ୍ତାବକ୍ରମେ ସ୍ଥିରୀକୃତ ହେଲା ଯେ ଏହାର ଚତୁର୍ଥ ବାର୍ଷିକ ସମ୍ମିଳନୀ ଓଡ଼ିଶାରେ ହିଁ ହେବ। ଶେଷରେ ରାଜ୍ୟର ପ୍ରତିନିଧିମାନେ ବେରବୋଇ ଠାରେ ଚତୁର୍ଥ ସମ୍ମିଳନୀ କରିବା ପାଇଁ ନିଷ୍ପତ୍ତି ନେଲେ। ୧୯୩୮ ମାର୍ଚ୍ଚ ୨୫ରୁ ୩୧ ଯାଏ ବେରବୋଇ ଠାରେ ଏହି ଐତିହାସିକ ଆୟୋଜନ ହୋଇଥିଲା। ଏହି ସମ୍ମିଳନୀକୁ ଗାନ୍ଧୀ ସଭା କୁହାଯାଉଥିଲା। ଗାନ୍ଧୀ ଆଠଥର ଓଡ଼ିଶାକୁ ଆସିଥିଲେ ଏବଂ ସର୍ବାଧିକ ଦିନ ରହିଥିଲେ ନିଜ ସପ୍ତମ ଗସ୍ତ କାଳରେ ବେରବୋଇ ଗ୍ରାମରେ। ଏହି ସମୟରେ ସ୍ଥାନୀୟ ଲୋକମାନଙ୍କ ପ୍ରୟାସରେ ଆୟୋଜନ କରାଯାଇଥିଲା ହସ୍ତଶିଳ୍ପ ଓ ତନ୍ତ ମେଳା। ବେରବୋଇ ସମ୍ମିଳନୀର ଆୟୋଜନ ପାଇଁ ବର୍ଷ ତମାମ ପ୍ରସ୍ତୁତି ଚାଲିଥିଲା। କୃପାସିନ୍ଧୁ ହୋତା, ବିନୋଦ କାନୁନ୍‌ଗୋ, ରମାଦେବୀ, ମନମୋହନ ଚୌଧୁରୀ ପ୍ରମୁଖ ପ୍ରସ୍ତୁତିରେ ଲାଗି ପଡ଼ିଥିଲେ। ଏହି ଅଧିବେଶନରେ ଯୋଗ ଦେବାକୁ ଥିବା ପ୍ରତିନିଧିମାନଙ୍କ ପାଇଁ ସେଠାରେ ରହଣି ଓ ଖାଦ୍ୟପେୟର ବ୍ୟବସ୍ଥା କରାଗଲା। ଏହି ଅଧିବେଶନରେ ୧୦ ମାଇଲ ପରିଧି ଭିତରେ ଚାଷ କରାଯାଇଥିବା ପନିପରିବା ଖାଦ୍ୟ ସାମଗ୍ରୀ ବ୍ୟବହୃତ ହେବ ବୋଲି ନିଷ୍ପତ୍ତି ନିଆଗଲା। ସେଥିପାଇଁ ବିଭିନ୍ନ ଗ୍ରାମକୁ ଯାଇ ଚାଷୀମାନଙ୍କୁ ପନିପରିବା ଚାଷ ଓ ଗୋପାଳନ କରିବାକୁ କୁହାଗଲା। ସେତେବେଳେ ଡେଲାଙ୍ଗ ଷ୍ଟେସନରେ ଏକ୍ସପ୍ରେସ୍ ରହଣିର ସୁବିଧା ନଥିଲା। ମାତ୍ର ଇଂରେଜ ଶାସନାଧୀନ ବେଙ୍ଗଲ-ନାଗପୁର ରେଲୱେ (ବିଏନ୍‌ଆର) ଗାନ୍ଧିଜୀଙ୍କ ସମ୍ମାନାର୍ଥେ ଏହାର ସ୍ୱତନ୍ତ୍ର ବ୍ୟବସ୍ଥା କରାଇଥିଲେ। ୧୯୩୮ ମସିହା ମାର୍ଚ୍ଚ ୨୫ ତାରିଖରେ ସକାଳ ସାତଟାରେ ହାୱଡ଼ା-ପୁରୀ ଟ୍ରେନ୍‌ରେ ଗାନ୍ଧିଜୀ ଆସି ପହଞ୍ଚିଥିଲେ। ରେଳବାଇ କର୍ତ୍ତୃପକ୍ଷ ବେରବୋଇ ଗାଁ ମଝିରେ ଏକ ଅସ୍ଥାୟୀ ରେଳଷ୍ଟେସନ କରିବା ସହ ସେଠାରେ କାଠ ଓ ବାଉଁଶରେ ପାହାଚ ତିଆରି କରିଥିଲେ। ତାଙ୍କ ସାଥିରେ ଥିଲେ ତାଙ୍କ ସହଧର୍ମିଣୀ କସ୍ତୁରବା, ପୁତ୍ର ମଣିଲାଲ, ପୁତ୍ରବଧୂ ସୁଶୀଳା, ନାତି ଅରୁଣ। କଂଗ୍ରେସର ବହୁ ଶୀର୍ଷସ୍ତରୀୟ ନେତା - ଗାନ୍ଧୀ ସେବା ସଂଘର ସଭାପତି କିଶୋରଲାଲ ମସରୁୱାଲା, ଡ.ପ୍ରଫୁଲ୍ଲ ଚନ୍ଦ୍ର ଘୋଷ, ଡ. ରାଜେନ୍ଦ୍ର ପ୍ରସାଦ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ, ଆଚାର୍ଯ୍ୟ କୃପାଳିନୀ, ଗଙ୍ଗାଧର ରାଓ ଦେଶପାଣ୍ଡେ, ମୌଲାନା ଅବୁଲ କଲାମ ଆଜାଦ, ଗୋବିନ୍ଦ ବଲ୍ଲଭ ଭାଇ, କ୍ଷୀତିଶ ରାୟ ଚୌଧୁରୀ, ହୃଦୟନାଥ କୁଞ୍ଜୁର, ଯମୁନାଲାଲ ବଜାଜ୍, ରାମ ରତନ ଶର୍ମା, ଆନ୍ନା ସାହେବ, ସହସ୍ର ବୁଦ୍ଧେ ପ୍ରମୁଖ ଏହି ସମ୍ମିଳନୀରେ ଯୋଗ ଦେଇଥିଲେ। ସମସ୍ତ ନିକଟସ୍ଥ ବ୍ରହ୍ମେଶ୍ୱର ପୋଖରୀରେ ସ୍ନାନ କରିବା ପରେ ଉଦ୍‌ଘାଟନୀ ସଭାରେ ଯୋଗ ଦେଇଥିଲେ। ଗାନ୍ଧୀ ଓ ଅନ୍ୟ ପ୍ରତିନିଧି ମାନଙ୍କ ସାତ ଦିନ (ମାର୍ଚ୍ଚ ୨୫ରୁ ୩୧ ତାରିଖ ପର୍ଯ୍ୟନ୍ତ) ଧରି ରହଣି ପାଇଁ ବ୍ରହ୍ମେଶ୍ୱର ପୋଖରୀ ହୁଡ଼ାରେ ନିର୍ମିତ ଅସ୍ଥାୟୀ ନଡ଼ା ଛପର ଚାଳ ଘରର ବ୍ୟବସ୍ଥା କରାଯାଇଥିଲା। ବେରବୋଇ ସମ୍ମିଳନୀରେ ଶହ ଶହ ପୁରୁଷ ଓ ମହିଳା ଗାନ୍ଧିଜୀଙ୍କ ସାନିଧ୍ୟ ପାଇ ନିଜକୁ ଧନ୍ୟ ମଣିଥିଲେ। ଗାନ୍ଧୀ ସେବା ସଂଘର ଚତୁର୍ଥ ବାର୍ଷିକ ସମ୍ମିଳନୀକୁ ଗାନ୍ଧୀ ଉଦ୍‌ଘାଟନ କରିଥିଲେ ଏବଂ ପତାକା ଉତ୍ତୋଳନ କରିଥିଲେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ। ପ୍ରାୟ ୭୦ ହଜାର ଲୋକ ସଭାରେ ଉପସ୍ଥିତ ଥିଲେ ଏବଂ ସମସ୍ତେ ଏଥିପାଇଁ ଦୁଇ ପଇସା ଲେଖାଏଁ ଦେଇ ଟିକେଟ କିଣିଥିଲେ। ଏହି ଅବସରରେ ଭାଷଣ ଦେଇ ଗାନ୍ଧୀ କହିଥିଲେ ଯେ ଓଡ଼ିଶାର ଦୁଇଟି ଶତ୍ରୁ ହେଲା ନିଶା ଓ ଆଳସ୍ୟପରାୟଣତା। ଏହା ତ୍ୟାଗ କଲେ ଓଡ଼ିଶା ଅଚିରେ ଏକ ଉନ୍ନତ ରାଜ୍ୟ ହୋଇପାରିବ।

ଆଜି ପବିତ୍ର ୭୮ତମ ସ୍ୱାଧୀନତା ଦିବସ ଅବସରରେ ମନେପଡୁଛି ୧୯୨୮ ମସିହାରେ କଂଗ୍ରେସ ଅଧିବେଶନରେ ଯୋଗ ଦେଇଥିବା ପ୍ରଖ୍ୟାତ ସଂଗ୍ରାମୀ ବାଞ୍ଛାନିଧି ମହାନ୍ତି ଗାଇଥିଲେ - 'କହ କହ କେଉଁ ଜାତି ପାଇଛି ମୁକତି, କରି ହୁରି ହାରି ଗୁହାରି, କହ ପାଇଛି କିଏ ସୁଖ ଲିଭାଇଛି ଦୁଃଖ, ମାଗି ମାଗି ପଥ ଭିକାରୀ'। ଏହାସହ ସ୍ୱାଧୀନ ଭାରତକୁ ନେଇ ତାଙ୍କର ହୃଦୟସ୍ପର୍ଶୀ ଗୀତଟି ଥିଲା - 'ଗାଅ ସ୍ୱାଧୀନ ଭାରତ, ସ୍ୱାଧୀନ ଭାରତ, ସ୍ୱାଧୀନ ସ୍ୱାଧୀନ ସ୍ୱାଧୀନରେ, ଗାଏ ସାଗର ଭୂଧର ଅମ୍ବର ଚୁମ୍ବିତ, ଭାଇ ହିମାଚଳ ଗିରିବର କମ୍ପିତ, ସ୍ୱାଧୀନ ସ୍ୱାଧୀନ ସ୍ୱାଧୀନରେ'।

**ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ,**
**କଟକ, ମୋବାଇଲ୍:୯୯୩୭୧୭୨୮୧୦**

## ଓଡ଼ିଶା ଓ ଗାନ୍ଧିଜୀ

୧୯୨୧ରେ ମହାତ୍ମା ଗାନ୍ଧୀ ପ୍ରଥମ ଥର ଓଡ଼ିଶା ଆଗମନ କରି କାଠଯୋଡ଼ି ବାଲିରେ ଐତିହାସିକ ସଭା କରିଥିଲେ। ତେବେ ୧୯୨୧ରୁ ୧୯୪୬ ଭିତରେ ସେ ସମୁଦାୟ ଆଠ ଥର ଓଡ଼ିଶା ଗସ୍ତରେ ଆସିଥିଲେ। ତାଙ୍କ ପ୍ରଥମ ଗସ୍ତ ୧୯୨୧ ମାର୍ଚ୍ଚ ୨୩ରୁ ୨୯ ପର୍ଯ୍ୟନ୍ତ ଥିବାବେଳେ ଦ୍ୱିତୀୟ ଗସ୍ତଟି ଥିଲା ୧୯୨୫ ମସିହା ଅଗଷ୍ଟ ୧୯ ଓ ୨୦। ୧୯୨୭ ମସିହା ଡିସେମ୍ବର ୪ରୁ ୨୧ ପର୍ଯ୍ୟନ୍ତ ସେ ତୃତୀୟଥର ଗସ୍ତରେ ଆସିଥିବାବେଳେ ତାଙ୍କ ଚତୁର୍ଥଗସ୍ତ ଡିସେମ୍ବର ୨୨ ତାରିଖ ୧୯୨୮ ମସିହାରେ ହୋଇଥିଲା। ୧୯୩୪ ମସିହା ମେ ୫ରୁ ୧୬ ପର୍ଯ୍ୟନ୍ତ ସେ ପଞ୍ଚମ ଗସ୍ତରେ ଓଡ଼ିଶା ଆସିଥିବାବେଳେ ମେ ୨୧ରୁ ଜୁନ ୭ ତାରିଖ, ୧୯୩୪ ମସିହାରେ ତାଙ୍କର ଷଷ୍ଠ ଗସ୍ତ ହୋଇଥିଲା। ୧୯୩୮ ମସିହା ମାର୍ଚ୍ଚ ୨୫ରୁ ୩୧ ତାରିଖ ପର୍ଯ୍ୟନ୍ତ ତାଙ୍କର ସପ୍ତମ ଗସ୍ତ ରହିଥିବାବେଳେ ଅଷ୍ଟମ ଗସ୍ତଟି ଥିଲା ଜାନୁଆରୀ ୨୦, ୧୯୪୬ ମସିହା। ଅନେକ ହୁଏତ ଜାଣିନଥିବେ ୧୯୩୦ ମାର୍ଚ୍ଚ ୧୨ରେ ବାପୁଜୀଙ୍କ ଆହ୍ୱାନରେ ଆଇନ ଅମାନ୍ୟ ଆନ୍ଦୋଳନ ଆରମ୍ଭ ହୋଇଥିବାବେଳେ ଓଡ଼ିଶାରୁ ମୋତି ଦାସ ନାମକ ଜଣେ ଛାତ୍ର ଗାନ୍ଧିଜୀଙ୍କ ସହ ଦାଣ୍ଡି ଯାତ୍ରା କରିଥିଲେ। ସେହିଭଳି ୧୯୩୨ ସେପ୍ଟେମ୍ବର ୨୦ ତାରିଖ ଦିନ ଓଡ଼ିଶାରେ ହରିଜନ ଆନ୍ଦୋଳନ ସଫଳ କରିବା ପାଇଁ ଗାନ୍ଧିଜୀ ଆମରଣ ଅନଶନ ଆରମ୍ଭ କରିଥିଲେ।



# ଜେନ୍-ଜି'ଙ୍କ ବିଜୟ

**କାଳୀ ଦାସ**



ଯେଉଁ ମାନେ ୧୯୯୭ ରୁ ୨୦୧୨ ଭିତରେ ଜନ୍ମ ହେଇଛନ୍ତି ସେମାନେଙ୍କୁ 'ଜେନଜି' ବା ଜେନେରେସନ ଜେଡ କୁହାଯାଏ। ଏହା ଗୋଟିଏ ନୂଆ ଶବ୍ଦ ଆଜିର ନୂଆ ପିଢ଼ୀ ପାଇଁ ବ୍ୟବହାର କରାଯାଇଛି।ଦିନ ଥିଲା ଗୁରୁଦେବ ରବୀନ୍ଦ୍ରନାଥ ଟେଗୁର୍ ସବୁଜ ଶବ୍ଦର ପ୍ରୟୋଗ କରିଥିଲେ ଯୁବ ସମାଜ ପାଇଁ। ଏହି ସବୁଜ ଶବ୍ଦ କୁ ଭାରତ ର ଭିନ୍ନ ଭିନ୍ନ ସାହିତ୍ୟ ରେ ମଧ୍ୟ ପ୍ରୟୋଗ କରା ଯାଇଥିଲା। ଓଡ଼ିଆ ସାହିତ୍ୟ ରେ ସବୁଜ ଯୁଗ ମଧ୍ୟ ଦେଖିବାକୁ ମିଳିଥିଲା।ଜୀବନ ର ଆଦ୍ୟ ଯୌବନରେ ଏହି ଯୁଗ ର ଯୁବ ଗୋଷ୍ଠୀ ନିଜ କଲମ ଚଲାଇ ଓଡ଼ିଆ ସାହିତ୍ୟ ର ଗାରୀମା ବଢ଼ାଇ ଥିଲେ। ଆଜି ନୂଆ ଯୁବ ସମାଜ ଆସିଛି 'ଜେନଜି'। ବିଗତ ଦିନ ଦେଶର ଶିକ୍ଷା ବ୍ୟବସ୍ଥା ରେ ଦେଖା ଯାଇଥିବା ଘୋର ଅବ୍ୟବସ୍ଥା ସହିତ ପେପର ଲିକ୍ ମାମଲା ର କ୍ଷତି ଦେଶ ର ଯୁବ ସମାଜ ସହିଛନ୍ତି। ଆମ ଦେଶରେ ଶିକ୍ଷା ବ୍ୟବସ୍ଥା ବ୍ୟୟ ବହୁଳ ହୋଇ ପଡ଼ିଛି।ସରକାରୀ ବିଦ୍ୟାଳୟ ଗୁଡିକରେ ଶିକ୍ଷା ର ମାନଦଣ୍ଡ ହ୍ରାସ ପାଇଲାଣି। ଅଭିଭାବକ ମାନେ ଅନେକ ପଇସା ଖର୍ଚ୍ଚ କରି ପିଲାଙ୍କୁ ଘରୋଇ ବିଦ୍ୟାଳୟ ରେ ପଢ଼ାଉଛନ୍ତି।ପାଠ ସରିଗଲା ପରେ ମଧ୍ୟ ଚାକିରୀ ର କୌଣସି ନିରାପତ୍ତା ରହିନାହିଁ ଯାହା ଏକ ବଡ଼ ସମସ୍ୟା ହୋଇ ଦେଖା ଯାଉଛି। ନିଟ ପରୀକ୍ଷା ପେପର ଲିକ ପରେ ଯୁବ ସମାଜ ଦ୍ୱାରା ଯେଉଁ ଆନ୍ଦୋଳନ ମୁଣ୍ଡ ଉଠାଇଲା ତାହା ଭାରତ ବର୍ଷ ର ଯୁବ ଶକ୍ତି ର ଦୃଢ଼ ସଂକଳ୍ପ ଦର୍ଶାଇଲା।

ଦେଶର ତଥା କଥିତ ମିଡିଆ ଏହି ଆନ୍ଦୋଳନ ଉପରେ କଟାକ୍ଷ କରୁଥିଲେ ମଧ୍ୟ ଯୁବ ଶକ୍ତି ହତ ଉତ୍ସାହ ହୋଇ ନାହିନ୍ତି ବରଂ ନିଜର ଦାବୀକୁ ଉଠାଇଛନ୍ତି ଏବଂ ସରକାର ଶେଷ ରେ ଏହି ନାର୍ଯ୍ୟ ଦାବୀକୁ ମାନିଛନ୍ତି। ହଟାତ କିଛି ବର୍ଷ ଭିତରେ ଆମ ଦେଶରେ ଶିକ୍ଷା ର ମହତ୍ୱ ଓ ମର୍ଯ୍ୟଦା ଯେମିତି କମିଯାଇଛି। ସବୁଠାରୁ କୃତି ଛାତ୍ର ବା ଛାତ୍ରୀ ଟିଏ ଚାକିରୀ ପାଇଁ ଶିଳ୍ପପତି ଙ୍କୁ ଦ୍ୱାରସ୍ଥ ହୋଇଛି। ଜ୍ଞାନର ଉପାସକ ଏହି ଦେଶ ହଠାତ ପଇସା ର ପୂଜାରୀ ହୋଇଯାଉଛି। ପଇସା ଖର୍ଚ୍ଚ କରି ମଣିଷ କ୍ଷମତା ହାସଲ କରି ପାରୁଛି ପୁଣି ସେହି କ୍ଷମତା ର ଅପବ୍ୟବହାର କରି ପଇସା ରୋଜଗାର କରୁଛି। ଶିକ୍ଷା ଏବେ ଗୌଣ ହୋଇଗଲାଣି।ଆମ ରାଜ୍ୟ ର ସ୍କୁଲ ପାଠ୍ୟକ୍ରମ ଭିତରକୁ ୧୯୯୯ ର ସିନେମା ଗୀତ ନିମ୍ବୁଡ଼ା ନିମ୍ବୁଡା, ରଜ ଦୋଳି ଗୀତ 'ରିଂଡ ପୋଷମାଲ' ଓ ବୁମୁରା ବୁମରା ସିନେମା ଗୀତ ପସି ଆସିଛି।





ଓଡ଼ିଶାରେ ଲୋକଙ୍କର ତୀବ୍ର ପ୍ରତିକ୍ରିୟା କୁ ଦେଖି ସରକାର କାର୍ଯ୍ୟନୁଷ୍ଠାନ ନେଇଛନ୍ତି କିନ୍ତୁ ଏହି ବହି ଛପାଇ ବା ପାଇଁ ହୋଇଥିବା ଖର୍ଚ୍ଚ ମଧ୍ୟ ଓଡ଼ିଶା ର ସାଧାରଣ ଜନତାଙ୍କ ଉପରେ ଲଦା ହୋଇଯାଇଛି।ପାଠ୍ୟ ପୁସ୍ତକ ପାଇଁ ପାଠ୍ୟକ୍ରମ ଚୟନ କଲା ବେଳେ କାହିଁକି ଏହି ବ୍ୟତିକ୍ରମ ହେଲା?

ଓଡ଼ିଆ ସାହିତ୍ୟ ଏକ ଉନ୍ନତ ସାହିତ୍ୟ।ବ୍ୟଙ୍ଗ ସାହିତ୍ୟ ହେଉ, ମହାକାବ୍ୟ ହେଉ କିମ୍ବା ଆଧୁନିକ କବିତା ହେଉ ଓଡ଼ିଆ ସାହିତ୍ୟ ଅନ୍ୟ କେଉଁ ସାହିତ୍ୟ ତୁଳନା ରେ କମ ନୁହେଁ।ଓଡ଼ିଆ ଭାଷାକୁ ସ୍ୱୀକୃତି ମିଳିବା ପର ଠାରୁ କେବେ ବି ପାଠ୍ୟପୁସ୍ତକ ରେ ଏମିତି ତ୍ରୁଟି ଦେଖାଯାଇନାହିଁ।ଆଜି ଯେତେବେଳେ ସୁଚନା ଏବଂ ପ୍ରସାରଣ ବା ଇନଫରମେସନ୍ ସବୁଠାରୁ ଶୀର୍ଷ ରେ ପହଞ୍ଚିଛି ସେତେବେଳେ ଏମିତି ଏକ ତ୍ରୁଟି ହେବା ଆଶା କରାଯାଏ ନାହିଁ।ଏହା କେବଳ ପାଠ୍ୟକ୍ରମ ଚୟନ କରୁଥିବା ବ୍ୟକ୍ତିଙ୍କର ଦାୟୀତ୍ୱ ହୀନତା ଦର୍ଶାଉଛି ତାହେଲେ ସରକାର ଏହି ପରି ବ୍ୟକ୍ତି ମାନଙ୍କୁ ରାଜ୍ୟ ର ଶିକ୍ଷା ପାଠ୍ୟକ୍ରମ ର ଚୟନ ର ଦାୟୀତ୍ୱ ଦେଲେ କେମିତି?।ପରୀକ୍ଷା ପେପର ଲିକର ସମସ୍ୟା ଆଜି ଭିନ୍ନ ଭିନ୍ନ ରାଜ୍ୟ ରେ ବ୍ୟାପି ଗଲାଣି।ଯେତେବେଳେ ଅପରାଧୀଙ୍କୁ କ୍ଷମତା ର ସଂରକ୍ଷଣ ମିଳିଯାଏ ସେତେବେଳେ ଅପରାଧୀ ବିନା ଭୟ ରେ ଯେ କୌଣସି ଅପରାଧ କରିବା ପାଇଁ ପାଛାଏନାହିଁ। ବର୍ତ୍ତମାନ ଦେଶ ରେ ପରୀକ୍ଷା ପେପର ଲିକ ବିରୋଧ ରେ ନୂଆ ଆଇନ ତିଆରି କରାଯାଇଛି ଆଶା କରାଯାଏ ଅପରାଧୀ ମାନେ ଏହି ଆଇନ କୁ ଡରି ପରୀକ୍ଷା ପେପର ଲିକ୍ କରିବା ର ଅପଚେଷ୍ଟା କରିବେ ନାହିଁ କିନ୍ତୁ ଏହି ଆଇନ ତିଆରି କରିବା ପଛରେ ଛାତ୍ର ଛାତ୍ରୀଙ୍କର ବହୁତ ବଡ଼ ବଳିଦାନ ଓ ଯୋଗଦାନ ରହିଛି। ସୋନମ ୱାଙ୍ଗଚୁଙ୍କର ୨୬ଦିନ ର ଅନଶନ ମଧ୍ୟ ରହିଛି।ପୋଲିସ ର ନିର୍ଯ୍ୟାତନା ଓ ଲାଠି ଚାର୍ଜ ଖାଇ ଏହି ଛାତ୍ର ଆନ୍ଦୋଳନ ଆଗ କୁ ବଢ଼ିଛି।ଆଗାମୀ ଦିନ ର ଛାତ୍ର ଓ ଛାତ୍ରୀ ମାନେ ଶିକ୍ଷା ସହିତ ଜଡିତ ଏହି ଆନ୍ଦୋଳନ କୁ ନ ଭୁଲିବା କଥା। ଯୁବ ଶକ୍ତି ପ୍ରତ୍ୟେକ ଦେଶ ର ଶକ୍ତି ଆଜି ର ଯୁବକମାନେ ଜାଳି ର ଏହି ଦେଶର ଭବିଷ୍ୟତ।ଦେଶ ରେ ପ୍ରତ୍ୟେକ ସ୍ତରରେ ସ୍ୱାର୍ଥ ଯେପରି ନିହିତ ଅଛି ତାହା ଏହି 'ଜେନଜି ବା ଛାତ୍ର ଆନ୍ଦୋଳନ ସମୟ ରେ ଦେଖିବା କୁ ମିଳିଛି।ଯୁବ ଶକ୍ତି ନିଶ୍ଚିତ ଭାବରେ ଆଜି ର ଦେଶ ର ଅବସ୍ଥା କୁ ଆଖି ରେ ରଖି ନୂଆ ପଦକ୍ଷେପ ନେବେ ଏକ ଉନ୍ନତ ଭାରତ ଗଢ଼ିବା ପାଇଁ।

**ବ୍ରହ୍ମପୁର, ଖୋଡାସିଂଙ୍ଗି କଳିଙ୍ଗନଗର**
**ଗଞ୍ଜାମ, ମୋବାଇଲ୍:୭୨୦୫୧୦୦୮୩୯**

# ଫାଶୀ ବଦଳରେ ଘାତକ ଇଞ୍ଜେକ୍ସନକୁ ନା'

## ଆବେଦନ ଖାରଜକଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୧୮।୮: ଭାରତରେ ଫାଶୀ ଦଣ୍ଡ ଦ୍ୱାରା ମୃତ୍ୟୁଦଣ୍ଡର ସାମ୍ବିଧାନିକ ବୈଧତାକୁ ସୁପ୍ରିମକୋର୍ଟ ବଜାୟ ରଖିଛନ୍ତି। ବିଚାରପତି ବିକ୍ରମ ନାଥ ଓ ସନ୍ଦୀପ ମେହେଟାଙ୍କ ଖଣ୍ଡପୀଠ ମୃତ୍ୟୁଦଣ୍ଡର ଏକ କମ୍ ଯନ୍ତ୍ରଣାଦାୟକ ବିକଳ୍ପ ପଦ୍ଧତି ପାଇଁ ଏକ ଆବେଦନକୁ ଖାରଜ କରି ଫାଶୀ ଦ୍ୱାରା ମୃତ୍ୟୁଦଣ୍ଡର ବିଦ୍ୟମାନ ଆଇନଗତ ବ୍ୟବସ୍ଥାକୁ ବଜାୟ ରଖିଛନ୍ତି।

ଆବେଦନକୁ ଖାରଜ କରିବା ସମୟରେ, ସୁପ୍ରିମକୋର୍ଟ ଏହି ଗୁରୁତ୍ୱପୂର୍ଣ୍ଣ ସମ୍ଭାବନାକୁ ଖୋଲା ରଖିଛନ୍ତି ଯେ ଯଦି ଭବିଷ୍ୟତରେ, ଠୋସ୍ ଏବଂ ପ୍ରଭାବଶାଳୀ ଚିକିତ୍ସା କିମ୍ବା ବୈଜ୍ଞାନିକ ପ୍ରମାଣ ମିଳେ ଯେ, ଫାଶୀ ଅନାବଶ୍ୟକ ଯନ୍ତ୍ରଣାର କାରଣ ହୁଏ କିମ୍ବା ମାନବ ମର୍ଯ୍ୟାଦାର ସାମ୍ବିଧାନିକ ଅଧିକାରକୁ ଉଲ୍ଲଂଘନ କରେ, ତେବେ ଏହି ପ୍ରସଙ୍ଗକୁ ପୁଣି ଥରେ ଏହାର ସାମ୍ବିଧାନିକ ସମୀକ୍ଷା କରାଯାଇପାରିବ। କୋର୍ଟ ଏହା ମଧ୍ୟ କହିଛନ୍ତି ଯେ କେନ୍ଦ୍ର ସରକାର ଚାହିଁଲେ, ମୃତ୍ୟୁଦଣ୍ଡର ବିକଳ୍ପ ପଦ୍ଧତିଗୁଡ଼ିକର ବ୍ୟାପକ ସମୀକ୍ଷା କରିବା ପାଇଁ ବିଶେଷଜ୍ଞଙ୍କ ଏକ କମିଟି ଗଠନ କରିପାରିବେ। ସୁପ୍ରିମକୋର୍ଟଙ୍କ ଅନୁଯାୟୀ, ବିଶେଷଜ୍ଞ କମିଟି ମୂଲ୍ୟାଙ୍କନ କରିପାରିବେ ଯେ କୌଣସି ବିକଳ୍ପ ପଦ୍ଧତି ଯନ୍ତ୍ରଣାକୁ କମ୍ କରିବା ଏବଂ ବ୍ୟକ୍ତିଙ୍କ ଗରିମା ରକ୍ଷା କରିବାର ସାମ୍ବିଧାନିକ ଉଦ୍ଦେଶ୍ୟକୁ ଭଲ ଭାବରେ ପୂରଣ କରିପାରିବ କି ନାହିଁ।

ଆବେଦନକାରୀ ଏହି ପ୍ରସଙ୍ଗ ସହିତ ଜଡିତ ସୁପ୍ରିମକୋର୍ଟଙ୍କର ପୂର୍ବରୁ ତିନି ରାୟକୁ ଏକ ବୃହତ ଖଣ୍ଡପୀଠକୁ ପଠାଇବାକୁ ମଧ୍ୟ ଆବେଦନ କରିଥିଲେ। ତେବେ ଖଣ୍ଡପୀଠ କହିଥିଲେ ଯେ ଏହି ରାୟଗୁଡ଼ିକୁ ଏକ ବୃହତ ଖଣ୍ଡପୀଠକୁ ପଠାଇବା ଦ୍ୱାରା ସମାଧାନ କରିବାର କୌଣସି ପର୍ଯ୍ୟାପ୍ତ ଆଧାର ନାହିଁ। ଖଣ୍ଡପୀଠ ପୁରୁଣା ଫୌଜଦାରୀ କାର୍ଯ୍ୟବିଧି ସଂହିତାର ଧାରା ୩୫୪ ଏବଂ ବର୍ତ୍ତମାନର ଭାରତୀୟ ଦଣ୍ଡ ସଂହିତାର ଧାରା ୩୯୩ ପରିପ୍ରେକ୍ଷୀରେ ମଧ୍ୟ ଆବେଦନକୁ ବିଚାର କରିଥିଲେ। ଜାନୁଆରି ୨୨ ତାରିଖରେ ସୁପ୍ରିମକୋର୍ଟ ଏହାର ଶୁଣାଣି ସମାପ୍ତ କରି ରାୟ ସଂରକ୍ଷିତ ରଖିଥିଲେ। ଆଇନଜୀବୀ ରିଷି ମାଲହୋତ୍ରାଙ୍କ ଦ୍ୱାରା ଏହି ଆବେଦନ ଦାଖଲ କରାଯାଇଥିଲା। ସେ ଫାଶୀକୁ ଏକ ନିଷ୍ଠୁର ଏବଂ ଅମାନବୀୟ ମୃତ୍ୟୁଦଣ୍ଡ ପଦ୍ଧତି ବୋଲି ବର୍ଣ୍ଣନା କରିଥିଲେ। ଆବେଦନକାରୀ ଫାଶୀ ବଦଳରେ ଘାତକ ଇଞ୍ଜେକ୍ସନ ଦେବାକୁ ପରାମର୍ଶ ଦେଇଥିଲେ। କେନ୍ଦ୍ର ସରକାରଙ୍କ ପ୍ରତିନିଧିତ୍ୱ କରୁଥିବା ଆଟର୍ଣ୍ଣି ଜେନେରାଲ କୋର୍ଟଙ୍କୁ ଜଣାଇଥିଲେ ଯେ ସରକାର ଏହି ପ୍ରସଙ୍ଗ ଉପରେ ବିଚାର କରିବା ପାଇଁ ଏକ କମିଟି ଗଠନ କରିଛନ୍ତି। ସୁପ୍ରିମକୋର୍ଟ ଆବେଦନକାରୀ ଏବଂ କେନ୍ଦ୍ର ସରକାରଙ୍କୁ ତିନି ସପ୍ତାହ ମଧ୍ୟରେ ସେମାନଙ୍କର ଲିଖିତ ଯୁକ୍ତି ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

### ରାମ ମନ୍ଦିର ଦାନ ଚୋରି ମାମଲା

# ଚମ୍ପତ ରାୟ ଓ ଅନିଲ ମିଶ୍ରଙ୍କୁ କ୍ଲିନ୍‌ଚିଟ୍



ଲକ୍ଷ୍ନୌ, ୧୮।୮: ଅଯୋଧ୍ୟାର ରାମ ମନ୍ଦିରରେ ଦାନ ଚୋରି ଅଭିଯୋଗର ତଦନ୍ତ କରୁଥିବା ସ୍ୱତନ୍ତ୍ର ତଦନ୍ତକାରୀ ଦଳ(ଏସଆଇଟି) ଟ୍ରଷ୍ଟର ପୂର୍ବତନ ମହାସଚିବ ଚମ୍ପତ ରାୟଙ୍କୁ କ୍ଲିନ୍ ଚିଟ୍ ଦେଇଛି। ଏସଆଇଟି ଟ୍ରଷ୍ଟର ପୂର୍ବତନ ସଦସ୍ୟ ଅନିଲ ମିଶ୍ରଙ୍କ ନାମକୁ ରିପୋର୍ଟରେ ଖୋଲାସା ନାହିଁ। ଦାନ ଚୋରି ଅଭିଯୋଗ ଆସିବା ପରେ ଚମ୍ପତ ଓ ଅନିଲ ଉଭୟ ଅଯୋଧ୍ୟା ରାମ ମନ୍ଦିର ପରିଚାଳନା ଟ୍ରଷ୍ଟରୁ ଜୁନ୍ ୨୭ ତାରିଖରେ ଇସ୍ତଫା ଦେଇଥିଲେ। ଉତ୍ତର ପ୍ରଦେଶ ଗୃହ ବିଭାଗ ଅଯୋଧ୍ୟା ରାମ ମନ୍ଦିର ଦାନ ଚୋରି ମାମଲାରେ ସ୍ୱତନ୍ତ୍ର ତଦନ୍ତକାରୀ ଦଳର ଚୂଡ଼ାନ୍ତ ରିପୋର୍ଟ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ପାଇଁ ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟକୁ ହସ୍ତାନ୍ତର କରିଛି। ସୂତ୍ର ଅନୁଯାୟୀ, ପଚରାଉଚରା ସମୟରେ ଚମ୍ପତ ରାୟ ମନ୍ଦିରରେ ଦାନ ଚୋରିରେ କୌଣସି ଭୂମିକାକୁ ଅସ୍ୱୀକାର କରିଥିଲେ ଏବଂ କହିଥିଲେ ଯେ ତାଙ୍କ ଅଭିଯୋଗ ଆଧାରରେ ସନ୍ଦିଗ୍ଧ ବ୍ୟକ୍ତିମାନଙ୍କୁ ଗିରଫ କରାଯାଇଥିଲା।

# ଗାଈପଲକୁ ବଞ୍ଚାଇବାକୁ ଯାଇ ୨ ଗାଡ଼ି ଧକ୍କା, ୮ ଶ୍ରମିକ ମୃତ



ଭୋପାଳ, ୧୮।୮: ମଧ୍ୟପ୍ରଦେଶର ଗ୍ୱାଲିୟରରୁ ଏକ ଦୁଃଖଦ ଖବର ଆସିଛି। ସୋମବାର-ମଙ୍ଗଳବାର ରାତିରେ ଭିଣ୍ଡ୍-ଗ୍ୱାଲିୟର ଜାତୀୟ ରାଜପଥ ୭୧୯ରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଛିମକା ଗାଁ ନିକଟରେ ଶ୍ରମିକମାନଙ୍କୁ ନେଇ ଯାଉଥିବା ଏକ ଦ୍ରୁତଗାମୀ ପିକଅପ୍ ଟ୍ରକ୍ ସାମ୍ନାପଟୁ ଆସୁଥିବା ଏକ ଡମ୍ପର ସହିତ ଧକ୍କା ହୋଇଛି। ଦୁର୍ଘଟଣାରେ ଆଠ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଛି ଏବଂ ୩୨ ଜଣ ଆହତ ହୋଇଛନ୍ତି। ପୁଲିସ ସୂଚନା ଅନୁଯାୟୀ, ଦୁର୍ଘଟଣାଟି ରାତି ପ୍ରାୟ ୧ଟା ସମୟରେ ଘଟିଥିଲା। ପ୍ରାଥମିକ ତଦନ୍ତରୁ ଜଣାପଡିଛି ଯେ, ରାଜପଥରେ ଶୋଇଥିବା ଏକ ଗାଈ ପଲକୁ ସୁରକ୍ଷା ଦେବା ପାଇଁ ଚେଷ୍ଟା କରିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା।

### ଅଭିଜିତଙ୍କ 'ସ୍କୁଲ ଠିକ କର' ଅଭିଯାନ

# ମଦ୍ୟପ ପ୍ରଧାନଶିକ୍ଷକ ନିଲମ୍ବିତ



ନୂଆଦିଲ୍ଲୀ, ୧୮।୮: କକରୋଚ ଜନତା ପାର୍ଟି (ସିଜେପି) ସାରା ଦେଶରେ 'ସ୍କୁଲ ଠିକ କର' ଅଭିଯାନ ଚଳାଉଛି। ଏହି ମଧ୍ୟରେ ମହାରାଷ୍ଟ୍ରର ହିଙ୍ଗୋଲି ଜିଲାର ଏକ ସ୍କୁଲରେ ମଦ୍ୟପାନ କରି ସ୍କୁଲ ଆସୁଥିବା ପ୍ରଧାନଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇଛି। ତାଙ୍କୁ ନିଲମ୍ବିତ କରାଯାଇଛି। ପ୍ରଧାନଶିକ୍ଷକ ଜଣକ ମଦ ପିଇ ସ୍କୁଲ ଆସୁଥିଲେ। ସିଜେପିର ପ୍ରତିଷ୍ଠାତା ଅଭିଜିତ ଦୀପକେ ଏନେଇ ସୂଚନା ଦେଇଛନ୍ତି। ଏହି ସମୟରେ ସେ ଅବଦୁଲ ଓ ତାଙ୍କ ଦିବଙ୍ଗତ ପିତାଙ୍କ ବିଷୟରେ ମଧ୍ୟ ଉଲ୍ଲେଖ କରିଛନ୍ତି। ଅଭିଜିତ ଦୀପକେ ସୋସିଆଲ ମିଡିଆ 'ଏକ୍ସ'ରେ ଲେଖିଛନ୍ତି, ହିଙ୍ଗୋଲି ଜିଲାର ଲିମ୍ବାଲା ଗାଁବାସୀଙ୍କ ପାଇଁ ଏହା ପ୍ରଥମ ବଡ଼ ବିଜୟ। ମଦ୍ୟପ ପ୍ରଧାନଶିକ୍ଷକଙ୍କୁ ନିଲମ୍ବିତ କରାଯାଇଛି। ମୁଁ ଏହି ବିଜୟକୁ ଅବଦୁଲ ଏବଂ ତାଙ୍କ ପିତାଙ୍କୁ ସମର୍ପିତ କରିବାକୁ ଚାହୁଁଛି। ଯେପରି ଅବଦୁଲ ଗତକାଲି (୧୭ ଅଗଷ୍ଟ) କହିଥିଲେ, 'ଏବେ ଆଉ ଅଟକିବା ନାହିଁ, ସ୍କୁଲକୁ ଠିକ କରିକି ହିଁ ରହିବୁ।'

# ଜେପି ନଡ୍ଡାଙ୍କର ହେଲା ଆଞ୍ଜିଓପ୍ଲାଷ୍ଟି



ନୂଆଦିଲ୍ଲୀ,୧୮।୮: ସ୍ୱାସ୍ଥ୍ୟମନ୍ତ୍ରୀ ଜେପି ନଡ୍ଡାଙ୍କ ଆଞ୍ଜିଓପ୍ଲାଷ୍ଟି ହୋଇଛି। ଏମ୍ସ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଏକ ଅପଡେଟ ପ୍ରଦାନ କରିଛି, ଯେଉଁଥିରେ କୁହାଯାଇଛି ଯେ ସେ ସ୍ଥିର ଅଛନ୍ତି ଓ ବର୍ତ୍ତମାନ ଅବଜରଭେଶନରେ ଅଛନ୍ତି। ଉଲ୍ଲେଖନୀୟ ଯେ ଶ୍ରୀ ନଡ୍ଡାଙ୍କୁ ଗୁରୁବାର (୧୩ ଅଗଷ୍ଟ) ଅସ୍ଥିରତା ଅଭିଯୋଗ କରିବା ପରେ ଦିଲ୍ଲୀର ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ (ଏମ୍ସ)ରେ ଭର୍ତ୍ତି କରାଯାଇଥିଲା। ରାହୁଲ ଗାନ୍ଧୀ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଶୀଘ୍ର ଆରୋଗ୍ୟ କାମନା କରି ସୋସିଆଲ ମିଡିଆରେ ଲେଖିଛନ୍ତି, 'ମୁଁ ଖବର ପାଇଲି ଯେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା ଅସୁସ୍ଥ ହୋଇପଡ଼ିଛନ୍ତି ଓ ତାଙ୍କୁ ଏମ୍ସରେ ଭର୍ତ୍ତି କରାଯାଇଛି। ମୁଁ ତାଙ୍କର ସଫଳ ଚିକିତ୍ସା ଏବଂ ଶୀଘ୍ର ଆରୋଗ୍ୟ କାମନା କରୁଛି।'

# ମୁଁ ସେହି 'ବନ୍ଦେ ମାତରମ୍' ଗାଇଛି ଯାହା ଗାନ୍ଧି-ବାଜପେୟୀ ଗାଇଥିଲେ



ନୂଆଦିଲ୍ଲୀ,୧୮।୮: 'ବନ୍ଦେ ମାତରମ୍' ବିବାଦକୁ ନେଇ ଚାଲିଥିବା ରାଜନୀତି ମଧ୍ୟରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ ଏକ ବଡ଼ ବିବୃତ୍ତି ଦେଇଛନ୍ତି। ଗୋଆରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଖଡ଼ଗେ କହିଛନ୍ତି, ମୁଁ ସେହି ବନ୍ଦେ ମାତରମ୍ ଗାଇଥିଲି ଯାହାକୁ ପଣ୍ଡିତ ନେହେରୁ, ମହାତ୍ମା ଗାନ୍ଧୀ ଓ ଅଟଳ ବିହାରୀ ବାଜପେୟୀ ଗାଇଥିଲେ। ଯଦି ମୁଁ କୌଣସି ଅପରାଧ କରିଛି, ତେବେ ଗାନ୍ଧୀ ଓ ବାଜପେୟୀ ମଧ୍ୟ ଦୋଷୀ। ବିଜେପି ଯାହା କହିବ ତାହା ହେବ ନାହିଁ। କଂଗ୍ରେସ ଏହାର ୯୦ ବର୍ଷର ପୁରୁଣା ପରମ୍ପରା ଜାରି ରଖିଛି ବୋଲି କହିଛନ୍ତି ଖଡ଼ଗେ। ଖଡ଼ଗେ ଆହୁରି କହିଛନ୍ତି, ସେମାନେ ଏହି କଥା ଜାଣି ନାହାନ୍ତି ଯେ, ସେମାନଙ୍କ ଜନ୍ମ ପୂର୍ବରୁ କଂଗ୍ରେସ ଦେଶ ପାଇଁ କେଉଁ ଜାତୀୟ ଗୀତ ଗ୍ରହଣ କରିବ ତାହା ନିର୍ଣ୍ଣୟ କରି ଏକ ସଂକଳ୍ପ ପାରିତ କରିଥିଲା। ଆପଣ ଯାହା କହିବେ ତାହା ଜାତୀୟ ମାନଦଣ୍ଡ ନୁହେଁ।

# ଇମ୍ରାନଙ୍କୁ ହସ୍ପିଟାଲ ଶିଫ୍ଟ କରିବାକୁ ନିର୍ଦ୍ଦେଶ



ନୂଆଦିଲ୍ଲୀ, ୧୮।୮: ଜେଲରେ ବନ୍ଦୀ ଥିବା ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କୁ ସୁପ୍ରିମ କୋର୍ଟରୁ ବଡ଼ ଆଶ୍ୱସ୍ତି ମିଳିଛି। ଇମ୍ରାନଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବା ଓ ଦୃଷ୍ଟିଶକ୍ତି ହ୍ରାସ ଜନିତ ସମସ୍ୟାକୁ ଦୃଷ୍ଟିରେ ରଖି ତୁରନ୍ତ ତାଙ୍କୁ ପ୍ରାଇଭେଟ୍ ହସ୍ପିଟାଲରେ ସିଫ୍ଟ କରାଇବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସୁପ୍ରିମକୋର୍ଟଙ୍କ ଏହି ନିଷ୍ପତ୍ତି ଦ୍ୱାରା ତାଙ୍କ ଦଳ ପାକିସ୍ତାନ ତେହେରିକ୍-ଏ-ଇନସାଫ୍ (ପିଟିଆଇ) ଓ ତାଙ୍କ ପରିବାର ଲୋକଙ୍କ ସେହି ଦାବି ପୂରଣ ହୋଇଛି, ଯାହା ପାଇଁ ସେମାନେ ଗତ କିଛି ମାସ ହେବ ଆଇନଗତ ଓ ରାଜନୈତିକ ଲଢ଼େଇ ଲଢୁ ଥିଲେ। କୋର୍ଟଙ୍କ ନିର୍ଦ୍ଦେଶାନୁସାରେ, ଇମ୍ରାନ ୧୬ ସେପ୍ଟେମ୍ବର ପର୍ଯ୍ୟନ୍ତ ଡାକ୍ତରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ହସ୍ପିଟାଲରେ ରହିବେ।

# ଏକେ-୪୭ ଚଳାଇଥିଲେ କନଷ୍ଟେବଳ

## ସତ୍ୟପାଠରେ ସ୍ୱୀକାର କଲେ ସରକାର



ନୂଆଦିଲ୍ଲୀ, ୧୮।୮: ବିହାରରେ ଛାତ୍ର ପ୍ରତିବାଦ ସମୟରେ ପୁଲିସ ନିର୍ଯାତନା ସମ୍ପର୍କରେ ଦାୟର ହୋଇଥିବା ଜନସ୍ୱାର୍ଥ ମାମଲା ଉପରେ ରାଜ୍ୟ ସରକାର ସୁପ୍ରିମକୋର୍ଟରେ ଏକ ସତ୍ୟପାଠ ଦାଖଲ କରିଛନ୍ତି। ପୁଲିସ ଦ୍ୱାରା ଅଯଥା ବଳ ପ୍ରୟୋଗ କରାଯାଇଥିବା ଅଭିଯୋଗକୁ ସତ୍ୟପାଠରେ ଅସ୍ୱୀକାର କରାଯାଇଛି। ସତ୍ୟପାଠରେ ବିହାର ସରକାର କହିଛନ୍ତି ଯେ, ଯେତେବେଳେ ଆଇନ ଶୃଙ୍ଖଳା ପରିସ୍ଥିତି ବିଗିଡ଼ି ଯାଇଥିଲା, ପୁଲିସ ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ନେଇଥିଲା। ସିୱାନରେ ଜଣେ ପୁଲିସ କର୍ମଚାରୀଙ୍କ ଦ୍ୱାରା ଏକେ-୪୭ରୁ ଗୁଳି ଚଳାଇବା ମାମଲାରେ ରାଜ୍ୟ ସରକାର କହିଛନ୍ତି ଯେ, ଭିଡ଼ରେ ଫସିଯିବା ପରେ ଜଣେ କନଷ୍ଟେବଳ ଚାରୋଟି ଫାଙ୍କା ଗୁଳି ଚାଳନା କରିଥିଲେ।

ବିହାର ସରକାରଙ୍କ ଅନୁଯାୟୀ,ଏକେ-୪୭ ଗୁଳିରେ କୌଣସି ପ୍ରତିବାଦକାରୀ ଆହତ ହୋଇନାହାନ୍ତି। ସରକାର ଏହା ମଧ୍ୟ କହିଛନ୍ତି ଯେ ଆଇନ ଶୃଙ୍ଖଳା ପରିସ୍ଥିତିରେ ଏହି ଅସ୍ତ୍ର ବ୍ୟବହାର କରାଯିବା ଉଚିତ ନୁହେଁ। ସୂଚନାଯୋଗ୍ୟ, ଗୁଳି ଚଳାଇଥିବା କନଷ୍ଟେବଳଙ୍କୁ ନିଲମ୍ବିତ କରାଯାଇଛି ଓ ତାଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଇଛି।

### ଆନ୍ଦୋଳନକାରୀଙ୍କୁ ସରକାରଙ୍କ ଡ଼ର

# ୩୨ ହଜାର ଶିକ୍ଷକଙ୍କ ନିଯୁକ୍ତି ଘୋଷଣା




ପାଟନା, ୧୮।୮: ଜନ୍ତର-ମନ୍ତର ଓ ରାଞ୍ଚିର ଜୟପାଲ ସିଂହ ମୁଣ୍ଡା ଷ୍ଟାଡିୟମ ପରି ଯେତେବେଳେ ମଙ୍ଗଳବାର ସକାଳେ ପାଟନାର ଗର୍ଦ୍ଦନିବାଗରେ ପ୍ରତିଯୋଗୀ ଛାତ୍ରଛାତ୍ରୀ ଆମରଣ ଅନଶନରେ ବସିଲେ, ତ ପ୍ରଶାସନିକ କରିଡରରେ କମ୍ପନ ସୃଷ୍ଟି ହେଲା। ଫଳାଫଳ ଏହା ହେଲା ଯେ, ଅନଶନ ଆରମ୍ଭର କିଛି ଘଣ୍ଟା ଭିତରେ ବିହାର ଲୋକ ସେବା ଆୟୋଗ (ବିପିଏସସି) ୪ର୍ଥ ପର୍ଯ୍ୟାୟର ବିଦ୍ୟାଳୟ ଅଧ୍ୟାପକ ନିଯୁକ୍ତି ପରୀକ୍ଷାର ସରକାରୀ ଅଧିସୂଚନା ଜାରି କରି ଦେଇଛି। ଏହାକୁ ବିହାରର ଲକ୍ଷ ଲକ୍ଷ ବେରୋଜଗାର ଯୁବକଯୁବତୀ ଓ ଆନ୍ଦୋଳନକାରୀ ଛାତ୍ରଛାତ୍ରୀଙ୍କର ବହୁତ ବଡ଼ ସଫଳତା ଭାବେ ଦେଖା ଯାଉଛି।

କମିଶନ ଦ୍ୱାରା ଜାରି ଅଧିସୂଚନା ଅନୁସାରେ , ଏହି ଚତୁର୍ଥ ପର୍ଯ୍ୟାୟରେ ମୋଟ ୩୨,୩୮୮ ଖାଲି ଥିବା ପଦବୀରେ ଶିକ୍ଷକଙ୍କ ନିଯୁକ୍ତି କରାଯିବ। ଏହା ପୂର୍ବରୁ ମଙ୍ଗଳବାର ( ୧୮ ଅଗଷ୍ଟ)ର ସକାଳେ ଛାତ୍ର ନେତା ଦିଲୀପ କୁମାରଙ୍କ ନେତୃତ୍ୱରେ ହଜାର ହଜାର ପ୍ରାର୍ଥୀ ଗର୍ଦ୍ଦନୀବାଗ ଧାରଣ ସ୍ଥଳରେ ଅନିଶ୍ଚିତ ସମୟ ପାଇଁ ଅନଶନରେ ବସି ଥିଲେ। ପ୍ରାର୍ଥୀମାନେ ସ୍ପଷ୍ଟ କହି ଥିଲେ ଯେ, ଶିକ୍ଷା ମନ୍ତ୍ରୀ ମିଥିଲେଶ ତିୱାରୀ ଜୁଲାଇରେ ବିଜ୍ଞାପନର ଯେଉଁ ପ୍ରତିଶ୍ରୁତି ଦେଇଥିଲେ,ଏହାକୁ ତୁରନ୍ତ ପୂରଣ କରନ୍ତୁ କିମ୍ବା ଇସ୍ତଫା ଦିଅନ୍ତୁ। ଛାତ୍ରଛାତ୍ରୀମାନେ ଚେତାବନୀ ଦେଇଥିଲେ ଯେ,ଯଦି ୫ ଦିନରେ ନୋଟିଫିକେସନ ନଆସିଲା, ତ ସିଧା ବିଧାନସଭା ଘେରାଉ ହେବ। ବିହାର ସରକାର ଦିଲ୍ଲୀ ଓ ଝାଡ଼ଖଣ୍ଡ ଭଳି କୌଣସି ବି ବଡ଼ ଆନ୍ଦୋଳନକୁ ଆଗକୁ ବଢାଇବାକୁ ଚାହୁଁ ଥିଲେ। ଏଥିପାଇଁ ତୁରନ୍ତ ସନ୍ଧ୍ୟା ସୁଦ୍ଧା ଏହି ନୋଟିଫିକେସନ ବାହାର କରିଦେଲେ।

# ଭାରତ ସହ ସମ୍ପର୍କ ଖରାପ କରିବାକୁ ଚାହୁଁନାହୁଁ: ବାଂଲାଦେଶ



ଢାକା, ୧୮।୮: ଦୀର୍ଘଦିନ ଧରି ଅମିମାଂଶିତ ରହିଥିବା ତିସ୍ତା ନଦୀ ଜଳ ବଣ୍ଟନ ପ୍ରସଙ୍ଗକୁ ନେଇ ଭାରତ ସହ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ଖରାପ ହେଉ ବୋଲି ବାଂଲାଦେଶ ଚାହୁଁନାହିଁ ବୋଲି ଦେଶର ଜଳସମ୍ପଦ ମନ୍ତ୍ରୀ ଶାହିଦୁଦ୍ଦିନ ଚୌଧୁରୀ ଆନି କହିଛନ୍ତି। ତିସ୍ତା ନଦୀର ସମନ୍ୱିତ ପରିଚାଳନା ଓ ପୁନରୁଦ୍ଧାର ପ୍ରକଳ୍ପକୁ ଚୀନ୍‌ର ସହଯୋଗରେ ଆଗକୁ ବଢ଼ାଇବାକୁ ଢାକା ଉଦ୍ୟମ କରୁଥିବା ସମୟରେ ମନ୍ତ୍ରୀଙ୍କ ଏହି ମନ୍ତବ୍ୟ ସାମ୍ନାକୁ ଆସିଛି। ଢାକାରେ ଏକ ସେମିନାରରେ ଆନି କହିଛନ୍ତି ଯେ, ଭାରତ ନିଜ ସ୍ୱାର୍ଥ ସହ ବାଂଲାଦେଶର ସ୍ୱାର୍ଥକୁ ମଧ୍ୟ ବିଚାର କରିବା ଆବଶ୍ୟକ। ବନ୍ଧୁ ଦେଶ ଜଣେ ବନ୍ଧୁଙ୍କ ସ୍ୱାର୍ଥର ସୁରକ୍ଷା କରିବା ଉଚିତ। ଆମେ କେବେ ବି ଭାରତ ସହ ଆମର ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ଖରାପ ହେଉ ବୋଲି ଚାହୁଁନାହୁଁ ବୋଲି ସେ କହିଛନ୍ତି।।

ବାଂଲାଦେଶର ଟିବିଏସ୍ ନ୍ୟୁଜ୍‌ର ରିପୋର୍ଟ ଅନୁସାରେ, ପଡୋଶୀ ଦେଶ(ଭାରତ) ଜଣେ ବନ୍ଧୁ ରାଷ୍ଟ୍ର। ସେମାନେ ସେମାନଙ୍କ ସ୍ୱାର୍ଥ ଚିନ୍ତା କରିବେ, ଆମେ ମଧ୍ୟ ଆମ ସ୍ୱାର୍ଥ ଚିନ୍ତା କରିବୁ। ଜଣେ ବନ୍ଧୁ ଅନ୍ୟ ଜଣେ ବନ୍ଧୁର ସ୍ୱାର୍ଥକୁ ସୁରକ୍ଷା ଦେବା ଦରକାର। ତାଙ୍କ ସହ ଥିବା ଆମର ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ଖରାପ ହେଉ ଏକଥା ଆମେ ଚାହୁଁ ନାହୁଁ।

### ୫ ଦିନ ପରେ ସରିଲା ରେସକ୍ୟୁ ଅପରେସନ

# ଟନେଲ ଧସି ୧୦ ଶ୍ରମିକ ମୃତ, ୧୨ ଆହତ

ଚମୋଲି,୧୮।୮: ଉତ୍ତରାଖଣ୍ଡର ଚମୋଲି ପିପଲକୋଟି ସୁଡ଼ଙ୍ଗ ଦୁର୍ଘଟଣାରେ ଉଦ୍ଧାର ଅଭିଯାନ ଏବେ ଶେଷ ହୋଇଛି। ଉଦ୍ଧାରକାରୀ ଦଳ ସୁଡ଼ଙ୍ଗରେ ଫସି ରହିଥିବା ଶେଷ ନିଖୋଜ ଶ୍ରମିକଙ୍କ ମୃତଦେହ ଉଦ୍ଧାର କରିଛନ୍ତି। ଦୁର୍ଘଟଣାରେ ମୋଟ ୧୦ ଜଣ ଶ୍ରମିକ ପ୍ରାଣ ହରାଇଛନ୍ତି, ଯେତେବେଳେ ଅନ୍ୟ ୧୨ଜଣ ଆହତ ହୋଇଛନ୍ତି। ୧୩ ଅଗଷ୍ଟ, ୨୦୨୬ରେ, ମାୟାପୁର (ପିପଲକୋଟି)ର ହାଟ-ସିଆସୈନରେ ନିର୍ମାଣାଧୀନ ଟନେଲରେ ହଠାତ୍ ପାଣି ପଶିଯାଇଥିଲା। ଫଳରେ ଟନେଲ ଭିତରେ ୨୨ ଜଣ ଶ୍ରମିକ ଫସି ଯାଇଥିଲେ। ଘଟଣାର ତୁରନ୍ତ ପରେ ଜିଲ୍ଲା ପ୍ରଶାସନ, ପୋଲିସ, ଏନ୍‌ଡିଆରଏଫ୍ ଓ ଏସ୍‌ଡିଆରଏଫ୍ ଟିମ୍‌କୁ ମୁତୟନ କରାଯାଇଥିଲା। ମିଳିତ ଟିମ୍ ଯୁଦ୍ଧସ୍ତରରେ ରେସକ୍ୟୁ ଅପରେସନ୍ ଆରମ୍ଭ କରିଥିଲେ। ସୁଡ଼ଙ୍ଗ ଭିତରେ ଅନେକ ଫୁଟର ଭଗ୍ନାବଶେଷ ଏବଂ ପାଣି ଜମା ହୋଇଯାଇଥିଲା, ଯାହା ଉଦ୍ଧାରକାରୀ ଦଳଙ୍କ ପ୍ରବେଶ ପାଇଁ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଥିଲା। ଭଗ୍ନାବଶେଷ ବାହାର କରିବା ସହ ପାଣି ନିଷ୍କାସନ ପାଇଁ ବଡ଼ ସକ୍ସନ୍ ପମ୍ପ ଏବଂ ଉନ୍ନତ ଉପକରଣ ବ୍ୟବହାର କରାଯାଇଥିଲା। ଦିନ ରାତି ଚାଲିଥିବା ଏହି ଅଭିଯାନରେ ଟିମ୍ ଟନେଲ୍‌ର କୋଣ କୋଣରେ ସର୍ଚ୍ଚ ଅପରେସନ୍ କରିଥିଲା।



# ବିନୋଦ ତାୱ୍‌ଡେ ବିଜେପିର ଉତ୍ତର ପ୍ରଦେଶ ପ୍ରଭାରୀ ନିଯୁକ୍ତ



ନୂଆଦିଲ୍ଲୀ, ୧୮।୮: ବିଜେପି ଉତ୍ତର ପ୍ରଦେଶରେ ସଂଗଠନର ଦାୟିତ୍ୱ ବରିଷ୍ଠ ନେତା ବିନୋଦ ତାୱ୍‌ଡେଙ୍କୁ ଦେଇଛି। ତାଙ୍କୁ ଉତ୍ତର ପ୍ରଦେଶର ପ୍ରଭାରୀ ନିଯୁକ୍ତ କରାଯାଇଛି। ୧୭ ଅଗଷ୍ଟ ୨୦୨୬ରେ ଭାଜପାର ଜାତୀୟ ମହାସଚିବ ତଥା ରାଜ୍ୟ ସଭା ସାଂସଦ ବିନୋଦ ତାୱ୍‌ଡେଙ୍କୁ ଦଳର ଉତ୍ତର ପ୍ରଦେଶ ପ୍ରଭାରୀ ନିଯୁକ୍ତ କରାଯାଇଛି। ଜଗଦୀଶ ଈଶ୍ୱରଭାଇ ପଟେଲଙ୍କୁ ସହ-ପ୍ରଭାରୀ କରାଯାଇଛି।

ବିଜେପି ଅଧ୍ୟକ୍ଷ ନୀତିନ ନବୀନଙ୍କ ପକ୍ଷରୁ ସଂଗଠନରେ ବଡ଼ ଧରଣର ପରିବର୍ତ୍ତନ ଏବଂ ଜାତୀୟ ପଦାଧିକାରୀଙ୍କ ନୂଆ ଟିମ ଘୋଷଣା ପରେ ଏହି ନିଯୁକ୍ତି କରାଯାଇଛି। ସତୀଶ ପୁନିଆଙ୍କୁ ପଞ୍ଜାବର ଦାୟିତ୍ୱ ଦିଆଯାଇଥିବା ବେଳେ ତରୁଣ ଚୁଘ ଗୁଜରାଟର ଦାୟିତ୍ୱ ସମ୍ଭାଳିବେ। ୬୩ ବର୍ଷୀୟ ବିନୋଦ ତାୱ୍‌ଡେ ବିଜେପିରେ ପରଦା ପଛରେ ରହି କାମ କରୁଥିବା ଜଣେ ଦକ୍ଷ ସଂଗଠକ ଭାବେ ପରିଚିତ। ନିର୍ବାଚନ ରଣନୀତି ପ୍ରସ୍ତୁତ କରିବା, ସଦସ୍ୟତା ଅଭିଯାନ ଚଳାଇବା ଏବଂ ମେଣ୍ଟରେ ସମନ୍ୱୟ ରକ୍ଷା କରିବାରେ ତାଙ୍କର ଅଭିଜ୍ଞତା ରହିଛି।

# ବିମାନବନ୍ଦରରେ ଅଗ୍ନିକାଣ୍ଡ, ଅଳ୍ପକେ ଟଳିଲା ଦୁର୍ଘଟଣା



କୋଲକାତା, ୧୮।୮: କୋଲକାତାର ଏୟାରପୋର୍ଟରେ ବଡ ଅଘଟଣ। ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଅନ୍ତର୍ଜାତୀୟ ବିମାନବନ୍ଦରର ଏୟାର ଟ୍ରାଫିକ୍ କଣ୍ଟ୍ରୋଲ୍ (ଏଟିସି) କୋଠାର ଦ୍ୱିତୀୟ ମହଲାରେ ଅଗ୍ନିକାଣ୍ଡ ଘଟିଛି। ହଠାତ୍ ନିଆଁ ଲାଗିଯିବାରୁ ଆତଙ୍କ ଖେଳିଯାଇଥିଲା। ଭୋର ପ୍ରାୟ ୪ଟାରେ ଅଗ୍ନିକାଣ୍ଡ ସମ୍ପର୍କରେ ସୂଚନା ପାଇବା ପରେ, ବିମାନବନ୍ଦର ଅଗ୍ନିଶମ ସେବା ଦାୟିତ୍ୱ ନେଇଥିଲା। କିଛି ସମୟ ମଧ୍ୟରେ ନିଆଁକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣ କରିଥିଲା। ସୌଭାଗ୍ୟବଶତଃ, ଏହି ଘଟଣା ବିମାନବନ୍ଦରର ମୁଖ୍ୟ କାର୍ଯ୍ୟକୁ ପ୍ରଭାବିତ କରିନଥିଲା ଏବଂ ସମସ୍ତ ବିମାନ ସେବା ଜାରି ରହିଥିଲା। ବିମାନବନ୍ଦର ନିର୍ଦ୍ଦେଶକ ବିକ୍ରମ ସିଂହ କହିଛନ୍ତି ଯେ ନିଆଁ ଦ୍ୱିତୀୟ ମହଲାର ଏକ ଖୋଲା ସ୍ଥାନରେ ସୀମିତ ଥିଲା।

# ଯବାନଙ୍କ ସପରିବାର ମୃତ୍ୟୁ, ଘରୁ ମିଳିଲା ୪ ମୃତଦେହ



ନୂଆଦିଲ୍ଲୀ ୧୮।୮: ମୁମ୍ବାଇର କୋଲାବା ନୌସେନା ନଗରସ୍ଥିତ ସରକାରୀ ବାସଭବନରୁ ଭାରତୀୟ ନୌସେନା ଯବାନ ପୂରଣମଲ ମେହରା, ତାଙ୍କ ପତ୍ନୀ ଓମା ମେହେରା ଓ ସେମାନଙ୍କର ଦୁଇ ନିଷ୍ପାପ ଶିଶୁଙ୍କ ମୃତଦେହ ଉଦ୍ଧାର ହୋଇଛି। ଗୋଟିଏ ପଟେ ଦେଶସେବାରେ ନିୟୋଜିତ ଜଣେ ସୈନିକଙ୍କୁ ହରାଇବାର ଦୁଃଖ, ଅନ୍ୟପଟେ ଗୋଟିଏ ପରିବାରର ୪ ଜଣ ସଦସ୍ୟଙ୍କ ଆକସ୍ମିକ ମୃତ୍ୟୁ ସମଗ୍ର ଅଞ୍ଚଳକୁ ସ୍ତବ୍ଧ କରିଦେଇଛି। ମୁମ୍ବାଇ ପୁଲିସର ପ୍ରାରମ୍ଭିକ ସୂଚନା ଅନୁଯାୟୀ, କୋଠରିରେ ପୂରଣମଲଙ୍କ ଝୁଲନ୍ତା ଅବସ୍ଥାରେ ମିଳିଥିବା ବେଳେ ପତ୍ନୀ ଓ ଦୁଇ ପିଲାଙ୍କ ମୃତଦେହ ବିଛଣାରେ ପଡ଼ିଥିଲା। ୨୦୧୫ରୁ ନୌସେନାରେ ସେବା ଦେଉଥିବା ପୂରଣମଲ ଜଣେ ମିଳାପୀ ଓ ହୃଦୟବାନ ବ୍ୟକ୍ତି ଭାବେ ଜଣାଶୁଣା ଥିଲେ।

# ଛାତ୍ରର ଆଖିବୁଜା ଗୁଳିକାଣ୍ଡ, ୨ ମୃତ

ମାନିଲା,୧୮।୮: ଫିଲିପାଇନ୍ସର ଏକ ସ୍କୁଲରେ ଗୁଳିକାଣ୍ଡ ହୋଇଥିବା ରିପୋର୍ଟ ସାମ୍ନାକୁ ଆସିଛି। ଏହି ଘଟଣାରେ ଦୁଇଜଣଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ଜଣେ ସ୍ଥାନୀୟ ଅଧିକାରୀଙ୍କ ଅନୁଯାୟୀ, ମଙ୍ଗଳବାର ସକାଳେ ଦକ୍ଷିଣ ଫିଲିପାଇନ୍ସର ଜାମ୍ବୋଆଙ୍ଗା ସହରର ଏକ ହାଇସ୍କୁଲରେ ଜଣେ ବନ୍ଧୁକଧାରୀ ଗୁଳି ଚଳାଇଥିଲେ। ଫଳରେ ଅତି କମରେ ଦୁଇଜଣଙ୍କ ମୃତ୍ୟୁ ହୋଇଥିଲା। ଜାମ୍ବୋଆଙ୍ଗା ସହରର ମେୟର କ୍ଲିମାକୋ-ଆଦାନ ଓଲାସୋ ମଙ୍ଗଳବାର ଡିଜେଡିଏମଏମ ରେଡିଓକୁ କହିଥିଲେ ଯେ ମୃତକ ଉଭୟ ଛାତ୍ର ଥିଲେ ଏବଂ ବନ୍ଧୁକଧାରୀ ସେମାନଙ୍କ ମଧ୍ୟରେ ଥିଲେ।

# ଦ୍ୱିଶାଙ୍କ ଶେଷ ମେସେଜ୍, ମତେ ଶାନ୍ତିରେ ମରିବାକୁ ଦିଅ

## ୬୩୬ ପୃଷ୍ଠାର ଚାର୍ଜସିଟ୍ ଦାଖଲ କଲା ସିବିଆଇ



ନୂଆଦିଲ୍ଲୀ ୧୮।୮: ଭୋପାଳ ବହୁ ଚର୍ଚ୍ଚିତ ଦ୍ୱିଶା ମୃତ୍ୟୁ ମାମଲାରେ ସିବିଆଇ ଚାର୍ଜସିଟ୍ ଦାଖଲ କରିଛି। ଭୋପାଳର ଏକ ସ୍ୱତନ୍ତ୍ର କୋର୍ଟ ଦ୍ୱିଶାଙ୍କ ସ୍ୱାମୀ ସମର୍ଥ ଓ ଶାଶୁ ଗିରିବାଳାଙ୍କ ବିରୋଧରେ ପ୍ରାୟ ୬୩୬ ପୃଷ୍ଠାର ଏକ ଚାର୍ଜସିଟ୍ ଦାଖଲ କରିଛି। ସେଥିରେ ସ୍ୱାମୀ ସମର୍ଥ ଓ ଶାଶୁ ଗିରିବାଳା ଦ୍ୱିଶାଙ୍କୁ ଆତ୍ମହତ୍ୟା ପାଇଁ ଉସୁକାଇଥିବା ଅଭିଯୋଗ ରହିଛି। ଏହି ହାଇପ୍ରୋଫାଇଲ୍ ମାମଲାର ତଦନ୍ତ କରୁଥିବା ସିବିଆଇ ଅଭିଯୋଗ କରିଛି ଯେ, ଉଭୟ ସମର୍ଥ ଓ ତାଙ୍କ ମା' ଦ୍ୱିଶାଙ୍କୁ ମାନସିକ ନିର୍ଯାତନା ଦେଉଥିଲେ। ତେଣୁ ଦ୍ୱିଶାଙ୍କ ପାଖରେ ଜୀବନ ହାରିବା ଛଡ଼ା ଆଉ କିଛି ବାଟ ନଥିଲା। ମୃତ୍ୟୁ ପୂର୍ବରୁ ଦ୍ୱିଶା ତାଙ୍କ ପରିବାରକୁ କରିଥିବା ମେସେଜ୍ ମଧ୍ୟ ସାମ୍ନାକୁ ଆସିଛି। ମୃତ୍ୟୁ ପୂର୍ବରୁ ଦ୍ୱିଶା ତାଙ୍କ ଭାଉଜଙ୍କ ପାଖକୁ ଏକ ମେସେଜ ପଠାଇଥିଲେ। ସେ ଲେଖିଥିଲେ, 'ତାଙ୍କୁ କୁହ ସେ ତା'ର ସ୍ତ୍ରୀ ବଳକା ଜିନିଷପତ୍ର ନେଇଯିବ। ବର୍ତ୍ତମାନ ପାଇଁ ଶାନ୍ତିରେ ମରିବାକୁ ଦିଅ।' କୋର୍ଟରେ ସିବିଆଇ ଦାଖଲ କରିଥିବା ଚାର୍ଜସିଟରେ ଏହା ଉଲ୍ଲେଖ କରାଯାଇଛି। ଏହାର କିଛି ମିନିଟ୍ ପରେ ଦ୍ୱିଶା ଶର୍ମା ଫାଶୀ ଲଗାଇ ଜୀବନ ହାରିଥିବା ଅଭିଯୋଗ ହୋଇଛି। ସିବିଆଇ ଚାର୍ଜସିଟରେ କହିଛି ଯେ, ମେ ୧୨, ୨୦୨୬ ରାତି ୯ଟା ୩୬ ମିନିଟ୍ ସମୟରେ ୩୪ ବର୍ଷୀୟା ଦ୍ୱିଶା ପଠାଇଥିବା ମେସେଜ ତଦନ୍ତର ମୁଖ୍ୟ କେନ୍ଦ୍ରବିନ୍ଦୁ ହୋଇଥିଲା। ଏହି ମେସେଜରେ ତାଙ୍କ ସ୍ୱାମୀ ଓ ଶାଶୁଙ୍କ ଦ୍ୱାରା ମାନସିକ ନିର୍ଯାତନାର ସୂଚନା ମିଳିଥିଲା। ଯାହା ତାଙ୍କୁ ଆତ୍ମହତ୍ୟା କରିବାକୁ ବାଧ୍ୟ କରିଥିଲା। ସିବିଆଇ ଦ୍ୱିଶାଙ୍କ ଶାଶୁ ଏବଂ ସ୍ୱାମୀଙ୍କ ବିରୋଧରେ ନିଷ୍ଠୁରତା, ଆତ୍ମହତ୍ୟା ପାଇଁ ଉସକାଇବା ଏବଂ ସାଧାରଣ ଅପରାଧ ସହ ଜଡ଼ିତ ଅପରାଧ ସମ୍ବନ୍ଧୀୟ ଭାରତୀୟ ଦଣ୍ଡବିଧି ସଂହିତାର ଧାରା ଲଗାଇଛି।

ଓଡ଼ିଶାରେ ସେମିକଣ୍ଡକ୍ଟର ଇକୋସିଷ୍ଟମ୍‌କୁ ସୁଦୃଢ଼ କରିବାକୁ ପଦକ୍ଷେପ

# ଗୁଜରାଟର ସେମିକଣ୍ଡକ୍ଟର ଫ୍ୟାସିଲିଟି କେନ୍ଦ୍ର ବୁଲିଲେ ଆଇଟି ମନ୍ତ୍ରୀ



ଭୁବନେଶ୍ୱର,୧୮।୮(ସଂଚାର ବ୍ୟୁରୋ): ଓଡ଼ିଶାରେ ଏକ ସୁଦୃଢ଼, ସ୍ଥାୟୀ ଓ ଆତ୍ମନିର୍ଭର ସେମିକଣ୍ଡକ୍ଟର ଇକୋସିଷ୍ଟମ୍ ଗଠନ ଲକ୍ଷ୍ୟରେ ଆଜି ଗୁଜରାଟର ସାନନ୍ଦସ୍ଥିତ ସିଜି ସେମି ସେମିକଣ୍ଡକ୍ଟର ଫ୍ୟାସିଲିଟି ପରିଦର୍ଶନ କରିଛନ୍ତି ମାନ୍ୟବର ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ଡା ମୁକେଶ ମହାଲିଙ୍ଗ। ମନ୍ତ୍ରୀ ଏହି ଅବସରରେ ଫ୍ୟାସିଲିଟିର ବିଭିନ୍ନ ବ୍ୟବସ୍ଥା ଓ କାର୍ଯ୍ୟପ୍ରଣାଳୀକୁ ନିକଟରୁ ଅନୁଧ୍ୟାନ କରିବା ସହ ସଜି ସେମିର ଫ୍ୟାସିଲିଟିର ନେତୃବୃନ୍ଦ ଓ ବିଶେଷଜ୍ଞଙ୍କ ସହ ଆଲୋଚନା କରିଛନ୍ତି। ସେମିକଣ୍ଡକ୍ଟର ଶିଳ୍ପ ପାଇଁ ଆବଶ୍ୟକ ଆନୁଷଙ୍ଗିକ ଶିଳ୍ପ, ମାନବ ସମ୍ବଳ, ଯୋଗାଣ ଶୃଙ୍ଖଳ, ଦକ୍ଷତା ବିକାଶ ଓ ଶିଳ୍ପ-ସରକାର ସମନ୍ୱୟ ସମ୍ପର୍କରେ ଏହି ଆଲୋଚନାରେ ଗୁରୁତ୍ୱ ଦିଆଯାଇଥିଲା। ସାନନ୍ଦରେ ବିକଶିତ ହେଉଥିବା ସେମିକଣ୍ଡକ୍ଟର ଇକୋସିଷ୍ଟମ୍‌ର ଅଭିଜ୍ଞତା ଓ ଶିକ୍ଷାକୁ ଓଡ଼ିଶାର ପରିପ୍ରେକ୍ଷୀରେ ଅନୁପ୍ରୟୋଗ କରି ରାଜ୍ୟରେ ଏକ ସ୍ଥିର ସେମିକଣ୍ଡକ୍ଟର ଇକୋସିଷ୍ଟମ ଗଠନ କରିବା ଉପରେ ଗୁରୁତ୍ୱ ଦିଆଯିବ। ଏହା ମାଧ୍ୟମରେ ଓଡ଼ିଶାକୁ ଭାରତର ଉଦୀୟମାନ ସେମିକଣ୍ଡକ୍ଟର ଶିଳ୍ପର ଏକ ପ୍ରମୁଖ କେନ୍ଦ୍ର ଭାବେ ବିକଶିତ କରିବାର ଦିଗରେ ନୂଆ ସୁଯୋଗ ସୃଷ୍ଟି ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମାର୍ଗଦର୍ଶନ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଓଡ଼ିଶାରେ ଉଚ୍ଚ ପ୍ରଯୁକ୍ତି ଓ ଭବିଷ୍ୟତମୁଖୀ ଶିଳ୍ପର ବିକାଶ ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧ ବୋଲି କହିଛନ୍ତି ମନ୍ତ୍ରୀ। ସେମିକଣ୍ଡକ୍ଟର କ୍ଷେତ୍ରରେ ନିବେଶ, ରୋଜଗାର ଓ ଦକ୍ଷତା ବିକାଶର ନୂଆ ସୁଯୋଗ ସୃଷ୍ଟି ସହ ଓଡ଼ିଶାକୁ ଏକ ଶକ୍ତିଶାଳୀ ଓ ପ୍ରତିଷ୍ଠିତ ସେମିକଣ୍ଡକ୍ଟର ହବ୍ ଭାବେ ଗଢ଼ି ତୋଳିବା ଦିଗରେ ଏହି ପଦକ୍ଷେପ ଏକ ମହତ୍ତ୍ୱପୂର୍ଣ୍ଣ ଅଧ୍ୟାୟ ସାବ୍ୟସ୍ତ ହେବ ବୋଲି ସେ କହିଛନ୍ତି।

ଏହି ପରିଦର୍ଶନରେ ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ବିଶାଳ କୁମାର ଦେବ, ଓପିଟସିଏଲ ଚେୟାରମ୍ୟାନ ଭାସ୍କର ଜ୍ୟୋତି ଶର୍ମା, ଓକାକ ସିଇଓ ଡ଼. ପ୍ରଦୀପ କୁମାର ରାଉତ, ଯୁଗ୍ମ ସଚିବ କୌସ୍ତୁଭ ପାଣିଙ୍କ ସମେତ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

## ୩୫ ପୁଲିସ ଜିଲ୍ଲା କାର୍ଯ୍ୟାଳୟରେ ନିଶାମୁକ୍ତି ଶପଥ ପାଠ




କଟକ, ୧୮।୮ (ସଂଚାର ବ୍ୟୁରୋ): ନିଶାମୁକ୍ତ ସମାଜ ଗଠନ ଓ ଜନ ସଚେତନତା ସୃଷ୍ଟି ଲକ୍ଷ୍ୟରେ ମଙ୍ଗଳବାର କଟକର ରାଜ୍ୟ ପୁଲିସ ମୁଖ୍ୟାଳୟ ସମେତ ରାଜ୍ୟର ୩୫ଟି ପୁଲିସ ଜିଲ୍ଲାର ସମସ୍ତ ଥାନା ଓ ଜିଲ୍ଲା ପୁଲିସ କାର୍ଯ୍ୟାଳୟରେ ସାମୂହିକ ନିଶାମୁକ୍ତି ଶପଥ ପାଠ ଅନୁଷ୍ଠିତ ହୋଇଛି। ଏହି ଅବସରରେ ପୁଲିସ ପ୍ରଶାସନ ପକ୍ଷରୁ ଏକ ସୁସ୍ଥ, ସୁରକ୍ଷିତ ଓ ନିଶାମୁକ୍ତ ଓଡ଼ିଶା ଗଠନ ପାଇଁ ଦୃଢ଼ ପ୍ରତିବଦ୍ଧତା ପ୍ରକାଶ କରାଯାଇଛି। ରାଜ୍ୟ ପୁଲିସ ମୁଖ୍ୟାଳୟଠାରେ ଅନୁଷ୍ଠିତ ଶପଥ ଗ୍ରହଣ କାର୍ଯ୍ୟକ୍ରମରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଧୁନିକୀକରଣ) ସୌମେନ୍ଦ୍ର ପ୍ରିୟଦର୍ଶୀ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ପ୍ରତୀକ ମହାନ୍ତି, ଆଇଜିପି (କାର୍ମିକ) ପ୍ରବୀଣ କୁମାର, ଆଇଜିପି (କେନ୍ଦ୍ରାଞ୍ଚଳ) ସତ୍ୟଜିତ ନାୟକ, ଡିଆଇଜିପି (ପ୍ରୋଭିଜନିଂ) ଚରଣ ସିଂ ମିନା, ଡିଆଇଜିପି (କାର୍ମିକ) ଯୁଗଳ କିଶୋର ବୋନଥ ପ୍ରମୁଖ ଶପଥ ଗ୍ରହଣ କରିଥିଲେ।

## ସାପ୍ତାହିକ 'ରାଜ୍ୟ କାହାଣୀ'ର ବାର୍ଷିକୋତ୍ସବ




ଭୁବନେଶ୍ୱର, ୧୮।୮ (ସଂଚାର ବ୍ୟୁରୋ): ସାପ୍ତାହିକ ସମ୍ବାଦପତ୍ର 'ରାଜ୍ୟ କାହାଣୀ'ର ବାର୍ଷିକୋତ୍ସବ କବି ରକ୍ଷକ ନାୟକଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱର ବୁଦ୍ଧମନ୍ଦିରଠାରେ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ବିଭୂତି ଭୂଷଣ କର ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଓଡ଼ିଆ ଭାଷା ଆନ୍ଦୋଳନର ମୁଖ୍ୟ ପବିତ୍ର ମହାରଥା, ବିଶେଷ ଅତିଥି ଭାବେ ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ଓ ସାହିତ୍ୟିକ ଚକ୍ରଧର ଦାସ ଯୋଗ ଦେଇଥିଲେ। ଉତ୍ତରଦାୟିତ୍ୱର ଅଭାବରୁ ସମ୍ବାଦପତ୍ର ବର୍ତ୍ତମାନ ବହୁ ଆହ୍ୱାନ ମଧ୍ୟରେ ଗତି କରୁଛି ବୋଲି କହିବା ସହ ମିଥ୍ୟା ଖବର ପରିବେଷଣ ଦ୍ୱାରା ଗଣମାଧ୍ୟମ ପ୍ରଭାବିତ ହେଉଛି ବୋଲି ମୁଖ୍ୟ ଅତିଥି ବିଭୂତି ଭୂଷଣ କର କହିଥିଲେ। ସମ୍ପାଦକ ଅଶୋକ ସାହୁ ପତ୍ରିକାର ଯାତ୍ରା ସମ୍ପର୍କରେ କହିଥିବା ବେଳେ ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ମୁଦ୍ରିତ ଗଣମାଧ୍ୟମର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ସାମାଜିକ ପ୍ରୋତ୍ସାହନର ଅଭାବ ଓ ବିଜ୍ଞାପନ ବିନା ପତ୍ରିକା ଚଳାଇବା କଷ୍ଟକର ବୋଲି କବି ରକ୍ଷକ ନାୟକ କହିଥିଲେ। ଏହି କାର୍ଯ୍ୟକ୍ରମରେ ସାମ୍ବାଦିକ ହୃଷିକେଶ ଗୌଡ଼, ଚିତ୍ତ ରଞ୍ଜନ ପଟ୍ଟନାୟକ ପ୍ରମୁଖଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଶେଷରେ ରାଜ୍ୟକାହାଣୀ ସମ୍ପାଦକ ଅଶୋକ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

● ଚୌଧୁରୀ ବଜାର ପୂଜା କମିଟି ବିବାଦ

## ଡିଜିଙ୍କୁ ଦାବିପତ୍ର ଦେଲେ ବାସିନ୍ଦା

କଟକ, ୧୮।୮(ସଂଚାର ବ୍ୟୁରୋ): କଟକ ଚୌଧୁରୀ ବଜାର ସାହିରେ ପୂଜା କମିଟିକୁ ନେଇ ଦେଖାଦେଇଥିବା ବିବାଦ ଏବେ ଡିଜି ଅଫିସରେ ପହଞ୍ଚିଛି। ବିବାଦର ସମାଧାନ ପାଇଁ ଚୌଧୁରୀ ବଜାର ବାସିନ୍ଦା ମଙ୍ଗଳବାର ଦିନ ୧୨ଟା ସମୟରେ ଚୌଧୁରୀ ବଜାରର ବାସିନ୍ଦା ଡିଜି ଅଫିସରେ ପହଞ୍ଚି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବିବାଦରେ ପୁଲିସ ପ୍ରଶାସନ ହସ୍ତକ୍ଷେପ କରି ଅଞ୍ଚଳବାସୀଙ୍କ ସୁରକ୍ଷା ସୁନିଶ୍ଚିତ କରିବାକୁ ସେମାନେ ଦାବି କରିଛନ୍ତି।

ବାସିନ୍ଦାଙ୍କ ଅଭିଯୋଗ ଅନୁଯାୟୀ, ଗତ ୧୧ ବର୍ଷ ଧରି ଚୟନ ପ୍ରକ୍ରିୟା ମାଧ୍ୟମରେ ପୂଜା କମିଟି ଗଠନ ହୋଇ ଆସୁଥିଲା। କିନ୍ତୁ ୨୦୨୫ ଡିସେମ୍ବର ୨୬ ତାରିଖରେ କମିଟିର କାର୍ଯ୍ୟକାଳ ଶେଷ ହୋଇଥିଲେ ମଧ୍ୟ ବର୍ତ୍ତମାନର ସଭାପତି ଓ ସମ୍ପାଦକ ପଦବୀରେ ରହିବା ସହ ଆର୍ଥିକ କାରବାରର ହିସାବ ଦେଉନାହାନ୍ତି। ଏହି ଘଟଣାରେ ଚୌଧୁରୀ ବଜାର ବାସିନ୍ଦା ଆପତ୍ତି ଉଠାଇବା ସହ ନୂତନ କମିଟି ଗଠନ ଓ ପୂର୍ବ କମିଟିର ଆର୍ଥିକ ହିସାବ ସାର୍ବଜନୀନ କରିବାକୁ ଦାବି କରିଛନ୍ତି। ସ୍ଥାନୀୟ ଥାନା ଅଧିକାରୀ ଓ ଜୋନ୍ ଏସିପିଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ ଆଶାନୁରୂପ ସମାଧାନ ନମିଳିବାରୁ ଶେଷରେ ପୁଲିସ ଡିଜିଙ୍କୁ ଦାବିପତ୍ର ଦେଇଛନ୍ତି ବୋଲି ଦେବାକୁ ପଡ଼ିଛି ବୋଲି ଚୌଧୁରୀ ବଜାର ଯୁବ ସଙ୍ଗଠକ ମଞ୍ଜିତ୍ କହିଛନ୍ତି।

ଅଶୋକ ପଟ୍ଟନାୟକ ସ୍ମାରକୀ କ୍ରୀଡ଼ା ପ୍ରତିଯୋଗିତା

## ସମୀକ୍ଷା, ଶୁଭଲକ୍ଷ୍ମୀ, ସୁରେଶ, ସର୍ବେଶ୍ୱର, ସୁକେଶ, ଶକ୍ତି, ଚକ୍ରଧରଙ୍କୁ ସ୍ୱର୍ଣ୍ଣ

ଭୁବନେଶ୍ୱର,୧୮।୮(ସଂଚାର ବ୍ୟୁରୋ): ଓଡ଼ିଶା କ୍ରୀଡ଼ା ସାମ୍ବାଦିକ ସଂଘ (ଓସ୍‌ଜା)ର ଅନ୍ୟତମ କ୍ୟାଲେଣ୍ଡର୍ କାର୍ଯ୍ୟକ୍ରମ ଅଶୋକ ପଟ୍ଟନାୟକ ସ୍ମାରକୀ କ୍ରୀଡ଼ା ପ୍ରତିଯୋଗିତା ଆଜି ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ୍‌ଠାରେ ଅନୁଷ୍ଠିତ ହୋଇଛି। ପୂର୍ବାହ୍ନରେ ସ୍ୱର୍ଗତଃ କ୍ରୀଡ଼ା ସାମ୍ବାଦିକ ଅଶୋକ ପଟ୍ଟନାୟକଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯିବା ପରେ ବନ୍ଧୁକ ଚାଳନା, ବାଟୁଳି ଓ ବାହୁକୁସ୍ତି ଇଭେଣ୍ଟ୍‌ରେ ଓସ୍‌ଜାର ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ। ଓସ୍‌ଜାର ପୂର୍ବତନ ସଭାପତି କେ. ରବିଙ୍କ ସହ ସଭାପତି ସନ୍ଦୀପ ମିଶ୍ର, କାର୍ଯ୍ୟକାରୀ ସଭାପତି ସମୀକ୍ଷା ପଟ୍ଟନାୟକ, ଉପସଭାପତି ସଞ୍ଜୀବ ବିଶ୍ୱାଳ, ସମ୍ପାଦକ ତପନ ସ୍ୱାଇଁ, ଏସ୍‌ଜେଏଫଆଇ ଉପସଭାପତି ସୁରେଶ ସ୍ୱାଇଁ ପ୍ରମୁଖ ସ୍ୱର୍ଗତଃ ପଟ୍ଟନାୟକଙ୍କ ସ୍ମୃତି ଚାରଣ କରିଥିଲେ।




ବନ୍ଧୁକ ଚାଳନା ପ୍ରତିଯୋଗିତାରେ ମହିଳା ବର୍ଗରେ ସମୀକ୍ଷା ପଟ୍ଟନାୟକ (୫୦+ ବୟସ ବର୍ଗ) ଏବଂ ଶୁଭଲକ୍ଷ୍ମୀ ବଳ (୫୦ ବର୍ଷରୁ କମ୍)ରେ ବିଜେତା ହୋଇଥିବା ବେଳେ ମହିଳା ବାହୁକୁସ୍ତିରେ ଶୁଭଲକ୍ଷ୍ମୀ ବିଜୟିନୀ ଓ ସମୀକ୍ଷା ଉପବିଜୟିନୀ ହୋଇଥିଲେ। ବନ୍ଧୁକ ଚାଳନାର ୫୦ରୁ କମ୍ ବୟସ ବର୍ଗରେ ଚକ୍ରଧର ମାଝୀ, ପ୍ରଫୁଲ୍ଲ କିଶୋର ସାହୁ, ଦେବାଶିଷ ସୁନ୍ଦରାୟ ଓ ୫୦+ ବୟସ ବର୍ଗରେ ସର୍ବେଶ୍ୱର ମହାନ୍ତି, ସୁରେଶ ସ୍ୱାଇଁ, ସନ୍ତୋଷ ମହାନ୍ତି ଯଥାକ୍ରମେ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ୍ ପଦକ ବିଜେତା ହୋଇଥିଲେ।

ସେହିପରି ବାଟୁଳି ପ୍ରତିଯୋଗିତାରେ ସୁରେଶ ସ୍ୱାଇଁ ସ୍ୱର୍ଣ୍ଣ, ତପନ ସ୍ୱାଇଁ ରୌପ୍ୟ ଓ ବିମଳ ରାଉଳ ବ୍ରୋଞ୍ଜ ପଦକ ପାଇଥିଲେ। ୭୦ କିଲୋଗ୍ରାମରୁ କମ୍ ଓଜନ ବର୍ଗ ବାହୁକୁସ୍ତିରେ ଶକ୍ତି ପ୍ରସାଦ ନନ୍ଦ, ପ୍ରଫୁଲ୍ଲ କିଶୋର ସାହୁ, ଚକ୍ରଧର ମାଝୀ ଏବଂ ୭୦ କିଲୋଗ୍ରାମରୁ ଉର୍ଦ୍ଧ୍ୱ ଓଜନ ବର୍ଗରେ ସୁକେଶ ରଞ୍ଜନ ବେହେରା, ସନ୍ଦୀପ ମିଶ୍ର, ଅନାଦି କର ଯଥାକ୍ରମେ ସ୍ୱର୍ଣ୍ଣ, ରୌପ୍ୟ ଓ କାଂସ୍ୟ ପଦକ ଜିତିଥିଲେ।

● ଏମଏମଡିଆର ବିଲ୍ ପ୍ରତ୍ୟାହାର ଦାବିରେ ଏକ ହେଲେ ବିରୋଧୀ

## ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକିବା ପାଇଁ ଦାବି

### ରାଷ୍ଟ୍ରପତିଙ୍କୁ ଦିଆଯିବ ସ୍ମାରକପତ୍ର



ଭୁବନେଶ୍ୱର,୧୮।୮(ସଂଚାର ବ୍ୟୁରୋ): ଆଜି କଂଗ୍ରେସ ଭବନଠାରେ ଇଣ୍ଡିଆ ବ୍ଲକ୍‌ର ବିଭିନ୍ନ ଦଳ କଂଗ୍ରେସ, ସିପିଆଇ(ଏମ୍), ସିପିଆଇ, ସିପିଆଇ(ଏମ୍ଏଲ୍) ଲିବରେସନ, ଫରୱାର୍ଡ ବ୍ଲକ୍, ଏନ୍‌ସିପି ଓ ଏସପିର ରାଜ୍ୟ ନେତୃବୃନ୍ଦ ଏକତ୍ରିତ ହୋଇ ରାଜ୍ୟର ସାମ୍ପ୍ରତିକ ଜନସମସ୍ୟା ଓ ବିଜେପି ସରକାରର ଜନବିରୋଧୀ ନୀତି ଉପରେ ଆଲୋଚନା କରିଛନ୍ତି। ଓଡ଼ିଶାର ସ୍ୱାର୍ଥବିରୋଧୀ ଏମ୍‌ଏମ୍‌ଡିଆର୍ ବିଲ୍- ୨୦୨୬କୁ ତୀବ୍ର ବିରୋଧ ବିରୋଧ କରି ଏହାକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ଦାବି କରାଯାଇଛି। ବିଲ୍‌ଟି ଆଇନରେ ପରିଣତ ହେଲେ ରାଜ୍ୟର ଖଣିଜ ସମ୍ପଦ, ରାଜସ୍ୱ ଅଧିକାର ଓ ସଂଘୀୟ ଅଧିକାର ଉପରେ ଗଭୀର ପ୍ରଭାବ ପକାଇବ ବୋଲି ଦଳମାନେ ମତ ପ୍ରକାଶ କରିଛନ୍ତି। ଏହି ଆଇନ ଦ୍ୱାରା ଓଡ଼ିଶା ଆର୍ଥିକ ଭାବରେ ଏକ ବିପର୍ଯ୍ୟସ୍ତ ଅବସ୍ଥାର ସମ୍ମୁଖୀନ ହେବ, କର୍ପୋରେଟ ଲୁଣ୍ଠନ ବୃଦ୍ଧି ପାଇବ ଏବଂ ଆଦିବାସୀ ଜନଜାତି ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହେବେ। ବିଜେପିର ସାଂସଦମାନେ ସଂସଦରେ ଏହି ବିଲ୍‌କୁ ସମର୍ଥନ କରି ରାଜ୍ୟବାସୀଙ୍କୁ ବିଶ୍ୱାସଘାତକତା କରିଛନ୍ତି। ବିଲ୍‌କୁ ସମ୍ମତି ନ ଦେବା ପାଇଁ ରାଷ୍ଟ୍ରପତିଙ୍କୁ ଓଡ଼ିଶାବାସୀଙ୍କ ପକ୍ଷରୁ ସ୍ମାରକପତ୍ର ପ୍ରଦାନ କରାଯିବ। ପ୍ରାଥମିକ ଶିକ୍ଷାର ପାଠ୍ୟପୁସ୍ତକରେ ଘଟିଥିବା ଗୁରୁତର ଓ ଅକ୍ଷମଣୀୟ ତ୍ରୁଟି ପାଇଁ ବୈଠକରେ ଦାୟିତ୍ୱ ନିର୍ଦ୍ଧାରଣ ଓ ତୁରନ୍ତ ସଂଶୋଧନ ଦାବି କରାଯାଇଛି। ଏହି ଘଟଣା ପାଇଁ ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବି କରାଯାଇଛି। ଶିକ୍ଷକମାନଙ୍କ ଦାବିକୁ ସମର୍ଥନ କରି କୁହାଯାଇଛି, ସେମାନେ ଶହ ଶହ ସଂଖ୍ୟାରେ ବର୍ଷାରେ ଭିଜି ଭିଜି ଧାରଣା ଦେଉଥିବା ବେଳେ ସରକାର ନିଦାବିଷ୍ଟ ସାଜିବାକୁ ନିନ୍ଦା କରାଯାଇଛି।

## ଉନ୍ମୋଚିତ ହେଲା 'ପଶାପାଲି'ର ପୋଷ୍ଟର

ଭୁବନେଶ୍ୱର, ୧୮।୮ (ସଂଚାର ବ୍ୟୁରୋ): ମଙ୍ଗଳବାର ଭୁବନେଶ୍ୱର ପ୍ରେସ୍ କ୍ଲବରେ ଓଡ଼ିଆ ସିନେମା 'ପଶାପାଲି'ର ପ୍ରଥମ ପୋଷ୍ଟର୍ ଉନ୍ମୋଚିତ ହୋଇଛି। ରସଗୋଲା ପାଇଁ ବିଶ୍ୱବିଖ୍ୟାତ 'ବିକଳାନନ୍ଦ କର' ବ୍ରାଣ୍ଡ୍‌ର ପ୍ରଯୋଜକ ପ୍ରଶାନ୍ତ କୁମାର କର ଏହି ସିନେମାର ନିର୍ମାଣ କରିଛନ୍ତି। ଫିଲ୍ମର ମୁଖ୍ୟ ଭୂମିକାରେ ନଜର ଆସିବେ ନେତ୍ରୀରୁ ଅଭିନେତ୍ରୀ ବନିଥିବା ଶ୍ରୀମୟୀ ମିଶ୍ର। ରାଜ୍ୟ ରାଜନୀତିର ବିଭିନ୍ନ ଅକୁହା କଥାକୁ ନେଇ ସୋସିଆଲ ମିଡିଆରେ ନିଜର ବାର୍ତ୍ତା ରଖି ଚର୍ଚ୍ଚାରେ ଥିବା ଶ୍ରୀମୟୀଙ୍କ ଏହି ସିନେମା ଦର୍ଶକଙ୍କ ମନ ଜିଣିବ ବୋଲି ଆଶା କରାଯାଉଛି। ତେବେ କୌଣସି ନିର୍ଦ୍ଦିଷ୍ଟ ଦଳ କିମ୍ବା ବ୍ୟକ୍ତିବିଶେଷଙ୍କୁ ଟାର୍ଗେଟ କରି ଏହି ସିନେମା ନିର୍ମାଣ କରାଯାଇନଥିବା ଶ୍ରୀମୟୀ ମିଶ୍ର ସ୍ପଷ୍ଟ କରିଛନ୍ତି। ଭୁବନେଶ୍ୱର ପ୍ରେସ୍ କ୍ଲବ୍‌ଠାରେ ଆୟୋଜିତ ଏହି ପୋଷ୍ଟର ଉନ୍ମୋଚନ ଉତ୍ସବରେ ଏକାମ୍ର ବିଧାୟକ ବାବୁ ସିଂହ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ବରିଷ୍ଠ ରାଜନେତା ଜଗନ୍ନାଥ ପ୍ରଧାନ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହା ସହ ନିର୍ଦ୍ଦେଶକ ସଞ୍ଜୟ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ବିଦ୍ୟୁତ ତାର ଲାଗି ୨ ମୃତ

କୋଲକାତା,୧୮।୮(ସଂଚାର ବ୍ୟୁରୋ): ଫୁଲ ତୋଳିବା ସମୟରେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଜଣେ ପୁରୁଷ ଓ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ଏହି ଘଟଣାରେ ପରିବାରର ଅନ୍ୟ ଜଣେ ମହିଳା ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଅଛନ୍ତି।

## ସ୍ତ୍ରୀକୁ ରାସ୍ତାରେ ଛୁରାମାଡ଼

କୋଲକାତା, ୧୮।୮(ସଂଚାର ବ୍ୟୁରୋ): ସର୍ବସାଧାରଣ ରାସ୍ତାରେ ଜଣେ ସ୍ୱାମୀ ତାଙ୍କ ସ୍ତ୍ରୀଙ୍କୁ ବାରମ୍ବାର ଛୁରାମାଡ଼ କରିଛନ୍ତି। ପୁରୁଲିଆରେ ଏହି ଘଟଣା ଘଟିଛି। ଜଣେ ଯୁବକ ଗୁରୁତର ମହିଳାଙ୍କୁ ଉଦ୍ଧାର କରି ପୁରୁଲିଆ ଦେବେନ ମାହାତୋ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି।

ଚାକିରି ନାଁରେ ଲକ୍ଷାଧିକ ଠକେଇ

## ଜଣେ ଗିରଫ, ବହୁ ଜାଲିଆତି ସାମଗ୍ରୀ ଜବତ

ଛତ୍ରପୁର,୧୮।୮(ସଂଚାର ବ୍ୟୁରୋ): ବେକାର ଯୁବକଯୁବତୀଙ୍କୁ ଚାକିରିର ପ୍ରଲୋଭନ ଦେଖାଇ ଲକ୍ଷାଧିକ ଟଙ୍କା ଠକେଇ କରୁଥିବା ଏକ ଜାଲିଆତିଚକ୍ରର ପର୍ଦ୍ଦାଫାସ କରିଛି ଗଞ୍ଜାମ ପୁଲିସ। ଚାକିରି ଦେବା ନାଁରେ ଜଣେ ଯୁବକଙ୍କଠାରୁ ୫୦ ହଜାର ଟଙ୍କା ଠକେଇ ମାମଲାରେ ଛତ୍ରପୁର ଥାନା ପୁଲିସ ଭଦ୍ରକ ଜିଲ୍ଲାର ଧୁଷୁରୀ ଅଞ୍ଚଳର ପଞ୍ଚାନନ ପଣ୍ଡା (୪୨)ଙ୍କୁ ଗିରଫ କରିଛି। ଆଜି ଏଠାରେ ଗଞ୍ଜାମ ଆରକ୍ଷୀ ଅଧୀକ୍ଷକ ହରିଶ ବିଶି ଏକ ସାମ୍ବାଦିକ ସମ୍ମିଳନୀରେ ଉପରୋକ୍ତ ସୂଚନା ଦେଇଛନ୍ତି। ସୂଚନାନୁଯାୟୀ, ଅଭିଯୁକ୍ତ ପ୍ରଥମେ ଏକ ନକଲି ନିଯୁକ୍ତି ସଂସ୍ଥା ଗଠନ କରି ଜାଲ ପରିଚୟପତ୍ର ପ୍ରସ୍ତୁତ କରିଥିଲେ। ପରେ ବିଭିନ୍ନ ଖବରକାଗଜରେ ପ୍ରକାଶିତ ବ୍ୟାଙ୍କ ଓ ଅନ୍ୟାନ୍ୟ ସଂସ୍ଥାର ନିଯୁକ୍ତି ବିଜ୍ଞାପନର ଅପବ୍ୟବହାର କରି ଚାକିରି ଆଶାୟୀମାନଙ୍କୁ ଯୋଗାଯୋଗ କରିବା ସହ ସେମାନଙ୍କୁ ପ୍ରଲୋଭିତ କରୁଥିଲେ। ନିଜକୁ ସଂସ୍ଥାର ମୁଖ୍ୟ ବୋଲି ପରିଚୟ ଦେଇ ସେ ମୋବାଇଲ୍ ଫୋନ୍ ଜରିଆରେ ବିଶ୍ୱାସ ଜନ୍ମାଇବା ପରେ ଚାକିରି ଯୋଗାଇଦେବା ନାଁରେ ଟଙ୍କା ଆଦାୟ କରୁଥିଲେ। ଟଙ୍କା ହାତେଇବା ପରେ ସମ୍ପୃକ୍ତ ଅଭିଯୁକ୍ତ ଜଣଙ୍କ ମୋବାଇଲ୍ ନମ୍ବର ବନ୍ଦ କରି ଠିକଣା ବଦଳାଇ ଫେରାର ହୋଇଯାଉଥିଲେ।

ପୁଲିସ ତଦନ୍ତରୁ ଜଣାପଡ଼ିଛି ଯେ ଅଭିଯୁକ୍ତ ଏଭଳି ବହୁ ବେକାର ଯୁବକଯୁବତୀଙ୍କଠାରୁ ୫୦ ଲକ୍ଷ ଟଙ୍କାରୁ ଅଧିକ ଠକେଇ କରିଛନ୍ତି। ଅଭିଯୁକ୍ତ ଆକାଉଣ୍ଟ ପେ, ଫୋନ୍‌ପେ ଓ ପେଟିଏମ୍ ମାଧ୍ୟମରେ ଟଙ୍କା ଆଦାୟ କରୁଥିବା ପୁଲିସ କହିଛି। ଏହି ଠକେଇର ଶିକାର ହୋଇଥିବା ଛତ୍ରପୁର ଥାନା ଅନ୍ତର୍ଗତ ରାମଲକ୍ଷ୍ମୀ ନଗରର ଦେବୀପ୍ରସାଦ ଦାଶ (୨୩) ଏକ ଖବରକାଗଜରେ ପ୍ରକାଶିତ ବ୍ୟାଙ୍କ ନିଯୁକ୍ତି ବିଜ୍ଞାପନ ଦେଖି ଅଭିଯୁକ୍ତଙ୍କ ସହ ଯୋଗାଯୋଗ କରିଥିଲେ। ପଞ୍ଚାନନ ତାଙ୍କୁ ଏସ୍‌ବିଆଇରେ ଚାକିରି କରାଇଦେବାର ପ୍ରତିଶ୍ରୁତି ଦେଇ ପର୍ଯ୍ୟାୟ କ୍ରମେ ୫୦ ହଜାର ଟଙ୍କା ନେଇଥିଲେ। ଟଙ୍କା ନେବା ପରେ ଚାକିରି ନ ଦେଇ ପୁଣି ଅଧିକ ଟଙ୍କା ଦାବି କରିଥିଲେ। ସନ୍ଦେହ ହେବାରୁ ଦେବୀପ୍ରସାଦ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ଅଭିଯୁକ୍ତଙ୍କ ମୋବାଇଲ୍ ନମ୍ବର ବନ୍ଦ ଥିବା ଜାଣିବାକୁ ପାଇଥିଲେ। ପରେ ସେ ଛତ୍ରପୁର ଥାନାରେ ଏନେଇ ଅଭିଯୋଗ କରିଥିଲେ।




## ସମନ୍ୱିତ ପର୍ଯ୍ୟଟନ ବିକାଶ ପ୍ରକଳ୍ପର ଶିଳାନ୍ୟାସ



ପୁରୀ,୧୮।୮(ସଂଚାର ବ୍ୟୁରୋ): ଐତିହ୍ୟଗ୍ରାମ ରଘୁରାଜପୁରର ସମନ୍ୱିତ ପର୍ଯ୍ୟଟନ ବିକାଶ ନିମନ୍ତେ ଆଜି ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା ସ୍ୱତନ୍ତ୍ର ପ୍ରକଳ୍ପର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି ଯେ ରଘୁରାଜପୁର ହେଉଛି ଆମ ରାଜ୍ୟର କଳା ଓ ସଂସ୍କୃତିର ପ୍ରାଣକେନ୍ଦ୍ର। ଏହି ପ୍ରକଳ୍ପ ରଘୁରାଜପୁରର ପର୍ଯ୍ୟଟନ ବିକାଶରେ ଏକ ନୂଆ ଅଧ୍ୟାୟର ଶୁଭାରମ୍ଭ କରିବ। ଆମର ଲକ୍ଷ୍ୟ ହେଉଛି ଏଠାକାର ପ୍ରସିଦ୍ଧ ପଟ୍ଟଚିତ୍ର, ଗୋଟିପୁଅ ନୃତ୍ୟ ଓ ସମୃଦ୍ଧ କଳା-ପରମ୍ପରାକୁ ସମଗ୍ର ବିଶ୍ୱ ଦରବାରରେ ପହଞ୍ଚାଇବା ସହ ରଘୁରାଜପୁରକୁ ଏକ ପ୍ରମୁଖ ବିଶ୍ୱସ୍ତରୀୟ ଐତିହ୍ୟ ଓ ସାଂସ୍କୃତିକ ପର୍ଯ୍ୟଟନସ୍ଥଳୀ ଭାବେ ଗଢ଼ି ତୋଳିବା।

ସୂଚନାଯୋଗ୍ୟ ଯେ ଏହି ସମନ୍ୱିତ ବିକାଶ ଯୋଜନା ଅଧୀନରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ୨୩ କୋଟି ଟଙ୍କା ବ୍ୟୟରେ ଗ୍ରାମର ଭିତ୍ତିଭୂମିର ଉନ୍ନତିକରଣ, କଳାକାରଙ୍କ ସୁବିଧା, ପର୍ଯ୍ୟଟକଙ୍କ ପାଇଁ ଉନ୍ନତ ସେବା ଏବଂ ସଂସ୍କୃତିର ପ୍ରଚାର-ପ୍ରସାର ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯିବ। ରଘୁରାଜପୁରର ପଟ୍ଟଚିତ୍ର, ଗୋଟିପୁଅ ନୃତ୍ୟ, କାଠଖୋଦେଇ ଓ ମୃଣ୍ମୟ ଶିଳ୍ପକୁ ପ୍ରୋତ୍ସାହନ ଦେବା ସହ ଦେଶବିଦେଶରୁ ଆସୁଥିବା ପର୍ଯ୍ୟଟକଙ୍କ ପାଇଁ ବିଶ୍ୱସ୍ତରୀୟ ସୁବିଧାସୁଯୋଗ ଯୋଗାଇଦେବା ଦିଗରେ ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ ସାବ୍ୟସ୍ତ ହେବ ବୋଲି ଆଶା ରହିଛି।

ଏହି ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ପର୍ଯ୍ୟଟନ ବିଭାଗର ଅତିରିକ୍ତ ଶାସନ ସଚିବ ସରୋଜ କୁମାର ପ୍ରଧାନଙ୍କ ସମେତ ବିଭାଗୀୟ ଅଧିକାରୀ, ସ୍ଥାନୀୟ ଜନପ୍ରତିନିଧି, କଳାକାର ଓ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ହଜାରେ କୋଟିର...

ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର ଓ କେନ୍ଦ୍ରାପଡ଼ା ଜିଲ୍ଲାରେ ମଧ୍ୟ ବନ୍ୟାସ୍ଥିତି ଉପୁଜିଛି। ଏହି ୬ଟି ଜିଲ୍ଲାର ସ୍ଥିତି ସମ୍ପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ଜିଲ୍ଲାଗୁଡ଼ିକର ୭୪ଟି ବ୍ଲକର ୧୩୮୧ଟି ଗାଁର ୯.୪୦ ଲକ୍ଷରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୩.୭୦ ଲକ୍ଷରୁ ଅଧିକ ଲୋକଙ୍କୁ ସୁରକ୍ଷିତ ସ୍ଥାନରେ ରଖାଯାଇଛି। ୫୬୦ଟି ରିଲିଫ୍ କ୍ୟାମ୍ପ ଖୋଲାଯାଇ ପ୍ରଭାବିତ ଲୋକଙ୍କୁ ରଖାଯାଇଛି। ୧୭ଟି ଜିଲ୍ଲାରେ ସମୁଦାୟ ୪୫ଟି ଓଡ୍ରାଫ୍, ୮ଟି ଏନଡିଆରଏଫ ଏବଂ ୬୫ଟି ଅଗ୍ନିଶମ ସେବା ଦଳ ନିୟୋଜିତ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ଘୋଷଣା କରିଥିବା ୧ ହଜାର କୋଟି ଟଙ୍କାର ପ୍ୟାକେଜ୍ ମଧ୍ୟରେ ବନ୍ୟା ପ୍ରଭାବିତ ଚାଷୀମାନଙ୍କ ପାଇଁ କୃଷି ଇନପୁଟ୍ ସବସିଡି ସହ ବିଭିନ୍ନ ପ୍ରକାରର ସହାୟତା ବ୍ୟବସ୍ଥା କରାଯାଇଛି। ଗଣମାଧ୍ୟମଙ୍କୁ ବିବୃତ୍ତି ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ରାଜ୍ୟସଭା ସାଂସଦ ମନମୋହନ ସାମଲଙ୍କ ସହ ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ବିଭିନ୍ନ ବିଭାଗର ସଚିବସ୍ତରୀୟ ଅଧିକାରୀ ଓ ସ୍ୱତନ୍ତ୍ର ରିଲିଫ୍ କମିଶନର ଉପସ୍ଥିତ ଥିଲେ।

### ଫୁଲୁଛି ବୁଢ଼ାବଳଙ୍ଗ

ସଙ୍କେତ ହୋଇପଡ଼ିଛି। ଗତ ଦେଢ଼ ମାସ ମଧ୍ୟରେ ଓଡ଼ିଶାରେ ଷଷ୍ଠ ଲଘୁଚାପ ସୃଷ୍ଟି ହୋଇଛି। ଏଥିପାଇଁ ବ୍ଲକ୍ ଜଳବନ୍ଦୀ। ଭଦ୍ରକ ଓ ଯାଜପୁର ଜିଲ୍ଲାବାସୀଙ୍କ ଯନ୍ତ୍ରଣା ବଢ଼ାଇଛି ବୈତରଣୀ ନଦୀର ବନ୍ୟା। ଉପର ମୁଣ୍ଡରେ ଲଗାଣ ବର୍ଷା ଯୋଗୁଁ ଜଳକା ନଦୀର ଜଳସ୍ତର ଏବେ ବି ବିପଦ ସଂକେତ ଉପରେ ରହିଛି। ଫଳରେ ବିଭିନ୍ନ ଅଞ୍ଚଳରେ ବନ୍ୟା ଆଶଙ୍କା ଜାରି ରହିଛି। କସ୍ପାର ମଥାନିଠାରେ ମୁଖ୍ୟ ରାସ୍ତା ଉପରେ ୧ରୁ ୨ ଫୁଟ ଉଚ୍ଚରେ ପାଣି ପ୍ରବାହିତ ହେଉଥିବା ଦେଖିବାକୁ ମିଳିଛି। ୨୦ରୁ ଅଧିକ ଗାଁ ପାଣି ଘେରରେ ରହିଛି। ଅନେକ ବ୍ଲକକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଭୟ ଏବଂ ଆଶଙ୍କା ଭିତରେ ଅଛନ୍ତି ହଜାର ହଜାର ଲୋକେ। ଲଘୁଚାପଜନିତ ଲଗାଣ ବର୍ଷାରେ ନାଳଗିରିର ଜଳିଆ ଅଞ୍ଚଳର ସ୍ଥିତି ବେହାଲ ହୋଇଛି। ନଦୀର ଜଳରେ ବୃଦ୍ଧି ପାଇବାରୁ ନଦୀ ଅବବାହିକାରେ ଥିବା ଗାଁଗୁଡ଼ିକ ଜଳାର୍ଣ୍ଣବ ହୋଇଛି। ବାରମ୍ବାର ଲଘୁଚାପ ସୃଷ୍ଟି ଏବଂ ଏଗୁଡ଼ିକର ଅତି ଧୀର ଗତି ଯୋଗୁଁ ଓଡ଼ିଶାରେ ଦୀର୍ଘ ସମୟ ଧରି ବର୍ଷା ଜାରି ରହିଛି। କମ୍ ସମୟ ମଧ୍ୟରେ ଅଧିକ ପରିମାଣର ବର୍ଷା ବନ୍ୟା ପରିସ୍ଥିତିକୁ ଆହୁରି ସଙ୍ଗୀନ କରିଦେଉଛି। ସମୁଦ୍ର ଲୁଣିପାଣି ଚାଷ ଜମିକୁ ପ୍ରବେଶ କରିବାରୁ ଅଧିକାଂଶ ଚାଷୀମାନଙ୍କ ନଷ୍ଟ ହୋଇଯାଇଛି ଫସଲ। ଧାନ ସହ ବିଭିନ୍ନ ଫସଲ ନଷ୍ଟ ହୋଇ ଚାଷୀମାନଙ୍କ ମୁଣ୍ଡରେ ପଡ଼ିଛି ଆର୍ଥିକ ବୋଝ। ଧାର କରଜ କେମିତି ଶୁଝିବେ ତାକୁ ନେଇ ଚିନ୍ତାରେ ପଡ଼ିଛନ୍ତି ଚାଷୀ। ବନ୍ୟା ପାଣି ଭିତରେ ଅସୁସ୍ଥ ଲୋକଙ୍କ ପାଇଁ ଆହୁରି ବଢ଼ିଛି ସମସ୍ୟା। ଜରୁରୀ ଚିକିତ୍ସା ଆବଶ୍ୟକ ଥିବା ରୋଗୀଙ୍କୁ ବୋଟ୍ ଯୋଗେ ଗାଁରୁ ଉଦ୍ଧାର କରାଯାଇ ଡାକ୍ତରଖାନାକୁ ନିଆଯାଉଛି। ଏସବୁ ଭିତରେ ବାଲେଶ୍ୱରରେ ବନ୍ୟା ସ୍ଥିତିକୁ ନେଇ ବଡ଼ ପ୍ରତିକ୍ରିୟା ରଖିଛନ୍ତି ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଦିଲ୍ଲୀପ ରାଉତରା ସେ କହିଛନ୍ତି ଯେ ବାଲେଶ୍ୱରରେ ବନ୍ୟା ସ୍ଥିତି ସୁଧୁରିବା ପାଇଁ ଆହୁରି ୪ ଦିନ ଲାଗିବ। ଏବେ ବୈତରଣୀରେ ବନ୍ୟା ଧୀରେ ଧୀରେ କମୁଛି। ସେପଟେ ବ୍ରାହ୍ମଣୀର ଉପର ମୁଣ୍ଡରେ ବର୍ଷା ହୋଇଛି। ଆହୁରି ମଧ୍ୟ ଯେଉଁ ଅନୁପାତରେ ବନ୍ୟା ଜଳ କମିବା ଦରକାର ତାହା ହେଉନାହିଁ। କାରଣ ତଳ ମୁଣ୍ଡରେ ପାଣି ନକମୁଛି ପୁଣି ଲଘୁଚାପ ଯୋଗୁଁ ଉପର ମୁଣ୍ଡରେ ବର୍ଷା ହେଉଛି। ଆଜକୁ ବର୍ଷା କମିଲେ ଯାଇ ବନ୍ୟା ଜଳ କମିବ ବୋଲି ଶ୍ରୀ ରାଉତ ସ୍ପଷ୍ଟ କରିଦେଇଛନ୍ତି।

### ମେଧାବୀଙ୍କୁ ଗ୍ଲୋବାଲ୍...

ଦଳିତ ଓ ଆଦିବାସୀ ସମ୍ପ୍ରଦାୟର ଯୁବପିଢ଼ିଙ୍କୁ ବିଶ୍ୱସ୍ତରୀୟ ଶିକ୍ଷା ଏବଂ ନୂତନ ଜ୍ଞାନକୌଶଳ ସହ ଯୋଡ଼ିବା ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ। ଏହି ପଦକ୍ଷେପ କେବଳ ଆର୍ଥିକ ଅନଗ୍ରସରତା ଦୂର କରିବ ନାହିଁ, ବରଂ ଶିକ୍ଷା କ୍ଷେତ୍ରରେ ଥିବା ସାମାଜିକ ବୈଷମ୍ୟକୁ ମଧ୍ୟ ହ୍ରାସ କରିବ। ରାଜ୍ୟର ଗରିବ ଆଦିବାସୀ ଓ ଦଳିତ ପରିବାରରୁ ଆସୁଥିବା ପିଲାମାନେ ବିଦେଶରୁ ପାଠ ପଢ଼ି ଆସିବା ପରେ ରାଜ୍ୟ ପାଇଁ ଭବିଷ୍ୟତରେ ନେତୃତ୍ୱ ସୃଷ୍ଟି କରିବାରେ ସହାୟକ ହେବେ ବୋଲି ସରକାର କହିଛନ୍ତି।

### ଓଏଚ୍ଆରସି ସଦସ୍ୟ...

ଦର୍ଶାଯାଇଛି। କେନ୍ଦୁଝର ନିବାସୀ ନାରାୟଣ ମିଶ୍ରଙ୍କ ପୁଅ ହେଉଛନ୍ତି ଆଡଭୋକେଟ ବିରାଜ ଶଙ୍କର ମିଶ୍ର। ଓଡ଼ିଶା ହ୍ୟୁମାନ ରାଇଟ୍ସ କମିଶନ୍‌ର ନାଗରିକଙ୍କ ଅଧିକାରକୁ ସୁରକ୍ଷା ଦେବା ଓ ମାନବାଧିକାର ଉଲ୍ଲଂଘନ ସମ୍ବନ୍ଧୀୟ ଅଭିଯୋଗଗୁଡ଼ିକର ସମାଧାନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସିଛି।

### ୧୭ ଜଣଙ୍କୁ...

ପୁରସ୍କାର ପାଇଁ ପାଞ୍ଚ ଜଣ ପ୍ରଶିକ୍ଷକଙ୍କୁ ଚୟନ କରାଯାଇଛି। ଆଥଲେଟିକ୍ସ ପ୍ରଶିକ୍ଷକ ପରବୀନ ସିଂହ, ବକ୍ସିଂ ପ୍ରଶିକ୍ଷକ ଛୋଟେ ଲାଲ ଯାଦବ ଓ ସୁଟିଂ ପ୍ରଶିକ୍ଷକ ନେହା ନନ୍ଦକୁମାର ଚଭନ, ବକ୍ସିଂ ପ୍ରଶିକ୍ଷକ ଧର୍ମେନ୍ଦ୍ର ସିଂହ ଯାଦବ ଓ ରେସଲିଂ ପ୍ରଶିକ୍ଷକ ବୀରେନ୍ଦ୍ର କୁମାରଙ୍କୁ ଦ୍ରୋଣାଚାର୍ଯ୍ୟ ପୁରସ୍କାରରେ ସମ୍ମାନିତ କରାଯିବ। ପୁନେର ଆର୍ମି ପାରାଅଲିମ୍ପିକ ନୋଡ଼ ରାଷ୍ଟ୍ରୀୟ ଖେଳ ପ୍ରୋତ୍ସାହନ ପୁରସ୍କାର ପାଇଁ ମନୋନୀତ ହୋଇଛି। କ୍ରୀଡ଼ାରେ ଉତ୍କର୍ଷତାକୁ ସ୍ୱୀକୃତି ଦେବା ସହ କ୍ରୀଡ଼ା ପ୍ରତିଭାମାନଙ୍କୁ ପୁରସ୍କୃତ କରିବା ପାଇଁ ପ୍ରତିବର୍ଷ ଏହି ସମ୍ମାନଜନକ ଜାତୀୟ କ୍ରୀଡ଼ା ପୁରସ୍କାର ପ୍ରଦାନ କରାଯାଏ। ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ (ଅବସରପ୍ରାପ୍ତ) ଅରୁଣ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଗଠିତ ଚୟନ କମିଟିର ସୁପାରିଶ ଆଧାରରେ ସରକାର ବିଭିନ୍ନ ବର୍ଗରେ କ୍ରୀଡ଼ାବିତ୍, ପ୍ରଶିକ୍ଷକ ଓ ସଂସ୍ଥାଗୁଡ଼ିକୁ ପୁରସ୍କାର ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଛନ୍ତି।

### ରେକର୍ଡଭୁକ୍ତ ହେଲା...

ଦେଉଥିବା ଜବାବକୁ ଖଣ୍ଡପୀଠ ତର୍ଜମା କରିବେ ବୋଲି କହିବା ସହ ପରବର୍ତ୍ତୀ ତାରିଖରେ ସବୁ ପକ୍ଷଙ୍କ ମତାମତ ଶୁଣିବେ ବୋଲି କହିଛନ୍ତି। ସେହିପରି ଆମିକସ୍ କ୍ୟୁରି ରାଜୁ ରାମଚନ୍ଦ୍ରନ ଉଭୟ ରାଜ୍ୟ ସରକାର ଓ ୟୁପିଏସସିଙ୍କ ଲିଖିତ ଜବାବ ପାଇଛନ୍ତି ଖଣ୍ଡପୀଠଙ୍କୁ ଅବଗତ କରାଇଥିଲେ। ଆବେଦନକାରୀଙ୍କ ଓକିଲ ପି.ଚିଦାମ୍ବରମ ରାଜ୍ୟର ଜବାବ ଉପରେ ୩-୪ଟି ନିର୍ଦ୍ଦିଷ୍ଟ ପ୍ରସଙ୍ଗରେ ପ୍ରତିଜବାବ ଦାଖଲ କରିବାକୁ ଖଣ୍ଡପୀଠଙ୍କ ଅନୁମତି ଲୋଡ଼ିଥିଲେ। କୋର୍ଟ ତାଙ୍କୁ ଏକ ସପ୍ତାହ ମଧ୍ୟରେ ନିଜର ପ୍ରତିଜବାବ ରଖିବାକୁ ସମୟ ଦେଇଛନ୍ତି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ନଆସିବା ପର୍ଯ୍ୟନ୍ତ କୌଣସି ଦୃଢ଼ାତ୍ମ ନିଷ୍ପତ୍ତି ନିଆଯିବ ନାହିଁ ବୋଲି ୟୁପିଏସସି ମଧ୍ୟ ଖଣ୍ଡପୀଠଙ୍କୁ ଲିଖିତ ଭାବେ ଅବଗତ କରାଇଛି। ଯଦି ପୁଲିସ ଡିଜି ଚୟନ ପ୍ରକ୍ରିୟାବେଳେ ସୁପ୍ରିମକୋର୍ଟ ଗାଇଡଲାଇନ୍‌କୁ କୌଣସି ରାଜ୍ୟ ସରକାର ପାଳନ କରୁନାହାନ୍ତି, ତାଙ୍କ ବିରୁଦ୍ଧରେ ଅଦାଲତ ଅବମାନନା କେସ୍ ଦାଏର କରିବାକୁ ୟୁପିଏସସିଙ୍କୁ ଖଣ୍ଡପୀଠ ମଧ୍ୟ କହିଛନ୍ତି। ସୂଚନାଯୋଗ୍ୟ, ଓଡ଼ିଶା ପୁଲିସ ଡିଜି ଚୟନ ତାଲିକାରେ ରାଜ୍ୟ ସରକାର ନିୟମ ଉଲ୍ଲଂଘନ କରି ଜଣେ କନିଷ୍ଠ ତଥା ଅଯୋଗ୍ୟ ଅଧିକାରୀଙ୍କ ନାମ ସାମିଲ କରିବାକୁ ଉଦ୍ୟମ କରୁଥିବା ଅଭିଯୋଗ କରି ଜୟନ୍ତ ଦାସଙ୍କ ପକ୍ଷରୁ ଦାଏର ଜନସ୍ୱାର୍ଥ ମାମଲାକୁ ସୁପ୍ରିମକୋର୍ଟ ଗ୍ରହଣ କରିଥିଲେ। ଅଗଷ୍ଟ ୭ତାରିଖରେ ୟୁପିଏସସି ବୈଠକ ସ୍ଥଗିତ ରହିବା ପରେ ଏହି ବିବାଦ ପଦାକୁ ଆସିଥିଲା। ଆବେଦନକାରୀଙ୍କ ଓକିଲ ପି. ଚିଦାମ୍ବରମ ପୂର୍ବରୁ ଯୁକ୍ତି ବାଢ଼ିଥିଲେ ଯେ, ୨୦୦୬ ପ୍ରକାଶ ସିଂ ମାମଲାରେ ସୁପ୍ରିମକୋର୍ଟ ଦେଇଥିବା ନିର୍ଦ୍ଦେଶକୁ ଉଲ୍ଲଂଘନ କରି ଜଣେ ଏଡିଜି ପାହ୍ୟାର ଅଫିସରଙ୍କୁ ରାତାରାତି ପଦୋନ୍ନତି ଦିଆଯାଇ ଏହି ଡିଜି ପ୍ୟାନେଲରେ ସାମିଲ ପାଇଁ ଉଦ୍ୟମ କରାଯାଉଛି।

### ପ୍ରେମିକାଙ୍କ ପରିବାରର...

ଧାରୁଆ ଭୁଜାଲି ଧରି ସୁଚିସ୍ମିତାଙ୍କ ଘରେ ପଶି ଆକ୍ରୁଳି ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ସୁଚିସ୍ମିତାଙ୍କ ସହ ତାଙ୍କ ବାପା କୃଷ୍ଣ ସେଠୀ, ମା' ପ୍ରଭାସିନୀ ସେଠୀ, ଲେଙ୍କେବାପା ବାବାଜୀ ସେଠୀ ଓ ଭାଇ ଜ୍ୟୋତିର୍ମୟ ସେଠୀ ଗୁରୁତର ଭାବେ ଆହତ ହୋଇଛନ୍ତି। ତେବେ ପୁଅରାରଙ୍କ ପଡ଼ୋଶୀ ଲୋକେ କାବୁ କରି ପୁଲିସ୍ ଜିମା ଦେଇଛନ୍ତି। ତେବେ ସ୍ଥାନୀୟ ଲୋକଙ୍କ ସହାୟତାରେ ପ୍ରଥମେ ସମସ୍ତ ଆହତଙ୍କୁ ଔପଡା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତେବେ ସେମାନଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ପ୍ରାଥମିକ ଚିକିତ୍ସା ପରେ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ତେବେ ପୁଅରାର ଏହି ଆକ୍ରମଣରେ ପରିବାରର ସଦସ୍ୟମାନଙ୍କୁ ନିପାତ କରି ସୁଚିସ୍ମିତାଙ୍କୁ ଜୋର୍ ଜବରଦସ୍ତି ବିବାହ କରିବାକୁ ଉଦ୍ୟମ କରୁଥିବା ସୁଚିସ୍ମିତାଙ୍କ ବାପା କୃଷ୍ଣ ଅଭିଯୋଗ କରିଛନ୍ତି।

### ପାଠ୍ୟ ପୁସ୍ତକ...

ଉଠାଉଛି। ତ୍ରୁଟିପୂର୍ଣ୍ଣ ପୁସ୍ତକ ଯୋଗାଣ ସହ ଆଉ କିଛି ଦାବିକୁ ଯୋଡ଼ି ମହାସଂଘ ଧାରଣା ଚଳାଉଥିବା ବେଳେ ମଉକା ଦେଖି ରାଜନୈତିକ ନେତାମାନେ ବି ସେଠାରେ ପହଞ୍ଚିବାରେ ଲାଗିଛନ୍ତି ଯାହା ଲକ୍ଷ୍ୟ କରାଯାଉଛି, ବିଧାନସଭାରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କୁ ଘେରିବା ପାଇଁ ବିରୋଧୀ ଦଳଗୁଡ଼ିକ ସୁଚିନ୍ତିତ ଭାବେ ଏହି ପ୍ରସଙ୍ଗକୁ ଆୟୁଧ କରିଥିବା ବେଳେ ଶିକ୍ଷକ ସଂଘ ପକ୍ଷରୁ ଏହାର ଜିଲୀନ ମୁଖ୍ୟାଳୟ ଦାବି ରଖିବା ତାହା ଉପରେ ଏବେ ସମସ୍ତଙ୍କ ନଜର ରହିଛି। ସେହିଭଳି କ୍ରାଇମବ୍ରାଞ୍ଚର ତଦନ୍ତ କେଉଁ ଦିଗକୁ ଯାଉଛି, ତାହା ଜାଣିବା ପାଇଁ ମଧ୍ୟ ଅନେକ ଉତ୍ସୁକତା ପ୍ରକାଶ କରୁଛନ୍ତି।

## ଉମରକୋଟ ପୁଲିସର ବଡ଼ ସଫଳତା
# ଉଦ୍ଧାର ହେଲା ୫୪ଟି ସ୍ମାର୍ଟଫୋନ୍



ନବରଙ୍ଗପୁର, ଉମରକୋଟ,୧୮।୮ (ସଂଚାର ବ୍ୟୁରୋ): ନବରଙ୍ଗପୁର ଜିଲ୍ଲାରୁ ଏକ ବଡ଼ ଖବର ସାମ୍ନାକୁ ଆସିଛି। ପୁଲିସକୁ ମିଳିଛି ଏକ ବଡ଼ ସଫଳତା। ଜିଲ୍ଲାର ବିଭିନ୍ନ ଥାନାରେ ହୋଇଥିବା ଅଭିଯୋଗ ଏବଂ ସେଣ୍ଟ୍ରାଲ୍ ଇକ୍ୱିପମେଣ୍ଟ ଆଇଡେଣ୍ଟିଟି ରେଜିଷ୍ଟର ପୋର୍ଟାଲରେ ଦାଖଲ ହୋଇଥିବା ରିପୋର୍ଟ ଆଧାରରେ ପୁଲିସ ୫୪ଟି ହଜିଯାଇଥିବା ସ୍ମାର୍ଟଫୋନ୍ ଉଦ୍ଧାର କରିଛି। ନବରଙ୍ଗପୁର ଜିଲ୍ଲା ପୁଲିସ ପକ୍ଷରୁ ଅଗଷ୍ଟ ୫, ୨୦୨୬ରୁ ଅଗଷ୍ଟ ୧୫, ୨୦୨୬ ପର୍ଯ୍ୟନ୍ତ ହଜିଯାଇଥିବା ମୋବାଇଲ ଫୋନ୍ ଗୁଡ଼ିକୁ ଖୋଜିବା ପାଇଁ ଏକ ବିଶେଷ ଅଭିଯାନ ଚଲାଯାଇଥିଲା। ଉମରକୋଟ ସବ୍-ଡିଭିଜନ୍ ଅଧୀନରେ ଥିବା ଉମରକୋଟ ଏବଂ ରାଇଘର ଥାନା ଦ୍ୱାରା ଜିଲ୍ଲାର ବିଭିନ୍ନ ସ୍ଥାନରୁ ମୋଟ ୫୪ଟି ସ୍ମାର୍ଟଫୋନ୍ ଉଦ୍ଧାର କରାଯାଇଛି। ଏହି ସମସ୍ତ ମୋବାଇଲ୍ ଫୋନ୍‌ଗୁଡ଼ିକର ଆନୁମାନିକ ମୂଲ୍ୟ ପାଖାପାଖି ୫,୦୦,୦୦୦ (୫ ଲକ୍ଷ) ଟଙ୍କା ହେବ। ଉମରକୋଟ ଥାନା ପରିସରରେ ଆବଶ୍ୟକୀୟ ଯାଞ୍ଚ ଏବଂ ପ୍ରମାଣପତ୍ର ସତ୍ୟାପନ ପରେ ସମସ୍ତ ମୋବାଇଲ୍ ଫୋନ୍ ଗୁଡ଼ିକୁ ସେଗୁଡ଼ିକର ପ୍ରକୃତ ମାଲିକଙ୍କୁ ହସ୍ତାନ୍ତର କରାଯାଇଛି।

## ଚୋରି ମାମଲାରେ ଯୁବକ ଗିରଫ



ସତ୍ୟବାଦୀ,୧୮।୮ (ସଂଚାର ବ୍ୟୁରୋ): ସତ୍ୟବାଦୀ ଥାନା ଅଞ୍ଚଳରେ ଘରେ ପଶି ଚୋରି ଅଭିଯୋଗରେ ପୁଲିସ ମାଝୀହେରେଇ ଗ୍ରାମର ସରୋଜ ବାରାଳ ଓରଫ ସୁଟୁ (୨୨) ଙ୍କୁ ଗିରଫ କରିଛି। ଏନେଇ ସତ୍ୟବାଦୀ ଥାନାରେ କେସ୍ ନଂ-୩୩୨/୨୦୨୬ ରୁଜୁ ହୋଇଛି। ପୁଲିସ ସୂଚନାନୁସାରେ, ଅଗଷ୍ଟ ୧୫ ତାରିଖ ରାତିରେ ଉତ୍ତରପଡ଼ା ସାମିଲ ପୁରୁଣା ସୋଲେଶ୍ୱରପୁର ଗ୍ରାମର ନୀଳକଣ୍ଠ ବାରିକଙ୍କ ଘର ପଛପଟ ବାଡ଼ ଭାଙ୍ଗି ଦୁର୍ବୃତ୍ତମାନେ ପ୍ରବେଶ କରି ୩୫ଟି ନଡ଼ିଆ, ନଗଦ ୨୫ ହଜାର ଟଙ୍କା, ଗ୍ୟାସ୍ ଚୁଲା ଓ ଅନ୍ୟ ସାମଗ୍ରୀ ଚୋରି କରିଥିଲେ। ଅଭିଯୋଗ ପରେ ସତ୍ୟବାଦୀ ପୁଲିସ ତଦନ୍ତ କରି ୧୮ ତାରିଖରେ ସରୋଜଙ୍କୁ ଗିରଫ କରି ସତ୍ୟବାଦୀ ଜେଏମ୍‌ଏଫ୍‌ସି କୋର୍ଟକୁ ଚାଲାଣ କରିଛି। ତାଙ୍କ ନିକଟରୁ ନଗଦ ୨୫ ହଜାର ଟଙ୍କା, ୨୮ଟି ନଡ଼ିଆ, ଗୋଟିଏ ଗ୍ୟାସ୍ ଚୁଲା ଓ ଗୋଟିଏ ଆଲୁମିନିୟମ ହଣ୍ଡା ଜବତ ହୋଇଛି। ଅଭିଯୁକ୍ତଙ୍କ ବିରୋଧରେ ପୂର୍ବରୁ ସତ୍ୟବାଦୀ ଥାନାରେ ୬ଟି ମାମଲା ଥିବା ପୁଲିସ କହିଛି।

## ଭୁଶୁଡ଼ି ପଡ଼ିଲା ଚାଳ ଛପର ଘର, ଅଳ୍ପକେ ବର୍ତ୍ତିଲେ ସ୍ୱାମୀ-ସ୍ତ୍ରୀ



ନିକଶିରି, ୧୮।୮ (ସଂଚାର ବ୍ୟୁରୋ): ଗଡକାଳିରାଡି ଘରେ ସ୍ୱାମୀ, ସ୍ତ୍ରୀ ଶୋଇଥିବା ବେଳେପ୍ରାୟ ସାଢେ ଦୁଇଟାସମୟ ରେ ହଠାତ୍ ମାଟି କାନ୍ଥ ସହ ଚାଳଛପର ଘରଟି ଭୁଶୁଡ଼ି ପଡ଼ିଲା। ଜୀବନ ବିକଳରେ ବହୁ କଷ୍ଟରେ ସ୍ୱାମୀ, ସ୍ତ୍ରୀବାହାରକୁ ବାହାରି ଆସିଥିଲେ। ୨ ଜଣ ଆହତ ହୋଇଥିବା ବେଳେ ସେମାନଙ୍କୁ ବଡ଼ଗମ୍ପୁର ମେଡ଼ିକାଲକୁ ନେଇଥିଲେ। ଆଜି ସେମାନେ ସୁସ୍ଥ ହେବା ପରେ ଘରକୁ ଯାଇଥିବା ଜଣାପଡ଼ିଛି। ସୂଚନା ଯୋଗ୍ୟ ଆରବନ୍ଦ ପଂଚାୟତର ଉପର ଡିହା ଗ୍ରାମର ଉଦୟନାଥ ପାତ୍ର, ସ୍ତ୍ରୀ ମଞ୍ଜୁଲତା ପାତ୍ର ୧୭/୮/୨୬ରିଖ ରାତିରେ ଶୋଇଥିବା ବେଳେ ରାତି ପ୍ରାୟ ସାଢେ ଦୁଇଟା ସମୟରେ ଘରଣା ଘଟି ଥିବାର ଜଣା ପଡିଛି। ଏବେ ସ୍ୱାମୀ, ସ୍ତ୍ରୀ ସୁସ୍ଥ ଥିବାର ଜଣାପଡ଼ିଛି। ଲଗାଣ ବର୍ଷା ଫଳରେ ଏଭଳି ଅଘଟଣ ହୋଇଥିବା ବୋଲି ଉଦୟନାଥ ପାତ୍ର କହିଥିଲେ।

## ପରିବହନ ବିଭାଗ ପକ୍ଷରୁ ଦୁଇଦିନିଆ ସ୍ପେଶାଲ ଡ୍ରାଇଭ୍



ଢେଙ୍କାନାଳ, ୧୮।୮ (ସଂଚାର ବ୍ୟୁରୋ): ଢେଙ୍କାନାଳ ଜିଲ୍ଲାରେ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଦୁଇଦିନିଆ ସ୍ପେସିଆଲ୍ ଡ୍ରାଇଭ୍ ଆରମ୍ଭ କରାଯାଇଛି। ରାସ୍ତାରେ ଚଳାଚଳ କରୁଥିବା ଗାଡ଼ିଗୁଡ଼ିକର କାଗଜପତ୍ର, ଡ୍ରାଇଭିଂ ଲାଇସେନ୍ସ, ଫିଟନେସ୍, ପରମିଟ୍, ଇନ୍ସୁରାନ୍ସ ସମେତ ବିଭିନ୍ନ ନିୟମର ଯାଞ୍ଚ କରାଯାଉଛି। ବିଶେଷକରି ଟ୍ରାଫିକ୍ ନିୟମ ଉଲ୍ଲଂଘନ, ବିନା ଆବଶ୍ୟକ କାଗଜପତ୍ରରେ ଗାଡ଼ି ଚଳାଚଳ ଏବଂ ଅନ୍ୟାନ୍ୟ ପରିବହନ ନିୟମ ଉଲ୍ଲଂଘନ ଉପରେ ବିଭାଗ ପକ୍ଷରୁ କଡ଼ା ନଜର ରଖାଯାଉଛି। ଦୁଇଦିନ ଧରି ଜିଲ୍ଲାର ବିଭିନ୍ନ ସ୍ଥାନରେ ଏହି ଯାଞ୍ଚ ଅଭିଯାନ ଚାଲିବ। ଯାଞ୍ଚ ସମୟରେ ନିୟମ ଉଲ୍ଲଂଘନ କରୁଥିବା ଗାଡ଼ି ଚାଳକଙ୍କ ବିରୋଧରେ ଆଇନ ଅନୁଯାୟୀ ଜରିମାନା ଓ ଆବଶ୍ୟକ ସ୍ଥଳେ ଅନ୍ୟାନ୍ୟ ଦଣ୍ଡାତ୍ମକ ପଦକ୍ଷେପ ନିଆଯିବ ବୋଲି ପରିବହନ ବିଭାଗ ପକ୍ଷରୁ କୁହାଯାଇଛି। ଆଞ୍ଚଳିକ ପରିବହନ ଅଧିକାରୀ କହିଛନ୍ତି ଯେ, ରାସ୍ତାରେ ସୁରକ୍ଷିତ ଯାତାୟାତ ସୁନିଶ୍ଚିତ କରିବା ଏହି ସ୍ପେସିଆଲ୍ ଡ୍ରାଇଭ୍‌ର ମୁଖ୍ୟ ଉଦ୍ଦେଶ୍ୟ।

## ଅବ୍ୟବସ୍ଥା ଘେରରେ ମାସାରାଗାଣ୍ଡ ପ୍ରାଥମିକ ବିଦ୍ୟାଳୟ
# ଲଗାଣ ବର୍ଷାରେ ଉଡ଼ିଗଲା ଛପର

### ଗୋଟିଏ ବଖରାରେ ୩୨ ଛାତ୍ରଛାତ୍ରୀଙ୍କ ସହ ବିଦ୍ୟାଳୟର ସମସ୍ତ ଆବଶ୍ୟକୀୟ ସରଞ୍ଜାମ
### ପାଠ ପଢ଼ାରେ ବ୍ୟାଘାତ



ଫୁଲବାଣୀ,୧୮।୮ (ସଂଚାର ବ୍ୟୁରୋ): ଫିରିଙ୍ଗିଆ ବ୍ଲକ କାଶିନୀପଦର ପଞ୍ଚାୟତ ମାସାରଗାଣ୍ଡ ପ୍ରାଥମିକ ବିଦ୍ୟାଳୟ ବର୍ତ୍ତମାନ ବିଭିନ୍ନ ସମସ୍ୟା ଦେଇ ଗତି କରୁଛି। ଗୋଟିଏ ବଖରାରେ ବିଦ୍ୟାଳୟର ୩୨ ଛାତ୍ରଛାତ୍ରୀ ସହ ୨ ଜଣ ଶିକ୍ଷକ ଏବଂ ବିଦ୍ୟାଳୟର ଆବଶ୍ୟକୀୟ ସମସ୍ତ ସରଞ୍ଜାମ ରହିଥିବାରୁ ପାଠପଢାରେ ବ୍ୟାଘାତ ସୃଷ୍ଟି ହୋଇଛି।

ତେବେ ସୂଚନା ଅନୁସାରେ ଗତ ପାଞ୍ଚ ମାସ ତଳେ ଅର୍ଥାତ ମାର୍ଚ୍ଚ ୨୭ ତାରିଖରେ ପ୍ରବଳ ବର୍ଷା ସାଙ୍ଗକୁ ପବନ ଓ ଘଡଘଡି ହୋଇଥିଲା। ଏତେ ମାତ୍ରାରେ ଝଡ଼ ବାତ୍ୟା ପବନ ହୋଇଥିଲା ଯେ ବିଦ୍ୟାଳୟର ସମସ୍ତ ଟିଣ ଛପର ଉଡିଯାଇ ବହୁ ଦୂରରେ ପଡ଼ିଥିବା ଥିବା ବେଳେ ବିଦ୍ୟାଳୟ ଭିତରେ ଥିବା କାଗଜପତ୍ର, ଏମଡିଏମ ଚାଉଳ ସହିତ ବହୁ ଜିନିଷ କ୍ଷତି ହୋଇଥିଲା। ତେବେ ରାତିରେ ଏହା ହୋଇଥିବାରୁ କାହାର କିଛି କ୍ଷତି ହୋଇନଥିଲା । ବର୍ତ୍ତମାନ ପାଞ୍ଚ ମାସ ବିତିଯାଇଥିବା ବେଳେ ବିଦ୍ୟାଳୟର ଅବସ୍ଥା ସେମିତି ପଡି ରହିଥିବାରୁ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି।

ବର୍ତ୍ତମାନ ଗୋଟିଏ ମାତ୍ର ବଖରାରେ ବାଲ ବାଟିକା ଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୩୨ ଜଣ ଛାତ୍ର ଛାତ୍ରୀ ପାଠ ପଢୁଥିବା ବେଳେ ବିଦ୍ୟାଳୟ କୋଠରୀରେ ବିଦ୍ୟାଳୟର ସମସ୍ତ ଜିନିଷ ଗଦା ହୋଇ ରହିଥିବାରୁ ପାଠ ପଢିବାକୁ ଜାଗା ମଧ୍ୟ ହେଉନାହିଁ। ଯାହାଦ୍ୱାରା ୨ ଶିକ୍ଷକ ପାଠ ପଢେଇବାରେ ବହୁତ ଅସୁବିଧା ଭୋଗୁଛନ୍ତି। ଏବେ ଭାଙ୍ଗି ରୁଜି ଟିଣ ଏଣେ ତେଣେ ପଡିଛି। ବର୍ଷା ହେଲେ ପାଠ ପଢ଼ା ଦୂରର କଥା ବହୁ ଅସୁବିଧା ଭୋଗିବାକୁ ପଡୁଛି।

ଘଟଣାକୁ ନେଇ ବିଦ୍ୟାଳୟ ପରିଚାଳନା କମିଟି ଏବଂ ଶିକ୍ଷକମାନେ ଫିରିଙ୍ଗିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନୁପ ଅଭିଷେକ ବେହେରା, ସ୍ଥାନୀୟ ସରପଞ୍ଚ ଏବଂ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଲିଖିତ ଭାବରେ ଜଣାଇଥିଲେ ମଧ୍ୟ କୌଣସି କାମ ହୋଇ ପାରିନାହିଁ। ତୁରନ୍ତ ବିଦ୍ୟାଳୟ କୋଠରୀ ମରାମତି କରିବାକୁ ବିଦ୍ୟାଳୟ ପରିଚାଳନା କମିଟି ଏବଂ ଅଞ୍ଚଳ ବାସି ଦାବି କରିଛନ୍ତି।

# ଦୁର୍ଦ୍ଦଶାରେ ସରକାରୀ ପ୍ରାଥମିକ ଶିକ୍ଷକ ଶିକ୍ଷାନୁଷ୍ଠାନ

### ପରିସରରେ ଜମି ରହୁଛି ପାଣି
### ଦୂଷିତ ଓ ଦୁର୍ଗନ୍ଧ ପାଣି ଯୋଗୁଁ ବଢୁଛି ମଶା-ମାଛିଙ୍କ ପ୍ରାଦୁର୍ଭାବ
### ତୁରନ୍ତ ଡ୍ରେନ୍ ନିର୍ମାଣ ଦାବି



ଆନନ୍ଦପୁର,୧୮।୮ (ସଂଚାର ବ୍ୟୁରୋ): ଚିନ୍ତା ବଢ଼ାଉଛି ଶିକ୍ଷାନୁଷ୍ଠାନରେ ଜମି ରହୁଥିବା ବର୍ଷା ଜଳ। ପରିବେଶ ଯେତେ ସୁନ୍ଦର ହୋଇଥିଲେ ବି ଜମି ରହୁଥିବା ପାଣି ପାଇଁ ହନ୍ତସନ୍ତ ହେବାକୁ ପଡୁଛି ଛାତ୍ରଛାତ୍ରୀ ମାନଙ୍କୁ। ଏହି ସମସ୍ୟା ଆଜି କାଲିର ନୁହେଁ ଦୀର୍ଘ ଦିନର ବୋଲି କୁହାଯାଉଛି। ତେବେ ଏହି ଘଟଣାର ସମସ୍ୟା ସମାଧାନ ପାଇଁ କେହି କେବେ ଚିନ୍ତା କରୁଛନ୍ତି କି ନାହିଁ ତାହା ଜଣା ନାହିଁ କିନ୍ତୁ ସମସ୍ୟା ଦୀନକୁ ଦୀନ ବିଗିଡ଼ିବାରେ ଲାଗିଛି।

କେନ୍ଦୁଝର ଜିଲ୍ଲା ଆନନ୍ଦପୁର ପୌରପାଳିକା ଅନ୍ତର୍ଗତ ଫକିରପୁର ଅଞ୍ଚଳରେ ଶିକ୍ଷାନୁଷ୍ଠାନର ଦୁର୍ଦ୍ଦଶାକୁ ନେଇ ଉଠିଛି ପ୍ରଶ୍ନ। ସରକାରୀ ପ୍ରାଥମିକ ଶିକ୍ଷକ ଶିକ୍ଷା ଅନୁଷ୍ଠାନ ଏବଂ ସରକାରୀ ପ୍ରାରମ୍ଭିକ ଶିକ୍ଷକ ଶିକ୍ଷା ଅନୁଷ୍ଠାନ, କ୍ରୀଡ଼ା ଖେଳ ଓ ବିଜ୍ଞାନ ପରୀକ୍ଷାଗାର ପରିସରରେ ଡ୍ରେନ୍ ବ୍ୟବସ୍ଥା ନଥିବାରୁ ବର୍ଷା ହେଲେ ଦୀର୍ଘ ସମୟ ଧରି ଜମି ରହୁଛି ପାଣି। ଜଳ ନିଷ୍କାସନର ସୁବିଧା ନଥିବାରୁ ଶିକ୍ଷାନୁଷ୍ଠାନ ପରିସର ଏବେ ଜଳମଗ୍ନ ହୋଇପଡୁଛି। ଜମି ରହୁଥିବା ପାଣିରେ ମଶା ଓ ମାଛିଙ୍କ ପ୍ରାଦୁର୍ଭାବ ବଢୁଥିବା ଅଭିଯୋଗ ହୋଇଛି। ଏହାସହ ଛାତ୍ରଛାତ୍ରୀମାନେ ଏହି ଅପରିଷ୍କାର ପାଣି ମଧ୍ୟଦେଇ ଯାତାୟାତ କରୁଥିବାରୁ ଅସୁବିଧା ଭୋଗୁଛନ୍ତି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ଦୀର୍ଘ ସମୟ ଧରି ପାଣି ଜମି ରହିବା ଯୋଗୁଁ କାଛୁକୁଣ୍ଡିଆ ଭଳି ଚର୍ମ ସମସ୍ୟା ହେଉଥିବା ନେଇ ମଧ୍ୟ ଅଭିଯୋଗ ଆସିଛି। ଶିକ୍ଷା ପରିବେଶକୁ ସ୍ୱଚ୍ଛ ଓ ସୁସ୍ଥ ରଖିବା ପାଇଁ ତୁରନ୍ତ ପଦକ୍ଷେପ ନେବା ଜରୁରୀ ହୋଇପଡ଼ିଛି। ତେବେ ତୁରନ୍ତ ଘଟଣାସ୍ଥଳ ପରିଦର୍ଶନ କରି ସମସ୍ୟାର ସମାଧାନ କରିବା ସହ ଡ୍ରେନ୍ ନିର୍ମାଣ ଏବଂ ଜମି ରହୁଥିବା ବର୍ଷାଜଳର ସ୍ଥାୟୀ ନିଷ୍କାସନ ବ୍ୟବସ୍ଥା କରିବାକୁ ସ୍ଥାନୀୟ ପ୍ରଶାସନ ଓ ଶିକ୍ଷା ବିଭାଗ ନିକଟରେ ଦାବି ହୋଇଛି।

# ମରଣଯନ୍ତା ପାଲଟିଛି ଚୋରଦା ମାଛ ମାର୍କେଟ ସମ୍ମୁଖ ରାସ୍ତା



ଯାଜପୁର ରୋଡ଼, ୧୮।୮ (ସଂଚାର ବ୍ୟୁରୋ): ବ୍ୟାସନଗର ପୌରାଞ୍ଚଳ ସହର ମଧ୍ୟରେ ଯାଇଥିବା ଚୋରଦା-ଡୁବୁରି ରାସ୍ତାର ଚୋରଦା ଛକ ନିକଟରେ ଥିବା ମାଛ ମାର୍କେଟ ସମ୍ମୁଖ ରାସ୍ତାରେ ଏବେ ଏକ ବଡ ଖାଲ ହୋଇଯାଇଛି। ଯାହାଫଳରେ ରାସ୍ତାର ଏହି ଖାଲ ଯୋଗୁଁ ଅନେକ ଲୋକ ଏଠାରେ ଯାତାୟାତ ସମୟରେ ଦୃର୍ଘଟଣାର ଶିକାର ହେଉଛନ୍ତି। ଏହି ରାସ୍ତା ଦେଇ ପ୍ରତ୍ୟେକ ଦିନ ହଜାର ହଜାର ବିଭିନ୍ନ ଧରଣର ଛୋଟ ବଡ଼ ଗାଡ଼ି ଗୁଡ଼ିକ କଳିଙ୍ଗନଗର ଶିଳ୍ପଅଚଳକୁ ଯାତାୟାତ କରୁଛନ୍ତି। ତେଣୁ ଏହି ରାସ୍ତାର ଖାଲ ଯୋଗୁଁ ଏଠାରେ ଦୃର୍ଘଟଣାର ସଂଖ୍ୟା ବଢ଼ିବା ପୂର୍ବରୁ ତୁରନ୍ତ ବ୍ୟାସନଗର ପୌର ପ୍ରଶାସନ କତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ରାସ୍ତାରେ ହୋଇଥିବା ଖାଲକୁ ମରାମତି କରିବା ଲାଗି ପଦକ୍ଷେପ ନିଅନ୍ତୁ ବୋଲି ଜନସାଧାରଣଙ୍କ ପକ୍ଷରୁ ଦାବି କରାଯାଉଛି।

### ଫେଲ ମାରିଛି ଉମରକୋଟ ପୌରାଞ୍ଚଳରେ ସ୍ୱଚ୍ଛ ଭାରତ ଅଭିଯାନ
# ନାମକୁ ମାତ୍ର 'ସବୁଜ ସୁନ୍ଦର ଉମରକୋଟ ଆମର'



ନବରଙ୍ଗପୁର,ଉମରକୋଟ,୧୮।୮ (ସଂଚାର ବ୍ୟୁରୋ): ନବରଙ୍ଗପୁର ଜିଲ୍ଲା ଉମରକୋଟ ପୂର୍ବରୁ ନଗର ନିଗମରେ କାର୍ଯ୍ୟ କରୁଥିବା ବେଳେ ବର୍ତ୍ତମାନ ପୌରାଞ୍ଚଳରେ ପରିଣତ ହୋଇ ମଧ୍ୟ ଏହାର କୌଣସି ସଫଳ ରୂପାୟନ ଦେଖିବାକୁ ମିଳିପାରି ନାହିଁ। ପୌରାଞ୍ଚଳରେ ସ୍ୱଚ୍ଛ ଭାରତ ଅଭିଯାନର ଆଶାନୁରୂପ ଫଳାଫଳ ନମିଳିବା ଏବଂ କାର୍ଯ୍ୟକାରିତାରେ ଅବହେଳା ଯୋଗୁଁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି।

ସରକାରୀ ସ୍ତରରେ ବିପୁଳ ଅର୍ଥ ବ୍ୟୟ ବରାଦ ସତ୍ତ୍ୱେ କେତେକ ମୁଖ୍ୟ କାରଣ ଯୋଗୁଁ ଏହି ଅଭିଯାନ ବାଟବଣା ହେଉଥିବା ନଜର ଆସୁଛି। 'ସବୁଜ ସୁନ୍ଦର ଉମରକୋଟ ଆମର' ଏହା ଖାଲି କାଗଜପତ୍ର ରେ ସୀମିତ। ପ୍ରାୟ ଏକ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହୋଇ ଥିବା ଡ଼ମ୍ପିଙ୍ଗ ୟାର୍ଡ ଓ ପ୍ରୋସେସିଂ ପ୍ଲାଣ୍ଟର ସଠିକ ରୂପେ ସଫଳ ରୂପାୟନ ହେଉ ନ ଥିବା ଦେଖିବାକୁ ମିଳିଛି। ସହରର ପ୍ରତ୍ୟେକ ୱାର୍ଡରୁ ନିୟମିତ ଶୁଖିଲା ଓ ଓଦା ବର୍ଜ୍ୟବସ୍ତୁ ସଂଗ୍ରହ ଏବଂ ତାହାର ସଠିକ୍ ସେଗ୍ରିଗେସନ୍ (ପୃଥକୀକରଣ) ପ୍ରକ୍ରିୟା ସମ୍ପୂର୍ଣ୍ଣ ସକ୍ରିୟ ହୋଇପାରି ନାହିଁ। ସଂଗୃହିତ କଚଡ଼ା ପକାଇବା ପାଇଁ ସଠିକ୍ ଓ ସ୍ଥାୟୀ ବ୍ୟବସ୍ଥା ନଥିବାରୁ ରାସ୍ତାକଡ଼, ଖୋଲା ସ୍ଥାନ କିମ୍ବା ନଦୀନାଳ ଆଖପାଖରେ ଆବର୍ଜନା ଜମା ହୋଇ ଦୁର୍ଗନ୍ଧ ଓ ପ୍ରଦୂଷଣ ସୃଷ୍ଟି କରୁଛି।

ମୁଖ୍ୟ ବଜାର, ସାହି ଏବଂ ଜନବସତି ଅଞ୍ଚଳରେ ନାଳଗୁଡ଼ିକ ନିୟମିତ ସଫା ନହୋଇ ବର୍ଷା ଦିନେ ଦୂଷିତ ଜଳ ରାସ୍ତା ଉପରକୁ ମାଡ଼ିଆସୁଛି। ଅନେକ ସ୍ଥାନରେ ନିର୍ମିତ ସାର୍ବଜନୀନ ଓ ସାମୁଦାୟିକ ଶୌଚାଳୟଗୁଡ଼ିକରେ ଜଳ ଯୋଗାଣ, ଆଲୋକ ଓ ସଫେଇର ଅଭାବ ଯୋଗୁଁ ତାହା ବ୍ୟବହାରପୋଯୋଗୀ ହୋଇପାରୁନାହିଁ।

ଏଥିନିମନ୍ତେ ବଜାର, ସ୍କୁଲ୍-କଲେଜ ଏବଂ ସାହିଗୁଡ଼ିକରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ କରାଇବା, ପ୍ଲାଷ୍ଟିକ୍ ବ୍ୟବହାର ଉପରେ କଟକଣା ଏବଂ ଏକକ ବ୍ୟବହାରପୋଯୋଗୀ ପ୍ଲାଷ୍ଟିକ୍ ଉପରେ କଡ଼ା ନିୟମ ଓ ଜରିମାନା ଆଦାୟ କରାଗଲେ ଆଗାମୀ ଦିନରେ ଉମରକୋଟରେ ସବୁଜିମା ପରିବେଶ ସୃଷ୍ଟି ହେବା ସମ୍ଭବ ପର ହୋଇ ପାରିବ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଉଠିଛି।

### ଦାଦନ ଶ୍ରମିକଙ୍କ ମୃତ୍ୟୁ ଘଟଣା
# ପରିବାରକୁ ଭେଟିଲା ୫ ଜଣିଆ ବିଜେଡି ଟିମ



ହିଞ୍ଜିଳିକାଟୁ, ୧୮।୮ (ସଂଚାର ବ୍ୟୁରୋ): ହିଞ୍ଜିଳି ବ୍ଲକ ଖରିଡ଼ା ଗାନ୍ଧୀ ନଗର ସାହିର ନିରବେହେରା (୪୫) ସୁରତରେ କାର୍ଯ୍ୟ କରିବାକୁ ଯାଇ ସେଠାରେ ମୃତ୍ୟୁ ଘଟିଥିଲା। ସୋମବାର ଭୋର ୫ଟାରେ ଆମ୍ବୁଲାନ୍ସ ଯୋଗେ ତାଙ୍କ ମୃତଦେହ ଗାଁରେ ପହଞ୍ଚିବା ପରେ ଶୋକାକୁଳ ପରିବେଶରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବିଡିଓ ସାଗରୀକା ଷଡ଼ଙ୍ଗୀ ଓ ଅତିରିକ୍ତ ତହସିଲଦାର ସୁରଜ ନାୟକ ବେହେରା ପହଞ୍ଚି ରେଡ଼କ୍ରସ ପାଣ୍ଠିରୁ ସହାୟତା ପ୍ରଦାନ କରିଥିଲେ | ଆଜି ବିରୋଧୀ ଦଳ ନେତା ତଥା ହିଞ୍ଜିଳି ବିଧାୟକ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ବିଜୁ ଜନତା ଦଳର ୫ ଜଣିଆ ଟିମ ଖରିଡ଼ା ଗ୍ରାମକୁ ଯାଇ ଶୋକାକୁଳ ପରିବାରଙ୍କ ସହ କଥାବାର୍ତ୍ତା ହେବା ସହ ଦ୍ୱାଦଶ କାର୍ଯ୍ୟ ନିମନ୍ତେ ନବୀନ ପଟ୍ଟନାୟକ ତରଫରୁ କିଛି ଧନରାଶି ପ୍ରଦାନ କରାଯାଇଥିଲା | ବିଧବା ଭତ୍ତା ସମେତ ବିଭିନ୍ନ ସରକାରୀ ସାହାଯ୍ୟ ନିମନ୍ତେ ଗଂଜାମ ଜିଲ୍ଲାପାଳ ଓ ବିଡ଼ିଓଙ୍କୁ ଟିମ ସାକ୍ଷାତ କରିବୁ ନେଇ ପ୍ରତିଶୃତି ଦେଇଥିଲେ | ବିରୋଧୀଦଳ ନେତାଙ୍କ ଜିଲ୍ଲା ପରିଷଦ ପ୍ରତିନିଧି ଦେବାନନ୍ଦ ମହାପାତ୍ର , ଜିଲ୍ଲା ପରିଷଦ ସଭ୍ୟ ତଥା ବିଧାୟକଙ୍କ ପ୍ରତିନିଧି ଏ. ସୁଦର୍ଶନ, ବିଜେଡି ବ୍ଲକ ସଭାପତି ଦୁର୍ଗା ମାଧବ ମହାନ୍ତି, ସରପଂଚଙ୍କ ପ୍ରତିନିଧି ସୁଶାନ୍ତ ଗୌଡ଼, ସମିତି ସଭ୍ୟ ଶରତ ଦଳେଇ ପ୍ରମୁଖ ତାଙ୍କ ଶୋକାକୁଳ ପରିବାରକୁ ସମବେଦନା ଜଣାଇଥିଲେ |

### ନିଶାମୁକ୍ତ ଭାରତ ଅଭିଯାନ
# ନିଶା ନିବାରଣ ପାଇଁ ଶପଥ ନେଲେ ପୁଲିସ ଓ ଛାତ୍ରଛାତ୍ରୀ



ମାଲକାନଗିରି, ୧୮।୮ (ସଂଚାର ବ୍ୟୁରୋ): ମାଲକାନଗିରି ଜିଲ୍ଲା ସୀମାବର୍ତ୍ତୀ ପଡିଆ ପୁଲିସ ପକ୍ଷରୁ ଆଂଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ନିଶାମୁକ୍ତ ଭାରତ ଅଭିଯାନ ଅନ୍ତର୍ଗତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ନିଶା ସେବନର କୁପରିଣାମ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ସଚେତନ କରାଯିବା ସହ ମାଦକଦ୍ରବ୍ୟ, ମଦ ଓ ଅନ୍ୟାନ୍ୟ ନିଶାଦ୍ରବ୍ୟ ଠାରୁ ଦୂରେଇ ରହିବାକୁ ଆହ୍ୱାନ ଦିଆଯାଇଥିଲା। ନିଶା ସେବନ ଦ୍ୱାରା ଯୁବପିଢ଼ିଙ୍କ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ନଷ୍ଟ ହେବା ସହ ପରିବାର ଓ ସମାଜରେ ବିଭିନ୍ନ ସମସ୍ୟା ସୃଷ୍ଟି ହେଉଥିବା ନେଇ ପୁଲିସ ପକ୍ଷରୁ କୁହାଯାଇଛି । ଯୁବପିଢ଼ି ହେଉଛନ୍ତି ଦେଶର ଭବିଷ୍ୟତ। ତେଣୁ ନିଜେ ନିଶା ସେବନରୁ ଦୂରେଇ ରହିବା ସହ ପରିବାର, ବନ୍ଧୁବାନ୍ଧବ ଓ ଆଖପାଖର ଯୁବକଯୁବତୀଙ୍କୁ ମଧ୍ୟ ନିଶାଠାରୁ ଦୂରେଇ ରଖିବା ପାଇଁ ପୋଲିସ ପକ୍ଷରୁ ପରାମର୍ଶ ଦିଆଯାଇଛି ।

ପଡିଆ ଥାନା ଅଧିକାରୀ ସନ୍ତୋଷ କୁମାର ମାଝୀଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପଡିଆ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ପରମାନନ୍ଦ ମହାପାତ୍ର, ଅଧ୍ୟାପକ ଜଗନ୍ନାଥ ସାହୁ, ଏସ୍ ମୋନିକା, ପଡିଆ ଥାନା ଏସଆଇ ଦେବେନ୍ଦ୍ର ଭତ୍ରା, ଏଏସଆଇ କେଶବ ଭତ୍ରା ଓ ଅନ୍ୟାନ୍ୟ ପୋଲିସ କର୍ମଚାରୀଙ୍କ ସହ ଛାତ୍ରଛାତ୍ରୀମାନେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମ ଶେଷରେ ନିଶା ସେବନ ନକରିବା, ଅନ୍ୟମାନଙ୍କୁ ନିଶାଠାରୁ ଦୂରେଇ ରଖିବା ଏବଂ ଏକ ନିଶାମୁକ୍ତ ସୁସ୍ଥ ସମାଜ ଗଠନରେ ସହଯୋଗ କରିବା ନେଇ ଶପଥ ଗ୍ରହଣ କରିଥିଲେ। ଅନ୍ୟପଟେ ନିଶା ମୁକ୍ତ ଭାରତ ଅଭିଯାନ ଓ ପୋଲିସ ସହ ଉତ୍ତମ ସ୍ଥାପନ ନେଇ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି।

## ଭାଲୁ ଆକ୍ରମଣରେ ଜଣେ ଗୁରୁତର

ବୋରିଗୁମ୍ମା, ୧୮।୮ (ସଂଚାର ବ୍ୟୁରୋ): କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ବୋଡିଗାଁ ରେ ଜଣେ ବ୍ୟକ୍ତି ଭାଲୁ ଆକ୍ରମଣର ଶିକାର ହୋଇ ଗୁରୁତର ହୋଇଛନ୍ତି। ଆଜି ସକାଳୁ ସକାଳୁ ବୋଡିଗାଁର ଗୁପ୍ତେଶ୍ୱର ନାୟକ ନାମକ ବ୍ୟକ୍ତି ଶୌଚ ହେବା ପାଇଁ ନିକଟସ୍ଥ ନାଳକୁ ଯାଇଥିଲେ ସେହି ସମୟରେ ଭାଲୁ ହଠାତ ତାଙ୍କୁ ଆକ୍ରମଣ କରିଥିଲା। ସେ ପାଟି କରିଥିଲେ ସେହି ସମୟରେ କିଛି ଗାଁ ଲୋକେ ପହଁଚିବା ବେଳକୁ ଭାଲୁ ଜଙ୍ଗଲ ଆଡକୁ ଚାଲି ଯାଇଥିଲା। ଗୁପ୍ତେଶ୍ୱରଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପ୍ରଥମେ କୁମୁଲି ମେଡ଼ିକାଲ ପରେ ବୋରିଗୁମ୍ମା ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଜୟପୁରକୁ ସ୍ଥାନାନ୍ତର କରାଯାଇଛି। କିଛି ମାସ ଧରି ବିସିଂପୁର, ପୋଡାପଦର, ନୂଆଗାଁ ଏବଂ ବୋଡିଗାଁ ଅଞ୍ଚଳରେ ଭାଲୁ ଆତଙ୍କ ଦେଖିବାକୁ ମିଳିଛି।ବନ ବିଭାଗ ତୁରନ୍ତ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି ଜଣାଇଛନ୍ତି।



# ନିଶାମୁକ୍ତ ଭାରତ ଶପଥ ଗ୍ରହଣ



ସତ୍ୟବାଦୀ, ୧୮।୮ (ସଂଚାର ବ୍ୟୁରୋ): ଆଜି ସତ୍ୟବାଦୀ କୋର୍ଟ ପରିସରରେ ମାନ୍ୟବର ବିଚାରପତି ସିଦ୍ଧାନ୍ତ ମିଶ୍ରଙ୍କ ନେତୃତ୍ୱରେ ନିଶାମୁକ୍ତ ଭାରତ ଅଭିଯାନ ଅବସରରେ ଏକ ଶପଥ ଗ୍ରହଣ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଚାରପତି ଶ୍ରୀ ମିଶ୍ର ଉପସ୍ଥିତ ଆଇନଜୀବୀ ଓ କୋର୍ଟ କର୍ମଚାରୀମାନଙ୍କୁ ନିଶାମୁକ୍ତ ଭାରତ ଗଠନର ଆବଶ୍ୟକତା ସମ୍ପର୍କରେ ସଚେତନ କରାଇଥିଲେ। ପରେ ସମସ୍ତେ ନିଶାଦ୍ରବ୍ୟଠାରୁ ଦୂରେଇ ରହିବା ସହ ନିଜ ସମୁଦାୟ, ଜିଲ୍ଲା, ରାଜ୍ୟ ଓ ଦେଶକୁ ନିଶାମୁକ୍ତ ରଖିବା ପାଇଁ ଶପଥ ଗ୍ରହଣ କରିଥିଲେ। ଯୁବପିଢ଼ି ଦେଶର ଶକ୍ତି ଓ ସାମର୍ଥ୍ୟର ପ୍ରତୀକ ହୋଇଥିବାରୁ ନିଶାର କୁପ୍ରଭାବରୁ ଯୁବସମାଜକୁ ଦୂରେଇ ରଖିବା ଏବଂ ଏକ ନିଶାମୁକ୍ତ ସମାଜ ଗଠନ ଦିଗରେ ସମସ୍ତେ ସକ୍ରିୟ ଭୂମିକା ନେବାକୁ ଏହି ଅବସରରେ ଆହ୍ୱାନ ଦିଆଯାଇଥିଲା।

# ସୋଆ ପ୍ରତିଷ୍ଠାତା-ଅଧ୍ୟକ୍ଷଙ୍କ ଦ୍ୱାରା 'ବିଳମ୍ବନ' ପ୍ରସଙ୍ଗରେ ୧୪ ବର୍ଷୀୟା ଛାତ୍ରୀଙ୍କ ଲିଖିତ ପୁସ୍ତକ ଉନ୍ମୋଚିତ



ଭୁବନେଶ୍ୱର, ୧୮।୮ (ସଂଚାର ବ୍ୟୁରୋ): ମାତ୍ର ୧୪ ବର୍ଷ ବୟସରେ ପୁସ୍ତକ ରଚନା କରି ନିଜ ପ୍ରତିଭାର ପରିଚୟ ଦେଇଛନ୍ତି ଡିଏଭି ପବ୍ଲିକ୍ ସ୍କୁଲ୍, ପୋଖରୀପୁଟର ନବମ ଶ୍ରେଣୀ ଛାତ୍ରୀ ଶ୍ରେୟାଶୀ ପଟ୍ଟନାୟକ। ତାଙ୍କ ରଚିତ ପ୍ରଥମ ପୁସ୍ତକ 'ଲାଇଫ୍: ଏ ସିରିଜ୍ ଅଫ୍ ପ୍ରୋକ୍ରାଷ୍ଟିନେସନ୍' ବିଳମ୍ବନ ଅର୍ଥାତ୍ କାର୍ଯ୍ୟକୁ ଟାଳିବାର ଅଭ୍ୟାସ ଉପରେ ଆଧାରିତ।

ଅଗଷ୍ଟ ୧୫ ତାରିଖରେ ୮୦ତମ ସ୍ୱାଧୀନତା ଦିବସ ଅବସରରେ ଶିକ୍ଷା 'ଓ' ଅନୁସନ୍ଧାନ (ସୋଆ)ର ପ୍ରତିଷ୍ଠାତା-ଅଧ୍ୟକ୍ଷ ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକ ଏହି ପୁସ୍ତକକୁ ଉନ୍ମୋଚନ କରିଥିଲେ। ଏହି ଅବସରରେ ସେ ଶ୍ରେୟାଶୀଙ୍କୁ ଅଭିନନ୍ଦନ ଜଣାଇବା ସହ ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଓ ସଫଳତା କାମନା କରିଥିଲେ।

ସରଳ ଓ ଚିନ୍ତନଶୀଳ ଶୈଳୀରେ ଲିଖିତ ଏହି ପୁସ୍ତକରେ କାମ, ନିଷ୍ପତି ଓ ସ୍ୱପ୍ନକୁ 'ପରେ କରିବା' ନୀତିରେ ଟାଳିବାର ପ୍ରବୃତ୍ତି ସମ୍ପର୍କରେ ଆଲୋକପାତ କରାଯାଇଛି। ପ୍ରୋକ୍ରାଷ୍ଟିନେସନ୍ କେବଳ ଅଳସୁଆପଣ ନୁହେଁ, ବରଂ ଭୟ, ଅନିଶ୍ଚିତତା, ସବୁକିଛି ଠିକ୍ କରିବାର ଚାପ ଏବଂ ସ୍ୱପ୍ନକୁ ଅନ୍ୟ ଏକ ଦିନ ନିମନ୍ତେ ରଖି ଦେବା ଭଳି ମାନବୀୟ ଭାବନା ସହ ଜଡିତ ବୋଲି ପୁସ୍ତକରେ ଦର୍ଶାଯାଇଛି।

ଶ୍ରେୟାଶୀ ପାଠପଢ଼ା ସହ ଚିତ୍ରକଳା ଓ ନୃତ୍ୟକୁ ମଧ୍ୟ ଭଲ ପାଆନ୍ତି। ଦୈନନ୍ଦିନ ଜୀବନର ଛୋଟ ଛୋଟ ଘଟଣା ମଧ୍ୟରେ କାହାଣୀ ଖୋଜିବା ତାଙ୍କର ବିଶେଷ ରୁଚି। ତାଙ୍କର ଏହି ଉତ୍ସୁକତା ଓ ପର୍ଯ୍ୟବେକ୍ଷଣ ଶକ୍ତି ତାଙ୍କୁ ଲେଖାଲେଖି ପାଇଁ ପ୍ରେରିତ କରିଛି।

ଶ୍ରେୟାଶୀ ସୋଆ ପରିଚାଳିତ ସ୍କୁଲ ଅଫ୍ ଫାର୍ମାସ୍ୟୁଟିକାଲ୍ ସାଇନ୍ସେସ୍‌ର ଆସୋସିଏଟ୍ ପ୍ରଫେସର ଡକ୍ଟର ସୋଭନ ପଟ୍ଟନାୟକ ଏବଂ ସମ ହସ୍ପିଟାଲ୍‌ର ଫାର୍ମାସି ବିଭାଗର ମୁଖ୍ୟ ଡକ୍ଟର ଜସ୍ମିନ ପଣ୍ଡାଙ୍କ କନ୍ୟା।

ଏତେ କମ୍ ବୟସରେ ଶ୍ରେୟାଶୀଙ୍କ ଏହି ସଫଳତା ଛାତ୍ରଛାତ୍ରୀଙ୍କ ମଧ୍ୟରେ ସୃଜନଶୀଳତା, କଳ୍ପନା ଶକ୍ତି ଓ ସାହିତ୍ୟିକ ପ୍ରତିଭାର ବିକାଶ ସହ ନିଜ ଚିନ୍ତାଧାରାକୁ ଆତ୍ମବିଶ୍ୱାସର ସହ ପ୍ରକାଶ କରିବାର କଳାକୁ ପ୍ରତିଫଳିତ କରୁଛି।

# ନିର୍ବାଚନ ମାଧ୍ୟମରେ ନୂତନ କର୍ମକର୍ତ୍ତା ଚୟନ ଦାବି




ପାରାଦ୍ୱୀପ, ୧୮।୮ (ସଂଚାର ବ୍ୟୁରୋ): ପାରାଦ୍ୱୀପ ପୋର୍ଟ ବଣିକ ସଂଘର ନିର୍ବାଚନକୁ ନେଇ ବ୍ୟବସାୟୀଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ହୋଇଛି। ଦୀର୍ଘ ଦୁଇ ବର୍ଷ ହେବ ସଂଘର ନିର୍ବାଚନ ହୋଇନଥିବା ବେଳେ ସଂଘର ଖର୍ଚ୍ଚର ହିସାବ ମଧ୍ୟ ଦିଆଯାଉନଥିବା ନେଇ ବ୍ୟବସାୟୀମାନେ ପ୍ରଶ୍ନ ଉଠାଇଛନ୍ତି।

ନିର୍ବାଚନ ବଦଳରେ ସିଲେକ୍ସନ ମାଧ୍ୟମରେ କର୍ମକର୍ତ୍ତା ଚୟନ କରାଯିବାକୁ ବ୍ୟବସାୟୀମାନେ ବିରୋଧ କରିଛନ୍ତି। 'ସିଲେକ୍ସନ ଦରକାର ନାହିଁ, ଆମର ଇଲେକ୍ସନ ଦରକାର' ବୋଲି ଦାବି କରିଛନ୍ତି ସଂଘର ବ୍ୟବସାୟୀମାନେ। ନିର୍ବାଚନ ମାଧ୍ୟମରେ ନୂତନ କର୍ମକର୍ତ୍ତା ଚୟନ କରାଯାଇ ସଂଘର କାର୍ଯ୍ୟକଳାପରେ ସ୍ୱଚ୍ଛତା ଆଣିବାକୁ ବ୍ୟବସାୟୀମାନେ ଦାବି କରିଛନ୍ତି। ଏଥିସହ ଗତ ଦୁଇ ବର୍ଷର ଆୟବ୍ୟୟ ଓ ଖର୍ଚ୍ଚର ସମ୍ପୂର୍ଣ୍ଣ ହିସାବ ସଦସ୍ୟମାନଙ୍କ ସମ୍ମୁଖରେ ରଖିବାକୁ ମଧ୍ୟ ଦାବି ହୋଇଛି।

ଏହି ଦାବିକୁ ନେଇ ଆଜି ବହୁ ସଂଖ୍ୟାରେ ବ୍ୟବସାୟୀ ଏକାଠି ହୋଇ ନିର୍ବାଚନ କରାଇବା ପାଇଁ ଦସ୍ତଖତ ଅଭିଯାନ ଆରମ୍ଭ କରିଛନ୍ତି। ନିର୍ବାଚନ ନହେଲେ ସଂଘ ପକ୍ଷରୁ ଦୁର୍ଗାପୂଜା ସମେତ କୌଣସି କାର୍ଯ୍ୟକ୍ରମ କରାନଯାଉ ବୋଲି ମଧ୍ୟ ବ୍ୟବସାୟୀମାନେ ମତ ରଖିଛନ୍ତି।

ତୁରନ୍ତ ନିର୍ବାଚନ କରାଯାଇ ବ୍ୟବସାୟୀମାନଙ୍କ ମତାମତ ଆଧାରରେ ନୂତନ କର୍ମକର୍ତ୍ତା ଚୟନ କରାଯାଉ ବୋଲି ଦାବି ଜୋର ଧରିଛି। ଏହି ଘଟଣାକୁ ନେଇ ପାରାଦ୍ୱୀପ ପୋର୍ଟ ଅଞ୍ଚଳର ବ୍ୟବସାୟୀ ମହଲରେ ଚର୍ଚ୍ଚା ତୀବ୍ର ହୋଇଛି।

### ଟ୍ରାଫିକ୍ ସମସ୍ୟାର ସ୍ଥାୟୀ ସମାଧାନ ନେଇ ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା

# ସ୍ମାର୍ଟ ଟ୍ରାଫିକ୍ ସିଷ୍ଟମ୍‌କୁ ଅଧିକ କଡ଼ାକଡ଼ି କରିବାକୁ ନିର୍ଦ୍ଦେଶ

**ପୁରୀ ଯାତ୍ରୀଙ୍କ ପାଇଁ ହେବ ବିକଳ୍ପ ୮-ଲେନ୍ ରାସ୍ତା**

**କଟକ-ଭୁବନେଶ୍ୱରରେ ନୋ-ଟ୍ରାଫିକ୍ ଜାମ୍**

**ଟ୍ରାଫିକ୍ ଜଙ୍କସନ୍ ମରାମତି, ଭୁବନେଶ୍ୱର ରାସ୍ତା ମରାମତି ପାଇଁ ନିର୍ଦ୍ଦେଶ**



ଭୁବନେଶ୍ୱର,୧୮।୮(ସଂଚାର ବ୍ୟୁରୋ): ଟ୍ୱିନ୍ ସିଟି ଭୁବନେଶ୍ୱର ଓ କଟକରେ ଦିନକୁ ଦିନ ବୃଦ୍ଧି ପାଉଥିବା ଯାତାୟାତ ସମସ୍ୟାର ସ୍ଥାୟୀ ସମାଧାନ ଏବଂ ସହରଦ୍ୱୟର ସୌନ୍ଦର୍ଯ୍ୟକରଣ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନଠାରେ ଏକ ସମୀକ୍ଷା ବୈଠକ କରିଛନ୍ତି। ଅନୁଷ୍ଠିତ ବୈଠକରେ ଟ୍ୱିନ୍ ସିଟିର ଟ୍ରାଫିକ୍ ଡିକଞ୍ଜେସନ୍ ପ୍ଲାନ୍ ସମ୍ପର୍କରେ ବିସ୍ତୃତ ସମୀକ୍ଷା କରାଯାଇଛି। ରାଜଧାନୀ ଭୁବନେଶ୍ୱର ସହିତ ଆମର ଐତିହାସିକ ଓ ପୁରାତନ ସହର କଟକର ଯୋଗାଯୋଗ ସଡକ ଏବଂ ଏହାର ପାରିପାର୍ଶ୍ୱିକ ଅଞ୍ଚଳକୁ ଅଧିକ ସୁନ୍ଦର, ସ୍ୱଚ୍ଛ ଓ ସୁସଂଗଠିତ କରି ଗଢ଼ିତୋଳିବା ପାଇଁ ମୁଖ୍ୟମନ୍ତ୍ରୀ ଏହି ବୈଠକରେ ବିଶେଷ ଗୁରୁତ୍ୱାରୋପ କରିଛନ୍ତି। ଏଥିସହିତ ଟ୍ୱିନ୍ ସିଟିର ଯେଉଁ ସବୁ ପ୍ରମୁଖ ରାସ୍ତା ଓ ଟ୍ରାଫିକ୍ ଜଙ୍କସନ୍‌ଗୁଡ଼ିକ ଖରାପ ଅବସ୍ଥାରେ ଅଛି, ସେଗୁଡ଼ିକୁ ତୁରନ୍ତ ମରାମତି କରିବା ପାଇଁ ମୁଖ୍ୟମନ୍ତ୍ରୀ ସମ୍ପୃକ୍ତ ବିଭାଗୀୟ ସଚିବ ଓ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ବୈଠକରେ ଯାତାୟାତକୁ ଅଧିକ ସୁଗମ କରିବା ପାଇଁ ୮-ଲେନ୍ ବିଶିଷ୍ଟ ପ୍ରଶସ୍ତ ରାସ୍ତା ନିର୍ମାଣ ଓ ସମ୍ପ୍ରସାରଣ ଉପରେ ମୁଖ୍ୟମନ୍ତ୍ରୀ ବିଶେଷ ଗୁରୁତ୍ୱ ଦେଇଛନ୍ତି। କଟକରୁ ଭୁବନେଶ୍ୱର ଦେଇ ପୁରୀ ଅଭିମୁଖେ ଯାଉଥିବା ଶ୍ରଦ୍ଧାଳୁ ଓ ପର୍ଯ୍ୟଟକମାନେ ଯେପରି ବିନା କୌଣସି ଟ୍ରାଫିକ୍ ସମସ୍ୟାରେ ସହଜ ଓ ସୁବିଧାରେ ଯାତାୟାତ କରିପାରିବେ, ସେଥିପାଇଁ ନିରବଚ୍ଛିନ୍ନ ଗମନାଗମନ ବ୍ୟବସ୍ଥା ନିଶ୍ଚିତ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏଥିସହ ପ୍ରମୁଖ ଜଙ୍କସନ୍‌ଗୁଡ଼ିକର ବିକାଶ, ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଫ୍ଲାଏଓଭର, ଓଭରବ୍ରିଜ୍, ସ୍ମାର୍ଟ ଟ୍ରାଫିକ୍ ସିଗନାଲ୍ ସିଷ୍ଟମ୍, ସିସିଟିଭି ବ୍ୟବସ୍ଥା ଏବଂ ବେଆଇନ୍ ପାର୍କିଂ ଉଚ୍ଛେଦ ଭଳି ପଦକ୍ଷେପକୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରିବା ପାଇଁ ପରାମର୍ଶ ଦିଆଯାଇଛି। ନଗରବାସୀଙ୍କୁ ସୁରକ୍ଷିତ ଯାତାୟାତ ସୁବିଧା ଯୋଗାଇଦେବା ସହ ଟ୍ୱିନ୍ ସିଟିର ନବକଳେବର ପାଇଁ ପୁଲିସ କମିଶନରେଟ୍, ନଗର ଉନ୍ନୟନ ବିଭାଗ, ପୂର୍ତ୍ତ ବିଭାଗ ଓ ସ୍ଥାନୀୟ ପ୍ରଶାସନ ମିଳିମିଶି କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।



ମଙ୍ଗଳବାର ଡିଜିପି ବିନୟତୋଷ ମିଶ୍ର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟିଛନ୍ତି।

## ଜେଲ୍‌ରୁ ମୁକୁଳିଲେ ମାଓନେତା ଆଜାଦ



ଭୁବନେଶ୍ୱର,୧୮।୮(ସଂଚାର ବ୍ୟୁରୋ): ଆଜି ଝାରପଡ଼ା ଜେଲ୍‌ରୁ ମୁକୁଳିଲେ ମାଓନେତା ଆଜାଦ୍ ଓରଫ କେଶବ ରାଓ। ସମସ୍ତ ମାମଲାରେ ନିର୍ଦ୍ଦୋଷ ସାବ୍ୟସ୍ତ ହେବା ପରେ ଆଜି ଆଜାଦ୍ ଜେଲରୁ ମୁକୁଳିବା ପାଇଁ କୋର୍ଟର ନିର୍ଦ୍ଦେଶ ରହିଥିଲା। ଗଜପତି ଜିଲ୍ଲା ସ୍ପେଶାଲ କୋର୍ଟରେ ବିଚାରାଧୀନ ଥିବା ସମସ୍ତ ମାମଲାରେ ମାଓନେତା ଆଜାଦ୍ ଦୋଷମୁକ୍ତ ହେବା ପରେ କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଆଜି ସନ୍ଧ୍ୟା ୬ ଟା ୪୦ରେ ଝାରପଡ଼ା ଜେଲରୁ ମୁକୁଳିଛି ଆଜାଦ।

ପୂର୍ବରୁ ଆନ୍ଧ୍ରପ୍ରଦେଶ ସରକାରଙ୍କ ଦ୍ୱାରା କରାଯାଇଥିବା ସମସ୍ତ ମାମଲାରେ ମାଓନେତା ଆଜାଦ୍ ଦୋଷମୁକ୍ତ ହୋଇଥିବା ବେଳେ ଓଡ଼ିଶାରେ ଥିବା ପାଖପାଖି ୧୬ ମାମଲାରେ ବିଚାର ପ୍ରକ୍ରିୟା ଚାଲିଥିଲା। ତେବେ ମାଓନେତା ଆଜାଦ୍ ଓରଫ କେଶବ ରାଓଙ୍କର ଆବେଦନ କ୍ରମେ ଗୋଟିଏ କୋର୍ଟରେ ଫାଷ୍ଟଟ୍ରାକ୍ ଜରିଆରେ ମାମଲାର ଶୁଣାଣି କରିବା ପାଇଁ ଆବେଦନ କରାଯାଇଥିବା ବେଳେ ଗଜପତି ଜିଲ୍ଲା କୋର୍ଟଙ୍କ ଏକ ସ୍ୱତନ୍ତ୍ର କୋର୍ଟ ମାଧ୍ୟମରେ ଆଜାଦଙ୍କ

**ସବୁ ମାମଲାରେ ଦୋଷମୁକ୍ତ**

ସମସ୍ତ ମାମଲାକୁ ଶୁଣାଣି କରାଯାଇଥିଲା। ଏଥିରେ ସମସ୍ତ ମାମଲାରେ ସେ ଦୋଷମୁକ୍ତ ହେବା ପରେ ଆଜି ଜେଲରୁ ମୁକୁଳୁଛନ୍ତି। ଗତ ୨୦୧୧ରୁ ବିଚାରାଧୀନ ବନ୍ଦୀ ଥିବା ମାଓନେତା ଆଜାଦ୍ ବିଭିନ୍ନ ମାମଲାରେ ଜଡ଼ିତ ଥିବା ବେଳେ ଜେଲ୍‌ରେ ରହିଥିଲେ। ପାଖପାଖି ୩୫ରୁ ଉର୍ଦ୍ଧ୍ୱ ମାମଲା ଆଜାଦ୍‌ଙ୍କ ବିରୋଧରେ ରହିଥିବା ବେଳେ ସେ ଏବେ ସମସ୍ତ ମାମଲାରେ ଦୋଷମୁକ୍ତ ହୋଇଛନ୍ତି।

### ପ୍ରାଣିସମ୍ପଦର ସୁରକ୍ଷାକୁ ପ୍ରାଥମିକତା

## ୮୯୪୭୪ ପ୍ରାଣିପାଳକଙ୍କର ୪.୮୨ ଲକ୍ଷ ପ୍ରାଣୀ ପ୍ରଭାବିତ

ଭୁବନେଶ୍ୱର,୧୮।୮(ସଂଚାର ବ୍ୟୁରୋ): ବନ୍ୟା ପ୍ରଭାବିତ ଅଞ୍ଚଳରେ ପ୍ରାଣୀ ସୁରକ୍ଷାକୁ ପ୍ରାଥମିକତା ଦିଆଯାଉଛି। ଯଥେଷ୍ଟ ପରିମାଣରେ ଗୋ-ଖାଦ୍ୟ ମହଜୁଦ ଥିବା ବେଳେ ବନ୍ୟା ପ୍ରଭାବିତ ଜିଲ୍ଲାର ଆବଶ୍ୟକତା ଅନୁସାରେ ତୁରନ୍ତ ଖାଦ୍ୟ ଯୋଗାଇ ଦିଆଯାଉଛି। ବନ୍ୟାକୁ ଦୃଷ୍ଟିରେ ରଖି ପ୍ରାଣିସମ୍ପଦର ସୁରକ୍ଷାକୁ ସୁନିଶ୍ଚିତ କରିବାକୁ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଗୁରୁତ୍ୱାରୋପ କରିଛନ୍ତି।

ଚଳିତ ବନ୍ୟା (ଦ୍ୱିତୀୟ ପର୍ଯ୍ୟାୟ)ରେ ୮୯୪୭୪ ପ୍ରାଣିପାଳକଙ୍କର ୪୮୨୪୫୭ ପ୍ରାଣୀ ଓ ୫୧୮୮୫ କୁକୁଡ଼ା ପ୍ରଭାବିତ ହୋଇଛନ୍ତି। ଏହି ବନ୍ୟା ପ୍ରଭାବିତ ଅଞ୍ଚଳରେ ଜରୁରୀକାଳୀନ ସେବା ପାଇଁ ୪୮ଟି ରାପିଡ୍ ରେସପନ୍ସ ଟିମ ମୁତୟନ କରାଯାଇଥିବା ବେଳେ ୧୨୯ ଟି ପ୍ରାଣୀ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଛି।



୧୭୭ଟି ପ୍ରାଣୀଙ୍କୁ ସ୍ଥାନାନ୍ତରଣ କରାଯାଇ ୧୦ଟି ସ୍ଥାନରେ ଆଶ୍ରୟ ଦିଆଯାଇଛି। ବନ୍ୟା ପ୍ରଭାବିତ ଗ୍ରାମଗୁଡ଼ିକରେ ୫୧୨୬ଟି ପ୍ରାଣୀଙ୍କୁ ଚିକିତ୍ସା ପ୍ରଦାନ କରାଯାଇଥିବା ବେଳେ ୧୧୪୫୦ଟି ପ୍ରାଣୀଙ୍କୁ ବନ୍ୟା ପରବର୍ତ୍ତୀ ଟୀକାକରଣ କରାଯାଇଛି। ବନ୍ୟା ସହାୟତା ପ୍ୟାକେଜ୍ ପ୍ରସ୍ତୁତି ପାଇଁ ରାଜ୍ୟ, ଜିଲ୍ଲା ଓ ବ୍ଲକ୍

**୪୮ଟି ରାପିଡ୍ ରେସପନ୍ସ ଟିମ୍ ମୁତୟନ**

ସ୍ତରରେ ନିୟନ୍ତ୍ରଣ କକ୍ଷ ଖୋଲାଯାଇଛି। ପ୍ରାଣୀଙ୍କ ସୁରକ୍ଷା ଓ ପ୍ରାଣିପାଳକଙ୍କୁ ଉଚିତ କ୍ଷତି ପୂରଣ ଦେବା ପାଇଁ ମନ୍ତ୍ରୀ ଶ୍ରୀ ମଲ୍ଲିକ ନିର୍ଦ୍ଦେଶ ଦେଇଛନ୍ତି।

ସେହିପରି ବନ୍ୟା ପ୍ରଭାବିତ ଜିଲ୍ଲାଗୁଡ଼ିକୁ ୪୦୫.୮୫ ମେଟ୍ରିକ ଟନ୍ ଗୋ-ଖାଦ୍ୟ ଯୋଗାଇ ଦିଆଯାଇଥିବା ବେଳେ ୨୫.୩୫ କ୍ୱିଣ୍ଟାଲ ସବୁଜ ଚାରା, ୧.୧୫ କ୍ୱିଣ୍ଟାଲ ଶୁଖିଲା ଚାରା, ୪ କ୍ୱିଣ୍ଟାଲ ରାଇସ୍ ବ୍ରାନ୍ ବଣ୍ଟନ କରାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ମଲ୍ଲିକ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

## ଜାଲରେ ପଡ଼ିଲା ଶାର୍କ, ଓଜନ ଦୁଇ କ୍ୱିଣ୍ଟାଲ

ଭୋଗରାଇ,୧୮।୮(ସଂଚାର ବ୍ୟୁରୋ): ମତ୍ସ୍ୟଜୀବୀ ଜାଲରେ ପଡ଼ିଲା ବିଶାଳ ଶାର୍କ ମାଛ। ପଡୋଶୀ ରାଜ୍ୟ ପଶ୍ଚିମବଙ୍ଗର ଦୀଘା ମୁହାଣ ଆନ୍ତର୍ଜାତିକ ମତ୍ସ୍ୟ ଅବତରଣ କେନ୍ଦ୍ରଠାରେ ୨ କୁଇଣ୍ଟାଲରୁ ଉର୍ଦ୍ଧ୍ୱ ଓଜନର ଏକ ଶାର୍କ ମାଛ ମତ୍ସ୍ୟଜୀବୀଙ୍କ ଜାଲରେ ଧରା ପଡିଥିବା ଦେଖିବାକୁ ମିଳିଛି। ତେବେ ଏତେ ବଡ଼ ମାଛ ଦେଖିବାକୁ ଲୋକଙ୍କ ଭିଡ଼ ଜମିଛି। ଦୀଘା ସଂଲଗ୍ନ ସମୁଦ୍ରରେ ମତ୍ସ୍ୟଜୀବୀମାନଙ୍କ



ଟ୍ରଲର ଜାଲରେ ଏହି ସାର୍କ ମାଛଟି ପଡ଼ିବା ପରେ ମୋହନାର ମତ୍ସ୍ୟ ଅବତରଣ କେନ୍ଦ୍ରକୁ ବିକ୍ରି ପାଇଁ ଅଣାଯାଇଥିଲା। ମାଛଟି ବିରାଟକାୟ ହୋଇଥିବାରୁ ଏହାକୁ ଦେଖିବା ପାଇଁ ସ୍ଥାନୀୟ ବାସିନ୍ଦାଙ୍କ ପ୍ରବଳ ଭିଡ଼ ଲାଗିଥିଲା। ମାଛଟିର ବିଭିନ୍ନ ଅଂଶ ଔଷଧ ପ୍ରସ୍ତୁତିରେ ବ୍ୟବହାର କରାଯାଉଥିବାରୁ ଏହାର ଅଧିକ ଚାହିଦା ରହିଥିବା କୁହାଯାଉଛି। ବିଶାଳକାୟ ମାଛଟି ଧରାପଡ଼ିବା ଘଟଣା ଏବେ ଦୀଘା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

## ୨୦ ଫୁଟ୍ ତଳକୁ ଖସିଲା ବସ୍

ନୟାଗଡ଼,୧୮।୮(ସଂଚାର ବ୍ୟୁରୋ): ୨୦ ଫୁଟ୍ ତଳକୁ ଖସିଲା ବସ୍। ବଲାଙ୍ଗୀର ଖୋର୍ଦ୍ଧା ୫୭ ନଂ ଜାତୀୟ ରାଜପଥ ଅନ୍ତର୍ଗତ ବାଇପାସ୍‌ର ସୁନାଲଟି ଛକ ନିକଟରେ ଏହି ଦୁର୍ଘଟଣା ଘଟିଛି। ବସ୍‌ରେ ଥିବା ୪୦ ଜଣ ଯାତ୍ରୀଙ୍କ ମଧ୍ୟରୁ ୨୧ ଜଣ ଆହତ ହୋଇଥିବା ଜଣାପଡ଼ିଛି। ଆହତ ଯାତ୍ରୀଙ୍କ ମଧ୍ୟରୁ ୩ ଗୁରୁତରଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଗତକାଲି ରାତି ପ୍ରାୟ ୨ଟାରେ ଭାରସାମ୍ୟ ହରାଇ ଚକାଡ଼ୋଳା ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଥିବା ସୂଚନା ରହିଛି। ଦାରିଙ୍ଗବାଡ଼ିରୁ ଭୁବନେଶ୍ୱର ଯାତ୍ରୀବାହୀ ବସ୍ ଯାଉଥିବା ବେଳେ ଦୁର୍ଘଟଣା ଘଟିଥିଲା। ତେବେ କେଉଁ ପରିସ୍ଥିତିରେ ଦୁର୍ଘଟଣା ଘଟିଲା ତାହା ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ହୋଇପାରି ନାହିଁ। ପୁଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### ମେଘରାଜ କଲୋନୀରେ ବଡ଼ ଧରଣର ଚୋରି

## ଗୋଟିଏ ରାତିରେ ଦୁଇ ଘରୁ ଲକ୍ଷାଧିକ ଟଙ୍କା ଲୁଟ୍



କୋରାପୁଟ,୧୮।୮(ସଂଚାର ବ୍ୟୁରୋ): ରାତିର ନିରବତା ଭିତରେ ତାଲା ଭାଙ୍ଗି ଦୁଇ ଘରେ ପଶିଲେ ଦୁର୍ବୃତ୍ତ। ଘର ଖାଲି ଥିବାର ସୁଯୋଗ ନେଇ ଲୁଟିନେଲେ ସୁନା ଅଳଙ୍କାର ସହ ନଗଦ ଟଙ୍କା। କୋରାପୁଟ ସହରର ମେଘରାଜ ଟାଉନସିପ୍‌ରେ ଘଟିଥିବା ଏହି ଚୋରି ଘଟଣା ଏବେ ସାରା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ସୂଚନାନୁଯାୟୀ, ରେଳବାଇର ପୂର୍ବତନ କର୍ମଚାରୀ ଏସ୍. ଭାସ୍କର ରାଓ ଚିକିତ୍ସା ସମ୍ପର୍କିତ କାମରେ ବିଶାଖାପାଟଣା ଯାଇଥିଲେ। ଅନ୍ୟପଟେ ତାଙ୍କ ଭଣଜା କେ. ଶ୍ରୀନୁ ମଧ୍ୟ ଏକ କାର୍ଯ୍ୟରେ ଜିଲ୍ଲା ବାହାରେ ଥିଲେ। ଉଭୟ ଘର ଥିଲା ଜନଶୂନ୍ୟ। ଏହି ସୁଯୋଗର ଫାଇଦା ଉଠାଇ କଳାକନା ବୁଲାଇଛନ୍ତି ଚୋର। ତାଲା ଭାଙ୍ଗି ଘର ଭିତରେ ପଶିବା ପରେ ଆଲମାରି ଓ ଅନ୍ୟ ସ୍ଥାନରୁ ମୂଲ୍ୟବାନ ସାମଗ୍ରୀ ନେଇ ଚମ୍ପଟ ମାରିଛନ୍ତି ଦୁର୍ବୃତ୍ତ। ଭାସ୍କର ରାଓଙ୍କ ଘରୁ ପ୍ରାୟ ୩୦ ତୋଳା ସୁନା ସହ ନଗଦ ଟଙ୍କା ଚୋରି ହୋଇଥିବା ଅଭିଯୋଗ ରହିଛି।

ସେହିପରି ଶ୍ରୀନୁଙ୍କ ଘରୁ ପ୍ରାୟ ୨୦ ତୋଳା ସୁନା ସହ ଏକ ଲକ୍ଷ ଟଙ୍କାରୁ ଅଧିକ ନଗଦ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଦୁଇ ଘରୁ ମିଶି ପ୍ରାୟ ୫୦ ତୋଳା ସୁନା ସହ ନଗଦ ଟଙ୍କା ଚୋରି ହୋଇଥିବା ଅଭିଯୋଗ ପରେ ଘଟଣାର ଗୁରୁତ୍ୱ ବଢ଼ିଛି। ତେବେ ଚୋରି ହୋଇଥିବା ସମ୍ପତ୍ତିର ପ୍ରକୃତ ମୂଲ୍ୟ ତଦନ୍ତ ପରେ ସ୍ପଷ୍ଟ ହେବ। ଘଟଣା ସାମ୍ନାକୁ ଆସିବା ପରେ ମେଘରାଜ ଟାଉନସିପ୍‌ରେ ଭୟର ବାତାବରଣ ଖେଳିଯାଇଛି।

## ଲାଞ୍ଚ ନେଇ ଧରାପଡ଼ିଲେ ଝରାପାଲି ଆର୍‌ଆଇ



ମାଲକାନଗିରି,୧୮।୮(ସଂଚାର ବ୍ୟୁରୋ): ଜାତି ସାର୍ଟିଫିକେଟ୍ କରାଇଦେବା ପାଇଁ ୮ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ମାଲକାନଗିରି ଜିଲ୍ଲା ଝରାପାଲି ପଞ୍ଚାୟତର ରାଜସ୍ୱ ନିରୀକ୍ଷକ (ଆର୍‌ଆଇ) ସୂରଜ ବାଲା ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଜଣେ ଯୁବକଙ୍କ ଜାତି ସାର୍ଟିଫିକେଟ୍ କରାଇଦେବା ପାଇଁ ସୂରଜ ୮ ହଜାର ଟଙ୍କା ଲାଞ୍ଚ ଦାବି କରିଥିବା ଅଭିଯୋଗ ହୋଇଥିଲା। ଏନେଇ ଅଭିଯୋଗ ପାଇବା ପରେ ଭିଜିଲାନ୍ସ ଅଧିକାରୀମାନେ ଯୋଜନାବଦ୍ଧ ଭାବେ ଜାଲ ବିଛାଇଥିଲେ। ଆଜି ଲାଞ୍ଚ ଟଙ୍କା ଗ୍ରହଣ କରୁଥିବା ସମୟରେ ଭିଜିଲାନ୍ସ ଟିମ୍ ତାଙ୍କୁ ଧରିଥିବା ଜଣାପଡ଼ିଛି। ସୂରଜଙ୍କ ଘର ଏମଭି-୪୫ ଗ୍ରାମରେ ବୋଲି ଜଣାପଡ଼ିଛି। ତାଙ୍କ ବିରୋଧରେ ପୂର୍ବରୁ ମଧ୍ୟ ଭିଜିଲାନ୍ସ ମାମଲା ରହିଛି। ମୋଟୁ ତହସିଲ ଅଞ୍ଚଳରେ ଜମି ବିବାଦ ମାମଲାରେ ୧୫ ହଜାର ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ସେ ପୂର୍ବରୁ ଭିଜିଲାନ୍ସ ହାତରେ ଧରାପଡ଼ି ସସ୍‌ପେଣ୍ଡ ହୋଇଥିଲେ। ପରେ କିଛି ମାସ ତଳେ ସେ ପୁଣି ଝରାପାଲି ପଞ୍ଚାୟତରେ ଦାୟିତ୍ୱ ଗ୍ରହଣ କରିଥିଲେ। ଏବେ ପୁଣି ଲାଞ୍ଚ ନେବା ଅଭିଯୋଗରେ ଭିଜିଲାନ୍ସ ଜାଲରେ ପଡ଼ିବା ଘଟଣାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ଘଟଣାରେ ଭିଜିଲାନ୍ସ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି।

### ଯୁବକଙ୍କ ଉନ୍ମତ୍ତ କାଣ୍ଡ

## ବାପା-ମା'ଙ୍କୁ ଛୁରା ମାରିଲା, ପୁଲିସକୁ ବି ଛାଡ଼ିଲାନି

ଗୋପ,୧୮।୮(ସଂଚାର ବ୍ୟୁରୋ): ପୁରୀ ଜିଲ୍ଲା ଗୋପ ଥାନା ଅନ୍ତର୍ଗତ ଗଣେଶ୍ୱରପୁର ଗାଁର ଜଣେ ଯୁବକ ନିଜ ବାପା-ମା'ଙ୍କୁ ଛୁରାମାଡ଼ କରିଥିବା ବେଳେ ତାଙ୍କୁ କାବୁ କରିବାକୁ ଯାଇଥିବା ପୁଲିସ କର୍ମଚାରୀଙ୍କୁ ମଧ୍ୟ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଗୁରୁତର ଆହତ ବାପା-ମାଆଙ୍କୁ ଉଦ୍ଧାର କରାଯାଇ ଗୋପ ମେଡିକାଲରେ ଭର୍ତ୍ତି କରାଯାଇଛି। ଘଟଣା ସମ୍ପର୍କରେ ଖବର ପାଇ ଗୋପ ଥାନା ପୁଲିସ ଗଣେଶ୍ୱରପୁରରେ ପହଞ୍ଚି ଅଭିଯୁକ୍ତଙ୍କୁ କାବୁ କରିବାକୁ ଉଦ୍ୟମ କରିଥିଲା। ତେବେ ଅଭିଯୁକ୍ତ ପୁଲିସ ଉପରକୁ ମଧ୍ୟ ଛୁରାମାଡ଼ କରିଥିବା ଜଣାପଡ଼ିଛି।



ସୂଚନା ଅନୁଯାୟୀ, ଗଣେଶ୍ୱରପୁର ଗ୍ରାମର ରାମଚନ୍ଦ୍ର ରଥଙ୍କ ଏକମାତ୍ର ପୁଅ ବିକ୍ରମ ରଥ ଆଜି ସକାଳେ ନିଜ ବାପାଙ୍କୁ ଛୁରିରେ ଆକ୍ରମଣ କରିଥିଲେ। ପରେ ମାଆଙ୍କୁ ମଧ୍ୟ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଘଟଣାସ୍ଥଳରେ ପହଞ୍ଚିଥିବା ଗୋପ ଥାନାର ୩ ଜଣ କର୍ମଚାରୀ ମଧ୍ୟ ଯୁବକଙ୍କ ଆକ୍ରମଣର ଶିକାର ହୋଇଥିବା ଜଣାପଡ଼ିଛି। ଏହାପରେ ଅଭିଯୁକ୍ତ ଏକ ବନ୍ଦ କୋଠରୀ ଭିତରେ ଛୁରି ଧରି ରହିଥିବା ବେଳେ ତାଙ୍କୁ କାବୁ କରିବା ପାଇଁ ପୁଲିସ ଓ ସ୍ଥାନୀୟ ଅଗ୍ନିଶମ ବାହିନୀ କର୍ମଚାରୀ ଉଦ୍ୟମ ଜାରି ରଖିଥିଲେ। ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା। ଏପର୍ଯ୍ୟନ୍ତ ଛୁରାମାଡ଼ର ପ୍ରକୃତ କାରଣ ସ୍ପଷ୍ଟ ହୋଇନାହିଁ। ପାରିବାରିକ କଳହକୁ କେନ୍ଦ୍ର କରି ଏହି ଆକ୍ରମଣ ହୋଇଥିବା ପ୍ରାଥମିକ ଭାବେ ସନ୍ଦେହ କରାଯାଉଛି। ଅଭିଯୁକ୍ତଙ୍କ ମାନସିକ ବିକୃତ ଥିବା ନେଇ ମଧ୍ୟ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି। ତେବେ ଏନେଇ ଅଧିକାରିକ ଭାବେ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ। ଘଟଣାକୁ ନେଇ ପୁଲିସ ତଦନ୍ତ ଜାରି ରଖିଥିବା ବେଳେ ଛୁରାମାଡ଼ର ପ୍ରକୃତ କାରଣ ଓ ଘଟଣାର ସମ୍ପୂର୍ଣ୍ଣ ତଥ୍ୟ ତଦନ୍ତ ପରେ ସ୍ପଷ୍ଟ ହେବ।

### ରାୟଗଡ଼ା ପୁଲିସକୁ ସଫଳତା

## ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ୧୨ ଲୁଟେରା ଗିରଫ

ରାୟଗଡ଼ା,୧୮।୮(ସଂଚାର ବ୍ୟୁରୋ): ରାୟଗଡ଼ା ପୁଲିସକୁ ମିଳିଛି ଉଲ୍ଲେଖନୀୟ ସଫଳତା। ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ପୁଲିସ ୧୨ ଜଣ ଲୁଟେରାଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ପୁଲିସ ୩ଟି ଦାମୀ କାର



ସହ ୨୩୦ ଗ୍ରାମ ଓଜନର ସୁନା ଅଳଙ୍କାର ଓ ୫୮୧ ଗ୍ରାମ ଓଜନର ରୁପା ଜବତ କରିଛି। ୧୨ଟି ମୋବାଇଲ ଫୋନ, ମୋଟର ସାଇକେଲ ସହ ଘରୋଇ ସାମଗ୍ରୀ ମଧ୍ୟ ଜବତ କରାଯାଇଛି। ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଏନେଇ ସୂଚନା ଦେଇଛନ୍ତି ରାୟଗଡାର ଏସପି ରାଜ୍ ପ୍ରସାଦ। ଗିରଫ ହୋଇଥିବା ସମସ୍ତ ଅଭିଯୁକ୍ତ କାଶୀପୁର, କଲ୍ୟାଣସିଂହପୁର, କୋଲନରା ଓ ରାୟଗଡ଼ା ଥାନାଞ୍ଚଳର ବୋଲି ଜଣାପଡ଼ିଛି। ପୂର୍ବରୁ ଏମାନଙ୍କ ନାଁରେ ବିଭିନ୍ନ ଥାନାରେ ୧୫ଟି ମାମଲା ରହିଛି ବୋଲି ଏସପି ସୂଚନା ଦେଇଛନ୍ତି। ଘର ଖାଲିଥିବାର ସୁଯୋଗ ନେଇ ଏହି ଅଭିଯୁକ୍ତମାନେ ପ୍ରଥମେ ସିସିଟିଭିକୁ ଅଚଳ କରିବା ସହ ଲୁଟପାଟ୍ କରିଆସୁଥିଲେ। ଏଥିପାଇଁ ଏକ ଟିମ୍ ଗଠନ କରିବା ସହ ସାଇବର ଏକ୍ସପର୍ଟଙ୍କ ସହାୟତା ନେଇ ପୁଲିସ ଅଭିଯୁକ୍ତମାନଙ୍କୁ ଗିରଫ କରିଥିବା ଜଣାପଡ଼ିଛି। ଆଗାମୀ ଦିନରେ ଅନ୍ୟ ଲୁଟେରାମାନଙ୍କୁ ଗିରଫ କରାଯିବ ବୋଲି ଏସପି ରାଜ୍ ପ୍ରସାଦ କହିଛନ୍ତି।

### ବ୍ରିଜ ଭାରତ ସମ୍ମିଳନୀ ୨୦୨୬ରେ ରାଜ୍ୟପାଳଙ୍କ ପରାମର୍ଶ

## ସିଏସଆରକୁ ଅଧିକ ପ୍ରଭାବଶାଳୀ କରନ୍ତୁ କର୍ପୋରେଟ ସଂସ୍ଥା

ଭୁବନେଶ୍ୱର,୧୮।୮(ସଂଚାର ବ୍ୟୁରୋ): କେବଳ ଆଇନଗତ ଅନୁପାଳନ ମଧ୍ୟରେ ସୀମିତ ନରହି କର୍ପୋରେଟ ସଂସ୍ଥାଗୁଡ଼ିକ ଓଡ଼ିଶାର ବିକାଶରେ ଦାୟିତ୍ୱବାନ ସହଯୋଗୀ ଭାବେ କାର୍ଯ୍ୟ କରିବା ସହ ସିଏସଆରକୁ ଅଧିକ ପ୍ରଭାବଶାଳୀ କରିବା ପାଇଁ ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି ଆହ୍ୱାନ ଜଣାଇଛନ୍ତି। ଆଜି ଭୁବନେଶ୍ୱରରେ ଓଡ଼ିଶା ସରକାରଙ୍କ ସାଧାରଣ ଉଦ୍ୟୋଗ (ପବ୍ଲିକ ଏଣ୍ଟରପ୍ରାଇଜେସ) ବିଭାଗ ସହଯୋଗରେ ଓ ଓଡ଼ିଶା କର୍ପୋରେଟ ଫାଉଣ୍ଡେସନ ଓ ଫ୍ରିଡମ ଏଡୁର ମିଳିତ ଆନୁକୂଲ୍ୟରେ ଆୟୋଜିତ 'ବ୍ରିଜ ଭାରତ ସମ୍ମିଳନୀ ୨୦୨୬ ଓ କର୍ପୋରେଟ ସାମାଜିକ ଦାୟିତ୍ୱ: ଦେଖାଯାଉଥିବା ସମସ୍ୟା ଓ ଚ୍ୟାଲେଞ୍ଜ' ଶୀର୍ଷକ ଜାତୀୟ ସେମିନାରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟପାଳ ଏହି ଆହ୍ୱାନ ଜଣାଇଛନ୍ତି। କାର୍ଯ୍ୟକ୍ରମରେ ଉଦ୍‌ବୋଧନ



ଦେଇ ରାଜ୍ୟପାଳ କହିଥିଲେ ଯେ କମ୍ପାନି ଆଇନ ୨୦୧୩ ଅଧୀନରେ ଭାରତର ସିଏସଆର ଢାଞ୍ଚା କର୍ପୋରେଟମାନଙ୍କ ପାଇଁ ସାମାଜିକ ବିକାଶରେ ଅଂଶଗ୍ରହଣର ଏକ ସଂରଚିତ ବ୍ୟବସ୍ଥା ସୃଷ୍ଟି କରିଛି। ଏହା ମାଧ୍ୟମରେ ସ୍ୱାସ୍ଥ୍ୟ, ଶିକ୍ଷା, ଜୀବିକା, ମହିଳା ସଶକ୍ତିକରଣ, ପରିବେଶ ସ୍ଥିରତା, ଗ୍ରାମୀଣ ବିକାଶ ଓ ବିପର୍ଯ୍ୟୟ ପରିଚାଳନା ଭଳି କ୍ଷେତ୍ରକୁ ସମ୍ବଳ ଯୋଗାଇ ଦିଆ ଯାଇପାରୁଛି।

ଖର୍ଚ୍ଚ କରି ରିପୋର୍ଟ ଦେବା ପଦ୍ଧତି ଅପେକ୍ଷା ରଣନୀତିକ, ଅଂଶଗ୍ରହଣମୂଳକ ଓ ଫଳାଫଳ-କେନ୍ଦ୍ରିତ ମଡେଲକୁ ଯିବାର ଆବଶ୍ୟକତା ତଥା ବିଶ୍ୱସନୀୟ କାର୍ଯ୍ୟକାରିତା, ଅଧିକ ଗୋଷ୍ଠୀ ଅଂଶଗ୍ରହଣ ଓ ସିଏସଆର ପଦକ୍ଷେପର ମାପଯୋଗ୍ୟ ମୂଲ୍ୟାଙ୍କନର ଆବଶ୍ୟକତା ରହିଛି। ଇସ୍ପାତ, ବିଦ୍ୟୁତ, ଖଣି ଓ ଉତ୍ପାଦନ ଭଳି କ୍ଷେତ୍ରରେ ଦ୍ରୁତ ଶିଳ୍ପାୟନ ସହ ପରିବେଶ ପ୍ରତି ଦାୟିତ୍ୱ, ଜଳବାୟୁ ସହନଶୀଳତା ଓ ଗୋଷ୍ଠୀ କଲ୍ୟାଣକୁ ଗୁରୁତ୍ୱ ଦେବା ଉଚିତ ବୋଲି ରାଜ୍ୟପାଳ କହିଛନ୍ତି। ସିଏସଆର ମାଧ୍ୟମରେ ଶିକ୍ଷା, ସ୍ୱାସ୍ଥ୍ୟସେବା, ପାନୀୟ ଜଳ, ପୁଷ୍ଟି, ଜୀବିକା, ଦକ୍ଷତା ବିକାଶ, କ୍ରୀଡ଼ା, ଗ୍ରାମୀଣ ବିକାଶ ଓ ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତିକୁ ପ୍ରାଥମିକତା ଦେବାକୁ ଶିଳ୍ପମାନଙ୍କୁ ରାଜ୍ୟପାଳ ପରାମର୍ଶ ଦେଇଛନ୍ତି।

### ସକାଳୁ ସକାଳୁ ଝାମ୍ପି ନେଉଥିଲା ଚେନ୍

## ଧରିଲେ ମହିଳା, ଉତ୍ତମ ମଧ୍ୟମ ଦେଲେ ଲୋକେ



ଭୁବନେଶ୍ୱର,୧୮।୮(ସଂଚାର ବ୍ୟୁରୋ): ରାଜଧାନୀରେ ପୁଣି ଲୁଟେରାଙ୍କ ଆତଙ୍କରାଜ। ଆଜି ଭୁବନେଶ୍ୱର ଏମ୍ସ ହସ୍ପିଟାଲ୍ ନିକଟରୁ ଚୋରି ହୋଇଥିବା ଘଟଣା ସାମ୍ନାକୁ ଆସିଛି। ସକାଳୁ ସକାଳୁ ଲୁଟେରା ଏମ୍ସ ଆଗରୁ ଜଣେ ମହିଳାଙ୍କ ବେକରୁ ସୁନା ଚେନ୍ ଝାମ୍ପି ନେବାକୁ ଚେଷ୍ଟା କରିଥିଲା। ଏହି ସମୟରେ ସାହସ ଦେଖାଇ ଚୋରକୁ ଧରିଥିଲେ ମହିଳା ଜଣଙ୍କ। ତା'ପରେ ସ୍ଥାନୀୟ ଲୋକେ ତାକୁ କାବୁ କରିନେଇ ଉତ୍ତମ ମଧ୍ୟମ ଦେଇଥିଲେ। ସୂଚନାନୁସାରେ, ମହିଳା ଜଣକଙ୍କର ଘର ବଲାଙ୍ଗୀରରେ। ମହିଳା ତାଙ୍କ ପରିବାର ସଦସ୍ୟଙ୍କୁ ନେଇ ଚିକିତ୍ସା ପାଇଁ ଏମ୍ସ ଆସିଥିଲେ। ତେବେ ସକାଳୁ ସକାଳୁ ସେ ଚା' ପିଇବାକୁ ବାହାରକୁ ଆସିଥିଲେ। ଏହି ସମୟରେ ତାଙ୍କ ସହ ଘଟିଥିଲା ଅଘଟଣ। ଦୁଇ ଦୁର୍ବୃତ୍ତ ବାଇକରେ ଆସି ତାଙ୍କ ସୁନା ଚେନ୍ ଝାମ୍ପିବାକୁ ଚେଷ୍ଟା କରିଥିଲେ। ସୁନା ଚେନ୍‌ଟି ୧୨ ରୁ ୧୩ ଗ୍ରାମ ଓଜନର ହେବ ବୋଲି ଜଣାପଡ଼ିଛି।

ତେବେ ବଡ଼ କଥା ହେଉଛି ପ୍ରଥମେ ମହିଳାଙ୍କୁ ଦୁଇ ଲୁଟେରା ଅନୁସରଣ କରିଥିଲେ। ତା'ପରେ ସୁଯୋଗ ଦେଖି ସେମାନେ ଚେନ୍ ଝାମ୍ପି ନେଇଥିଲେ। ଏହି ସମୟରେ ମହିଳାଙ୍କ ବାମ ହାତରେ ଆଘାତ ଲାଗିଥିଲା। କିନ୍ତୁ ସାହସ ଦେଖାଇ ଉକ୍ତ ମହିଳା ଜଣଙ୍କ ଜଣେ ଚୋରକୁ ଧରିନେଇଥିଲେ। ସେ ସମୟରେ ସ୍ଥାନୀୟ ଲୋକେ ସେହି ଚୋରକୁ କାବୁ କରିଥିଲେ। ତା'ପରେ ତାକୁ ବେଶ୍ ଉତ୍ତମ ମଧ୍ୟମ ଦେଇ ପୁଲିସ ଜିମା ଦେଇଥିଲେ। ମହିଳା ଜଣଙ୍କ ଖଣ୍ଡଗିରି ଥାନାରେ ଏତଲା ଦେଇଛନ୍ତି। ପୁଲିସ ଲୁଟେରା ଜଣକୁ ନେଇ ଜେରା କରୁଛି। କେଉଁଠି ତା' ଘର, କେବେଠାରୁ ସେ ଭୁବନେଶ୍ୱରରେ ଏହି ଅପରେସନ ଚଳାଇଛି, ତା' ଜାଣିବା ସକାଶେ ଉଦ୍ୟମ କରୁଛି ପୁଲିସ୍।

## ଗଞ୍ଜେଇ ଚାଲାଣ ଯୋଜନା ପଣ୍ଡ: ୭ କ୍ୱିଣ୍ଟାଲ ଜବତ



ମୋହନା,୧୮।୮(ସଂଚାର ବ୍ୟୁରୋ): ଜଙ୍ଗଲରୁ ବାହାରିଲା ୭ କ୍ୱିଣ୍ଟାଲରୁ ଅଧିକ ଗଞ୍ଜେଇ। ଏଭଳି ଘଟଣା ଦେଖିବାକୁ ମିଳିଛି ଗଜପତି ଜିଲ୍ଲା ମୋହନା ବ୍ଲକ ଅନ୍ତରବା ପଞ୍ଚାୟତ ଆଟାପଡ଼ା ଗାଁ ନିକଟସ୍ଥ ଜଙ୍ଗଲରେ। ଅଡ଼ବା ପୁଲିସ ବିଶେଷ ସୂତ୍ରରୁ ଖବର ପାଇ ଆଟାପଡ଼ା ଗାଁ ନିକଟସ୍ଥ ଜଙ୍ଗଲ ମଧ୍ୟରେ ଗଞ୍ଜେଇ ଚୋରା ଚାଲାଣ ପାଇଁ ବିପୁଳ ମାତ୍ରାରେ ଗଞ୍ଜେଇ ଗଚ୍ଛିତ ରଖିଥିବା ନେଇ ସୂଚନା ପାଇଥିଲା।

ଏହାପରେ ପୁଲିସ ଅତର୍କିତ ଭାବେ ଚଢ଼ାଉ କରିଥିଲା। ଚଢ଼ାଉରେ ୨୮ଟି ଗଞ୍ଜେଇ ବସ୍ତା ଜବତ ହୋଇଛି। ଉକ୍ତ ଗଞ୍ଜେଇକୁ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଓଜନ କରାଯାଇଥିଲା ଯାହାର ପରିମାଣ ୭୦୨ କିଲୋରୁ ଉର୍ଦ୍ଧ୍ୱ ହୋଇଥିଲା। ଜବତ ଗଞ୍ଜେଇର ଆନୁମାନିକ ବଜାର ଦର ୭୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଅଡ଼ବା ଥାନାଧିକାରୀ ସୂଚନା ଦେଇଛନ୍ତି। ଅନ୍ୟପଟେ ଏହି ଗଞ୍ଜେଇ ଚୋରା ଚାଲାଣରେ କିଏ କିଏ ସାମିଲ ଅଛନ୍ତି ଓ କେଉଁଠାକୁ ନେବା ପାଇଁ ଗଚ୍ଛିତ ରଖାଯାଇଥିଲା, ସେନେଇ ତଦନ୍ତ ଜାରି ରଖିଛି ପୁଲିସ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

## ଅଶୋଧିତ ତୈଳ ଦରରେ ବୃଦ୍ଧି ପ୍ରଭାବ

# ସେନ୍‌ସେକ୍ସ ୪୯୩ ପଏଣ୍ଟ ଖସିଲା




ନୂଆଦିଲ୍ଲୀ,୧୮।୮ଃ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦରରେ ବୃଦ୍ଧି ପ୍ରଭାବରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ସେନ୍‌ସେକ୍ସ ଆଜି ୪୯୩ ପଏଣ୍ଟ ହ୍ରାସ ପାଇ ୭୭,୨୩୫ ପଏଣ୍ଟରେ ବନ୍ଦ ହୋଇଛି। ଆଇଟି କମ୍ପାନିଗୁଡ଼ିକର ସେୟାର ଆଜି ଅଧିକ ମାତ୍ରାରେ ବିକ୍ରି ହୋଇଥିଲା। ନ୍ୟାସ୍‌ନାଲ୍ ଷ୍ଟକ୍ ଏକ୍ସଚେଞ୍ଜର ନିଫ୍‌ଟି ମଧ୍ୟ ୧୩୨ ପଏଣ୍ଟ ହ୍ରାସ ପାଇ ୨୪,୧୫୪ ପଏଣ୍ଟରେ ବନ୍ଦ ହୋଇଛି।

ମଙ୍ଗଳବାର ବ୍ରେଣ୍ଟ୍ କ୍ରୁଡ୍‌ର ଦର ବ୍ୟାରେଲ ପ୍ରତି ୯୧ ଡଲାର ଓ ୟୁଏସ୍ ଟେକ୍ସାସ୍ ଇଣ୍ଟରମେଡିଏଟ୍ ଦର ୮୪.୯୯ ଡଲାରକୁ ବୃଦ୍ଧି ପାଇଛି। ଇରାନ ସଙ୍କଟ ଖୁବଶୀଘ୍ର ଶେଷ ହେବାର ସମ୍ଭାବନା ଦେଖାଦେଇଥିଲା। କିନ୍ତୁ ପୁଣି ଥରେ ଉତ୍ତେଜନା ବଢ଼ିବାରୁ ତେଲ ଦର ବଢ଼ୁଛି। ଯେହେତୁ ଭାରତ ଏହାର ଆବଶ୍ୟକତାର ୮୫ ପ୍ରତିଶତ ତେଲ ଆମଦାନି କରୁଛି, ତେଣୁ ତେଲ ଦରବୃଦ୍ଧି ଜାତୀୟ ଅର୍ଥନୀତିକୁ ଗୁରୁତର ପ୍ରଭାବିତ କରିବା ଆଶଙ୍କା ରହିଛି। ସେଥିପାଇଁ ଚିନ୍ତିତ ହୋଇ ନିବେଶକମାନେ ଇକ୍ୱିଟି ସେୟାର ବିକ୍ରି କରିଛନ୍ତି। ସେନ୍‌ସେକ୍ସରେ ଆଜି ଇନ୍‌ଫୋସିସ୍, ଏଚ୍‌ସିଏଲ୍ ଟେକ୍, ଟିସିଏସ୍, ଟେକ୍ ମହିନ୍ଦ୍ରା ଓ ଆଇଟିସି ସେୟାର ମୂଲ୍ୟରେ ୧-୨ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ ଘଟିଛି। ଏହା ବ୍ୟତୀତ ଏସିଆନ ପେଣ୍ଟ୍ସ, ଭାରତୀ ଏୟାରଟେଲ୍ ଓ ହିନ୍ଦୁସ୍ତାନ ୟୁନିଲିଭର୍, ଅଲ୍‌ଟ୍ରାଟେକ୍ ସିମେଣ୍ଟ, ଇଣ୍ଡିଗୋ, କୋଟକ୍ ମହିନ୍ଦ୍ରା ବ୍ୟାଙ୍କ ଓ ଷ୍ଟେଟ୍ ବ୍ୟାଙ୍କ ସେୟାର ମୂଲ୍ୟ ବି କମିଥିଲା। ସେହି ସମୟରେ ପାୱାରଗ୍ରିଡ୍, ମହିନ୍ଦ୍ରା ଆଣ୍ଡ୍ ମହିନ୍ଦ୍ରା, ବଜାଜ ଫାଇନାନ୍ସ, ଏଲ୍‌ଆଣ୍ଡଟି, ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଓ ଏନ୍‌ଟିପିସି ସେୟାର ମୂଲ୍ୟରେ ବୃଦ୍ଧି ହୋଇଥିଲା।

# ଅକ୍ଟୋବର ୨୭ରୁ ଆକାଶର ଆନ୍ଥେ ପରୀକ୍ଷା




ଭୁବନେଶ୍ୱର,୧୮।୮:ଆକାଶ ଏଜୁକେସନାଲ ସର୍ଭିସେସ ଲିମିଟେଡ୍(ଏଇଏସଏଲ) ପକ୍ଷରୁ ଆକାଶ ନ୍ୟାସନାଲ ଟାଲେଣ୍ଟ ହଣ୍ଟ ପରୀକ୍ଷା(ଆନ୍ଥେ)-୨୦୨୬ ଆଜି ଉନ୍ମୋଚିତ ହୋଇଛି। ଆନ୍ଥେ-୨୦୨୬ ପାଇଁ ପଞ୍ଜୀକରଣ ଏବେ ଅଫିସିଆଲ ଆନ୍ଥେ ପୋର୍ଟାଲ ଓ ଦେଶବ୍ୟାପୀ ଆକାଶ ସେଣ୍ଟରଗୁଡ଼ିକ ମାଧ୍ୟମରେ ଖୋଲା ରହିଛି। ୫ମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ଏହି ପରୀକ୍ଷାରେ ଅଂଶଗ୍ରହଣ କରିପାରିବେ।

ଏହାର ଅନ୍‌ଲାଇନ ପରୀକ୍ଷା ଅକ୍ଟୋବର ୨୭ରୁ ନଭେମ୍ବର ୧ ପର୍ଯ୍ୟନ୍ତ ଏବଂ ଅଫ୍‌ଲାଇନ ପରୀକ୍ଷା ଅକ୍ଟୋବର ୧୧, ୨୫ ଓ ନଭେମ୍ବର ୧ରେ ଅନୁଷ୍ଠିତ ହେବ ବୋଲି ଏଇଏସ୍‌ଏଲ୍‌ର ଏମ୍‌ଡି ତଥା ସିଇଓ ଚନ୍ଦ୍ର ଶେଖର ଗରିସା ରେଡ୍ଡୀ କହିଛନ୍ତି। ଶ୍ରୀ ରେଡ୍ଡୀ ଆହୁରି କହିଲେ, ଆନ୍ଥେ ପାଇଁ ଛାତ୍ରଛାତ୍ରୀ ପ୍ରଯୁଜ୍ୟ ମାନଦଣ୍ଡ ଅନୁଯାୟୀ ୧୦୦% ପର୍ଯ୍ୟନ୍ତ ବୃତ୍ତି ପାଇପାରିବେ। ଶୀର୍ଷ ପ୍ରଦର୍ଶନକାରୀଙ୍କ ପାଇଁ ନଗଦ ୨.୫ କୋଟିର ପୁରସ୍କାର ରହିଛି। ନିଟ୍ ୟୁଜି-୨୦୨୬ରେ ଶୀର୍ଷ ୧୦୦ ଜଣଙ୍କ ମଧ୍ୟରେ ଆକାଶର ୪୧ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୩୧ ଜଣ ପୂର୍ବରୁ ଆନ୍ଥେ ମାଧ୍ୟମରେ ଯୋଗ୍ୟତା ଅର୍ଜନ କରିଥିଲେ। ଜେଇଇ ଆଡ୍‌ଭାନ୍ସଡ୍‌ରେ ଟପ୍ ଶହେ ମଧ୍ୟରେ ସ୍ଥାନ ପାଇଥିବା ୧୧ଜଣଙ୍କ ମଧ୍ୟରୁ ୭ ଜଣ ଆନ୍ଥେର ଥିଲେ ବୋଲି ଶ୍ରୀ ରେଡ୍ଡୀ କହିଛନ୍ତି। ଏହି ଅବସରରେ ଏଇଏସ୍‌ଏଲ୍‌ର ଆଞ୍ଚଳିକ ନିର୍ଦ୍ଦେଶକ ଅଜୟ ବାହାଦୁର ସିଂହ, ଇଷ୍ଟ-ଜୋନ୍‌ର ଉପନିର୍ଦ୍ଦେଶକ ସୂର୍ଯ୍ୟଭାନୁ ସିଂହ, ଶୁଭ୍ରଜିତ୍ ସରକାର, ମନୀଶ ପାତ୍ର, ଜୟଦୀପ ମୁଖାର୍ଜୀ ପ୍ରମୁଖ ଉପସ୍ଥିତ ଥିଲେ।

# ବାତିଲ ହେଲା ଟାଟା ସନ୍ସର ବାର୍ଷିକ ସାଧାରଣ ବୈଠକ

ନୂଆଦିଲ୍ଲୀ,୧୮।୮ଃ ଟାଟା ସନ୍ସର ଏଜିଏମ ଅର୍ଥାତ୍ ବାର୍ଷିକ ସାଧାରଣ ବୈଠକ ସ୍ଥଗିତ। ଟାଟା ଗ୍ରୁପର ହୋଲ୍ଡିଂ କମ୍ପାନୀର ଇତିହାସରେ ଏମିତି ଘଟଣା ପ୍ରଥମ ଥର ଦେଖିବାକୁ ମିଳିଛି। ଇକୋନୋମିକ ଟାଇମ୍ସର ଖବର ମୁତାବିକ , ମଙ୍ଗଳବାର ଅନୁଷ୍ଠିତ ହେବାକୁ ଥିବା ଟାଟା ସନ୍ସର ଏଜିଏମକୁ କୋରମ (ଆବଶ୍ୟକୀୟ ସଦସ୍ୟଙ୍କ ସଂଖ୍ୟା) ପୂରଣ ହୋଇ ନଥିବା କାରଣରୁ ସ୍ଥଗିତ ରଖା ଯାଇଛି। ଅଧିକାରୀମାନେ କହିଛନ୍ତି , ଚେୟାରମ୍ୟାନ ବୋର୍ଡ ସହ ପରାମର୍ଶ କରିବା ପରେ ଏଜିଏମ ପାଇଁ ନୂଆ ତାରିଖ ସ୍ଥିର କରିବେ। ସୂଚନା ମୁତାବିକ, ଏଜିଏମ ବମ୍ବେ ହାଉସରେ ଡ଼କାଯାଇ ଥିଲା, ଯେଉଁଥିରେ କିଛି ଷ୍ଟେକହୋଲ୍ଡର୍ସ ଅନଲାଇନ୍ ମାଧ୍ୟମରେ ସାମିଲ ହୋଇ ଥିଲେ। ହେଲେ ଟାଟା ସନ୍ସର ଦୁଇଟି ମୁଖ୍ୟ କଣ୍ଟ୍ରୋଲିଂ ଟ୍ରଷ୍ଟ ମଧ୍ୟରୁ ଗୋଟିଏ 'ସର ଦୋରାବଜୀ ଟାଟା ଟ୍ରଷ୍ଟ' (SDTT) କମ୍ପାନୀକୁ ଜଣାଇ ଥିଲା ଯେ, 'ସର ରତନ ଟାଟା ଟ୍ରଷ୍ଟ' (SRTT) ପାଇଁ ମହାରାଷ୍ଟ୍ର ଚାରିଟି କମିଶନରଙ୍କ ମଞ୍ଜୁରୀ ନଥିବାରୁ, ଜଣେ ସଂଯୁକ୍ତ ପ୍ରତିନିଧି ଏଜିଏମରେ ଭାଗ ନେଇ ପାରିବେ ନାହିଁ। ଏହି କାରଣରୁ ବୈଠକ ପାଇଁ ଆବଶ୍ୟକ କୋରମ୍ ପୂରଣ ହୋଇ ପାରି ନଥିଲା। ମହାରାଷ୍ଟ୍ର ଚ୍ୟାରିଟି କମିଶନର ମେ' ମାସରେ ଆଦେଶ ଦେଇ ଥିଲେ ଯେ, ଏସଆରଟିଟି ବୋର୍ଡର ଗଠନର ଯାଞ୍ଚ ବିଳମ୍ବିତ ହେବା କାରଣରୁ ସେ ବୋର୍ଡ ବୈଠକ କରିପାରିବ ନାହିଁ। ଟାଟା ସନ୍ସର ଅନୁଚ୍ଛେଦ ୮୬ ଅନୁସାରେ -ଏଜିଏମରେ ଅତି କମରେ ପାଞ୍ଚ ଜଣ ସଦସ୍ୟଙ୍କ ବ୍ୟକ୍ତିଗତ ଉପସ୍ଥିତି ଆବଶ୍ୟକ ହୁଏ। ଏଥିରେ SRTT ଏବଂ SDTT ଦ୍ୱାରା ମିଳିତ ଭାବେ ମନୋନୀତ ପ୍ରତିନିଧି ମଧ୍ୟ ସାମିଲ ଅଛନ୍ତ। ଏହି ଦୁଇ ଟ୍ରଷ୍ଟର ମିଳିତ ଅଂଶଧନ ପ୍ରାୟ ୬୬ ପ୍ରତିଶତ ରହିଛି। ଟାଟା ସନ୍ସରେ ଶାପୁରଜୀ ପାଲୋନଜୀ ପରିବାରର ପ୍ରାୟ ୧୮.୩୭ ପ୍ରତିଶତ ଅଂଶଧନ ଅଛି। ସୂଚନା ଯେ, SRTT ଏବଂ




SDTT ପାଖରେ ଏକାଠି ଟାଟା ସନ୍ସର ୫୧.୫୪ ପ୍ରତିଶତ ଅଂଶଧନ ରହିଛି, ଯେଉଁଥିରେ SRTT ପାଖରେ ପ୍ରାୟ ୨୩.୫ ପ୍ରତିଶତ ଥିବା ବେଳେ SDTT ପାଖରେ ପ୍ରାୟ ୨୮ ପ୍ରତିଶତ ଅଂଶଧନ ରହିଛି।

ଉକ୍ତ ବାର୍ଷିକ ବୈଠକରେ ଅନ୍ୟାନ୍ୟ ବିଷୟ ସହ, ଟାଟା ସନ୍ସର ଚେୟାରମ୍ୟାନ୍ ଏନ୍. ଚନ୍ଦ୍ରଶେଖରନଙ୍କ ନିର୍ଦ୍ଦେଶକ ପଦବୀରେ ଜାରି ରହିବା ନେଇ ବିଚାର କରାଯିବାର ଥିଲା। କହି ରଖୁଛୁ କି, ଚନ୍ଦ୍ରଶେଖରନ ଫେବ୍ରୁଆରୀ ମାସରେ ନିଜର କାର୍ଯ୍ୟକାଳ ଶେଷ ହେବା ପରେ ପୁନଃ ନିଯୁକ୍ତି ନନେବାକୁ ନିଷ୍ପତ୍ତି ନେଇଛନ୍ତି। ଚନ୍ଦ୍ରଶେଖରନଙ୍କୁ ପୁନର୍ବାର ନିର୍ଦ୍ଦେଶକ ଭାବେ ମନୋନୀତ କରିବା ସହ ଟାଟା ସନ୍ସର ଏହି ବାର୍ଷିକ ବୈଠକରେ ୩୧ ମାର୍ଚ୍ଚ ୨୦୨୬ ରେ ଶେଷ ହୋଇଥିବା ଆର୍ଥିକ ବର୍ଷ ପାଇଁ କମ୍ପାନୀର ଆର୍ଥିକ ବିବରଣୀ ଉପରେ ବିଚାର କରାଯିବାର ଥିଲା। ଏହା ବ୍ୟତୀତ ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ କମ୍ପାନୀର ଶେୟାର ଉପରେ ଡିଭିଡେଣ୍ଡ ଘୋଷଣା କରିବାକୁ ମଧ୍ୟ ଯୋଜନା ଥିଲା। ଏବେ ଟାଟା ସନ୍ସ ପକ୍ଷରୁ ବାର୍ଷିକ ବୈଠକ ପାଇଁ ନୂଆ ତାରିଖ ଘୋଷଣା କରାଯିବ।

# ଭାରତକୁ ଆସିଲା ସୋଲାର କାର୍

ନୂଆଦିଲ୍ଲୀ, ୧୮।୮ଃ ପେଟ୍ରୋଲ ଓ ଡିଜେଲର ବଢୁଥିବା ଦର ମଧ୍ୟରେ ଏବେ ଲୋକଙ୍କ ନଜର ରହିଛି କମ୍ ଖର୍ଚ୍ଚରେ ଚାଲୁଥିବା ଇଲେକ୍ଟ୍ରିକ୍ ଗାଡ଼ି ଉପରେ। ଏହା ସହିତ ପରିବେଶ ପ୍ରଦୂଷଣ କମାଇବା ଦିଗରେ ମଧ୍ୟ ଅଟୋମୋବାଇଲ୍ କମ୍ପାନୀମାନେ ନୂଆ ନୂଆ ଟେକ୍ନୋଲୋଜି ଆଣୁଛନ୍ତି। ଏହି ଦିଗରେ ପୁଣେର ଷ୍ଟାର୍ଟଅପ୍ କମ୍ପାନୀ Vayve Mobility ଭାରତରେ ନେଇଆସିଛି ସୋଲାର ପାୱାର୍ଡ ଇଲେକ୍ଟ୍ରିକ୍ କାର୍ Vayve Eva।

ଏହି କାରର ସବୁଠାରୁ ବଡ଼ ଖାସିୟତ ହେଉଛି ଏହାର ସୋଲାର ରୁଫ୍। ଅର୍ଥାତ୍, କାରର ଉପରେ ଲାଗିଥିବା ସୋଲାର ପ୍ୟାନେଲ୍ ସୂର୍ଯ୍ୟ କିରଣରୁ ବିଦ୍ୟୁତ୍ ତିଆରି କରି ବ୍ୟାଟେରୀକୁ ଚାର୍ଜ କରିବାରେ ସାହାଯ୍ୟ କରେ। ତେବେ ଏହି କାର କେବଳ ସୂର୍ଯ୍ୟ କିରଣରେ ଚାଲେ ନାହିଁ। ସୋଲାର ରୁଫ୍ ମେନ୍ ବ୍ୟାଟେରୀକୁ ଧୀରେ ଧୀରେ ଚାର୍ଜ କରେ। କମ୍ପାନୀର କହିବା ଅନୁସାରେ, ଏଥିରୁ ପ୍ରତିଦିନ ପ୍ରାୟ ୧୦ରୁ ୧୨ କିଲୋମିଟର ପର୍ଯ୍ୟନ୍ତ ଏକ୍ସଟ୍ରା ରେଞ୍ଜ ମିଳିପାରେ। ଏଥିସହ ଆପଣମାନେ ଜାଣିରଖନ୍ତୁ ଯେ, Vayve Eva ତିନୋଟି ଭାରିଆଣ୍ଟରେ ଉପଲବ୍ଧ ଯାହା ହେଉଛି- Nova, Stella ଏବଂ Vega। ବର୍ତ୍ତମାନ ଜାଣିବା ପ୍ରଥମ ଭାରିଆଣ୍ଟ Nova ବିଷୟରେ। ଏଥିରେ ରହିଛି ୯ କିଲୋୱାଟ୍-ଆୱର୍ ବ୍ୟାଟେରୀ। ଏହା ଥରେ ଚାର୍ଜ ହେଲେ ପ୍ରାୟ ୧୨୫ କିଲୋମିଟର ପର୍ଯ୍ୟନ୍ତ ଚାଲିପାରିବ। ଦ୍ୱିତୀୟ ଭାରିଆଣ୍ଟଟି ହେଉଛି Stella। ଏଥିରେ ୧୨.୬ କିଲୋୱାଟ୍-ଆୱର୍ ବ୍ୟାଟେରୀ ରହିଛି ଏବଂ ଏହାର ରେଞ୍ଜ ପ୍ରାୟ ୧୭୫ କିଲୋମିଟର।




ତୃତୀୟ ଏବଂ ଟପ୍ ଭାରିଆଣ୍ଟ ହେଉଛି Vega। ଏଥିରେ ୧୮ କିଲୋୱାଟ୍-ଆୱର୍ ବ୍ୟାଟେରୀ ମିଳୁଛି। ଥରେ ଚାର୍ଜ କଲେ ଏହା ସର୍ବାଧିକ ୨୫୦ କିଲୋମିଟର ପର୍ଯ୍ୟନ୍ତ ଚାଲିପାରିବ।

ପରଫର୍ମାନ୍ସ ବିଷୟରେ କହିବାକୁଗଲେ, Vayve Eva ର ଟପ୍ ସ୍ପିଡ୍ ରହିଛି ଘଣ୍ଟା ପ୍ରତି ୭୦ କିଲୋମିଟର। ଏହି କାର୍ ମାତ୍ର ୫ ସେକେଣ୍ଡରେ ଶୂନରୁ ୪୦ କିଲୋମିଟର ପ୍ରତି ଘଣ୍ଟା ବେଗ ଧରିପାରେ। ଚାର୍ଜିଂ ପାଇଁ ଏଥିରେ ୧୫ ଆମ୍ପିୟର୍ ହୋମ୍ ସକେଟ୍ ସହିତ DC ଫାଷ୍ଟ ଚାର୍ଜିଂର ସୁବିଧା ମଧ୍ୟ ରହିଛି। ଏହା ସହିତ ରିଜେନେରେଟିଭ୍ ବ୍ରେକିଂ ସିଷ୍ଟମ୍ ମଧ୍ୟ ଦିଆଯାଇଛି, ଯାହା ଗାଡ଼ିର ଗତି କମିବା ସମୟରେ ଉତ୍ପନ୍ନ ଏନର୍ଜିକୁ ପୁଣି ବ୍ୟାଟେରୀରେ ସଂରକ୍ଷଣ କରିବାରେ ସାହାଯ୍ୟ କରେ। ଏବେ ଦାମ କଥା କହିଲେ, Vayve Eva ର ପ୍ରାରମ୍ଭିକ ଏକ୍ସ-ଶୋରୁମ୍ ପ୍ରାଇସ୍ ବ୍ୟାଟେରୀ ସବ୍ସକ୍ରିପ୍ସନ୍ ମଡେଲ୍ ଅନୁସାରେ ୩ ଲକ୍ଷ ୨୫ ହଜାର ଟଙ୍କାରୁ ଆରମ୍ଭ ହେଉଛି। କମ୍ପାକ୍ଟ ଡିଜାଇନ୍ ଯୋଗୁଁ ଏହି କାର୍ ସହରର ଛୋଟ ରାସ୍ତା, ଅଧିକ ଟ୍ରାଫିକ୍ ଏବଂ ପାର୍କିଂ ସମସ୍ୟା ଥିବା ଅଞ୍ଚଳ ପାଇଁ ଉପଯୋଗୀ ହୋଇପାରେ। ଏଥିରେ ୨ ଜଣ ବୟସ୍କ ଏବଂ ଜଣେ ଛୋଟ ପିଲା ବସିପାରିବେ। ମୋଟାମୋଟି ଭାବେ, କମ୍ ଚାଳଣ ଖର୍ଚ୍ଚ, ସୋଲାର ରୁଫ୍ ଏବଂ କମ୍ପାକ୍ଟ ଡିଜାଇନ୍ ସହିତ Vayve Eva ସହରୀ ଯାତାୟାତ ପାଇଁ ଏକ ନୂଆ ଇଲେକ୍ଟ୍ରିକ୍ କାର୍ ଅପ୍ସନ ଭାବେ ସାମ୍ନାକୁ ଆସିଛି।

# ସର୍ଭର ଡାଉନ ଯୋଗୁ ଏଲ୍‌ପିଜି ଇ-କେୱାଇସିରେ ସମସ୍ୟା



ନୂଆଦିଲ୍ଲୀ,୧୮।୮:ଗ୍ୟାସ ସିଲିଣ୍ଡରର ଇ-କେୱାଇସିର ଶେଷ ତାରିଖ ୨୩ ଅଗଷ୍ଟ ଯାଏ ବୃଦ୍ଧି କରାଯାଇଛି। ଅନ୍ୟପଟେ ତୈଳ ବିପଣନ କମ୍ପାନିଗୁଡିକର ସର୍ଭର ଡାଉନ ହେବା ଯୋଗୁ ଏହି ପ୍ରକ୍ରିୟା ଲାଗି ଲୋକେ ସମସ୍ୟାରେ ପଡୁଛନ୍ତି। ମୋବାଇଲ ଆପ୍ ଠିକ୍ ରେ କାମ ନ କରିବା ଯୋଗୁ ଲୋକେ ଭେରିଫିକେସନ ଲାଗି ସମସ୍ୟାର ସାମ୍ନା କରୁଛନ୍ତି। କାଉଣ୍ଟରଗୁଡିକ ଠିକ୍ ଭାବେ କାମ ନ ହେବା ଯୋଗୁ ଏଜେନ୍ସି ଗୁଡିକ ନିକଟରେ ଲମ୍ବା ଲାଇନ ଦେଖାଯାଉଛି। ଘଣ୍ଟା ଘଣ୍ଟା ଛିଡ଼ା ହେବା ପରେ ମଧ ଇ-କେୱାଇସି ସମ୍ପୂର୍ଣ୍ଣ ହୋଇ ପାରୁନାହିଁ। ଡିଲର କହିଛନ୍ତି, ଡେଡ୍‌ଲାଇନ ବଢ଼ିବା ଯୋଗୁ ଅତିରିକ୍ତ ୭ ଦିନ ସମୟ ମିଳିଛି। ମାତ୍ର ସର୍ଭର ଡାଉନ ରହିବା ଯୋଗୁ କାମ କରିବା କଷ୍ଟକର ହେଉଛି। ଫଳରେ କାଉଣ୍ଟର ଗୁଡିକରେ ଲମ୍ବା ଲାଇନ ଦେଖାଯାଉଛି। ମିଡିଆ ରିପୋର୍ଟ ମୁତାବକ, ଇ-କେୱାଇସିର ସମ୍ପୂର୍ଣ୍ଣ ପ୍ରକ୍ରିୟା ତେଲ କମ୍ପାନିଙ୍କ କେନ୍ଦ୍ରୀୟ ଡିଜିଟାଲ ଭିତ୍ତିଭୂମି ଏବଂ ସର୍ଭରରେ ଚାଲିଥାଏ। କିନ୍ତୁ ସର୍ଭର ଡାଉନ୍ ଯୋଗାଣକୁ ଅସୁବିଧାରେ ପକାଇଛି।



## ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୪,୮୬୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୧,୯୫୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୪,୮୬୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ୧,୪୧,୯୫୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୪,୮୬୦ ଟଙ୍କା ଓ ୨୨ କ୍ୟାରେଟ ମୂଲ୍ୟ ୧,୪୧,୯୫୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୫୫,୦୧୦ ଟଙ୍କା ଓ ୨୨ କ୍ୟାରେଟ ୧,୪୨,୧୦୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୪,୯୧୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୨,୦୦୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୪,୮୬୦ ଓ ୨୨ କ୍ୟାରେଟ ମୂଲ୍ୟ ୧,୪୧,୯୫୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୫୫,୦୦୦ ଟଙ୍କା ହୋଇଛି ।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ପେଟ୍ରୋଲ ଓ ଡିଜେଲ ଦର ସାମାନ୍ୟ ପରିବର୍ତ୍ତନ ହୋଇଛି । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୮.୯୭ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୦.୬୮ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ ଦର ୯୫ ଟଙ୍କା ୨୦ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୧ ଟଙ୍କା ୨୧ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୭.୮୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୧୩.୫୧ ଟଙ୍କା ଥିବାବେଳେ ଡିଜେଲ ଦର ୯୯ ଟଙ୍କା ୮୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୭ ଟଙ୍କା ୭୭ ପଇସା ଥିବା ବେଳେ ଡିଜେଲ ଦାମ ୯୯ ଟଙ୍କା୭୧ ପଇସା ରହିଛି । ପ୍ରତ୍ୟେକ ଦିନ ସକାଳ ୬ଟାରେ ପେଟ୍ରୋଲ ଏବଂ ଡିଜେଲ୍ ଦାମରେ ପରିବର୍ତ୍ତନ ହୋଇଥାଏ ।

## ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଓକିଲଙ୍କୁ ମରଣାନ୍ତକ ଆକ୍ରମଣ, ୫ କୁଖ୍ୟାତ ସୁପାରୀ କିଲର ଗିରଫ



ବାଲିଆପାଳ,୧୮।୮ (ସଂଚାର ବ୍ୟୁରୋ):ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଓକିଲକୁ ମାରାନ୍ତକ ଆକ୍ରମଣ ଘଟଣାରେ ୫ଜଣ କୁଖ୍ୟାତ ସୁପାରୀ କିଲରକୁ ଗିରଫ କରି କୋର୍ଟ ପଠାଇଲା ପୋଲିସ ମୁଖ୍ୟ ଆସାମୀ ସହିତ ୪ଜଣ ଫେରାର ଥିବା ନେଇ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଲେ ବାଲେଶ୍ୱର ଅତିରିକ୍ତ sp ପରେଶ କୁମାର ରାଉତ। ସୂଚନା ଅନୁଯାୟୀ ଗତ ୧୦ତାରିଖ ଦିନ ସିଦ୍ଧାର୍ଥ ଦାସ ନାମକ ଓକିଲ ଜଳେଶ୍ୱର କୋର୍ଟରୁ ଅପରାହ୍ନ ସମୟରେ ଘରକୁ ଫେରୁଥିଲା ବେଳେ ଏକ ବାଇକରେ ୩ଜଣ ଦୃବୃତ ଆସି ଧାରୁଆ ଅସ୍ତ୍ରରେ ମାରାନ୍ତକ ଆକ୍ରମଣ କରିଥିଲେ, ସିଦ୍ଧାର୍ଥର କାନ୍ଧ ଓ ହତାରେ ଗଭୀର ଖାତ ହୋଇଥିଲା ବେଳେ ସେ ଗୁରୁତର ଅବସ୍ଥାରେ କଟକରେ ଚିକିତ୍ସିତ ହେଉଛନ୍ତି, ତେବେ ଉକ୍ତ ଆକ୍ରମଣ ଘଟଣାରେ ୫ଜଣ ସୁପାରୀ କିଲରକୁ ପୋଲିସ ଆଜି ଗିରଫ କରି କୋର୍ଟ ପଠାଇ ଥିଲା ବେଳେ ସେମାନେ ଆକ୍ରମଣ ସମୟରେ ବ୍ୟବହାର କରିଥିବା ଧାରୁଆ ଅସ୍ତ୍ର ଓ ଦୁଇଟି ବାଇକ ଜବତ କରିଥିବା ନେଇ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଲେ ବାଲେଶ୍ୱର ଅତିରିକ୍ତ ଏସ୍‌ପି ପରେଶ କୁମାର ରାଉତ,,ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଆକ୍ରମଣ ହୋଇଥିବା ବେଳେ ମୁଖ୍ୟ ଆସାମୀ ସହିତ ଆଉ ୩ ଜଣ ଫେରାର ଥିବା ବେଳେ ଖୁବ ଶୀଘ୍ର ଗିରଫ କରାଯିବ ବୋଲି ପ୍ରତିଶୃତି ଦେଇଛନ୍ତି, ଆକ୍ରମଣ ପାଇଁ ୫ଲକ୍ଷ ଟଙ୍କା ଡିଲ ହୋଇଥିଲା ବେଳେ ୧ଲକ୍ଷ ଟଙ୍କା ଅଗ୍ରୀମ ଦେଇଥିବା ନେଇ ସୂଚନା ଦେଇଛନ୍ତି ଅତିରିକ୍ତ ଏସ୍‌ପି, ଉକ୍ତ ସାମ୍ବାଦିକ ସମ୍ମିଳନୀରେ ଜଳେଶ୍ୱର ଏସ୍‌ଡିପିଓ ସୁରେଶ ଚନ୍ଦ୍ର ତ୍ରିପାଠୀ ଓ ଜଳେଶ୍ୱରଆଇଆଇସି ଅଶୋକ ବାରିକ ଉପସ୍ଥିତ ଥିଲେ।

## କେଜିରୁ ପିଜି ମାଗଣା ପାଠପଢ଼ା

# ୨ ମାସ ହେଲା ଅଧ୍ୟାପକ ଓ କର୍ମଚାରୀଙ୍କୁ ମିଳିନି ଦରମା

କଳାହାଣ୍ଡି,୧୮।୮ (ସଂଚାର ବ୍ୟୁରୋ): ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷ୍ୟା ବିଭାଗ ପକ୍ଷରୁ କେଜି ରୁ ପିଜି ମାଗଣା ପାଠପଢ଼ା ନିମନ୍ତେ ଘୋଷଣା କରିଦେଲେ । ଏଥି ଯୋଗୁଁ ଜିଲ୍ଲା ର ପ୍ରାୟ ୩୪ ଟି ଯୁକ୍ତ ୨ଓ ଯୁକ୍ତ ୩ ବ୍ଲକ ଗ୍ରାଣ୍ଟ ଓ ଗ୍ରାଣ୍ଟ ଇନ୍ ଏଡ ଘରୋଇ କଲେଜ ଗୁଡ଼ିକ ଅଡୁଆରେ ପଡିଛନ୍ତି । ଗତ ୨ ମାସ ହେଲା କଳାହାଣ୍ଡି ଜିଲ୍ଲାର ୬୬୩ ବର୍ଗ ଓ ୪୮୮ ବର୍ଗ ଉଭୟ ଯୁକ୍ତ ୨ ଓ ଯୁକ୍ତ ୩ ଅଧ୍ୟାପକ ଓ କର୍ମଚାରୀ ମାନଙ୍କୁ ଦରମା ପାଇନାହାନ୍ତି । ନାମ ଲେଖା ଫି ରୁ ଆଦାୟ ହେଉଥିବା ଅର୍ଥରେ ଦରମା ଠାରୁ ଆରମ୍ଭ କରି ବିଦ୍ୟୁତ୍ ଖର୍ଚ୍ଚ ପର୍ଯ୍ୟନ୍ତ ଭରଣା କରାଯାଉଥିଲା।ବର୍ତ୍ତମାନ ମାଗଣା ନାମ ଲେଖା ଯୋଗୁ ଅଧ୍ୟାପକ ଓ କର୍ମଚାରୀମାନେ ବିନା ଦରମାରେ ଅନିଶ୍ଚିତତା ମଧ୍ୟରେ ଅଛନ୍ତି ।

ପ୍ରକାଶ ଯେ,କଳାହାଣ୍ଡି ଜିଲ୍ଲାରେ ପ୍ରାୟ ୩୪ ରୁ ଉର୍ଦ୍ଧ ବ୍ଲକ ଗ୍ରାଣ୍ଟ ଓ ଗ୍ରାଣ୍ଟ ଇନ୍ ଏଡ ଯୁକ୍ତ ୨ ଓ ଯୁକ୍ତ ୩ ଘରୋଇ କଲେଜ ଅଛି ।ଛାତ୍ରଛାତ୍ରୀ ମାନଙ୍କ ପାଇଁ ରାଜ୍ୟ ସରକାରଙ୍କ କେଜି ରୁ ପିଜି ମାଗଣା ପାଠପଢ଼ା ଯୋଜନା ଘୋଷଣା ହେବା ପରେ ମାଗଣା ନାମ ଲେଖା ହେଉଛି । ପୂର୍ବରୁ ନାମ ଲେଖା ସମୟରେ ଛାତ୍ରଛାତ୍ରୀ ମାନଙ୍କ ଠାରୁ ପ୍ରାୟ ୫ ହଜାର ଟଙ୍କା ଆଦାୟ ହେଉଥିଲା । ଏଥିରେ ଡେଭଲପ୍ ମେଣ୍ଟ, ଫି,ଠାରୁ ଆରମ୍ଭ କରି। ଟିଉସନ ଫି ପର୍ଯ୍ୟନ୍ତ ସାମିଲ ରହିଥିଲା । ଏଥିରୁ ପ୍ରାୟ ୪ ହଜାର ଟଙ୍କା ଅଧ୍ୟାପକ ଓ କର୍ମଚାରୀଙ୍କ ଦରମା ବାବଦକୁ ଖର୍ଚ୍ଚ ହେଉଥିବା ବେଳେ ପ୍ରାୟ ୧ ହଜାର ଟଙ୍କା ସ୍କୁଲ ବାର୍ଷିକ

### ନାମଲେଖାରୁ ଭରଣା ହେଉଥିଲା ଦରମା ଓ ଆନୁଷଙ୍ଗିକ ଖର୍ଚ୍ଚ

ଉତ୍ସବ ଠାରୁ ଆରମ୍ଭ କରି ବାର୍ଷିକ କ୍ରୀଡ଼ା, ବିଦ୍ୟୁତ୍ ବିଲ୍ ଓ ଅଫିସ ପରିଚାଳନା ପାଇଁ ଖର୍ଚ୍ଚ କରାଯାଉଥିଲା ।

ଜିଲ୍ଲାର ପ୍ରାୟ ୩୪ ରୁ ଉର୍ଦ୍ଧ କଲେଜରେ ପ୍ରାୟ ୮୭୦୪ ଜଣ ଛାତ୍ରଛାତ୍ରୀ ଏହି ଫୀ,ନାମ ଲେଖା ସମୟରେ ଜମା କରୁଥିଲେ ।ବର୍ତ୍ତମାନ ନାମ ଲେଖା ମାଗଣା ହେବ ଯୋଗୁଁ ପ୍ରାୟ ୩ ଶହରୁ ଉର୍ଦ୍ଧ ୬୬୨ ବର୍ଗ ଓ ୪୮୮ ବର୍ଗର ଅଧ୍ୟାପକ ଓ କର୍ମଚାରୀ ଗତ ୨ ମାସ ଧରି ଦରମା ପାଉନାହାନ୍ତି ।ବିନା ଦରମାରେ ଡାଟା ଏଣ୍ଟ୍ରି ଅପରେଟରଠାରୁ ଆରମ୍ଭ କରି ଅଧ୍ୟାପକ ପର୍ଯ୍ୟନ୍ତ ବିନା ଦରମାରେ କାମ କରିଥିବା ଯୋଗୁ ଅନିଶ୍ଚିତତା ମଧ୍ୟରେ ଅଛନ୍ତି।ରାଜ୍ୟ ସରକାରଙ୍କ ପରବର୍ତ୍ତୀ ପଦକ୍ଷେପ କଣ, ହେବ ସେଥି ନେଇ ଆଶା ଆଶଙ୍କାରେ ରହିଛନ୍ତି । ବିଭିନ୍ନ ମହାବିଦ୍ୟାଳୟରେ ଅଧ୍ୟାପକ ଓ କର୍ମଚାରୀ ଅଭାବ ଯୋଗୁଁ ଶିକ୍ଷା ଦାନ ବାଧାପ୍ରାପ୍ତ ହୋଇଛି।

କଳାହାଣ୍ଡି ଜିଲ୍ଲାର ଭବାନୀପାଟଣା ସଦର ବ୍ଲକ କର୍ଲାପାଟ ପଞ୍ଚାୟତ ସମିତି ଉଚ୍ଚମାଧ୍ୟମିକ ସ୍କୁଲରେ ଭାତ ହଣ୍ଡିରୁ ଗୋଟିଏ ଏହି ମହାବିଦ୍ୟାଳୟରେ ଓଡ଼ିଆ,ଇତିହାସ,ରାଜନୀତି ବିଜ୍ଞାନ,ଅର୍ଥନୀତି,ଭୂଗୋଳ ବିଭାଗରେ ଗୋଟିଏ ଲେଖାଏ ଅଧ୍ୟାପକ ପଦ ଥିବାବେଳେ ସମସ୍ତ ପଦ ଖାଲି। କେବଳ ଜଣେ ଇଂରାଜୀ ଅଧ୍ୟାପକ ଥିବାବେଳେ ତାଙ୍କୁ ଅଧ୍ୟକ୍ଷ ଦାୟିତ୍ୱ ମଧ୍ୟ ଦିଆଯାଇଛି ।ଜଣେ ମାତ୍ର ଅଧ୍ୟାପକ ରେ କଲେଜ ଚାଲିଥିବା ଯୋଗୁଁ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।ସେହି ଭଳି ୨ ଟି କିରାଣୀ ପଦ ଥିବା ବେଳେ ସମସ୍ତ ପଦ ଖାଲି ପଡ଼ିଛି।୩ ପିଅନ ପଦ ଥିବାବେଳେ ଗୋଟିଏ ପଦ ଖାଲି। ବର୍ତ୍ତମାନ୍ ନାମ ଲେଖା ମାଗଣା ଥିବା ଯୋଗୁଁ ନୂତନ ଭାବେ ଅସ୍ଥାୟୀ ଅଧ୍ୟାପକ ରଖି ଦରମା ଦେବାପାଇଁ ସମ୍ବଳ ନଥିବା ଯୋଗୁଁ ଏବେ ଛାତ୍ରଛାତ୍ରୀଙ୍କ ଭାଗ୍ୟ ସୂତଖିଅ ରେ ଝୁଲୁଛି। ଏହିଭଳି ଜିଲ୍ଲାର ବହୁ ମହାବିଦ୍ୟାଳୟ କେଜି ରୁ ପିଜି ମାଗଣା ନାମ ଲେଖା ଯୋଗୁଁ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି।

ରାଜ୍ୟ ସରକାରଙ୍କ ପକ୍ଷରୁ କେବଳ ୭୫ ପ୍ରତିଶତ ଉପସ୍ଥାନ ଥିବା ମହାବିଦ୍ୟାଳୟ ମାନଙ୍କୁ କିସ୍ତିରେ ଅନୁଦାନ ପ୍ରଦାନ କରାଜିବ ବୋଲି ସାନ୍ତ୍ୱନା ଦିଆଯାଇଥିବା ବେଳେ ଏନେଇ ବିଧିବଦ୍ଧ ଭାବରେ କୌଣସି ଗାଇଡଲାଇନ ଆସିନାହିଁ। ଗୋଟିଏ ପଟେ ଅଧ୍ୟାପକ ଓ କର୍ମଚାରୀ ଦରମା ପାଉନଥିବାବେଳେ ବର୍ତ୍ତମାନ ସେମାନଙ୍କର ପରିବାର କିଭଳି ପ୍ରତିପୋଷଣ କରିବେ ମାନସିକ ଦୁଶ୍ଚିନ୍ତାରେ ଅଛନ୍ତି।ଆଗକୁ ଜିଲ୍ଲାର ୩୪ ଟି ଘରୋଇ କଲେଜର ଭବିଷ୍ୟତ କଣ ହେବ ସାଧାରଣରେ ଅନିଶ୍ଚିତତା ସୃଷ୍ଟି ହୋଇଛି ।

## ଟେଣ୍ଡର ପ୍ରକ୍ରିୟାରେ ପାତରଅନ୍ତରକୁ ବିରୋଧ କରି ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଗଣଧାରଣା



ବାଲିଆପାଳ,୧୮।୮ (ସଂଚାର ବ୍ୟୁରୋ):ବାଲେଶ୍ୱର ଗ୍ରାମ୍ୟ ଉନ୍ନୟନ ମଣ୍ଡଳ କର୍ତୃପକ୍ଷଙ୍କ ଟେଣ୍ଡର ପ୍ରକ୍ରିୟାରେ ପାତର ଅନ୍ତର ତଥା ବେଆଇନ କାର୍ଯ୍ୟକଳାପକୁ ବିରୋଧ କରି ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ନିଖିଳ ଓଡିଶା ଠିକାଦାର ମହାସଂଘ ଉତ୍ତର ବାଲେଶ୍ୱର ଶାଖା ପକ୍ଷରୁ ଆଜି ଦ୍ୱିତୀୟ ଦିନରେ ଗଣଧାରଣା ।ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଗ୍ରାମ୍ୟ ନିର୍ମାଣ ବିଭାଜନ ଅଫିସ ସମ୍ମୁଖରେ , ସୂଚନା ଅନୁଯାୟୀ ଗତ ଡିସେମ୍ବର ମାସରେ ଏକ ପାଣି ଟାଙ୍କି ନିର୍ମାଣ ପାଇଁ ଟେଣ୍ଡର ହୋଇଥିଲା ବେଳେ ଜୈନିକ ଠିକାଦାର ଫ୍ଲସ ବିଲ ଦେବା ସହିତ ମିଥ୍ୟା GST ପେପର ଦେଇ ଥିଲା ବେଳେ ଏହାକୁ ଯାଞ୍ଚ ନ କରି ବାଲେଶ୍ୱର ମୁଖ୍ୟ ଅଧିକ୍ଷଣ ଯନ୍ତ୍ରୀ ଏହାକୁ ମୋନନୀତ କରିଥିବା ବେଳେ ନିଖିଳ ଓଡିଶା ଠିକାଦାର ମହାସଂଘ ଉତ୍ତର ଓଡିଶା ଶାଖା ପକ୍ଷରୁ ଏହାକୁ ବିରୋଧ କରି ଏକ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବା। ବାଲେଶ୍ୱର ସିସି ଅଫିସରେ କାର୍ଯ୍ୟରତ କିରାଣୀ ଦିଲ୍ଲୀପ ଦାସଙ୍କ ପୁତ୍ର ରାଜେଶ ଦାସ ପାଇଥିବା ଟେଣ୍ଡରରେ ଦୀର୍ଘ ଦିନ ଧରି ଏଗ୍ରିମେଣ୍ଟ ନ କରିବା ପରେ ମଧ୍ୟ ଅନୁକମ୍ପା ଦେଖାଇ ମୁଖ୍ୟ ଅଧିକ୍ଷଣ ଯନ୍ତ୍ରୀ ଆଉ ୭ଦିନ ଅଧିକ ସମୟ ବଢ଼ାଇଥିବାରୁ ଏହାକୁ ବିରୋଧ କରି ନିଖିଳ ଓଡିଶା ଠିକାଦାର ମହାସଂଘ ଉତ୍ତର ବାଲେଶ୍ୱର ଶାଖା ପକ୍ଷରୁ ଜଳେଶ୍ୱର ଗ୍ରାମ୍ୟ ନିର୍ମାଣ ବିଭାଜନର ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦେଇଥିବା ଦେଖିବାକୁ ମିଳିଛି।ତେବେ ଆଜି ବାଲେଶ୍ୱର ମଣ୍ଡଳ କର୍ତୃପକ୍ଷ ସ୍ୱଭାଗ୍ୟ କୁମାର ଦାସ ଧାରଣା ବସିଥିବା ଠିକାଦାର ଙ୍କୁ ବୁଝା ସୁଝା କରିଥିଲେ କିନ୍ତୁ କୌଣସି ପ୍ରକାର ସମାଧାନ ହେଇ ନଥିଲା ତେବେ ଯଦି ସରକାର ଠିକାଦାରଙ୍କ ଦାବି ନ ମାନନ୍ତି ଏହି ଧାରଣା ବଳବତ୍ତର ରହିବ ବୋଲି ଠିକାଦାର ସଂଘ ସୂଚେଇ ଦେଇଛି।

## ଜାତୀୟ ଅନୁସୂଚିତ ଜାତି କମିଶନ ଟିମ୍‌ଙ୍କ ଖୋର୍ଦ୍ଧା ଜିଲ୍ଲା ପରିଦର୍ଶନ



ଖୋରଧା, ୧୮।୮ (ସଂଚାର ବ୍ୟୁରୋ): ଆଜି ଅପରାହ୍ନରେ ଡ଼ଃ ପାର୍ଥ ସାରଥୀ ବିଶ୍ୱାସ ଙ୍କ ନେତୃତ୍ୱରେ ଏକ ପାଞ୍ଚ ଜଣିଆ ଜାତୀୟ ଅନୁସୂଚିତ ଜାତି ଟିମ୍ ଖୋରଧା ଜିଲ୍ଲା ପରିଦର୍ଶନ କରି ଜିଲ୍ଲା କାର୍ଯ୍ୟାଳୟ ଜୟୀ ରାଜଗୁରୁ ସମ୍ମିଳନୀ କକ୍ଷରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କ ସହ ଅନୁସୂଚିତ ଜାତି ଯୋଜନା ଗୁଡିକ ଜିଲ୍ଲାରେ କାର୍ଯ୍ୟ କାରୀ ଓ ଅଗ୍ର ଗତି ସମ୍ବନ୍ଧରେ ସମୀକ୍ଷା କରି ଏକ ସାମ୍ବାଦିକ ସମ୍ମିଳନୀରେ ସାମ୍ବାଦିକ ମାନଙ୍କୁ ସୂଚନା ପ୍ରଦାନ କରିଛନ୍ତି ।

ମାନ୍ୟବର ସଦସ୍ୟଙ୍କ ସହ ସୋନାଲି ଦତ୍ତ, ନିର୍ଦ୍ଦେଶକ, ଜାତୀୟ ଅନୁସୂଚିତ ଜାତି କମିଶନ, ନବୀନ ରୋହିଲ, ମାନ୍ୟବର ସଦସ୍ୟଙ୍କ ବ୍ୟକ୍ତିଗତ ସଚିବ, ପୁଲୋମା ବସୁ, ବରିଷ୍ଠ ତଦନ୍ତକାରୀ ଏବଂ ଶୁଭମ୍ ଦତ୍ତ ଯୋଗଦେଇଥିଲେ। ସେହିପରି, ଅନୁସୂଚିତ ଜାତି ଓ ଜନଜାତି ରାଜ୍ୟ ସରକାରଙ୍କ ବିଭାଗର ଲକ୍ଷ୍ମଣ କୁମାର ମଲ୍ଲିକ, ନିର୍ଦ୍ଦେଶକ ଅନୁସୂଚିତ ଜାତି ମଙ୍ଗଳ, କୁମୁଦିନୀ ସୁବୁଦ୍ଧି, ଉପ ଶାସନ ସଚିବ,ଭରତ ଭୂଷଣ ବିଶ୍ୱାଳ,ଉପ ନିର୍ଦ୍ଦେଶକ ଯୋଗଦେଇଥିଲେ। ସୂଚନା କ୍ରମେ ମନରେଗା ଯୋଜନାରେ ଜିଲ୍ଲାରେ ୧୬୮୦୧ ଅନୁସୂଚିତ ଜାତି ହିତାଧିକାରୀଙ୍କୁ କାର୍ଡ ବଣ୍ଟନ ହୋଇଅଛି। ସେହିପରି ଗୃହ ନିର୍ମାଣ ପାଇଁ ୩.୧୨ ଏକର ଜମି ବଣ୍ଟନ କରାଯାଇଅଛି । ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ ଯୋଜନାରେ ୨୦୨୫-୨୬ ବର୍ଷରେ ୧୮୫୪ ହିତାଧିକାରୀଙ୍କୁ ଅନ୍ତର୍ଭୁକ୍ତ କରାଯାଇଅଛି । ଜିଲ୍ଲାରେ ୧୪ ଗୋଟି ହଷ୍ଟେଲରେ ୧୪୦୦ ପିଲାଙ୍କୁ ରଖା ଯାଇଛି। ୨୦୨୫-୨୬ ବର୍ଷରେ ସରକାରୀ ପ୍ରାଥମିକ ବିଦ୍ୟାଳୟ ରେ ୮୫୭୩ ବାଳକ ଏବଂ ୮୬୮୪ ବାଳିକା ନାମ ଲେଖାଇଥିବା ବେଳେ ବେସରକାରୀ ବିଦ୍ୟାଳୟରେ ୩୪୦୭ ବାଳକ ଓ ୨୭୭୪ ବାଳିକା ନାମ ଲେଖାଇଛନ୍ତି । ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସରକାରୀ ବିଦ୍ୟାଳୟରେ ୬୮୧୮ ବାଳକ ଓ ୬୬୩୬ ବାଳିକା ନାମ ଲେଖାଇଛନ୍ତି। ଉଚ୍ଚ ବିଦ୍ୟାଳୟ ଶ୍ରେଣୀରେ ସରକାରୀ ବିଦ୍ୟାଳୟରେ ୩୪୭୯, ବାଳକ ଏବଂ ୩୫୩୯ ବାଳିକା, ବେସରକାରୀ ବିଦ୍ୟାଳୟରେ ୭୨୨ ବାଳକ ଏବଂ ୫୯୦ ବାଳିକା, ଉଚ୍ଚ ମାଧ୍ୟମିକ ସରକାରୀ ବିଦ୍ୟାଳୟ ରେ ୪୮୦ ବାଳକ ଏବଂ ୭୧୮ ବାଳିକା, ବେସରକାରୀ ରେ ୧୧୯୪ ବାଳକ ଏବଂ ୯୧୫ ବାଳିକା ନାମ ଲେଖାଇଛନ୍ତି। ସେହିପରି ଜିଲ୍ଲା ଶିଳ୍ପ କେନ୍ଦ୍ର,, କୃଷି, ଶିକ୍ଷା, ସ୍ୱାସ୍ଥ୍ୟ ଆଦି ବିଭିନ୍ନ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପ୍ରଣୀତ ଯୋଜନା ଉପରେ ସମୀକ୍ଷା କରି ସନ୍ତୋଷ ବ୍ୟକ୍ତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସମସ୍ତ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ ବିଭିନ୍ନ ଗଣ ମାଧ୍ୟମ ପ୍ରତିନିଧି ବୃନ୍ଦ ଯୋଗଦେଇଥିଲେ ।

## ଓମ୍ବାଡସି ଓଏସ୍‌ଡିଙ୍କ ସୁନ୍ଦରଗଡ଼ ଜିଲ୍ଲା ଗସ୍ତ



ସୁନ୍ଦରଗଡ଼, ୧୮।୮ (ସଂଚାର ବ୍ୟୁରୋ): ଓମ୍ବାଡସି ଓଭରସାଇଟ୍ ଅଥୋରିଟୀଙ୍କ ଓଏସ୍‌ଡି-୧ ଶେଖ୍ ନଇମୁଦ୍ଦିନ୍ ମଙ୍ଗଳବାର ସୁନ୍ଦରଗଡ଼ ଜିଲ୍ଲା ଗସ୍ତ କରି ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ଓ ଅଗ୍ରଗତି ସମୀକ୍ଷା କରିଛନ୍ତି। ଗସ୍ତ ସମୟରେ ଓମ୍ବାଡସି ଓଏସ୍‌ଡି ସ୍ଥାନୀୟ ପୁରଣା ବସ୍‌ଷ୍ଟାଣ୍ଡ ନିକଟସ୍ଥ ସୂଚନା ଓ ଲୋକସମ୍ପର୍କ ବିଭାଗର ପାଠାଗାର ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ପରିଚାଳିତ, ଜିଲ୍ଲା ସଂସ୍କୃତି ଭବନ ଠାରେ ଅବସ୍ଥିତ ପାଠାଗାରର ପରିଦର୍ଶନ କରିଥିଲେ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ତଥା ଭାରପ୍ରାପ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ ନନ୍ଦିନୀ ମୁଣ୍ଡାରୀ ଏବଂ ପାଠାଗାର କର୍ମଚାରୀ ମାନଙ୍କ ସହିତ ପାଠାଗାର ପରିଚାଳନା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ସେ ପାଠାଗାରର ପରିବେଶ, ଭିତ୍ତିଭୂମି ଓ ପୁସ୍ତକଗୁଡ଼ିକର ସ୍ଥିତି ଅନୁଧ୍ୟାନ କରିବା ସହ ପାଠାଗାରର ବିଭିନ୍ନ ରେଜିଷ୍ଟର ଗୁଡ଼ିକ ଯାଞ୍ଚ କରିଥିଲେ। ପରେ ଓମ୍ବାଡସି ଓଏସ୍‌ଡି ଏବଂ ତାଙ୍କ ଦଳ ଆଞ୍ଚଳିକ ଖାଦ୍ୟ ପରୀକ୍ଷଣ ପ୍ରୟୋଗଶାଳା ପରିଦର୍ଶନ କରିଥିଲେ। ପ୍ରୟୋଗଶାଳା ଭବନର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବାରୁ ଏହାର ନିର୍ମାଣ ଗୁଣବତ୍ତା ଓ ସମ୍ପୂର୍ଣ୍ଣ କାର୍ଯ୍ୟର ମାନ ଯାଞ୍ଚ କରିଥିଲେ। ଏଥିସହିତ ପିଡବ୍ଲ୍ୟୁଡି ବିଭାଗ ଠାରୁ ସ୍ୱାସ୍ଥ୍ୟ ବିଭାଗକୁ ପ୍ରୟୋଗଶାଳା ଭବନ ହସ୍ତାନ୍ତର ପ୍ରକ୍ରିୟା ଶୀଘ୍ର ଆରମ୍ଭ କରି ଏହାକୁ କାର୍ଯ୍ୟକ୍ଷମ କରିବା ଉପରେ ଗୁରୁତ୍ୱ ଦେଇଥିଲେ।

ଏହି ଅବସରରେ ସେ ସୁନ୍ଦରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ ସହ ଆଲୋଚନା କରି ଆଞ୍ଚଳିକ ଖାଦ୍ୟ ପରୀକ୍ଷଣ ପ୍ରୟୋଗଶାଳା ପାଇଁ ଆବଶ୍ୟକ ଉପକରଣ ଓ ଯନ୍ତ୍ରପାତି ଯୋଗାଣ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରୟୋଗଶାଳାଟି ଶୀଘ୍ର କାର୍ଯ୍ୟକ୍ଷମ ହେବା ନିମନ୍ତେ ଆବଶ୍ୟକ ପଦକ୍ଷେପ ତ୍ୱରାନ୍ୱିତ କରିବାକୁ ସେ ସମ୍ପୃକ୍ତ ଅଧିକାରୀ ଙ୍କୁ ପରାମର୍ଶ ଦେଇଥିଲେ।

## ବୈଦ୍ୟୁତିକ ପ୍ରକଳ୍ପଗୁଡ଼ିକରେ ସ୍ଥାନୀୟ ଶ୍ରମିକଙ୍କୁ ପ୍ରାଥମିକତା ଦେବାକୁ ଦାବି



ମାଲକାନଗିରି, ୧୮।୮ (ସଂଚାର ବ୍ୟୁରୋ): ମାଲକାନଗିରି ଜିଲ୍ଲାରେ ହେଉଥିବା ସମସ୍ତ ସ୍ଥାନୀୟ ୱାୟାରିଂ ଏବଂ ମରାମତି ପ୍ରକଳ୍ପଗୁଡ଼ିକରେ ସ୍ଥାନୀୟ ଟେକ୍ନିସିଆନ୍ ଓ ଶ୍ରମିକମାନଙ୍କୁ ସର୍ବାଧିକ ପ୍ରାଥମିକତା ଦେବା ପାଇଁ "ମା ଭୈରବୀ ବୈଦ୍ୟୁତିକ ଶ୍ରମିକ ସଂଘ" ମାଲକାନଗିରି ଜିଲ୍ଲାପାଳ ଓ ଦୌରା ଜଜ୍‌ଙ୍କୁ ଆନୁଷ୍ଠାନିକ ଭାବେ ଏକ ପତ୍ର ଲେଖି ଅନୁରୋଧ କରିଛନ୍ତି। ଏହା ଜିଲ୍ଲାର ଏକ ପଞ୍ଜୀକୃତ ସଙ୍ଗଠନ ହୋଇ ଥିବା ବେଳେ ଜିଲ୍ଲା ବୈଦ୍ୟୁତିକ ଶ୍ରମିକମାନଙ୍କ ପ୍ରତିନିଧିତ୍ୱ କରୁଛି ।

ଏହି ସଂଘ ସ୍ଥାନୀୟ ଶ୍ରମିକମାନଙ୍କ ଆର୍ଥିକ ସମସ୍ୟା ବିଷୟରେ ଜିଲ୍ଲାପାଳଙ୍କୁ ଅନୁରୋଧ କରିଛି ଯେ ଯେଉଁ ଠିକାଦାର ମାନେ ବାହାରୁ ଶ୍ରମିକ ଆଣି ୱାୟାରିଂ ଏବଂ ମରାମତି କରିବା ଦ୍ୱାରା ସ୍ଥାନୀୟ ବୈଦ୍ୟୁତିକ ଶ୍ରମିକ କାମ ଅଭାବରୁ ବେରୋଜଗାର ହୋଇପଡୁଛନ୍ତି । ବାହାରୁ ଶ୍ରମିକ ଆଣିବା ବଦଳରେ ସ୍ଥାନୀୟ ଲୋକଙ୍କୁ କାମରେ ନିୟୋଜିତ କରିବା ପାଇଁ ଠିକାଦାର ଏବଂ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦେବାକୁ ସେମାନେ ଜିଲ୍ଲାପାଳ ମାଧ୍ୟମରେ ପ୍ରଶାସନକୁ ଅନୁରୋଧ କରିଛନ୍ତି ।

## ବିଶ୍ୱକର୍ମା ପୂଜା ପାଇଁ ଭୂମି ପୂଜନ ସହିତ ତୋରଣ ନିର୍ମାଣ କାର୍ଯ୍ୟ ଆରମ୍ଭ



ପାରାଦ୍ୱୀପ,୧୮।୮ (ସଂଚାର ବ୍ୟୁରୋ): ପାରାଦୀପର ପ୍ରସିଦ୍ଧ ବିଶ୍ୱକର୍ମା ପୂଜାପାଇଁ ବିଭିନ୍ନ ପୂଜାକମିଟି ତରଫରୁ ଭୂମିପୂଜନ ସାରିବା ସହିତ ଆରମ୍ଭ ହୋଇଛି ତୋରଣ ନିର୍ମାଣ କାର୍ଯ୍ୟ । ପୂର୍ବରୁ ଏକାଧିକ ପୂଜାକମିଟି ତରଫରୁ ତୋରଣ କାର୍ଯ୍ୟ ନିର୍ମାଣ ଆରମ୍ଭ ହୋଇଥିବା ବେଳେ ଆଜି ଭାରତୀୟ ବନ୍ଦର ମଜଦୁର ସଙ୍ଘ ଓ ପାରାଦୀପ ପୋର୍ଟ ଇଞ୍ଜିନିଅରିଙ୍ଗ ବିଭାଗ ର ଭୂମିପୂଜନ କାର୍ଯ୍ୟକ୍ରମ ସାରିବା ସହିତ ଆରମ୍ଭ ହୋଇଛି ତୋରଣ ନିର୍ମାଣ କାର୍ଯ୍ୟ । ପାରାଦୀପ ବିଶ୍ୱକର୍ମା ପୂଜା ଓଡିଶାରେ ପ୍ରସିଦ୍ଧି ଲାଭ କରିଥିବା ବେଳେ ସୁଉଚ୍ଚ ତୋରଣ ସାଙ୍ଗକୁ ଚିତ୍ତାକର୍ଷକ ଆଲୋକମାଳା ଓ ଦେବଶିଳ୍ପୀଙ୍କ ମୃଣ୍ମୟ ମୂର୍ତ୍ତି ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥାଏ । ଆସନ୍ତା ସେପ୍ଟେମ୍ବର ୧୭ ତାରିଖରେ ବିଶ୍ୱକର୍ମା ପୂଜା ଥିବାରୁ ଏବେଠାରୁ ପାରାଦୀପର ବିଭିନ୍ନ ପୂଜା କମିଟି ତରଫରୁ ଓଡ଼ିଶା ଓ ପଡୋଶୀ ପଶ୍ଚିମବଙ୍ଗର ତୋରଣ କାରିଗର ମାନଙ୍କ ଦ୍ୱାରା ଆରମ୍ଭ ହୋଇଯାଇଛି ତୋରଣର ନିର୍ମାଣ କାର୍ଯ୍ୟ।

## ଏଚ୍‌ଆଇଭି/ଏଡ୍‌ସ ସଚେତନତା ବଢ଼ାଇବା ପାଇଁ ଇନ୍ଟେନ୍ସିଫାଏଡ ଆଇସି/ବିସିସି କାର୍ଯ୍ୟକ୍ରମ




ଫୁଲବାଣୀ,୧୮।୮ (ସଂଚାର ବ୍ୟୁରୋ): ଜାତୀୟ ଏଡ୍‌ସ ନିୟନ୍ତ୍ରଣ ଅନୁଷ୍ଠାନଙ୍କ ଆକଳନ ଅନୁଯାୟୀ ଏଚ୍‌ଆଇଭି ସଂକ୍ରମଣକୁ କମାଇବାକୁ ହେଲେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ବଢ଼ାଇବାର ଆବଶ୍ୟକତା ଅଛି । ଏଥିପାଇଁ ଅଗଷ୍ଟ ୧୨ ତାରିଖ ଠାରୁ ଅକ୍ଟୋବର ମାସ ୧୨ ତାରିଖ ପର୍ଯ୍ୟନ୍ତ ସାରା ଦେଶରେ ଇନ୍ଟେନ୍ସିଫାଏଡ ଆଇ.ସି./ବିସି.ସି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି ଯାହାକି ଅଧିକ ଜନସାଧାରଣଙ୍କୁ ସଂକ୍ରମଣର ମାଧ୍ୟମ ଜଣାଇ ସେଥିରୁ ସତର୍କ ରହି ସଂକ୍ରମଣକୁ ରୋକିବାରେ ସହାୟକ ହେବା ସହିତ ସଂକ୍ରମିତ ବ୍ୟକ୍ତିଙ୍କ ଚିକିତ୍ସାର ଉପାୟ ବିଷୟରେ ସୂଚନା ପହଂଚାଇବ।

ଏହି ପରିପ୍ରେକ୍ଷି ରେ ଓଡିଶା ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସମିତି, ଭୁବନେଶ୍ୱର ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସ୍ୱାତୀ', କନ୍ଧମାଳଙ୍କ ମିଳିତ ସହଯୋଗରେ ଦାରିଙ୍ଗବାଡି ଠାରେ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଯେପରି ଅଧିକରୁ ଅଧିକ ଲୋକଙ୍କ ପାଖରେ ସଚେତନତା ବାର୍ତ୍ତା ପହଞ୍ଚାଯାଇ ପାରିବ ଏବଂ ଏଚ୍‌ଆଇଭି ସଂକ୍ରମଣକୁ ରୋକାଯାଇ ପାରିବ।

ସଂପାଦକ ହରି ଶଙ୍କର ରାଉତଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରକଳ୍ପ ତରଫରୁ ସ୍ନେହଲତା ନାୟକ ଯୋଗଦେଇ ସଂକ୍ରମଣର ବିଭିନ୍ନ ମାଧ୍ୟମ ଏବଂ ତାର ସତର୍କତା ବିଷୟରେ ଜଣାଇବା ସହ ଯୌନ ସଂକ୍ରମଣ ରୋଗର କାରଣ ଓ ନିରାକରଣ ଉପାୟ ଗୁଡିକୁ ବୁଝାଇଥିଲେ। ବିଶେଷ ପ୍ରଚାର ଅଭିଯାନର ଅଂଶସ୍ୱରୂପ ସଚେତନତା ବୈଠକ, ବିଭିନ୍ନ ଉଦାହରଣ ଏବଂ ଚିତ୍ର ପ୍ରଦର୍ଶନ ମାଧ୍ୟମରେ ଅଧିକ ପ୍ରଚାର ପ୍ରଶାର ପାଇଁ ଚେଷ୍ଟା କରାଯାଇଛି।

ସେହିପରି ବୌଦ୍ଧ ଜିଲ୍ଲାରେ ମଧ୍ୟ ପ୍ରକଳ୍ପ ପରିଚାଳକ ବିଶ୍ୱରଞ୍ଜନ କରଙ୍କ ତତ୍ତ୍ୱାବଧାନରେ ସଚେତନତା କାର୍ଯ୍ୟକ୍ରମ ମାନ ଆୟୋଜିତ ହୋଇଯାଇଛି । ଉଭୟ ଜିଲ୍ଲାରେ କାର୍ଯ୍ୟକ୍ରମକୁ ସମସ୍ତ ଅପହଞ୍ଚ ହଞ୍ଚଳରେ ପହଞ୍ଚାଇ ଅଧିକରୁ ଅଧିକ ସଚେତନତା ପାଇଁ ଲକ୍ଷ୍ୟ ରଖାଯାଇଥିବା କଥା ସୂଚନାରୁ ଜଣାପଡିଛି । ପରିଚାଳନାରେ କିନ୍ନର ବିଷ୍ଣୁପ୍ରିୟା ପ୍ରଧାନ ଓ ଅଶ୍ୱିନି ନାୟକ ସହଯୋଗ କରିଥିବା ବେଳେ ସ୍ଥାନୀୟ ଆଶା କର୍ମୀମାନେ ଉପସ୍ଥିତ ଥିଲେ ।

## ବରିଷ୍ଠ ସାମ୍ବାଦିକଙ୍କ ପରଲୋକ



ନାରାୟଣପାଟଣା,୧୮।୮ (ସଂଚାର ବ୍ୟୁରୋ): ଖବରକାଗଜର ପ୍ରତିନିଧି ତଥା ବରିଷ୍ଠ ସାମ୍ବାଦିକ ରାଜକିଶୋର ଜେନା ଆଉ ନାହାନ୍ତି। କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ପରଲୋକ ଘଟିଛି। ତାଙ୍କ ବିୟୋଗରେ ସାମ୍ବାଦିକ ମହଲ ସମେତ ବିଭିନ୍ନ ବର୍ଗରେ ଶୋକର ଛାୟା ଖେଳିଯାଇଛି।

ଦୀର୍ଘଦିନ ଧରି ସେ କୀଡନୀ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ। ଅସୁସ୍ଥତା ସତ୍ତ୍ୱେ ସାମ୍ବାଦିକତା ପ୍ରତି ତାଙ୍କର ନିଷ୍ଠା ଓ କର୍ତ୍ତବ୍ୟବୋଧ ଅତୁଟ ରହିଥିଲା। ନିଜ ଅଞ୍ଚଳର ବିଭିନ୍ନ ସମସ୍ୟା, ଜନସାଧାରଣଙ୍କ ଅଭାବ-ଅସୁବିଧା ଓ ସାମାଜିକ ପ୍ରସଙ୍ଗକୁ ସେ ନିୟମିତ ଭାବେ ଖବର ମାଧ୍ୟମରେ ସାମ୍ନାକୁ ଆଣୁଥିଲେ। ତାଙ୍କ ବିୟୋଗରେ ସହକର୍ମୀ ସାମ୍ବାଦିକ, ବନ୍ଧୁ, ଶୁଭେଚ୍ଛୁ ଓ ବିଭିନ୍ନ ମହଲରୁ ଗଭୀର ଶୋକ ପ୍ରକାଶ ପାଇଛି। ଜଣେ ନିଷ୍ଠାବାନ ଓ ଦାୟିତ୍ୱସମ୍ପନ୍ନ ସାମ୍ବାଦିକଙ୍କୁ ହରାଇବା ସାମ୍ବାଦିକତା ଜଗତ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ଶୋକସନ୍ତପ୍ତ ମହଲରେ କୁହାଯାଇଛି। ସ୍ୱର୍ଗତ ଜେନାଙ୍କ ବିୟୋଗରେ ତାଙ୍କ ପରିବାରବର୍ଗଙ୍କୁ ସମସ୍ତେ ସମବେଦନା ଜଣାଇବା ସହ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି।

## ବିଦେଶୀ ପର୍ଯ୍ୟଟକଙ୍କୁ ଟାଣି ଆଣୁଛି ଗୁର୍ଜୀମୁଣ୍ଡା ମା' ଯୋଗମାୟା ପୀଠ

# ୧୮ ବର୍ଷ ପରେ ପୁଣି ବୁଲି ଆସିଲେ ସ୍ପେନର ଗବେଷକ



କଳାହାଣ୍ଡି,୧୮।୮ (ସଂଚାର ବ୍ୟୁରୋ): ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟ, ପାହାଡ଼-ପର୍ବତର ନିରୋଳା ପରିବେଶ ଏବଂ ଆଧ୍ୟାତ୍ମିକତାର ଅପୂର୍ବ ସମନ୍ୱୟ ଯୋଗୁଁ କଳାହାଣ୍ଡି ଜିଲ୍ଲାର କେସିଙ୍ଗା ବ୍ଲକ ଅନ୍ତର୍ଗତ ଗୁର୍ଜିମୁଣ୍ଡାସ୍ଥିତ ମା' ଯୋଗମାୟା ଶକ୍ତିପୀଠ ଏବେ ଧୀରେଧୀରେ ବିଦେଶୀ ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ର ପାଲଟୁଛି। ଏହି କ୍ରମରେ ସ୍ପେନର ବାର୍ସିଲୋନାରୁ ଜଣେ ଗବେଷକ ପୁଣିଥରେ ଗୁର୍ଜିମୁଣ୍ଡାରେ ପହଞ୍ଚି ମା' ଯୋଗମାୟାଙ୍କ ଆଶୀର୍ବାଦ ନେବା ସହ ପ୍ରସିଦ୍ଧ 'ଦେବଗୁମ୍ଫା'ର ପ୍ରାକୃତିକ ପରିବେଶ ଉପଭୋଗ କରିଛନ୍ତି।

ପ୍ରାପ୍ତ ସୂଚନା ଅନୁଯାୟୀ, ସ୍ପେନର ଏହି ଗବେଷକ ପ୍ରାୟ ୧୮ ବର୍ଷ ପୂର୍ବେ, ଅର୍ଥାତ୍ ୨୦୦୮ ମସିହାରେ ଏକ ଗବେଷଣାତ୍ମକ କାର୍ଯ୍ୟକ୍ରମରେ ଭାରତ ଆସିଥିଲେ। ସେହି ସମୟରେ ପ୍ରଥମଥର ପାଇଁ ଗୁର୍ଜିମୁଣ୍ଡାର ପ୍ରାକୃତିକ ପରିବେଶ, ପାହାଡ଼, ଗୁମ୍ଫା ଓ ଶାନ୍ତ-ନିରୋଳା ପରିବେଶ ତାଙ୍କୁ ବେଶ୍ ପ୍ରଭାବିତ କରିଥିଲା।

ଦୀର୍ଘ ୧୮ ବର୍ଷ ପରେ ପୁଣି ଭାରତ ଆସିବାର ସୁଯୋଗ ପାଇବା ପରେ ପୁରୁଣା ସ୍ମୃତି ତାଙ୍କୁ ଗୁର୍ଜିମୁଣ୍ଡା ଆଡ଼କୁ ଟାଣି ଆଣିଥିଲା। ସେ ଏଠାରେ ପହଞ୍ଚି ମା' ଯୋଗମାୟାଙ୍କ ଦର୍ଶନ କରିବା ସହ ଦେବଗୁମ୍ଫା ଓ ଏହାର ଚତୁଃପାର୍ଶ୍ୱର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ନିକଟରୁ ଦେଖିଥିଲେ। ଦୀର୍ଘ ସମୟ ପରେ ମଧ୍ୟ ଏଠାକାର ପ୍ରାକୃତିକ ପରିବେଶରେ ବିଶେଷ ପରିବର୍ତ୍ତନ ନ ହେବା ଏବଂ ଏହାର ନିରୋଳା ପରିବେଶ ତାଙ୍କୁ ପୁଣିଥରେ ଆକୃଷ୍ଟ କରିଥିବା ଜଣାପଡ଼ିଛି।

ଗୁର୍ଜିମୁଣ୍ଡାର ମା' ଯୋଗମାୟା ପୀଠ କେବଳ ଏକ ଧାର୍ମିକ ସ୍ଥଳୀ ନୁହେଁ, ପ୍ରାକୃତିକ ଓ ଐତିହ୍ୟଗତ ଦୃଷ୍ଟିରୁ ମଧ୍ୟ ଏହି ଅଞ୍ଚଳର ଏକ ଆକର୍ଷଣୀୟ ସ୍ଥାନ ଭାବେ ପରିଚିତ ହେବାର ସମ୍ଭାବନା ରହିଛି। ପାହାଡ଼ ମଧ୍ୟରେ ଥିବା ପ୍ରାକୃତିକ ଗୁମ୍ଫା, ଜଙ୍ଗଲ ପରିବେଶ ଓ ଆଧ୍ୟାତ୍ମିକ ପରିବେଶ ପର୍ଯ୍ୟଟକଙ୍କୁ ଭିନ୍ନ ଅନୁଭୂତି ପ୍ରଦାନ କରୁଛି।

ସ୍ଥାନୀୟ ଅଞ୍ଚଳବାସୀଙ୍କ କହିବା ଅନୁଯାୟୀ, ପୂର୍ବରୁ ମଧ୍ୟ ଏହି ଅଞ୍ଚଳକୁ ବିଦେଶୀ ପର୍ଯ୍ୟଟକ ଓ ଗବେଷକଙ୍କ ଆଗମନ ହୋଇଛି। ଦୀର୍ଘ ବ୍ୟବଧାନ ପରେ ଜଣେ ବିଦେଶୀ ଗବେଷକଙ୍କ ପୁନର୍ବାର ଆଗମନ ଗୁର୍ଜିମୁଣ୍ଡାର ପର୍ଯ୍ୟଟନ ସମ୍ଭାବନାକୁ ନେଇ ନୂଆ ଆଶା ସୃଷ୍ଟି କରିଛି।

ତେବେ ଏହି ପ୍ରାକୃତିକ ଓ ଆଧ୍ୟାତ୍ମିକ ସମ୍ପଦକୁ ସୁରକ୍ଷିତ ରଖିବା ସହିତ ଯଦି ଯୋଜନାବଦ୍ଧ ଭାବେ ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ କରାଯାଏ, ତେବେ ଗୁର୍ଜିମୁଣ୍ଡା କେବଳ କଳାହାଣ୍ଡି ନୁହେଁ, ସମଗ୍ର ଓଡ଼ିଶାର ଏକ ପ୍ରମୁଖ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ପାଇପାରିବ। ବିଦେଶୀ ପର୍ଯ୍ୟଟକଙ୍କ ଏଭଳି ପୁନରାଗମନ ଏହି ସମ୍ଭାବନାକୁ ଆହୁରି ଦୃଢ଼ କରିଛି।

## ଜାତୀୟସ୍ତରୀୟ ମେଗା କୃଷି ଋଣ ପ୍ରସାର କାର୍ଯ୍ୟକ୍ରମ




ହିଞ୍ଜିଳିକାଟୁ,୧୮।୮ (ସଂଚାର ବ୍ୟୁରୋ): ହିଞ୍ଜିଳିକାଟୁ ପୌରାଞ୍ଚଳ ସ୍ଥିତ ନେତାଜୀ କଲ୍ୟାଣ ମଣ୍ଡପ ପରିସରରେ ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ଜାତୀୟ ସ୍ତରୀୟ ମେଗା କୃଷି ଋଣ ପ୍ରସାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଭୁବନେଶ୍ୱର ରିଜିଓନାଲ ହେଡ୍ ରାକେଶ କୁମାର ସିଂହ, ଚିଫ୍ ମ୍ୟାନେଜର ପ୍ରିୟମ୍ବଦା ନାୟକ, ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ମିହିର ସାମନ୍ତରାୟ, ଗଞ୍ଜାମ ରାଇସ୍ ମିଲ୍ ଆସୋସିଏସନ୍‌ର ସମ୍ପାଦକ ଗୋପାଳଜୀ, ସଭାପତି ଅଶୋକ କୁମାର ମହାନ୍ତି ଏବଂ ଶେରଗଡ଼ ବ୍ଲକ୍‌ର ଉପାଧ୍ୟକ୍ଷା ସୁଦେଷ୍ଣା ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଚାଷୀ, ଗ୍ରାମୀଣ ଉଦ୍ୟୋଗୀ, ସ୍ୱୟଂ ସହାୟକ ଗୋଷ୍ଠୀକୁ ଋଣ ପ୍ରଦାନ କରି ସେମାନଙ୍କ ଆର୍ଥିକ ବ୍ୟବସ୍ଥାକୁ ସୁଦୃଢ଼ କରିବା ସହିତ ବ୍ୟାଙ୍କର ବିଭିନ୍ନ ଋଣ ଯୋଜନା, ଆର୍ଥିକ ସୁବିଧା, ଅସୁବିଧା ଓ ଏହାର ଉପକାରିତା ଓ ନିରାକରଣ ସମ୍ପର୍କରେ ଉପସ୍ଥିତ ବ୍ୟକ୍ତିବିଶେଷ ମାନେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା।

କୃଷି ବିକାଶ,ଗ୍ରାମୀଣ ଉଦ୍ୟୋଗ, ନିଯୁକ୍ତି ସୃଷ୍ଟି କ୍ଷେତ୍ରରେ ୩୦ କୋଟି ଟଙ୍କା ଋଣ ଯୋଗ୍ୟ ହିତାଧିକାରୀଙ୍କୁ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ସେଣ୍ଟ୍ରାଲ ବ୍ୟାଙ୍କ୍ ଛତ୍ରପୁର ବ୍ରାଞ୍ଚ ମୁଖ୍ୟ ବିବେକ ଚନ୍ଦ୍ର ମଲ୍ଲିକ,ପିତ୍ତଳ ବ୍ରାଞ୍ଚ ମୁଖ୍ୟ ଅନିଲ କୁମାର ବେହେରା କାର୍ଯ୍ୟକ୍ରମ ପରିଚାଳକ ପ୍ରଭାକର ସେଠୀଙ୍କ ସମେତ ବହୁ କର୍ମଚାରୀ ପରିଚାଳନା କରିଥିଲେ।




# ସକାଳ ଜଳଖିଆରେ ଅଣ୍ଡା ଭଲ ନା ପନିର ?



ଶରୀରକୁ ସୁସ୍ଥ ରଖିବାକୁ ଜଣଙ୍କୁ ସମସ୍ତ ଭିଟାମିନ୍‌ଜାତୀୟ ଖାଦ୍ୟ ପଦାର୍ଥ ସହ ପ୍ରୋଟିନ୍ ଆବଶ୍ୟକ ହୋଇଥାଏ। ଦିନଯାକର ଖାଦ୍ୟପେୟ ଭିତରୁ ସକାଳ ଜଳଖିଆର ଗୁଣମାନ ଉପରେ ଅଧିକ ଗୁରୁତ୍ୱ ଦିଆଯିବା ଉଚିତ। ଏହି ଖାଦ୍ୟରେ ପ୍ରୋଟିନ୍‌ର ପରିମାଣ ଉପରେ ନଜର ଦେବା କଥା। କାରଣ ଏହା ଟିସୁ ନିର୍ମାଣ ଓ ଶରୀରର ରକ୍ଷଣାବେକ୍ଷଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଏହା ମାଂସପେଶୀ, ଚର୍ମ, କେଶ, ଏପରିକି ଏନ୍‌ଜାଇମ୍ ଓ ହରମୋନ୍‌ର ମୂଳଦୁଆ ପକାଏ, ଯାହା ଶରୀରର ପ୍ରମୁଖ କାର୍ଯ୍ୟକୁ ନିୟନ୍ତ୍ରଣ କରିଥାଏ। ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ମାଂସପେଶୀ ଓ ମେଟାବୋଲିଜିମ୍ ବୃଦ୍ଧି କରିଥାଏ। ତେଣୁ ସକାଳ ଜଳଖିଆରେ ଅଧିକ ପ୍ରୋଟିନ୍ ଭଲ।ନିରାମିଷ ପନିର ଓ ଆମିଷ ଅଣ୍ଡାଠାରୁ ଭଲ ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ଅନ୍ୟ କିଛି ହୋଇ ନପାରେ! ତେଣୁ ଏହି ଦୁଇଟି ମଧ୍ୟରୁ କେଉଁଟି ଅଧିକ ଉପାଦେୟ, ସେ ସମ୍ପର୍କରେ ଜାଣିବା ଜରୁରି।

୪୪ ଗ୍ରାମ ଓଜନର ଏକ ସିଝା ଅଣ୍ଡାରେ ୫.୫ ଗ୍ରାମ ପ୍ରୋଟିନ୍, ୪.୨ ଗ୍ରାମ ଫ୍ୟାଟ୍, ୨୪.୬ ମିଗ୍ରା କ୍ୟାଲସିୟମ୍, ୦.୮ ମିଗ୍ରା ଲୌହ, ୫.୩ ମିଗ୍ରା ମ୍ୟାଗ୍ନେସିୟମ୍, ୮୬.୭ ମିଗ୍ରା ଫସ୍‌ଫରସ୍, ୬୦.୩ ମିଗ୍ରା ପୋଟାସିୟମ୍, ୦.୬ ମିଗ୍ରା ଜିଙ୍କ୍, ୧୬୨ ମିଗ୍ରା କୋଲେଷ୍ଟ୍ରଲ୍ ଓ ୧୩.୪ ମିଗ୍ରା ସେଲେନିୟମ୍ ଥାଏ। ଏଥିପାଇଁ ଅଣ୍ଡାକୁ ସବୁଠାରୁ ସୁସ୍ଥ ଖାଦ୍ୟ ବିକଳ୍ପ ମଧ୍ୟରୁ ଗୋଟିଏ ବୋଲି ଧରାଯାଏ।

ଅଣ୍ଡାରେ ଉଚ୍ଚ ମାନର ପ୍ରୋଟିନ୍ ଭରପୂର ଥାଏ, ଯାହା ଆପଣଙ୍କୁ ଅଧିକ ସମୟ ପାଇଁ ପେଟ ପୂରାଇ ରଖିବା ସହ ମାଂସପେଶୀ ସବଳ କରିଥାଏ। ଏହା ମଧ୍ୟ ଭିଟାମିନ୍ ବି-୧୨, ଭିଟାମିନ୍-ଡି ଓ କୋଲାଇନ୍ ଭଳି ଅତ୍ୟାବଶ୍ୟକ ଖାଦ୍ୟସାରରେ ପରିପୂର୍ଣ୍ଣ। ଅଣ୍ଡା ମସ୍ତିଷ୍କର କାର୍ଯ୍ୟକଳାପକୁ ବଢ଼ାଇ ମେଟାବୋଲିଜିମ୍ ବୃଦ୍ଧି କରେ ଓ ସମଗ୍ର ଶକ୍ତି ସ୍ତରକୁ ଉନ୍ନତ କରିଥାଏ। ଏଥିରେ ଥିବା ଲ୍ୟୁଟିନ୍ ଓ ଜିଆକ୍ସାନ୍ଥିନ୍ ଆଖିକୁ ସୁସ୍ଥ ରଖିବା ସହ ପ୍ରଦାହଠାରୁ ସୁରକ୍ଷା ଦିଏ। ଏଥିସହିତ ଅଣ୍ଡାରେ କ୍ୟାଲୋରି କମ୍ ଥିଲେ ବି ତାହା ଅତ୍ୟନ୍ତ ପୁଷ୍ଟିକର। ତେଣୁ ଓଜନ ପରିଚାଳନା କରିଥାଏ। ଜଳଖିଆରେ ଅଣ୍ଡାସିଝା ବା ଏହାକୁ ପୋଚ୍ କରି ଖାଇବା ଭଲ। ଅଣ୍ଡାରେ ଥିବା କୋଲାଇନ୍ ସ୍ମୃତିଶକ୍ତି, ଧ୍ୟାନ ଓ ସ୍ନାୟୁର କାର୍ଯ୍ୟକଳାପରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଏଥିସହିତ ଅଣ୍ଡା ଖାଇଲେ ଏଥିରେ ଥିବା ପ୍ରୋଟିନ୍ ଓ ଫ୍ୟାଟ୍ ଅଧିକ ସମୟ ପେଟକୁ ପୂରା ରଖି ଶକ୍ତିସ୍ତର ବଜାୟ ରଖିଥାଏ। କୁହାଯାଏ, ଏଥିରେ କ୍ଷୀର ପ୍ରୋଟିନ୍ ପରି ପ୍ରାୟ ସମାନ ପରିମାଣର ବ୍ରାଞ୍ଚେଡ୍-ଚେନ୍ ଆମିନୋ ଏସିଡ୍ ଥାଏ। ଏଥିରେ ଅନ୍ୟ ପ୍ରୋଟିନ୍ ଉତ୍ସ ତୁଳନାରେ ଅଧିକ ସଲଫର-ଯୁକ୍ତ ଆମିନୋ ଏସିଡ୍ ମଧ୍ୟ ରହିଛି।

୪୦ ଗ୍ରାମ କମ୍ ଚର୍ବିବିଶିଷ୍ଟ ପନିରରୁ ୭.୫୪ ଗ୍ରାମ ପ୍ରୋଟିନ୍, ୫.୮୮ ଗ୍ରାମ ଚର୍ବି, ୪.୯୬ ଗ୍ରାମ କାର୍ବୋହାଇଡ୍ରେଟ୍, ୩୭.୩୨ ମାଇକ୍ରୋଗ୍ରାମ୍ ଫୋଲେଟ୍, ୧୯୦.୪ ମିଗ୍ରା କ୍ୟାଲସିୟମ୍, ୧୩୨ ମିଗ୍ରା ଫସଫରସ୍ ଓ ୫୦ ମିଗ୍ରା ପୋଟାସିୟମ୍ ମିଳିଥାଏ। ପନିର ଆମ ଜଳଖିଆ ପାଇଁ ଭଲ। କାରଣ ଏହା ଉଚ୍ଚମାନର ପ୍ରୋଟିନ୍‌ରେ ଭରପୂର, ଯାହା ମାଂସପେଶୀକୁ ବୃଦ୍ଧି ଓ ସବଳ କରିଥାଏ। ଧୀରେ ଧୀରେ ହଜମ ହେଉଥିବାରୁ ଅଧିକ ସମୟ ପାଇଁ ପେଟପୂରା ରଖେ। ସେହିପରି କ୍ୟାଲସିୟମ୍ ଓ ଫସ୍‌ଫରସ୍ ପରିମାଣ ଅଧିକ ଥିବାରୁ ହାଡ଼ ଓ ଦାନ୍ତକୁ ମଜଭୁତ ରଖିବାରେ ଏହା ସାହାଯ୍ୟ କରେ। ତେଣୁ ବୟସ୍କମାନଙ୍କ ପାଇଁ ଖୁବ୍ ଉପାଦେୟ। ଏଥିରେ ସୁସ୍ଥ ଚର୍ବି ମଧ୍ୟ ଥାଏ, ଯାହା ରକ୍ତ ଶର୍କରା ସ୍ତର ବୃଦ୍ଧି ନକରି ସ୍ଥିର ଶକ୍ତି ପ୍ରଦାନ କରେ। ସେହିପରି ମଧୁମେହ ରୋଗୀଙ୍କ ପାଇଁ ପନିର ଭଲ। ଭିଟାମିନ୍-ବିରେ ଭରପୂର ପନିର ମେଟାବୋଲିଜିମ୍‌କୁ ସାହାଯ୍ୟ କରେ ଓ ଏଥିରେ ସମଗ୍ର ରୋଗ ପ୍ରତିରୋଧକ ଶକ୍ତି ଥାଏ। ସକାଳ ଜଳଖିଆରେ ପନିର ପରଟା, ସାଲାଡ୍ କିମ୍ବା ଭାଜି ଖାଇଲେ ଏହା ଶରୀରକୁ ହାଲୁକା ରଖେ। ଏଥିସହିତ ବାତ ଓ ପିତ୍ତ ଦୋଷକୁ ସନ୍ତୁଳିତ କରିବାରେ ସହାୟକ ହୋଇଥାଏ। କେବଳ ଏତିକି ନୁହେଁ, ପନିରରେ କମ୍ ଗ୍ଲାଇସେମିକ୍ ଇଣ୍ଡେକ୍ସ ଥାଏ, ଯାହା ରକ୍ତରେ ଶର୍କରା ସ୍ତରକୁ ନିୟନ୍ତ୍ରଣ କରିବା ଓ ହଠାତ୍ ବୃଦ୍ଧିକୁ ରୋକିଥାଏ। ପନିରରେ ଚର୍ବି (୨୨-୨୫%), ପ୍ରୋଟିନ୍ (୧୬-୧୮%) ଓ ଲାକ୍ଟୋଜ୍ (୨.୦-୨.୭%) ଥାଏ।

# ଯକୃତ କର୍କଟର ନିରାକରଣ ସମ୍ଭବ



ଲିଭର୍ କ୍ୟାନ୍‌ସର୍ ବା ଯକୃତ କର୍କଟ ଏକ ମାରାତ୍ମକ ରୋଗ। ତେବେ ଅନେକାଂଶରେ ଏହାର ନିରାକରଣ କରାଯାଇ ପାରିବ। ପ୍ରତିବର୍ଷ ସାରା ପୃଥିବୀରେ ୬ ଲକ୍ଷ ବ୍ୟକ୍ତି ଲିଭର୍ କ୍ୟାନସର୍‌ରେ ପ୍ରାଣ ହରାଇଥାନ୍ତି। ହିସାବକୁ ଦେଖିଲେ, ପୃଥିବୀରେ ଏହି କ୍ୟାନସର୍ ଷଷ୍ଠ ସ୍ଥାନରେ ରହିଛି। ମହିଳାମାନଙ୍କ ଅପେକ୍ଷା ପୁରୁଷଙ୍କ କ୍ଷେତ୍ରରେ ଏହାର ପ୍ରାଦୁର୍ଭାବ ଅଧିକ। ଫୁସ୍‌ଫୁସ୍ କ୍ୟାନ୍‌ସର୍ ଓ ପେଟ ପରେ ଲିଭର୍ କ୍ୟାନସର୍ ହିଁ ଅଧିକ ଜୀବନ ନେଇଥାଏ। ପ୍ରତିବର୍ଷ ଯକୃତର ଅବହେଳା କାରଣରୁ ଲକ୍ଷାଧିକ ଲୋକଙ୍କର ମୃତ୍ୟୁ ହୋଇଥାଏ। ଚଳିତ ବର୍ଷ ବିଶ୍ୱ ଯକୃତ ଦିବସର ବାର୍ତ୍ତା ରହିଥିଲା 'କଠିନ ଅଭ୍ୟାସ, ଶକ୍ତିଶାଳୀ ଯକୃତ' (ସଲିଡ୍ ହାବିଟ୍, ଷ୍ଟ୍ରଙ୍ଗ୍ ଲିଭର୍)।

ହେପାଟାଇଟିସ୍-ବି ଓ ସି ଏହି ରୋଗର ମୁଖ୍ୟ କାରଣ। ଏସିଆ ଓ ଆଫ୍ରିକା ମହାଦେଶରେ ହେପାଟାଇଟିସ୍-ବି ୮୦ ପ୍ରତିଶତ ଏବଂ ଆମେରିକା ଓ ଜାପାନରେ ହେପାଟାଇଟିସ୍-ସି ୭୫ ପ୍ରତିଶତ ଲିଭର୍ କ୍ୟାନସର୍‌ର କାରଣ ହୋଇଥାଏ। ହେପାଟାଇଟିସ୍-ବି ଓ ସି ସାଧାରଣତଃ ଦୂଷିତ ରକ୍ତ, ଦୂଷିତ ସିରିଞ୍ଜ ବା ଛୁଞ୍ଚି ମାଧ୍ୟମରେ କିମ୍ବା ଅସୁରକ୍ଷିତ ଯୌନ ସମ୍ପର୍କ ଜରିଆରେ ଜଣଙ୍କ ଶରୀରରୁ ଅନ୍ୟ ଜଣଙ୍କୁ ସଂକ୍ରମିତ ହୋଇଥାଏ। ଯେଉଁମାନେ ଅତ୍ୟଧିକ ମଦ୍ୟପାନ କରନ୍ତି, ସେମାନେ ଲିଭର୍ ସିରୋସିସ୍ ଓ କ୍ୟାନ୍‌ସର୍‌ରେ ପୀଡ଼ିତ ହୁଅନ୍ତି। ଲିଭର୍‌ରେ ଅତ୍ୟଧିକ ଚର୍ବି ଜମିବା, ଧୂମପାନ, ଡାଇବେଟିସ୍ ଓ ଆଫ୍‌ଲାଟକ୍ସିନ୍ ସେବନ ଯୋଗୁଁ ଲିଭର୍ କ୍ୟାନ୍‌ସର୍ ହୋଇଥାଏ। ହିମୋକ୍ରୋମାଟୋସିସ୍, ଟାଇରୋସିନୋସିସ୍, ଆଲ୍‌ଫା-୧ ଏଣ୍ଟିଟ୍ରିପ୍‌ସିନ୍‌ର ଅଭାବ ଥିଲେ ମଧ୍ୟ ଏହି କ୍ୟାନ୍‌ସର୍ ହୁଏ। ହେପାଟାଇଟିସ୍-ବି, ସି, ମଦ୍ୟପାନ, ଧୂମପାନ, ଚର୍ବିଜନିତ ରୋଗ ଓ ଡାଏବେଟିସ୍ ପରବର୍ତ୍ତୀ ଅବସ୍ଥାରେ ଲିଭର କ୍ୟାନ୍‌ସର୍ ଆକ୍ରାନ୍ତ କରାଏ। ଆମ ଦେଶରେ ବହୁସଂଖ୍ୟକ ହେପାଟାଇଟିସ୍-ବି ଭୂତାଣୁ ବାହକ ଅଛନ୍ତି। ଛୋଟ ପିଲାମାନେ ସାଧାରଣତଃ ଜନ୍ମ ସମୟରେ ସଂକ୍ରମିତ ମା'ଠାରୁ ଭୂତାଣୁର ଶିକାର ହୋଇଥାନ୍ତି। ଏହାକୁ ସିଧା ପ୍ରସାରଣ କୁହାଯାଏ। ଭୂତାଣୁ ପ୍ରସାରଣର ଦ୍ୱିତୀୟ ମାଧ୍ୟମ ହେଉଛି, ଜଣେ ପିଲାଠାରୁ ଅନ୍ୟ ଜଣେ ପିଲାକୁ ସଂକ୍ରମଣ। ଏହାକୁ ସମାନ୍ତର ପ୍ରସାରଣ କୁହାଯାଏ। ଆମ ଦେଶରେ ଏବେ ପାଖାପାଖି ପାଞ୍ଚ କୋଟି ହେପାଟାଇଟିସ୍-ବି ଭୂତାଣୁ ବାହକ ଅଛନ୍ତି। ଏମାନେ ନିରୋଗ ଓ ସୁସ୍ଥ ଦେଖାଗଲେ ମଧ୍ୟ ପରବର୍ତ୍ତୀ କାଳରେ (୨୦-୨୫ ବର୍ଷ ପରେ) ଯକୃତ ସିରୋସିସ୍ ଓ ଯକୃତ କର୍କଟ ଆକ୍ରାନ୍ତ ହୋଇଥାନ୍ତି। ହେପାଟାଇଟିସ୍-ବି ଏଡ୍‌ସ ଠାରୁ ଶହେ ଗୁଣ ଅଧିକ ସଂକ୍ରାମକ। ଯକୃତ କର୍କଟରେ ୯୦-୯୫% ବ୍ୟକ୍ତି ଛଅ ମାସରୁ ଏକ ବର୍ଷ ଭିତରେ ମୃତ୍ୟୁମୁଖରେ ପଡ଼ିଥାନ୍ତି।

ଆମେ ଯଦି ଟିକା ମାଧ୍ୟମରେ ହେପାଟାଇଟିସ୍-ବିର ନିରାକରଣ କରିପାରିବୁ, ତେବେ ଲିଭର୍ କ୍ୟାନ୍‌ସର୍ ଆକ୍ରାନ୍ତଙ୍କ ସଂଖ୍ୟା ମଧ୍ୟ କମିଯିବ। ମଦ୍ୟପାନ ବନ୍ଦ କରିବା ଅନ୍ୟ ଏକ ପଦକ୍ଷେପ। ଏହାଦ୍ୱାରା ଲିଭର୍ ସିରୋସିସ୍ ଓ ଲିଭର୍ କ୍ୟାନ୍‌ସର୍‌କୁ ରୋକାଯାଇ ପାରିବ। ରକ୍ତ ବ୍ୟାଙ୍କଗୁଡ଼ିକରେ ହେପାଟାଇଟିସ୍-ବି ଓ ସି ପରୀକ୍ଷା ମାଧ୍ୟମରେ ବି ଏହାର ନିୟନ୍ତ୍ରଣ କରିହେବ। ଡାଏବେଟିସ୍ ଓ ଅତ୍ୟଧିକ ଧୂମପାନ ଇତ୍ୟାଦି ମଧ୍ୟ ଅନେକାଂଶରେ ନିୟନ୍ତ୍ରଣ ସାପେକ୍ଷ।

# ମୁଣ୍ଡବିନ୍ଧା ହେଉଛି କି ?



ଅନେକଙ୍କର କାନବିନ୍ଧା ସମସ୍ୟା ଦେଖାଦେଇଥାଏ। ବିଶେଷକରି କାନ ପାଇଁ ମୁଣ୍ଡବିନ୍ଧା ଏକ ଅନ୍ୟତମ ଯନ୍ତ୍ରଣାଦାୟକ ଅନୁଭୂତି। କାନ ହେଉଛି ଶରୀରର ଏକ ସୂକ୍ଷ୍ମ ଅଂଶ। ଏଥିରେ କୌଣସି ଅଂଶ ଦୁର୍ବଳ ହେଲେ ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପଡ଼େ। ନିକଟରେ ବିଶେଷଜ୍ଞମାନେ ପ୍ରକାଶ କରିଥିବା କର୍ଣ୍ଣ ସମ୍ବନ୍ଧୀୟ ତଥ୍ୟ ଅନେକଙ୍କୁ ଚିନ୍ତାରେ ପକାଇଛି। ବିଶେଷଜ୍ଞଙ୍କ କହିବାନୁସାରେ କେତେକଙ୍କର ପ୍ରାୟବେଳେ ମୁଣ୍ଡ ବୁଲାଇଥାଏ। ଏହାର କାରଣ ହେଉଛି କାନରେ ଉପୁଜିଥିବା ଅସୁବିଧା। ଅନ୍ୟୂନ ୯୦ ପ୍ରତିଶତ ଲୋକ ଏହି କାନ ଅସୁବିଧା ପାଇଁ ମୁଣ୍ଡ ବୁଲାଇବାର ଶିକାର ହୋଇଥାନ୍ତି। କାନ ସଫା କରିବାବେଳେ ଡାକ୍ତର କିମ୍ବା ଅଭିଭାବକମାନେ ସ୍ପିରିଟ କି ହାଇଡ୍ରୋଜେନ୍ ପାରକ୍ସାଇଡ଼ର ବ୍ୟବହାର କରନ୍ତି। ଏହାର ପ୍ରୟୋଗ କିନ୍ତୁ କାନ ପାଇଁ କ୍ଷତିକାରକ। କାନ ବିନ୍ଧିବା, କାନ କୁଣ୍ଡାଇ ହେବା ଏବଂ କାନ ଭିତରେ ପାଣି ପଶିବାକୁ ଲୋକେ ହାଲ୍‌କାରେ ନିଅନ୍ତି। ହେଲେ ଏହାଦ୍ୱାରା ଜନ୍ମଜାତ ବଧିରତା, କାନର ପର୍ଦ୍ଦାରେ ଛିଦ୍ର ସୃଷ୍ଟି ହେବା ପରି ବିଭିନ୍ନ କର୍ଣ୍ଣରୋଗ ଦେଖାଯାଏ। ଫଳରେ ମୁଣ୍ଡ ବୁଲାଇଥାଏ। କାନ କୁଣ୍ଡାଇ ହେଉ କି ପାଣି ପଶିବା ଫଳରେ କାନରେ ମଇଳା ଜମି କରି ହେଉ। ଏହାପରେ କାନକୁ ଭଲ ଶୁଣାଯାଏନା। କାନ ମଧ୍ୟରେ ଥିବା ସିଟୋମିନ୍ ନାମକ ପଦାର୍ଥଟି କାନରୁ ମଇଳା ବାହାର କରିବାରେ ସହାୟ ହୁଏ। ଯଦି ଏହା କମ୍ ନିର୍ଗତ ହୁଏ କି ବନ୍ଦ ହୋଇଯାଏ ତେବେ ମଳି ଜମି କାନପର୍ଦ୍ଦା ବନ୍ଦ ହୋଇଯାଏ। ଏହା ସାଧାରଣତଃ ପିଲାମାନଙ୍କ କ୍ଷେତ୍ରରେ ଘଟିଥାଏ। ଏହାଦ୍ୱାରା ସେମାନଙ୍କୁ ଭଲଭାବେ ଶୁଭିନଥାଏ। କାନ କୁଣ୍ଡାଇହୁଏ। ଅଭିଭାବକମାନେ କିନ୍ତୁ ଏଥିପ୍ରତି ଗୁରୁତ୍ୱ ଦିଅନ୍ତି ନାହିଁ। ଏମିତି ଲକ୍ଷଣ ଦେଖାଯାଉଥିବା ପିଲାଙ୍କୁ ତୁରନ୍ତ ଡାକ୍ତରଙ୍କ ପରାମର୍ଶ କରାଇବା ଉଚିତ। ନଚେତ୍ ଏହା ସେମାନଙ୍କ ମସ୍ତିଷ୍କକୁ ପ୍ରଭାବିତ କରିବ। ନିୟମିତ ନିଜର ଓ ପିଲାମାନଙ୍କର କାନ ସଫା କରିବା ଉଚିତ। ଯେତେବେଳେ ସେମାନେ କାନ ସମ୍ବନ୍ଧୀୟ କୌଣସି ଅଭିଯୋଗ ପାଉଛନ୍ତି, ତୁରନ୍ତ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ।

# ଉପବାସରେ କ'ଣ ଖାଇବା ଉଚିତ ନୁହେଁ



ବିଭିନ୍ନ ପର୍ବପର୍ବାଣିରେ ମହିଳାମାନେ ଉପବାସ ରଖିଥାନ୍ତି। ସାଧାରଣତଃ ଉପବାସକୁ ଭକ୍ତିଭାବ ସହ ଯୋଡ଼ା ଯାଇଥାଏ। ଏହାଦ୍ୱାରା ଆମର ଓଜନ ହ୍ରାସ ପାଇଥାଏ ବୋଲି କିଛି ଲୋକ ବିଶ୍ୱାସ କରିଥାନ୍ତି। ବିଜ୍ଞାନ ଓ ଆଧ୍ୟାତ୍ମିକତା ଦୃଷ୍ଟିରୁ ଉପବାସ ସ୍ୱାସ୍ଥ୍ୟପକ୍ଷେ ଭଲ ବୋଲି କୁହାଯାଏ। ତେବେ ଉପବାସ ସମୟରେ ଏମିତି କିଛି ଖାଦ୍ୟପେୟ ରହିଛି ଯାହାକୁ ଖାଇବା ଦ୍ୱାରା ଗ୍ୟାସ୍, ଏସିଡିଟି, ବାନ୍ତି ଭଳି ସମସ୍ୟା ଦେଖାଦେଇପାରେ। ଆସନ୍ତୁ ଜାଣିବା, ଏହି ସମୟରେ କେଉଁସବୁ ଖାଦ୍ୟ ହାନିକାରକ ହୋଇପାରେ।

- ଉପବାସ ବେଳେ ଅତ୍ୟଧିକ ଚା' ପିଇବା ସମସ୍ୟା ସୃଷ୍ଟି କରିଥାଏ। ଏହି ସମୟରେ ଦୁଇ କପ୍‌ରୁ ଅଧିକ ଚା' ପିଇଲେ ଗ୍ୟାସ୍ ଓ ଏସିଡିଟି ସମସ୍ୟା ଦେଖାଦେଇଥାଏ।
- ଖାଲି ପେଟରେ କମଳା, ଲେମ୍ବୁ ଆଦି ଖଟା ଫଳ ଖାଆନ୍ତୁ ନାହିଁ। ଏହା ବଦଳରେ କଦଳୀ, ସେଓ ଓ ତରଭୁଜ ଆଦି ଖାଇପାରିବେ।
- ଉପବାସ ଭାଙ୍ଗିବା ବେଳେ କିଛି ଲୋକେ ପୁରି/ପିଠା ଆଦି ତେଲଛଣା ଖାଇଥାନ୍ତି, ଯାହା ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପକାଇଥାଏ।
- ବିଶେଷ ବ୍ରତ ପାଳନ ବେଳେ କିଛି ଲୋକ ନିର୍ଜଳା ଉପବାସ କରିଥାନ୍ତି। ଏହାଦ୍ୱାରା ଦୁର୍ବଳତା, ମୁଣ୍ଡବଥା, ବାନ୍ତି ଓ ଗ୍ୟାଷ୍ଟ୍ରିକ୍ ଭଳି ସମସ୍ୟା ଦେଖାଯାଏ।

# ସକାଳୁ ଚିଡ଼୍‌ଚିଡ଼ା ଲାଗୁଛି କି ?



ସକାଳୁ ଯଦି ମନ ସତେଜ, ପ୍ରଫୁଲ୍ଲିତ ରହେ, ତେବେ ଦିନତମାମ ସେହି ସକାରାତ୍ମକତା ବଜାୟ ରହେ। କିନ୍ତୁ ବିନା କାରଣରେ ମଧ୍ୟ ମନ ଉଦାସ, ଚିଡ଼ଚିଡ଼ା ଲାଗୁଥାଏ। ଏହାର କୁପ୍ରଭାବ ଦିନସାରା ଲାଗି ରହେ। ଏପରି କାହିଁକି ହେଉଛି ବୋଲି ଯଦି ଆମେ ବାସ୍ତୁ ଶାସ୍ତ୍ର ଅନୁସାରେ କାରଣ ଖୋଜିବା ତେବେ ଆମକୁ ନିଜର ଶୋଇବା ଘର ଉପରେ ନଜର ପକାଇବାକୁ ପଡ଼ିବ। ଖଟ କେଉଁଠି, କେଉଁ ଦିଗରେ ପଡ଼ିଛି, ଏହାର ଆଖାପାଖର ପରିବେଶ କିପରି ଇତ୍ୟାଦି ବିଚାରକୁ ନେବାକୁ ହେବ। ହଁ, ବାସ୍ତୁଶାସ୍ତ୍ର ମତରେ ମନ ଚିଡ଼ଚିଡ଼ା ଦୂର କରିବାକୁ ହେଲେ ଶୋଇବା ଘରୁ ୫ଟି ଜିନିଷ ହଟାଇବାକୁ ପଡ଼ିବ। ଆସନ୍ତୁ ଜାଣିବା ଏ ସମ୍ପର୍କରେ!

ଶୋଇବା ଖଟ ବା ଶେଯ ପ୍ରଥମେ ଠିକ୍ ଦିଗରେ ରଖନ୍ତୁ। ବାସ୍ତୁ ଅନୁଯାୟୀ ଖଟ,ଶେଯର ସର୍ବଦା ଦକ୍ଷିଣ-ପଶ୍ଚିମ ଦିଗରେ ରହିବା ଉଚିତ। ଏହାଫଳରେ ଘରର ଉର୍ଜା ଆମ ଅନୁକୂଳ ହୋଇଥାଏ। ଶୋଇବା ବିଛଣା ଆଖପାଖରେ ଅବା ଖଟ ତଳେ କେବେହେଁ କୌଣସି ଲୁହା ଜିନିଷ ରଖିବା ଅନୁଚିତ। ଯଦି ସେପରି କୌଣସି ସାମଗ୍ରୀ ଅଛି ତାକୁ ଦୂରେଇ ଦିଅନ୍ତୁ। ସାଧାରଣତଃ ଆମର ଅଭ୍ୟାସ ଥାଏ ଘରର ଝାଡୁକୁ ଆମେ ଖଟ ତଳେ ରଖିଦେଉ। ବାସ୍ତୁ ଦୃଷ୍ଟିରୁ ଏହା ଏକ ବଦାଭ୍ୟାସ। ଭୁଲ୍ରେ ବି ଝାଡୁକୁ ଖଟ ତଳେ ଅବା ଆଖପାଖରେ ରଖନ୍ତୁ ନାହିଁ। କାରଣ ଏହାର କୁପ୍ରଭାବ ଆମର ସ୍ୱାସ୍ଥ୍ୟ ତଥା ନିଦ ଉପରେ ପଡ଼ିଥାଏ। ଶେଯ ପାଖରେ କିମ୍ବା ଖଟ ବାକ୍ସ ମଧ୍ୟରେ ଗହଣା ରଖିବା ଅନୁଚିତ। ଏପରି କଲେ ବାସ୍ତୁଦୋଷ ଲାଗିଥାଏ। ଏହାର ପ୍ରଭାବରେ ଆର୍ଥିକ ସ୍ଥିତି ଖରାପ ହୋଇଥାଏ। ଖଟ ଉପରେ ପଢୁ ପଢୁ ସେହି ଶେଯରେ ବହି ଥୋଇ ଶୋଇପଡ଼ିବା ଅନେକଙ୍କର ଅଭ୍ୟାସ। ମାତ୍ର ବାସ୍ତୁ ଦୃଷ୍ଟିରୁ ଏହା ଠିକ୍ ନୁହେଁ। ଏହା ଆମର ମନ ଉପରେ କୁପ୍ରଭାବ ପକାଏ। ଶୋଇବା ସମୟରେ ମୁଣ୍ଡ ଉପରେ କିମ୍ବା ଖଟକୁ ଲାଗି ଟେବୁଲରେ ପାଣିଭର୍ତ୍ତି ଗ୍ଲାସ୍ ରଖିବାକୁ ଆମେ ଉଚିତ ମନେ କରୁ। ରାତିରେ ଶୋଷ ହେଲେ ପାଣି ପିଇବା ସୁବିଧାଜନକ ହୋଇଥାଏ। କିନ୍ତୁ ଏପରି କରନ୍ତୁ ନାହିଁ। ବିଶେଷତଃ ମୁଣ୍ଡ ଉପରେ ପାଣି ପାତ୍ର ରଖନ୍ତୁ ନାହିଁ। କାରଣ ଜଳ ଦ୍ୱାରା ଆମର ଉର୍ଜା ଶୋଷିତ ହୋଇଯାଏ ବୋଲି ବାସ୍ତୁଶାସ୍ତ୍ରର ମତ। ପାଣିପାତ୍ର ବା ବୋତଲକୁ ଖଟଠାରୁ ଅଳ୍ପ ଦୂର ଛାଡ଼ି ରଖିବା ଉଚିତ।

**ବର୍ଷାଦିନରେ ଚାଲିଥିଲା କାମ**

# ଲାନ୍ଥ ନଦୀରେ ଭୁଶୁଡ଼ିଲା ଆଡ଼ିବନ୍ଧ



**ବଲାଙ୍ଗିର,୧୮।୮ (ସଂଚାର ବ୍ୟୁରୋ):** ବଲାଙ୍ଗିର ଜିଲ୍ଲା ବେଲପଡ଼ା ବ୍ଲକ ଲାନ୍ଥ ନଦୀରେ ବର୍ଷାଦିନରେ ବି କାମ ଚାଲିଥିବା ଅଭିଯୋଗ ହୋଇଥିଲା। କିନ୍ତୁ ଜଳ ସମ୍ପଦ ବିଭାଗ ତାକୁ ଗୁରୁତର ସହ ନେଲା ନାହିଁ। ଯଦ୍ୱାରା ପ୍ରଥମ ବନ୍ୟାରେ ହିଁ ଆଡିବନ୍ଧ ଭୁଷୁଡି ପଡ଼ିଥିଲା। ପୂର୍ବ ପ୍ରସ୍ତାବିତ ଯୋଜନା ଅନୁସାରେ, ବେଲପଡ଼ା ବ୍ଲକ ମଣ୍ଡଳ ଗାଁ ନିକଟରେ ଲାନ୍ଥ ନଦୀରେ ୨୦୨୫-୨୬ ଆର୍ଥିକ ବର୍ଷରେ ୫୮ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଆଡିବନ୍ଧ କାମ ଆରମ୍ଭ ହୋଇଥିଲା। କାମ ଚଳିତ ବର୍ଷ ମଧ୍ୟ ଜାରି ରହିଥିଲା। ଆଡିବନ୍ଧରେ ପଥର ଗୁଡିକ କାମଚଳା ପେକିଙ୍ଗ କରାଯାଇଥିଲା। ଯାହାକୁ ନେଇ ସ୍ଥାନୀୟ ଲୋକେ ଜଳସମ୍ପଦ ଅଧୀକାରୀଙ୍କୁ ବାରମ୍ବାର ଅଭିଯୋଗ କରିଥିଲେ ଏବଂ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। କିନ୍ତୁ କେହି କାମର ତଦାରଖ କରିବା ତ ଦୂରର କଥା କେହି କର୍ଣ୍ଣପାତ ମଧ୍ୟ କଲେ ନାହିଁ। ଯଦ୍ୱାରା ଠିକାଦାର ମନମୁଖୀ କାମ ଜାରି ରଖିଥିଲେ। ଚଳିତ ବର୍ଷ ପ୍ରଥମ ବନ୍ୟା ପାଣିରେ ଏହି ଆଡିବନ୍ଧ ଭୂଷୁଡି ପଡ଼ିଛି। ଏନେଇ ବିଭାଗୀୟ ଅଧୀକାରୀମାନଙ୍କୁ ପଚାରିଲେ ସମ୍ପୃକ୍ତ ଠିକାଦାର ପୂନର୍ବାର ମରାମତି କାମ କରିବେ ଏବଂ କାମ ଅଧୁରା ଥିଲା ବୋଲି ସଫେଇ ଦେବା ସହ ଚଳିତ ବର୍ଷ ସବୁ ଆଡେ ବନ୍ୟା ପରିସ୍ଥିତ ସୃଷ୍ଟି ହୋଇଛି। ତେଣୁ କିଛି ଆଡିବନ୍ଧ ଖାଇ ଯାଇଛି। ଜୁଲାଇ ୧୫ ରୁ ଅଗଷ୍ଟ ୧୫ ଭିତରେ ଘାସ ମିଳେ ତେଣୁ ଘାସ ଲଗାଇବା ଆଘରୁ ବର୍ଷା ପାଣି ଯୋରରେ ଆସିବାରୁ କିଛି କ୍ଷୟକ୍ଷତି ଘଟିଛି। ଠିକାଦାର ପୁଣି ସେହି କାମକୁ ଆଉଥରେ କରିବେ ବୋଲି ସଫେଇ ଦେଇଛନ୍ତି। ଏଠାରେ ସାଧାରଣରେ ପ୍ରଶ୍ନ ଉଠୁଛି ଯେ, ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ନା ନାହିଁ। ଲୋକେ ଅଭିଯୋଗ କରିବା ସମୟରେ ଅଧିକାରୀମାନେ ତଦନ୍ତ କଲେନି କାହିଁକି ? ତଦାରଖ କରୁଥିବା ଅଧିକାରୀଙ୍କ ବିରୋଧରେ ଉପରିସ୍ଥ ଅଧିକାରୀ କଣ କାର୍ଯ୍ୟନୁଷ୍ଠାନ ନେବେ ? ଆଗକୁ ଯଦି ନଦୀରେ ପୁଣି ବନ୍ୟା ପାଣି ଆସେ, ତେବେ ତଟବର୍ତି ଜମିଗୁଡିକ ଧୋଇ ହେବା ଆଶଙ୍କା ରହିଛି। ଚାଷୀମାନେ କ୍ଷତିଗ୍ରସ୍ତ ହେଉଥିବା ବେଳେ ଠିକାଦାରଙ୍କୁ ବିଭାଗୀୟ ଅଧିକାରୀ ଅନୁକମ୍ପା ଦେଖାଇବା ବୁଝାପଡୁନାହିଁ। ଲାନ୍ଥ ନଦୀରେ ସର୍ବାଧିକ ୧୦୦ କିଲୋମିଟର ଆଡିବନ୍ଧ ତିଆରି କାମ ବାକି ରହିଛି। ବର୍ଷା ଦିନରେ କିଛି ଆଡିବନ୍ଧ କରି କାମଚଳା ବନ୍ୟା ମୁକାବିଲା ପାଇଁ ଯୋଜନା କରିବା ବୁଦ୍ଧିଜୀବୀଙ୍କୁ ଚକିତ କରିଛି। ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଦାବି ହେଉଛି।

**ମରାମତି ନା ଦୁର୍ନୀତି**

# ପୁରୁଣା କୋଠାକୁ ରଙ୍ଗ ବୋଲି ଲକ୍ଷାଧିକ ଟଙ୍କା ହଡ଼ପ



**ବଲାଙ୍ଗୀର,୧୮।୮ (ସଂଚାର ବ୍ୟୁରୋ):** ବଲାଙ୍ଗୀର ଜିଲ୍ଲା ସଇଁତଲା ବ୍ଲକ ଆମ୍ବପାଲି ପଞ୍ଚାୟତ ଭେରୁଆଁଭଟା ଗ୍ରାମରେ ଉନ୍ନୟନ କାର୍ଯ୍ୟରେ ଅନିୟମିତତା ଅଭିଯୋଗ ଉଠିଛି। ମରାମତି ନାଁ ରେ ପୁରୁଣା କୋଠାକୁ ରଙ୍ଗ ମାରି ପ୍ରାୟ ୨ ଲକ୍ଷ ଟଙ୍କା ଆତ୍ମସାତ କରାଯାଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ଗତ ୬ ବର୍ଷ ପୂର୍ବେ ବିଜେଡି ସରକାର ସମୟରେ ଭେରୁଆଁ ଭଟା ଗ୍ରାମରେ ୨ ଲକ୍ଷ ଟଙ୍କା ବ୍ୟୟ ରେ ସଂସ୍ୱାୟକ ଗୋଷ୍ଠି କେନ୍ଦ୍ର ନିର୍ମାଣ ହୋଇଥିବା ବେଳେ ୨୦୨୫/୨୬ ଆର୍ଥିକ ବର୍ଷ ରେ ଜିଲ୍ଲା ପରିଷଦ ପାଣ୍ଠି ରୁ ମରାମତି ପାଇଁ ୨ ଲକ୍ଷ ଟଙ୍କା ଅନୁଦାନ ଆସିଥିଲା ହେଲେ ଠିକାଦାର ଉକ୍ତ ସଂସ୍ୱାହାୟକ ଗୋଷ୍ଠୀକେନ୍ଦ୍ର ପୁରୁଣା କୋଠା ରେ କେବଳ ନିମ୍ନମାନର ଷ୍ଟାଇଲ ଓ ରଙ୍ଗ ବୋଲାଇ ୨ ଲକ୍ଷ ଟଙ୍କା ଆତ୍ମସାତ କରାଯାଇଛି। ଫାଇଲରେ ଥିବା ଏସ୍ଟିମେଟ ହିସାବରେ କୋଠା ର ସୁରକ୍ଷା ପାଇଁ ବିଶେଷ ମରାମତି ହୋଇନଥିବା ବେଳେ କୋଠାକୁ ରଙ୍ଗ, ମରାମତି କରାଯାଇଛି ତେବେ କୋଠାର ସୁରକ୍ଷା କୁନେଇ ଏବେ ପ୍ରଶ୍ନ ଉଠିଛି। ଏହା ଫଳରେ ସରକାରୀ ଅର୍ଥର ସଠିକ ବ୍ୟବହାର ହୋଇଛି କି ନାହିଁ, ତାହାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି। ସ୍ଥାନୀୟ ଲୋକେ ଏହି ଘଟଣାର ତଦନ୍ତ କରି ଦାୟୀ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଘଟଣା ସମ୍ପର୍କରେ ପ୍ରଶାସନ ପକ୍ଷରୁ ଯାଞ୍ଚ କରାଗଲେ ସତ୍ୟତା ସାମ୍ନାକୁ ଆସିବ ବୋଲି ମତ ପ୍ରକାଶ ପାଇଛି।

# ଶିକ୍ଷକଙ୍କ ମନମାନିରେ ଚାଲିଛି ପାଠପଢ଼ା

କନ୍ଧମାଳ: ୧୮/୦୮/୦୨୬. କନ୍ଧମାଳ ଜିଲ୍ଲା ତୁମୁଡିବନ୍ଧ ବ୍ଲକ ବିଲାମାଳ ପଞ୍ଚାୟତ ଅନ୍ତର୍ଗତ ଧାରଣୀମାସ୍କା ୟୁପିଏସ୍ ବିଦ୍ୟାଳୟର ଶିକ୍ଷା ବ୍ୟବସ୍ଥାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ବିଦ୍ୟାଳୟ ସକାଳ ପ୍ରାୟ ୧୦ଘଣ୍ଟାରେ ଖୋଲି ୪ଘଣ୍ଟିକା ସମୟରେ ଛୁଟି ହେବା ଆବଶ୍ୟକ କିନ୍ତୁ ଏଠି ତାର ବିପରୀତ ଚିତ୍ର ସାମ୍ନାକୁ ଆସୁଥିବା ଗାଁ ଲୋକେ ଅଭିଯୋଗ କରିଛନ୍ତି ଏହି ବିଦ୍ୟାଳୟର ଶିକ୍ଷକ ମାନେ ମନମାନିରେ ବିଦ୍ୟାଳୟ ପରିଚାଳନା କରୁଛନ୍ତି। ବିଳମ୍ବରେ ଆସିବେ ଆଉ ମଧ୍ୟାହ୍ନ ଭୋଜନ ପରେ ସ୍କୁଲ ଛୁଟି କରି ଯାଉଥିବା ସ୍ଥାନୀୟ ଲୋକେ ଅଭିଯୋଗ ଆଣିଛନ୍ତି। ବିଦ୍ୟାଳୟରେ ୩ ଜଣ ଶିକ୍ଷକ ଥିବା ବେଳେ ପ୍ରଧାନ ଶିକ୍ଷକ ଆମ୍ରୁଳ ପାରାସେଠ ପ୍ରତିଦିନ ଉପସ୍ଥିତ ରହୁଥିବା ବେଳେ। ଅନ୍ୟ ଦୁଇ ଶିକ୍ଷକ ବିଜୁୟ କୁମାର ସେଠୀ ଏବଂ ସୁନିତା ପାତ୍ରଙ୍କ ମାସକୁ ୧୦ ଦିନ ମଧ୍ୟ ଉପସ୍ଥିତି ଦେଖାଯାଉନଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତେବେ ଏହାର ପ୍ରକୃତ ସତ୍ୟତା ଉପସ୍ଥାନ ରେଜିଷ୍ଟର ଓ ବିଭାଗୀୟ ତଦନ୍ତରୁ ସ୍ପଷ୍ଟ ହେବା ଆବଶ୍ୟକ। ଏମାନେ ସତରେ ପିଲାଙ୍କ ଭବିଷ୍ୟତ ଉଜ୍ଜ୍ୱଳ କରିବା ପାଇଁ ଶିକ୍ଷକ ଶିକ୍ଷୟିତ୍ରୀ ଭାବେ ନିୟୋଜିତ ହୋଇଛନ୍ତି ନା ସରକାର ଦେଉଥିବା ଦରମା ପାଇବା ଆଶାରେ ଶିକ୍ଷକ ଶିକ୍ଷୟିତ୍ରୀ ଭାବେ ନିଜର ପରିଚୟ ଦେଉଛନ୍ତି। ଏହା ସହିତ ବିଦ୍ୟାଳୟର ନିଜସ୍ୱ ଶ୍ରେଣୀଗୃହ ନଥିବାରୁ ଫରେଷ୍ଟ ବିଭାଗର ଘରେ ପାଠପଢ଼ା ଚାଲୁଥିବା ଏବଂ ଏମ୍‌ଡିଏମ୍ ଠିକ୍ ଭାବେ ଦିଆଯାଉନଥିବା ନେଇ ମଧ୍ୟ ଗ୍ରାମବାସୀ ପ୍ରଶ୍ନ ଉଠାଇଛନ୍ତି।

# ନିଶାମୁକ୍ତି ଅଭିଯାନ ସଚେତନତା କାର୍ଯ୍ୟକ୍ରମ

**ବଲାଙ୍ଗିର,୧୮।୮ (ସଂଚାର ବ୍ୟୁରୋ):** ନିଶାମୁକ୍ତ ଯୁବପିଢ଼ି ଗଠନ ଓ ସୁସ୍ଥ ସମାଜ ନିର୍ମାଣ ଲକ୍ଷ୍ୟରେ ସର୍ଭଜେଲା ପି.ଏସ୍. କଲେଜ ପରିସରରେ 'ନିଶାମୁକ୍ତ ଅଭିଯାନ' ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। 'ନିଶା ଛାଡ଼ନ୍ତୁ, ଜୀବନ ବଞ୍ଚନ୍ତୁ' ଓ 'ନିଶାମୁକ୍ତ ଯୁବପିଢ଼ି, ସୁସ୍ଥ ଓଡ଼ିଶା' ବାର୍ତ୍ତା ନେଇ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନିଶାର କୁପ୍ରଭାବ, ଏହା ଦ୍ୱାରା ପରିବାର ଓ ସମାଜ ଉପରେ ପଡୁଥିବା ପ୍ରଭାବ ବିଷୟରେ ଛାତ୍ରଛାତ୍ରୀଙ୍କୁ ସଚେତନ କରାଯାଇଥିଲା। ଏହି ଅବସରରେ ନିଶାମୁକ୍ତ ସମାଜ ଗଠନ ପାଇଁ



ଉପସ୍ଥିତ ଛାତ୍ରଛାତ୍ରୀ, ଅଧ୍ୟାପକ ଓ କର୍ମଚାରୀମାନେ ଶପଥ ଗ୍ରହଣ କରିଥିଲେ। ନିଶାରୁ ଦୂରେଇ ରହି ସୁସ୍ଥ ଓ ଶୃଙ୍ଖଳିତ ଜୀବନ ଯାପନ କରିବାକୁ ଆହ୍ୱାନ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଥାନା ଅଧିକାରୀ ଖଗପତି ବିଶ୍ୱାଳ, କଲେଜର ଅଧ୍ୟକ୍ଷ, ଅଧ୍ୟାପକମଣ୍ଡଳୀ, କର୍ମଚାରୀ ଓ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ଶେଷରେ ଏକ ନିଶାମୁକ୍ତ ସମାଜ ଗଠନ ପାଇଁ ସମସ୍ତେ ସଂକଳ୍ପ ନେଇଥିଲେ।

# ତାଇକୋଣ୍ଡୋରେ ସ୍ୱର୍ଣ୍ଣ ପଦକ ଜିତିଲେ ଆୟୁଷ

**ବାଲିକୁଦା,୧୮।୮ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ବାଲିକୁଦା [illegible] ଗ୍ରାମର ହରେକୃଷ୍ଣ ରାଉତଙ୍କ ସୁପୁତ୍ର ଆୟୁଷ ରାଉତ ଜିଲ୍ଲାସ୍ତରୀୟ ତାଇକୋଣ୍ଡୋ ପ୍ରତିଯୋଗିତାର ୪୫ କେଜି ବର୍ଗରେ ସ୍ୱର୍ଣ୍ଣ ପଦକ ହାସଲ କରି ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ସୂଚନା ଅନୁଯାୟୀ, ଆୟୁଷ କଟକ କେମ୍ବ୍ରିଜ ବିଦ୍ୟାଳୟର ପଞ୍ଚମ ଶ୍ରେଣୀର ଛାତ୍ର। ଜିଲ୍ଲାସ୍ତରୀୟ ଏହି ତାଇକୋଣ୍ଡୋ ଟୁର୍ଣ୍ଣାମେଣ୍ଟରେ ଆୟୁଷ ଚମତ୍କାର କ୍ରୀଡ଼ା ନୈପୁଣ୍ୟ ପ୍ରଦର୍ଶନ କରି ପ୍ରତିଯୋଗିତାରେ ଉପସ୍ଥିତ ଦର୍ଶକ ଓ ଅତିଥିମାନଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲେ।ପ୍ରତିଯୋଗିତା ଶେଷରେ ମୁଖ୍ୟ ଅତିଥି କଟକ ସଦର ବିଧାୟକ ପ୍ରକାଶ ସେଠୀ ଆୟୁଷଙ୍କୁ ସ୍ୱର୍ଣ୍ଣ ପଦକ ସହ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଆୟୁଷଙ୍କ ଏହି ସଫଳତା କେବଳ ପରିବାର ଓ ଅଞ୍ଚଳ ପାଇଁ ଗର୍ବର ବିଷୟ ନୁହେଁ, ବରଂ ସ୍ଥାନୀୟ ଅଞ୍ଚଳର କୁନି କୁନି ପିଲାମାନଙ୍କୁ କ୍ରୀଡ଼ା କ୍ଷେତ୍ରରେ ଆଗକୁ ବଢ଼ିବା ପାଇଁ ମଧ୍ୟ ପ୍ରେରଣା ଯୋଗାଇଛି। ଏହି କୁନି କ୍ରୀଡ଼ାବିତଙ୍କ ସଫଳତାରେ ସ୍ଥାନୀୟ ଅଞ୍ଚଳବାସୀ ଶୁଭେଚ୍ଛା ଜଣାଇବା ସହ ତାଙ୍କର ଉଜ୍ଜ୍ୱଳ କ୍ରୀଡ଼ା ଭବିଷ୍ୟତ କାମନା କରିଛନ୍ତି।



# ଭାରତ ବିକାଶ ପରିଷଦ ପକ୍ଷରୁ ଚାରା ରୋପଣ

**ସୁବର୍ଣ୍ଣପୁର,୧୮।୮ (ସଂଚାର ବ୍ୟୁରୋ):** ଭାରତ ବିକାଶ ପରିଷଦ ସୋନପୁର ଶାଖାର ପର୍ଯ୍ୟାବରଣ ପ୍ରମୁଖ ଅରବିନ୍ଦ ସାହୁଙ୍କ ନେତୃତ୍ୱରେ ଓ ଓଡିଶା ପଶ୍ଚିମ ପ୍ରାନ୍ତ ମହାସଚିବ ଶ୍ରୀ ଦୁର୍ଯ୍ୟୋଧନ ସାହୁଙ୍କ ମାର୍ଗ ଦର୍ଶନରେ ତଥା ଶାଖାର ସମସ୍ତ ସକ୍ରିୟ ସଦସ୍ୟ/ସଦସ୍ୟା ଓ ମହିଳା କଲେଜ୍ ର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଛାତ୍ରୀ ଙ୍କ ସହଯୋଗରେ ଏକ ମେଗା ବୃକ୍ଷ ରୋପଣ କାର୍ଯ୍ୟକ୍ରମ ବିଜୁ ପଟ୍ଟନାୟକ ମହିଳା ଡିଗ୍ରୀ ନୂଆଁ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ. ନୃପରାଜ ସାହୁ ଏକ ବୃକ୍ଷ ରୋପଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ଅଞ୍ଜଳିନା ପ୍ରଧାନ, ଜିଲ୍ଲା ବନଖଣ୍ଡ ଅଧିକାରୀ ଶ୍ରୀଯୁକ୍ତ ବିଶ୍ୱରାଜ ପଣ୍ଡା, ସୋନପୁର ରେଞ୍ଜର ଶ୍ରୀ ସୁଭାଷ ଚନ୍ଦ୍ର ମହାପାତ୍ର, କଲେଜ୍ ଅଧ୍ୟକ୍ଷ୍ୟା ରୀତା ରାଣୀ ପୂଝାରୀ ଯୋଗଦେଇ ପରିବେଶ ସୁରକ୍ଷା ଦିଗରେ ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରିଥିଲେ। ଏହି ବୃକ୍ଷ ରୋପଣ କାର୍ଯ୍ୟ କ୍ରମରେ ସୋନପୁର ରେଞ୍ଜ ଅଫିସର ଶ୍ରୀ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ୨୦୦ ଗୋଟି ବିଭିନ୍ନ ପ୍ରକାରର ବୃକ୍ଷ ଯଥା ଆମ୍ବ, ପଣସ, ଜାମୁ, ଓଉ, କୃଷ୍ଣଚୂଡ଼ା, ପିଜୁଳି, ଅମଳା, ଲେମ୍ବୁ ଇତ୍ୟାଦି ଔଷଧୀୟ ବୃକ୍ଷ ରୋପଣ କରାଯାଇଛି। ମହାବିଦ୍ୟାଳୟ ର ପ୍ରାୟ ଶହ ଶହ ଛାତ୍ରୀ, ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ସମସ୍ତେ ଗୋଟିଏ ଗୋଟିଏ ଗଛ ଲଗାଇ ମହାବିଦ୍ୟାଳୟ ପରିସରକୁ ସବୁଜ, ସ୍ୱଚ୍ଛ ଓ ସୁନ୍ଦର କରିବା ପାଇଁ ସଂକଳ୍ପ ନେଇଥିଲେ।



# ବୈଶିଙ୍ଗା ଲ୍ୟାମ୍ପସରେ ଧାନ ପଞ୍ଜିକରଣ ହୋଇପାରୁନି: ଚାଷୀ ହନ୍ତସନ୍ତ



**ବୈଶିଙ୍ଗା,୧୮।୮ (ସଂଚାର ବ୍ୟୁରୋ):** ଚଳିତ ବର୍ଷ ଖରିଫ ଧାନ ବିକ୍ରୀ ପାଇଁ ସରକାର ଅଗଷ୍ଟ ୩୧ ତାରିଖ ପର୍ଯ୍ୟନ୍ତ ପଞ୍ଜିକରଣର ସମୟସୀମା ନିର୍ଦ୍ଧାରଣ କରିଥିବା ବେଳେ ଗତ ଅଗଷ୍ଟ ୬ ତାରିଖ ଆରମ୍ଭ ହୋଇଥିଲା। ମାତ୍ର ବୈଶିଙ୍ଗା ଲ୍ୟାମ୍ପସ ରେ ୧୦ ତାରିଖରେ ଆରମ୍ଭ କରାଗଲା। ଏଥିପାଇଁ ଦୈନନ୍ଦିନ ଶହ ଶହ ଚାଷୀ ଙ୍କ ଭିଡ ଲାଗି ରହିଲା, ଶହ ଶହ ବାଇକ ରାସ୍ତା ପାର୍ଶ୍ୱରେ ଛିଡା ହୋଇ ରହିବା ଯୋଗୁଁ ସାଧାରଣ ଲୋକ ଙ୍କ ଯାତାୟତ ରେ ମଧ୍ୟ ବାଧା ସୃଷ୍ଟି ହେଉଛି। ସକାଳ ୯ ଘଟିକା ଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ ଚାଷୀ ଏଠାରେ ଲାଇନ ରେ ରହି ନ ହୋଇପାରିବାରୁ ଫେରିଯାଇ ପୁଣି ପରଦିନ ଆସି ଲାଇନ ରେ ଛିଡା ହେଉଛନ୍ତି। ଏମିତି ୨/୩ ଦିନ ପରେ ସେମାନଙ୍କର ପଞ୍ଜିକରଣ ହେଉଥିବାର ଚାଷୀ ମାନେ ପ୍ରକାଶ କରିଛନ୍ତି। ଲ୍ୟାମ୍ପସ ରେ କାର୍ଯ୍ୟରତ କର୍ମଚାରୀଙ୍କୁ ଏ ବିଷୟରେ ଯୋଗାଯୋଗ କରିବା ପରେ ତାଙ୍କ ଉତ୍ତରରେ ସେ କହିଲେ ଇଣ୍ଟରନେଟ୍ ରେ ଅନଲାଇନ ନେଟ୍ ଠିକ ଭାବରେ ଖୋଲୁ ନ ଥିବାରୁ କାମ କରିବାରେ ବିଳମ୍ବ ହେଉଛି। ତେବେ ସମୟ ସୀମା ମଧ୍ୟରେ ସମସ୍ତ ଚାଷୀଙ୍କର ପଞ୍ଜିକରଣ ହୋଇଯିବ। ଏଥି ପାଇଁ ଚାଷୀ ମାନେ ହତାଶ୍ ହେବାର କିଛି କାରଣ ନାହିଁ।

**● ବନ୍ୟା ପରର ସ୍ଥିତି ସୁଧୁରିନି**

# ଧାନ ଓ ପରିବା ଚାଷୀଙ୍କ ଅଣ୍ଟା ଭାଙ୍ଗିଯାଇଛି

**ବୈଶିଙ୍ଗା,୧୮।୮ (ସଂଚାର ବ୍ୟୁରୋ):** ଚଳିତ ବର୍ଷ ଅଗଷ୍ଟ ମାସରେ ଲଗାଣ ବର୍ଷା ଯୋଗୁଁ ଅଳ୍ପ ଦିନ ବ୍ୟବଧାନରେ ବୁଢ଼ାବଳଙ୍ଗ ନଦୀରେ ଦୁଇ ଦୁଇ ଥର ବନ୍ୟା ପାଣି ନଦୀର ଉଭୟ ପାର୍ଶ୍ୱ ଅବବାହିକାରେ ଦୀର୍ଘ ଦିନ ଧରି ବୁଡି ରହିବା ଯୋଗୁଁ ଧାନ ଓ ପନିପରିବା କ୍ଷେତ ସଂପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଧାନ ରୁଆ ପାଇଁ ପ୍ରସ୍ତୁତ ଧାନ ତଳି ପଚି ଯିବାରୁ



ବନ୍ୟା ପରେ କ୍ଷେତରେ ଧାନ ରୁଇବା ପାଇଁ ଧାନ ତଳି ନାହିଁ କିମ୍ବା ଆଉ ଥରେ ଧାନ ତଳି ପକାଇବା ପାଇଁ ସମୟ ମଧ୍ୟ ନାହିଁ। ଏଣୁ ଆଗାମୀ ବର୍ଷ ପରିବାର ପୋଷଣ ପାଇଁ ଖାଦ୍ୟ ମିଳିବା ଆଶା ମଉଳିଯାଇଛି। ଠିକ୍ ସେହିପରି ବୁଢ଼ାବଳଙ୍ଗ ଅବବାହିକା ର ଉଭୟ ପାର୍ଶ୍ୱ ପନିପରିବା ଚାଷ ପାଇଁ ପ୍ରସିଦ୍ଧ ଥିବା ବେଳେ ଏହା ନଷ୍ଟ ହୋଇଯିବା ଯୋଗୁଁ ଚାଷୀ ଙ୍କ ଅଣ୍ଟା ଭାଙ୍ଗି ଯାଇଛି। ସେଥିପାଇଁ ବର୍ତ୍ତମାନ ବୈଶିଙ୍ଗା ଅଞ୍ଚଳରେ ପନିପରିବା ଦର ଆକାଶଛୁଆଁ ହୋଇ ଯାଇଛି। ବାହାର ରାଜ୍ୟରୁ ପନିପରିବା ଆସି ଏଠାରେ ବିକ୍ରୀ ହେଉଛି। ଏସବୁ କୁ ଲକ୍ଷ୍ୟ କରି ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର ଗାଁ ଗାଁ ବୁଲି ଘଟଣା ପରଖିବା ପରେ ମୟୂରଭଞ୍ଜ ଜିଲ୍ଲାପାଳ ଙ୍କୁ ଅବଗତ କରାଇଛନ୍ତି। ଯଥାଶୀଘ୍ର ପ୍ରଶାସନ ତରଫରୁ କ୍ଷୟ କ୍ଷତିର ଆକଳନ କରି ଚାଷୀ ଙ୍କୁ କ୍ଷତିପୂରଣ ଦେଲେ ଚାଷୀମାନେ ଉପକୃତ ହୋଇପାରିବେ।

# ପଞ୍ଚାୟତ ସମିତି ବୈଠକ

**ନୂଆପଡ଼ା,୧୮।୮ (ସଂଚାର ବ୍ୟୁରୋ):** ନୂଆପଡ଼ା ଜିଲ୍ଲା ଖଡ଼ିଆଳ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳୀ ନନ୍ଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଖଡ଼ିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବ୍ଲକ ର ବିଭିନ୍ନ ଉନ୍ନୟନ ପ୍ରକଳ୍ପର ସମୀକ୍ଷା କରିଥିଲେ। ବିଧାୟକ ଶ୍ରୀ ପାଣିଗ୍ରାହୀ ଅଧିକାରୀମାନଙ୍କୁ ଚାଲୁଥିବା ଉନ୍ନୟନମୂଳକ କାର୍ଯ୍ୟଗୁଡ଼ିକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଶେଷ କରିବା ସହ ଲୋକଙ୍କ ଆବଶ୍ୟକତାକୁ ଗୁରୁତ୍ୱ ଦେଇ ନୂତନ ପ୍ରକଳ୍ପ ହାତକୁ ନେବାକୁ ଆହ୍ୱାନ କରିଥିଲେ। ବିଦ୍ୟୁତ, ପାନୀୟ ଜଳ, ଗ୍ରାମ୍ୟ ସଡ଼କ ଏବଂ ବିଭିନ୍ନ ଗ୍ରାମପଞ୍ଚାୟତକୁ ସଡ଼କ ସଂଯୋଗୀକରଣ ଭଳି ମୌଳିକ ସମସ୍ୟାଗୁଡ଼ିକର ସମାଧାନ ଦିଗରେ ତ୍ୱରିତ ପଦକ୍ଷେପ ନେବାକୁ ସେ କହିଥିଲେ। ବୈଠକରେ ପାନୀୟ ଜଳ ଯୋଗାଣ ବିଭାଗର ଯନ୍ତ୍ରୀ ଅନୁପସ୍ଥିତ ଥିବା ନେଇ ବିଧାୟକ ଅସନ୍ତୋଷ ପ୍ରକାଶ କରିଥିଲେ।

# ବନ୍ୟାରେ ଭାଙ୍ଗିଲା ପୋଲ, ୧୫ ଗାଁକୁ ଯୋଗାଯୋଗ ବିଚ୍ଛିନ୍ନ



**କେନ୍ଦୁଝର,୧୮।୮ (ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲାରେ ଲଗାଣ ବର୍ଷା ଯୋଗୁ ନଦୀ, ନାଳରେ ବିପଦ ସଙ୍କେତ ଉପରେ ଜଳ ପ୍ରବାହ ହେଉଥିବାରୁ ଯାତାୟାତ ସମସ୍ୟା ସୃଷ୍ଟି ହେଉଛି। ଅନ୍ୟପକ୍ଷେ ବାଂଶପାଳ ବ୍ଲକ କଖାରୁଆ ନାଳରେ ପୋଲ ଭାଙ୍ଗିଯିବାରୁ ଉପର ବିରିକଳାରୁ ଲୁଙ୍ଗାଝର ଗ୍ରାମକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ଫଳରେ ଏହି ପୋଲଦେଇ ଯାତାୟତ କରୁଥିବା ପ୍ରାୟ ୧୦ଟି ଗାଁ ପ୍ରଭାବିତ ହୋଇଥିବା ବେଳେ ଆମ୍ବୁଲାନ୍ସ ଓ ଅନ୍ୟାନ୍ୟ ଜରୁରୀ ସେବା ଅପହଞ୍ଚ ହୋଇପଡିଛି। ବିଶେଷ କରି ଗର୍ଭବତୀ ମହିଳା, ରୋଗୀଙ୍କୁ ନେବା ଆଣିବାରେ ଅସୁବିଧା ହେଉଛି। ପ୍ରତ୍ୟେକ ବର୍ଷ ବନ୍ୟା ଆସିଲେ ପ୍ରଖର ସ୍ରୋତରେ ପୋଲ ଓ ରାସ୍ତା ଭାସି ଯାଉଥିବା ନଜ ରହିଛି। ଏନେଇ ଏଠାରେ ଏକ ବଡ ପୋଲ ନିର୍ମାଣ କାମ ଆରମ୍ଭ ହୋଇଥିଲା। ହେଲେ ୫ ବର୍ଷ ହେଲା କଂକ୍ରିଟ ପୋଲ ନିର୍ମାଣ କାମ ସରୁନାହିଁ। ନିର୍ମାଣ କାମ ବିଳମ୍ବ ହେଉଥିବାରୁ ପ୍ରତ୍ୟେକ ବର୍ଷ ଅଞ୍ଚଳର ଲୋକଙ୍କୁ ଦୁର୍ଦ୍ଦଶାର ସମ୍ମୁଖୀନ ହେବାକୁ ପଡୁଛି ବୋଲି ସ୍ଥାନୀୟ ଲୋକେ କହୁଛନ୍ତି। ଲୋକ ପ୍ରତିନିଧିମାନେ ଆସୁ ନାହାନ୍ତି କିମ୍ବା ସେମାନଙ୍କ ସମସ୍ୟା ଦେଖୁନାହାନ୍ତି ବୋଲି କହିଛନ୍ତି ଅନାଦି ନାଏକ ଅଭିଯୋଗ କରିଛନ୍ତି। ବର୍ଷା ହେଲେ ଲୋକ ବାହାରକୁ ଯାଇ ପାରୁନାହାନ୍ତି ଏବଂ ପିଲାମାନେ ସ୍କୁଲ କଲେଜ ଯିବା ଆସିବା କରିପାରୁନାହାନ୍ତି। ଏଣୁ ଏହାର ତୁରନ୍ତ ନିର୍ମାଣ ଶେଷ କରିବାକୁ ସ୍ଥାନୀୟ ଅଧିବାସୀ ପ୍ରଶାସନଙ୍କୁ ନିବେଦନ କରିଛନ୍ତି।

# ଲଗାଣ ବର୍ଷାରେ ରାସ୍ତାରେ ପଡ଼ିଲା ବିରାଟକାୟ ଗଛ



**ଦାରିଙ୍ଗବାଡ଼ି,୧୮।୮ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳରେ ଗତ କିଛି ଦିନ ହେଲା ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁଁ ଜନଜୀବନ ବେହାଲ ହୋଇପଡ଼ିଛି। କେଉଁଠି ରାସ୍ତାରେ ବଡ଼ ବଡ଼ ଖାଲଖମା ସୃଷ୍ଟି ହୋଇ ଗାଡ଼ିମୋଟର ଯାତାୟାତ ବାଧାପ୍ରାପ୍ତ ହେଉଥିବା ବେଳେ ଆଉ କେଉଁଠି ଗାଁ ରାସ୍ତା ଧୋଇ ହୋଇଯାଇଛି। ଦିନବେଳେ ଝିପିଝିପି ବର୍ଷା ଲାଗି ରହୁଥିବା ବେଳେ ସନ୍ଧ୍ୟା ହେଲେ ପ୍ରବଳ ବର୍ଷା ହେଉଛି। ଏହାର ପ୍ରଭାବରେ ଦାରିଙ୍ଗବାଡ଼ିଠାରୁ ଦନେକବାଡ଼ି ଦେଇ ସିର୍କାବର୍ଗ ପଞ୍ଚାୟତକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ଉପରେ ଏକ ବିରାଟକାୟ ପୁରାତନ ଗଛ ଉପୁଡ଼ି ପଡ଼ିଛି। ଫଳରେ ଦାରିଙ୍ଗବାଡ଼ିଠାରୁ ସିର୍କାବର୍ଗ ରାସ୍ତାରେ ଯାତାୟାତ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି। ଏପରିକି ଅଞ୍ଚଳବାସୀଙ୍କୁ ଜରୁରୀକାଳୀନ ସେବା ମଧ୍ୟ ଉପଲବ୍ଧ ହୋଇପାରୁନାହିଁ। ଘଟଣା ସମ୍ପର୍କରେ ଅଞ୍ଚଳବାସୀ ଦାରିଙ୍ଗବାଡ଼ି ଅଗ୍ନିଶମ ବିଭାଗକୁ ସୂଚନା ଦେବା ପରେ ବିଭାଗୀୟ ଅଧିକାରୀ ଓ ଅଗ୍ନିବୀରମାନେ ଆବଶ୍ୟକ ଯନ୍ତ୍ରପାତି ନେଇ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେମାନେ ରାସ୍ତା ଉପରେ ଉପୁଡ଼ି ପଡ଼ିଥିବା ଗଛକୁ କାଟି ହଟାଇବାରେ ଲାଗିଥିଲେ। ପ୍ରାୟ ୩ ଘଣ୍ଟା ଧରି ଅକ୍ଲାନ୍ତ ପରିଶ୍ରମ କରିଥିଲେ ମଧ୍ୟ ଖବର ଲେଖା ହେବା ସୁଦ୍ଧା ରାସ୍ତାରୁ ଗଛଟିକୁ ସମ୍ପୂର୍ଣ୍ଣ ହଟାଇବା ସମ୍ଭବ ହୋଇ ନ ଥିବା ଜଣାପଡ଼ିଛି। ଏନେଇ ବାଡ଼ାଙ୍ଗିଆ ଗ୍ରାମର କୈଳାଶ ବଳିୟାରସିଂ ଓ ଅନ୍ୟମାନେ ଅଭିଯୋଗ କରି କହିଛନ୍ତି ଯେ, ସିର୍କାବର୍ଗକୁ ସଂଯୋଗ କରୁଥିବା ରାସ୍ତାଟି ଖାଲଖମାରେ ପରିଣତ ହୋଇଥିବା ବେଳେ ରାସ୍ତାକଡ଼ରେ ରହିଥିବା ପୁରୁଣା ଗଛଗୁଡ଼ିକ ମଧ୍ୟ ବିପଦସଂକୁଳ ଅବସ୍ଥାରେ ରହିଛି।

# ଝିପିଝିପି ବର୍ଷାରେ ଧାନ ରୁଆ: ଚାଷୀ ମନରେ ଖେଳିଗଲା ଖୁସିର ଲହରୀ

**କେସିଙ୍ଗା,୧୮।୮ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକରେ ଝିପିଝିପି ବର୍ଷା ଲାଗି ରହିଛି। ଲଘୁଚାପଜନିତ ବର୍ଷା ହେଉଛି। ଚାଷୀ ମନରେ ଖୁସିର ଲହରି ଖେଳି ଯାଉଛି। ଝିପି ଝିପି ବର୍ଷା ଲାଗି ରହିଥିବା ସତ୍ତ୍ୱେ ଧାନ ରୁଆ କାମ ଚାଲିଛି। ସମଗ୍ର କେସିଙ୍ଗା ବ୍ଲକରେ ୧୦ହଜାର ହେକ୍ଟର ଜମିରେ ଧାନ ଚାଷ କରିବାର ଲକ୍ଷ୍ୟ ଥାଏ। ଭଲ ବର୍ଷା ହେଲେ ଚାଷୀ ବର୍ଷାକୁ ଖାତିରି ନ କରି ଧାନ ପଳା ମରାଠାରୁ ଧାନ ରୁଆ ଜୋରସୋରରେ ଚାଲିଛି। କେସିଙ୍ଗା ବ୍ଲକର ଡୁମେର ମୁଣ୍ଡ, ବାଲସି, ପରଲସିଙ୍ଗା, କାଣ୍ଡେଲ, ଶିରୋଲ, ମଶାଣିବନ୍ଧ, ରେଙ୍ଗାଲି, ବୁଢ଼ୀପଦର, କନ୍ତେ ଶିର, କସୁପଡା, ଘାଟପଡା, ନୁନମାଠ, ତୁର୍ଲାଖମାନ, ତୁଣ୍ଡଳା, ସିରଜାପାଲି, କିକିଆ, ଡୁମେର ମୁଣ୍ଡା,ଆଦି ଗ୍ରାମରେ ଚାଷୀମାନେ ପଳାମାରି ଧାନରୁଆ କାମରେ ବ୍ୟସ୍ତ ଅଛନ୍ତି। ଯେତିକି ଲଘୁଚାପଜନିତ ବର୍ଷା ହେବା ସହ ଝିପିଝିପି ବର୍ଷାରେ ଧାନ ରୁଆ କାମ ଆଗେଇ ଚାଲିଛି। ଏ ସଂକ୍ରାନ୍ତରେ କେସିଙ୍ଗା କୃଷି ବିଭାଗ ବ୍ଲକ ଏଗ୍ରିକଲଚର ଅଫିସର ଜିତେନ୍ଦ୍ର ସିଂଙ୍କୁ ପଚାରିବାରୁ କେସିଙ୍ଗା ବ୍ଲକରେ ଚଳିତ ବର୍ଷ ଭଲ ବର୍ଷା ହେଉଛି। ଚାଷୀମାନେ ଚାଷ କାମ ଠିକ ଭାବେ ସମ୍ପାଦନା କରୁଛନ୍ତି । ବ୍ଲକର ପ୍ରାୟ ୮୦ଭାଗ ଚାଷୀ ଧାନ ରୁଆ କାମ ସାରିଲେଣି ବୋଲି ପ୍ରକାଶ କରିଥିଲେ।



**ପ୍ରମାଣଭିତ୍ତିକ ରାସ୍ତାକୁ ନେଇ ବିରୋଧ ମାମଲା**

# ଏବେ ବି ରାସ୍ତା ନିର୍ମାଣ ହୋଇପାରୁ ନି

**ବୈଶିଙ୍ଗା,୧୮।୮ (ସଂଚାର ବ୍ୟୁରୋ):** କେନ୍ଦ୍ର ସରକାର ଦେଶର ସମସ୍ତ ବେକାର ଯୁବକ ଓ ଯୁବତୀମାନଙ୍କୁ ରୋଜଗାରକ୍ଷମ କରିବାପାଇଁ ସ୍କିଲ ଇଣ୍ଡିଆ ନାମକ ଏକ ବିଭାଗ କରିଛନ୍ତି। ଏହି ସ୍କିଲ ଇଣ୍ଡିଆ ବିଭାଗ ଅଧୀନରେ ଅନେକ ଛୋଟ ଛୋଟ ବିଭାଗମାନ ସବୁ ଅଛି ଯେଉଁଥିରେ ଯୁବ ସମାଜ ଟ୍ରେନିଙ୍ଗ ନେଇ ନିଜସ୍ୱ ରୋଜଗାର ପନ୍ଥା ସହ ଜଡିତ ହୋଇପାରୁଛନ୍ତି।ସ୍କିଲ ଇଣ୍ଡିଆ ତରଫରୁ ଭାରତବର୍ଷରେ ଏକ ମାତ୍ର ବିଶାଳ ଏକ୍ୱାକଲଚର ଟ୍ରେନିଙ୍ଗ ସେଣ୍ଟରଟିଏ କୈଳାସ ଫିସାରିଜ୍ ଟ୍ରେନିଙ୍ଗସେଣ୍ଟର ନାମରେ ଗଢି ଉଠିଛି ଆମ ବୈଶିଙ୍ଗା ଥାନା ଅଧୀନ ଅସ୍ତପୁରା ଗ୍ରାମରେ। ଏହି କୈଳାସ ଫିସାରିଜ୍ ଟ୍ରେନିଙ୍ଗ ସେଣ୍ଟରରେ ବାର୍ଷିକ ୨୫୦ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଟ୍ରେନିଙ୍ଗ ନିଅନ୍ତି ଏବଂ ସ୍ୱତନ୍ତ୍ର ନ୍ୟାସନାଲ ଫିସାରିଜ୍ ଡେଭେଲପମେଣ୍ଟ ବୋର୍ଡ ତରଫରୁ ୧୦୦୦ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଟ୍ରେନିଙ୍ଗ ମଧ୍ୟ ନେଇଥାଆନ୍ତି। ୧୦ ଜୁଲାଇ ୨୦୧୮ରେ ଭାରତ ସରକାରଙ୍କର ଗୋପାଳନ,ମତ୍ସ୍ୟ, ଚାଷ ଓ ଚାଷୀ କଲ୍ୟାଣ ମନ୍ତ୍ରାଣଳୟ ବିଭାଗ ତରଫରୁ କୈଳାଶ ଫିସାରିଜ୍‌କୁ ଦେଶର କୂଳବର୍ତ୍ତୀ ରାଜ୍ୟମାନଙ୍କରେ ପ୍ରଥମ ଉତ୍ତମ ମାଛ ଜାଆଁଳ କେନ୍ଦ୍ର ରୂପେ ବିବେଚନା କରି ପ୍ରମାଣପତ୍ର ମଧ୍ୟ ଦେଇଛନ୍ତି। କୈଳାସ ଫିସାରିଜ୍‌ରେ ଟ୍ରେନିଙ୍ଗ ସହ ୩୦ ପ୍ରକାରର ମାଛ ଜାଆଁଳ ମଧ୍ୟ ପ୍ରସ୍ତୁତି କରାଯାଉଛି। କୈଳାସ ଫିସାରିଜ୍‌ରୁ ବିଭିନ୍ନ ପ୍ରକାରର ମାଛ ଯାଆଁଳ ଓଡିଶାର ପ୍ରାୟ କୋଡ଼ିଏରୁ ଉର୍ଦ୍ଧ୍ୱ ଜିଲ୍ଲା ଓ ଦେଶର ଏଗାରରୁ ଉର୍ଦ୍ଧ୍ୱରାଜ୍ୟ ମାନଙ୍କୁ ମଧ୍ୟ ରପ୍ତାନୀ କରାଯାଉଛି। ଏହି କୈଳାସଫିସାରିଜ୍ ଟ୍ରେନିଙ୍ଗସେଣ୍ଟରକୁ ଯିବାପାଇଁ ଏକ ଗ୍ରାମ୍ୟ ଜଙ୍ଗଲ ଜମିଟିଏ ଅଛି। ସେତେବେଳେର ମୟୂରଭଞ୍ଜ ଜିଲ୍ଲାପାଳ ଶ୍ରୀଯୁକ୍ତ ରାଜେଶ ପ୍ରଭାକର ପାଟିଲ ଏହି ଟ୍ରେନିଙ୍ଗ ସେଣ୍ଟରକୁ ଆସି ବିଭିନ୍ନ ପ୍ରକାରରମତ୍ସ୍ୟ ପାଳନକୁ ଦେଖି ପ୍ରଶଂସା ମଧ୍ୟ କରିଥିଲେ।

**ଆଦିବାସୀ ଅଧ୍ୟୁଷିତ ଦୁର୍ଗମ ଅଞ୍ଚଳରେ ଜନନୀ ଯନ୍ତ୍ରଣା**

# ଗାଁକୁ ରାସ୍ତା ନଥିବାରୁ ଖଟିଆରେ ବୁହାହେଲେ ପ୍ରସୂତି



**ଲାଞ୍ଜିଗଡ,୧୮।୮ (ସଂଚାର ବ୍ୟୁରୋ):** ଦେଶ ସ୍ୱାଧୀନତାର ୮୦ ବର୍ଷ ପରେ ମଧ୍ୟ ଲାଞ୍ଜିଗଡ ବ୍ଲକ ଦୁର୍ଗମ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ବଦଳିନି ଚିତ୍ର। ଭଲ ରାସ୍ତା ଖଣ୍ଡିଏ ନଥିବାରୁ ଆଜିବି ଜରୁରୀ ସମୟରେ ଗାଁକୁ ପହଞ୍ଚିପାରୁନି ଆମ୍ବୁଲାନ୍ସ। ଫଳରେ ଗର୍ଭବତୀ ମହିଳାଙ୍କୁ ପ୍ରସବ ସମୟରେ ଭୋଗିବାକୁ ପଡୁଛି ଅସହ୍ୟ ଯନ୍ତ୍ରଣା।ଏହା ହେଉଛି ଲାଞ୍ଜିଗଡ଼ ବ୍ଲକ ବିଜେପୁର ପଞ୍ଚାୟତ ଅନ୍ତର୍ଗତ ବାତେରପଡ଼ା ଗାଁର ମାଝୀ ପଡାର ବାସ୍ତବ ଚିତ୍ର। ସୂଚନା ଅନୁସାରେ ବାତେରପଡା ଗାଁର ମାଝୀ ପଡାର ଧନସିଂ ମାଝୀଙ୍କ ସ୍ତ୍ରୀ ଆଲିଙ୍ଗ ଦେଇ ମାଝୀଙ୍କୁ ବୋଡି ଭୋରରୁ ପ୍ରସବ ଯନ୍ତ୍ରଣା ହେବାରୁ ଆମ୍ବୁଲାନ୍ସକୁ ଯୋଗାଯୋଗ କରାଯାଇଥିଲା । ଆମ୍ବୁଲାନସ ପହଞ୍ଚିବା ପୂର୍ବରୁ ଆଲିଙ୍ଗା ଦେଇ ଘରେ ଏକ କନ୍ୟା ସନ୍ତାନ ଜନ୍ମ ଦେଇଥିଲେ। ସକାଳେ ଆଶାକର୍ମୀ ସତ୍ୟଭାମା ବିଶୋଇ ଆଲିଙ୍ଗା ଦେଇ ଘରକୁ ଯାଇ ସ୍ୱାସ୍ଥବସ୍ଥା ବୁଝିଥିଲେ ଏବଂ ଅଲିଙ୍ଗାଦେଇ ଅସୁସ୍ଥ ଅନୁଭବ କରିବାରୁ ଲାଞ୍ଜିଗଡ଼ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବାପାଇଁ ଗାଁକୁ ଆମ୍ବୁଲାନ୍ସ ମଧ୍ୟ ପହଞ୍ଚିଥିଲା ହେଲେ ଗାଁର ମାଝୀ ପଡାକୁ ଭଲ ରାସ୍ତା ନ'ଥିବାରୁ ଆମ୍ବୁଲାନ୍ସ ଯାଇ ପାରିନ'ଥିଲା ଯାହାଫଳରେ ବାତେରପଡା ଗାଁ ମାଝୀ ପଡାରୁ ହାରାହାରି ୪ଶହ ମିଟର ସାହୁପଡା ପର୍ଯ୍ୟନ୍ତ ଖଟିଆରେ ବୋହି ଆମ୍ବୁଲାନ୍ସ ପାଖକୁ ନେଇଥିବା ବେଳେ ସେହିଠାରୁ ଲାଞ୍ଜିଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ତେବେ ଏହି ଘଟଣା ଲାଞ୍ଜିଗଡ଼ ଉପାନ୍ତ ଅଞ୍ଚଳ ପାଇଁ ନୂଆଁ ନୁହେଁ ବରଂ ଅନେକ ଥର ଗର୍ଭବତୀ ମହିଳା ବା ଗୁରୁତର ରୋଗୀଙ୍କୁ ଖଟିଆରେ ବୋହିନେବା ଚିତ୍ର ସାମ୍ନାକୁ ଆସୁଛି କିନ୍ତୁ ଏବେ ମଧ୍ୟ ଉକ୍ତ ଅଞ୍ଚଳର ଚିତ୍ର ବଦଳି ପାରୁନି। ତେବେ ଗାଁକୁ ଯିବା ପାଇଁ ଥିବା ରାସ୍ତା ଅବସ୍ଥା ଏତେ ଶୋଚନୀୟ ଯେ'ଜରୁରୀ ସମୟରେ ଆମ୍ବୁଲାନ୍ସ ଗାଁ ଭିତରକୁ ଯିବା ସମ୍ଭବ ହେଉନାହିଁ। ଗର୍ଭବତୀ ମହିଳାଙ୍କୁ ଚିକିତ୍ସାଳୟ ନେବା ପାଇଁ ପରିବାର ଲୋକଙ୍କୁ ଅନେକ ସମୟରେ ଖଟିଆ,ଦୋଳି କିମ୍ବା ଅନ୍ୟ ଉପାୟରେ ରାସ୍ତା ପର୍ଯ୍ୟନ୍ତ ବୋହି ଆଣିବାକୁ ପଡୁଛି।ଏଭଳି ପରିସ୍ଥିତିରେ ଜଣେ ଜନନୀଙ୍କ ଜୀବନ କେତେ ବିପଦପୂର୍ଣ୍ଣ, ତାହା ସହଜରେ ଅନୁମାନ କରାଯାଇପାରେ। ସରକାରଙ୍କ ପକ୍ଷରୁ ଗର୍ଭବତୀ ମହିଳା ଓ ନବଜାତ ଶିଶୁଙ୍କ ପାଇଁ ବିଭିନ୍ନ ସ୍ୱାସ୍ଥ୍ୟ ଯୋଜନା ରହିଛି ଏବଂ ଆମ୍ବୁଲାନ୍ସ ସେବା ମଧ୍ୟ ଉପଲବ୍ଧ ରହିଛି।